# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଡିସେମ୍ବର ୧୮/୨୦୧୯ (୨୦ପୃଷ୍ଠା) Sambalpur, Wednesday, December 18 / 2019 ★★

୧୬ଶ ଭାଗ ୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ପୁନିଆ ବର୍ଷର ଶ୍ରେଷ୍ଠ ରେସ୍‌ଲର**

ଦୀପକ ପୁନିଆ ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ ଦ୍ୱାରା 'ଜୁନିୟର ଫ୍ରିଷ୍ଟାଇଲ ରେସ୍‌ଲର ଅଫ୍ ଦି ଇୟର' ବିବେଚିତ ହୋଇଛନ୍ତି।

୧୮

୧୧

**ସାଉଥ୍ ଫିଲ୍ମରେ ଡେବ୍ୟୁ କରିବେ ଜାହ୍ନବୀ**

ଅଭିନେତ୍ରୀ ଜାହ୍ନବୀ କପୁର ସାଉଥ୍ ଫିଲ୍ମରେ ଡେବ୍ୟୁ କରବାକୁ ଯାଉଛନ୍ତି। ସାଉଥ୍ ସୁପରଷ୍ଟାର ବିଜୟ ଦେବରକୋଣ୍ଡାଙ୍କ ସହ ସେ ସ୍କ୍ରିନ୍ ଶେୟାର କରିବେ।



■ ଦେଶଦ୍ରୋହ ମାମଲା

# ମୁଶରଫଙ୍କୁ ମୃତ୍ୟୁ ଦଣ୍ଡାଦେଶ



ଇସ୍‌ଲାବାବାଦ,୧୭।୧୨ (ପି.ଟି./ଆଇଏଏନ୍‌ଏସ୍)

ପାକିସ୍ତାନର ପୂର୍ବତନ ଏକଚ୍ଛତ୍ରବାଦୀ ଶାସକ ପରଭେଜ ମୁଶରଫଙ୍କୁ ଏକ ଦେଶଦ୍ରୋହ ମାମଲାରେ ମଙ୍ଗଳବାର ସେଠାକାର ଏକ ସ୍ୱତନ୍ତ୍ର କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ସମ୍ବିଧାନକୁ ନଷ୍ଟ କରିବା ଅଭିଯୋଗରେ ତାଙ୍କ ଅନୁପସ୍ଥିତିରେ ଏହି ରାୟ ପ୍ରକାଶ ପାଇଛି। ଦେଶରେ ଏଭଳି ଦଣ୍ଡାଦେଶ ପାଇବାରେ ମୁଶରଫ୍ ହେଉଛନ୍ତି ପ୍ରଥମ ସାମରିକ ଶାସକ। ୭୬ ବର୍ଷୀୟ ମୁଶରଫ୍ ବର୍ତ୍ତମାନ ଦୁବାଇରେ ଆତ୍ମନିର୍ବାସନ ଜୀବନ ବିତାଉଛନ୍ତି।

୧୯୯୯ରେ ମୁଶରଫ୍ ବିଦ୍ରୋହ କରି ତତ୍କାଳୀନ ପ୍ରଧାନମନ୍ତ୍ରୀ ନୱାଜ୍ ଶରଫିଙ୍କୁ କ୍ଷମତାଚ୍ୟୁତ କରିଥିଲେ। ସେ ୨୦୦୧ରୁ ୨୦୦୮ ପର୍ଯ୍ୟନ୍ତ ପାକିସ୍ତାନର ରାଷ୍ଟ୍ରପତି ଆସନ ଅଳଙ୍କୃତ କରିଥିଲେ। ୨୦୦୭ରେ ମୁଶରଫ୍ ସମ୍ବିଧାନକୁ ନିଲମ୍ବନ କରିଥିଲେ। ଏହାସହ ସମ୍ବିଧାନ ବହିର୍ଭୂତ ଜରୁରୀ ପରିସ୍ଥିତି ଜାରି କରିଥିଲେ। ଶରଫିଙ୍କ ଦଳ ପାକିସ୍ତାନ ମୁସ୍‌ଲିମ ଲିଗ୍-ନୱାଜ୍ ପୁଣି କ୍ଷମତାକୁ ଆସିବା ପରେ ୨୦୧୩ ଡିସେମ୍ବରରେ ମୁଶରଫଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଦାଏର ହୋଇଥିଲା। ☞ପୃଷ୍ଠା-୪

# କୃଷକଙ୍କ ପାଇଁ 'ସମୃଦ୍ଧି'

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ରାଜ୍ୟରେ କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ସରକାର ନୂଆ କୃଷି ନୀତି-୨୦୧୯ 'ସମୃଦ୍ଧି' ପ୍ରଣୟନ କରିଛନ୍ତି। ମଙ୍ଗଳବାର ରାଜ୍ୟ କ୍ୟାବିନେଟ୍ ଏହି କୃଷି ନୀତିକୁ ଅନୁମୋଦନ କରିଛି। ରାଜ୍ୟରେ ୧୯୯୬ରେ ଓଡ଼ିଶା କୃଷି ନୀତି ପ୍ରଣୟନ ହୋଇଥିଲା। ଏଥିରେ କୃଷିକୁ ଶିଳ୍ପର ମାନ୍ୟତା ପ୍ରଦାନ କରାଯାଇଥିଲା। ୨୦୦୮ରେ ରାଜ୍ୟ କୃଷି ନୀତିରେ ସଂଶୋଧନ ଅଣାଯାଇ କୃଷିକୁ ପରିବ୍ୟାପ୍ତ କରାଯିବା ସହ ଏହାର ଅନ୍ୟାନ୍ୟ ଦିଗଗୁଡ଼ିକୁ ସାମିଲ କରାଯାଇଥିଲା। ପୁନର୍ବାର ରାଜ୍ୟ ସରକାର ୨୦୧୩ରେ କୃଷି ନୀତି ପ୍ରଣୟନ କରିଥିଲେ। କୃଷି ତଥା ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକରେ ଥିବା ଅସୁବିଧାଗୁଡ଼ିକୁ ଦୂର କରିବା, ସମ୍ବଳର ସୁବିନିଯୋଗ ଏବଂ ବୈଷୟିକ ଜ୍ଞାନର ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ପୁଣି ନୂଆ କୃଷି ନୀତି 'ସମୃଦ୍ଧି' ପ୍ରଣୟନ କରିଛନ୍ତି।

ନୂଆ କୃଷି ନୀତିର ମୁଖ୍ୟ ଉଦ୍ଦେଶ୍ୟ ହେଲା, କୃଷକଙ୍କ ଆୟ ବୃଦ୍ଧି, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଅଭିବୃଦ୍ଧି। ସେହିପରି କୃଷି ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ତଥା ଦେଶର ତ୍ୱରିତ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବା ଅନ୍ୟତମ ଲକ୍ଷ୍ୟ। ସମୃଦ୍ଧି (Samridhi) ଅର୍ଥ ହେଲା ଏସ୍-ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳର ଉପଯୋଗ, ଏ- ଜଳବାୟୁ ସହ ଖାପ ଖୁଆଇବା, ଏମ୍-କୃଷି ଉତ୍ପାଦ ପାଇଁ ବଜାର(ଘରୋଇ ଓ ଆନ୍ତର୍ଜାତିକ), ଆର-ଉତ୍ପାଦନ ବୃଦ୍ଧି ନିଶ୍ଚିତ କରିବା ପାଇଁ ସମ୍ବଳ ସୁବିନିଯୋଗ, ଆଇ-ଉପଯୁକ୍ତ ଭିତ୍ତିଭୂମି ନିର୍ମାଣ, ଡି-ଅଧିକ ମୂଲ୍ୟଯୁକ୍ତ କୃଷି ଉତ୍ପାଦନର ପୃଥକୀକରଣ, ଏଚ୍-ମାନବ ସମ୍ବଳର ଉନ୍ନତି ଓ କୌଶଳ ବିକାଶ ଏବଂ ଆଇ-ଅନୁଷ୍ଠାନଗୁଡ଼ିକୁ ଶକ୍ତିଶାଳୀ କରିବା। ☞ପୃଷ୍ଠା-୪

**ନୂଆ କୃଷିନୀତି-୨୦୧୯କୁ କ୍ୟାବିନେଟ୍ ଅନୁମୋଦନ**



- ଜଳବାୟୁ ପରିବର୍ତ୍ତନ, ବଜାର ସୁବିଧା, ଋଣ, ବୀମା ପ୍ରଦାନ ଉପରେ ଗୁରୁତ୍ୱ
- ଭଲ କାମ ପାଇଁ ସରକାରୀ କର୍ମଚାରୀଙ୍କୁ ମିଳିବ ଆଗୁଆ ପଦୋନ୍ନତି
- ସରକାର ଆଣିଲେ ଓଡ଼ିଶା ବେସାମରିକ ସେବା ନିୟମାବଳୀ-୨୦୧୯

# ସିଏଏ ପ୍ରତ୍ୟାହାର କର

## ରାଷ୍ଟ୍ରପତିଙ୍କୁ ଭେଟିଲେ ୧୨ ବିରୋଧୀ ଦଳ ନେତା

ନୂଆଦିଲ୍ଲୀ,୧୭।୧୨(ପି.ଟି.)

ସାରା ଦେଶରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ଆନ୍ଦୋଳନ ତେଜିବାରେ ଲାଗିଛି। ଏହାକୁ ନେଇ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ବିରୋଧରେ ପୋଲିସର ଦମନଲୀଳା ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ କରୁଛି। ଏଭଳି ସ୍ଥିତିରେ ବିରୋଧୀ ମଙ୍ଗଳବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରସ୍ଥ ହୋଇଛନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସୃଷ୍ଟି ହୋଇଥିବା ହିଂସା ପ୍ରସଙ୍ଗରେ ବିରୋଧୀ ଦଳ ନେତାମାନେ ତାଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏହା ସହ ବିବାଦୀୟ ନାଗରିକତ୍ୱ ଆଇନକୁ ପ୍ରତ୍ୟାହାର କରିବା ଲାଗି କେନ୍ଦ୍ରର ମୋଦି ସରକାରଙ୍କୁ ପରାମର୍ଶ ଦେବା ପାଇଁ ସେମାନେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛନ୍ତି।

ସିଏଏ ବିରୋଧୀ ଆନ୍ଦୋଳନ ପରିପ୍ରେକ୍ଷୀରେ ଦେଶର ବିଭିନ୍ନ ଭାଗ ଜଳୁଛି। ଏହି ପ୍ରସଙ୍ଗରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ଦଳଗୁଡ଼ିକର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିଛନ୍ତି। ମୋଦି ସରକାର ଲୋକଙ୍କୁ ଗ୍ରହଣୀୟ ନ ହେବା ଭଳି ଆଇନ ଆଣିବା ପରେ ସେମାନଙ୍କ ସ୍ୱରକୁ ଚାପି ଦେଉଛନ୍ତି ବୋଲି ସୋନିଆ ସମାଲୋଚନା କରିଛନ୍ତି। ସୋନିଆ କହିଛନ୍ତି, ଉତ୍ତର-ପୂର୍ବରେ ଆରମ୍ଭ ହୋଇଥିବା ଆନ୍ଦୋଳନ ରାଜଧାନୀ ଦିଲ୍ଲୀ ସମେତ ଦେଶର ବିଭିନ୍ନ ଭାଗକୁ ଯାଇ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇଛି। ଆଗକୁ ସ୍ଥିତି ବିଗିଡ଼ିବା ଆଶଙ୍କା ରହିଛି। ଜାମିଆ ମିଲିଆ ଇସ୍‌ଲାମିଆ ଛାତ୍ରଙ୍କ ଉପରେ ପୋଲିସର ବର୍ବର ବ୍ୟବହାର ଦୁର୍ଭାଗ୍ୟଜନକ। ଆମେ ୧୨ଟି ବିରୋଧୀ ଦଳର ପ୍ରତିନିଧି ରାଷ୍ଟ୍ରପତିଙ୍କୁ ଭେଟି ଏଥିରେ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛୁ। ସେହିପରି ସିପିଆଇଏମ୍ ନେତା ☞ପୃଷ୍ଠା-୪

ଫଟୋ ଫିଚର: ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

ଅରୁଚିକର

**ଆଜିର ମନ୍ତବ୍ୟ**

"ଗ୍ରହଣୀୟ ନ ହେବା ଭଳି ଆଇନ ଆଣିବା ପରେ ଲୋକଙ୍କ ସ୍ୱରକୁ ଚପାଉଛନ୍ତି ମୋଦି ସରକାର।

**-ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା**

**କିଛି ତଥ୍ୟ**

ଚିନି ରପ୍ତାନିକୁ ପ୍ରୋତ୍ସାହନ ଲାଗି ସରକାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧୦,୪୮୮ କୋଟି ଟଙ୍କାର ସବ୍‌ସିଡି ମଞ୍ଜୁର କରିଛନ୍ତି।

**- ଅର୍ଥ ମନ୍ତ୍ରଣାଳୟ**


Vencobb CHICKEN

17.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 87 | 141 | 151 |
| CTC | 87 | 141 | 151 |
| DKL | 89 | 144 | 154 |
| BDK | 83 | 136 | 146 |
| BLS | 83 | 136 | 146 |
| ANG | 89 | 144 | 154 |
| BHM | 90 | 145 | 155 |

*Conditions Apply

Issued in the Interest of Consumers






୨୦୧୭ ଉନ୍ନାଓ ନାବାଳିକା ବଳାତ୍କାର, ହତ୍ୟା ମାମଲାରେ ଭାଜପାରୁ ବହିଷ୍କୃତ ବିଧାୟକ କୁଲଦୀପ ସିଂ ସେନ୍‌ଗାରଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ଜିଲା ଜଜ୍ ଧର୍ମେଶ୍ ଶର୍ମା ୨୦ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟକୁ ସ୍ଥଗିତ ଘୋଷଣା କରିଛନ୍ତି। ମାମଲାରେ ସିବିଆଇ ପକ୍ଷରୁ ସେନ୍‌ଗାରଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ ସହ ପୀଡ଼ିତାଙ୍କ ପରିବାରକୁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି ଦାବି କରାଯାଇଛି।




ଆସାମର ଦିବ୍ରୁଗଡ଼ ଜିଲା ଚାବୁଆରେ ପୋଷ୍ଟ ଅଫିସକୁ ଜାଳିଦେଇଛନ୍ତି ସିଏଏ ବିରୋଧୀ ବିକ୍ଷୋଭକାରୀ।



ବରିଷ୍ଠ କଂଗ୍ରେସ ନେତା ଗୁଲାମନବୀ ଆଜାଦ, ଜୟରାମ ରମେଶ, କପିଲ ସିବଲ ଓ ଆନନ୍ଦ ଶର୍ମାଙ୍କ ସହ ଅନ୍ୟ ବିରୋଧୀ ଦଳ ନେତାମାନେ ରାଷ୍ଟ୍ରପତିଙ୍କୁ ଭେଟିବାକୁ ଯାଉଛନ୍ତି।



ଶ୍ରୀନଗର: ଇସ୍‌ଲାମିଆ କଲେଜ ଅଫ୍ ସାଇନ୍ସ ଆଣ୍ଡ କମର୍ସ ଛାତ୍ର ଓ ପୋଲିସ ମଧ୍ୟରେ ସଂଘର୍ଷ ବେଳେ ମରାଯାଇଥିବା ଟେକା।

■ ଜାମିଆ ଛାତ୍ରଙ୍କୁ ଲାଠିମାଡ଼

# ପୋଲିସ ଜୁଲମ ହାଏ ହାଏ

ୱାଶିଂଟନ,୧୭।୧୨

ସିଏଏ ବିରୋଧୀ ବିକ୍ଷୋଭ ବେଳେ ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ (ଜେଏମ୍‌ଆଇୟୁ) ଏବଂ ଉତ୍ତରପ୍ରଦେଶର ଆଲିଗଡ଼ ମୁସ୍‌ଲିମ୍ ୟୁନିଭର୍ସିଟି (ଏଏମ୍‌ୟୁ) ଛାତ୍ରୀଛାତ୍ରଙ୍କ ଉପରେ ପୋଲିସର ଜୁଲମକୁ ବିଦେଶୀ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ପକ୍ଷରୁ ଦୃଢ଼ନିନ୍ଦା କରାଯାଇଛି। ଅକ୍ସଫୋର୍ଡ, ହାର୍ଭାର୍ଡ, ୟେଲ୍, କଲମ୍ବିଆ, ଷ୍ଟାନଫୋର୍ଡ ଏବଂ ଏମ୍‌ଆଇଟି ଛାତ୍ରୀଛାତ୍ର ଏହା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆମେରିକାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଜେଏମ୍‌ଆଇୟୁ ଏବଂ ଏଏମ୍‌ୟୁ ଛାତ୍ରୀଛାତ୍ରଙ୍କ ସମର୍ଥନରେ ବାହାରି ଏକ ମିଳିତ ବିବୃତି ଜାରି କରିଛନ୍ତି। ପୋଲିସର ବର୍ବର ଲାଠିଚାର୍ଜ ମାନବାଧିକାର ଓ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ବୋଲି ସେମାନେ କହିଛନ୍ତି। ଅକ୍ସଫୋର୍ଡ ୟୁନିଭର୍ସିଟି ଛାତ୍ରୀଛାତ୍ର ଓ ଗବେଷକମାନେ ଲଣ୍ଡନସ୍ଥିତ ଇଣ୍ଡିଆ ହାଉସ୍ ସାମ୍ନାରେ ନାଗରିକତ୍ୱ ଆଇନ ଏବଂ ପୋଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ବିବାଦୀୟ ଆଇନକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ବିକ୍ଷୋଭ ବେଳେ ଛାତ୍ରୀଛାତ୍ରମାନେ ସ୍ଲୋଗାନ ଦେଇଥିଲେ, ପୋଲିସ ଜୁଲମ ହାଏ ହାଏ।




**ନିନ୍ଦାକଲେ ବିଦେଶୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର**

■ ଜାମିଆ, ଏଏମ୍‌ୟୁ ହିଂସାକାଣ୍ଡ

# ହାଇକୋର୍ଟରେ ଆବେଦନ ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୭।୧୨(ପି.ଟି.)

ନାଗରିକତ୍ୱ ଆଇନକୁ ବିରୋଧ କରି ହିଂସାକାଣ୍ଡ ଜାରି ରହିଥିବାବେଳେ ଜାମିଆ ଓ ଆଲିଗଡ଼ ମୁସ୍‌ଲିମ ବିଶ୍ୱବିଦ୍ୟାଳୟ(ଏଏମ୍‌ୟୁ)ରେ ଭୟଙ୍କର ସ୍ଥିତି ଦେଖାଦେଇଛି। ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ଛାତ୍ରୀଛାତ୍ରଙ୍କ ଉପରେ ଆକ୍ରମଣକୁ ନେଇ ଛାତ୍ର ଅଶାନ୍ତି ବ୍ୟାପିବାରେ ଲାଗିଛି। ଏନେଇ ସୁପ୍ରିମକୋର୍ଟ ସୋମବାର ହାଇକୋର୍ଟରେ ପିଟିଶନ ଦାୟର କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟା କୌଣସି ଛାତ୍ରଙ୍କୁ ଗିରଫ କରାଯାଇ ନାହିଁ କି ଗୁଳିଚାଳନା କରାଯାଇ ନାହିଁ ବୋଲି ସୁପ୍ରିମକୋର୍ଟରେ ତଥ୍ୟ ରଖିଥିଲେ। ହିଂସା ରୋକିବା ଲାଗି ସିଜେଆଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ରାଜ୍ୟ ଓ କେନ୍ଦ୍ରକୁ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କର ମାମଲାର ତଦନ୍ତ କରିବା ଲାଗି ପରାମର୍ଶ ଦେଇଥିଲେ। ଏଥିରେ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଥିବାବେଳେ ହାଇକୋର୍ଟରେ ଏନେଇ ଆବେଦନ କରିବାକୁ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଫ୍ରାକ୍ଟ ଫାଇଣ୍ଡିଂ କମିଟି ଗଠନ କରି ମାମଲାର ଶୁଣାଣି କରିବାକୁ ସିଜେଆଇ ଜଷ୍ଟିସ ବୋବ୍‌ଡେ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ଉପରେ ପୋଲିସର ଅମାନବୀୟ କାର୍ଯ୍ୟାନୁଷ୍ଠାନ ନେଇ ବ୍ୟରିଷ୍ଠ ଓକିଲ ଇନ୍ଦିରା ଜୟସିଂ ପ୍ରଶ୍ନ ଉଠାଇଥିଲେ। ଛାତ୍ରୀଛାତ୍ରଙ୍କ ବିରୋଧରେ ପୋଲିସ ମାମଲା ରୁଜୁକରି ସେମାନଙ୍କୁ ଅସୁବିଧାରେ ପକାଇବା ଲାଗି ଚେଷ୍ଟା କରୁଥିବା ଜାମିଆ, ଏଏମ୍‌ୟୁ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଇନ୍ଦରା ଅଭିଯୋଗ କରିଛନ୍ତି। ଆଇନ ଭାଙ୍ଗିଲେ ପୋଲିସ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ବୋଲି ସିଜେଆଇ କହିବା ସହ ସରକାରୀ ସମ୍ପତ୍ତି ନଷ୍ଟ କରିବାର ଅଧିକାର କାହାର ନାହିଁ ବୋଲି ପ୍ରକାଶ କରିଥିଲେ। ସମସ୍ତ ମାମଲା ହାଇକୋର୍ଟରେ ଫଏସଲା ହୋଇପାରିବ ବୋଲି ସେ ମତ ଦେଇଛନନ୍ତି।

■ ଭାରତକୁ ବାଂଲାଦେଶ କହିଲା ପ୍ରମାଣ ଦିଅ

# ଆମ ନାଗରିକଙ୍କୁ ଫେରାଇନେବୁ

କୋଲକାତା,୧୭।୧୨ (ଆଇଏଏନ୍‌ଏସ୍)

ଭାରତରେ ଯଦି ବାଂଲାଦେଶୀ ନାଗରିକ ବେଆଇନ ଭାବେ ରହୁଛନ୍ତି ତେବେ ଆମେ ସେମାନଙ୍କୁ ଫେରାଇନେବୁ। କିନ୍ତୁ ଏଥିପାଇଁ ନୂଆଦିଲ୍ଲୀକୁ ପ୍ରଥମେ ପ୍ରମାଣ ଦେବାକୁ ପଡ଼ିବ ବୋଲି ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ବହିର୍ବ୍ୟାପାର ପରାମର୍ଶଦାତା ଗୋଓହର ରିଜ୍‌ଭି କହିଛନ୍ତି। କୋଲ୍‌କାତାରେ ମଙ୍ଗଳବାର ରିଜ୍‌ଭି କହିଛନ୍ତି, ନାଗରିକତ୍ୱ ଆଇନକୁ ନେଇ ବାଂଲାଦେଶ ଚିନ୍ତିତ ହେବା ଅନୁଚିତ ବୋଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶ୍ୱାସନା ଦେଇଛନ୍ତି। ଭାରତରେ ବେଆଇନ ଭାବେ ବାଂଲାଦେଶୀ ରହୁଛନ୍ତି ବୋଲି ସରକାରଙ୍କ ପକ୍ଷରୁ ଆମକୁ କେହି କହିନାହାନ୍ତି। ତଥାପି ଆମ ଦେଶର କୌଣସି ନାଗରିକ ଏଠାରେ ବେଆଇନ ଭାବେ ରହୁଥିବା ପ୍ରମାଣ ଦିଆଗଲେ ଆମେ ତାଙ୍କୁ ଫେରାଇନେବୁ ବୋଲି ରିଜ୍‌ଭି ସ୍ପଷ୍ଟ କରିଛନ୍ତି।



ଗୋଓହର ରିଜ୍‌ଭି

# ବସ୍ ଜାଳିଲେ, ଟେକାମାଡ଼ କଲେ

ନୂଆଦିଲ୍ଲୀ,୧୭।୧୨(ପି.ଟି.)

ଦିଲ୍ଲୀରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭ ଜାରି ରହିଛି। ସିଏଏ ପ୍ରତ୍ୟାହାର ଦାବିରେ ଉତ୍ତ୍ୟକ୍ତ ବିକ୍ଷୋଭକାରୀମାନେ ଉତ୍ତର-ପୂର୍ବ ଦିଲ୍ଲୀର ସିଲାମ୍‌ପୁରରେ ପୋଲିସକୁ ଟେକାମାଡ଼ କରିଛନ୍ତି।

■ଜାମିଆରେ ସିଏଏ ବିରୋଧୀ ବିକ୍ଷୋଭ ଜାରି

■ସିଲାମ୍‌ପୁରରେ ପୋଲିସର ଲାଠିମାଡ଼: ୨୧ ଆହତ

ଏହାସହ ସେମାନେ ୩ଟି ବସ୍‌ରେ ନିଆଁ ଲଗାଇଦେଇଛନ୍ତି। ପୋଲିସର ଲାଠିମାଡ଼ରେ ୨୧ ବିକ୍ଷୋଭକାରୀ ଆହତ ହୋଇଛନ୍ତି।



ରାଜଧାନୀ ଦିଲ୍ଲୀରେ ସିଏଏ ବିରୋଧୀ ବିକ୍ଷୋଭ ବେଳେ ପୁଣି ହିଂସା ଦେଖିବାକୁ ମିଳିଛି। ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟି ନିକଟ ସିଲାମ୍‌ପୁରରେ ବିକ୍ଷୋଭକାରୀଙ୍କ ଟେକାମାଡ଼ ଓ ହିଂସାକୁ ନେଇ ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକ ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭଲ୍ଲା ଓ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ଅବଗତ କରାଇଛନ୍ତି। ଏହାକୁ ନେଇ ମନ୍ତ୍ରଣାଳୟ ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡ଼ିଛି।

# ପଛଘୁଞ୍ଚାର ପ୍ରଶ୍ନ ଉଠୁନି

ନୂଆଦିଲ୍ଲୀ,୧୭।୧୨ (ଆଇଏଏନ୍‌ଏସ୍)

**ସିଏଏ ବିରୋଧୀ ବିକ୍ଷୋଭ ପଛରେ ୧୦୦ ପ୍ରତିଶତ ରାଜନୀତି: ଶାହା**

ସିଏଏ ପଛରେ ୧୦୦ ପ୍ରତିଶତ ରାଜନୀତି ରହିଛି। କେତେକ ରାଜନୈତିକ ଦଳ ହିନ୍ଦୁ ଓ ମୁସ୍‌ଲିମ୍ ସମ୍ପ୍ରଦାୟ ମଧ୍ୟରେ ବିଭେଦ ସୃଷ୍ଟି କରିବା ପାଇଁ ହିଂସା ଉସୁକାଉଛନ୍ତି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସମାଲୋଚନା କରିଛନ୍ତି। ଏହାସହ ସିଏଏ ଏବଂ ଏନ୍‌ଆର୍‌ସିକୁ ନେଇ କୌଣସି ନାଗରିକ ଭୟଭୀତ ହେବା ଆବଶ୍ୟକ ନାହିଁ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ମୁମ୍ବାଇରେ ମଙ୍ଗଳବାର ଏକ ମିଡିଆ କାର୍ଯ୍ୟକ୍ରମରେ ଯୋଗଦେଇ ଶାହା କହିଛନ୍ତି, ନୂଆ ଆଇନରେ ସଂଖ୍ୟାଲଘୁ ବିରୋଧୀ କିଛି ନାହିଁ। ଏହି ଆଇନକୁ କାର୍ଯ୍ୟକାରୀ କରିବାରେ ପଛଘୁଞ୍ଚା ଦେବାର ପ୍ରଶ୍ନ ଉଠୁନାହିଁ। ବିରୋଧୀ ଦଳଗୁଡ଼ିକ ରାଜନୀତି ପାଇଁ ଏହାକୁ ନେଇ ମିଥ୍ୟା ପ୍ରଚାର ଚଳାଇଛନ୍ତି। ନାଗରିକ ଆଇନର ଆଇନଗତ ବୈଧତା ଉପରେ କେହି ପ୍ରଶ୍ନ ଉଠାଇ ପାରିବେ ନାହିଁ। ସିଏଏକୁ ବିରୋଧ କରୁଥିବା ଛାତ୍ରୀଛାତ୍ରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ତେବେ ହିଂସା ଓ ଜଳାପୋଡ଼ା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

[ଇତିହାସର ଆଇନାରେ]

## ଡିସେମ୍ବର ୧୮ର ପ୍ରମୁଖ ଘଟଣା

୧୯୭୭ ଡିସେମ୍ବର ୧୮ରେ ୟୁନାଇଟେଡ୍ ଏୟାରଲାଇନ୍ସର ଏକ ବିମାନ କେସ୍‌ଭିଲେ ପାର୍ବତ୍ୟାଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହା ସାନ୍‌ଫ୍ରାନ୍ସିସ୍କୋରୁ ଚିକାଗୋ ଅଭିମୁଖେ ଯାଉଥିଲା। ଏଥିରେ ଥିବା ସମସ୍ତ ଯାତ୍ରୀ ପ୍ରାଣ ହରାଇଥିଲେ।

୨୦୦୬ ଡିସେମ୍ବର ୧୮ରେ ୟୁଏଇରେ ପ୍ରଥମ ଥର ଲାଗି ସଂସଦୀୟ ନିର୍ବାଚନ କରାଯାଇଥିଲା। ଏଥିରେ ଜାତୀୟ ସଂଘୀୟ ପରିଷଦ ର ଅଧା ସଦସ୍ୟଙ୍କୁ ନିର୍ବାଚିତ କରାଯାଇଥିଲା। ଦୁବାଇ ସମେତ ଅନେକ ସହରରେ ମତଦାନ କରାଯାଇଥିଲା।

# କୋଇଲା ଖଣିରେ ବିସ୍ଫୋରଣ: ୧୪ ମୃତ

ବେଜିଂ,୧୭।୧୨(ପି.ଟି.)

ଦକ୍ଷିଣ-ପଶ୍ଚିମ ଚାଇନାର ଏକ କୋଇଲା ଖଣିରେ ମଙ୍ଗଳବାର ବିସ୍ଫୋରଣ ହେବା ଫଳରେ ୧୪ ଶ୍ରମିକ ପ୍ରାଣ ହରାଇଥିବା ଜଣାପଡ଼ିଛି। ଗୁଇଝୋଉ ପ୍ରଦେଶର ଗୁଆଙ୍ଗ୍‌ଲଙ୍ଗ କୋଇଲା ଖଣିରେ ଅପରାହ୍ନ ୧ଟା ୩୦ରେ ଏହି ବିସ୍ଫୋରଣ ହୋଇଥିଲା। ସେତେବେଳେ ୨୩ ଶ୍ରମିକ ଖଣି ଭିତରେ ଥିଲେ। ୭ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବାବେଳେ ୧୪ଜଣଙ୍କ ମରଶରୀର ଉଦ୍ଧାର କରାଯାଇଥିବା ପ୍ରକାଶ।

# ଶୁଣାଣିରୁ ଓହରିଲେ ସିଜେଆଇ

ନୂଆଦିଲ୍ଲୀ,୧୭।୧୨(ପି.ଟି.)

ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଶୁଣାଣିରୁ ପ୍ରଧାନ ବିଚାରପତି ଜଷ୍ଟିସ ଏସ୍.ଏ. ବୋବ୍‌ଡ଼େ ବ୍ୟକ୍ତିଗତ କାରଣ ଦର୍ଶାଇ ମଙ୍ଗଳବାର ଏଥିରୁ ଓହରି ଯାଇଛନ୍ତି। ସ୍ୱତନ୍ତ୍ର ଖଣ୍ଡପୀଠରେ ସିଜେଆଇଙ୍କ ବ୍ୟତୀତ ଜଷ୍ଟିସ ଆର୍. ବାନୁମତୀ ଓ ଜଷ୍ଟିସ ଅଶୋକ ଭୂଷଣ ଥିବାବେଳେ ମାମଲାଟି ଅନ୍ୟ ଖଣ୍ଡପୀଠରେ ବୁଧବାର ପୂର୍ବାହ୍ନ ୧୦.୩୦ରେ ଶୁଣାଣି କରାଯିବ। ଏହି ମାମଲାରେ ୪ ଦୋଷୀଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିବାବେଳେ ଅକ୍ଷୟ କୁମାର ସିଂ ମାମଲାର ପୁନଃସମୀକ୍ଷା ଲାଗି ଆବେଦନ କରିଥିଲେ। ପ୍ରକାଶଥାଉ କି, ଗତବର୍ଷ ଜୁଲାଇ ୯ରେ ସର୍ବୋଚ୍ଚ ଅଦାଲତ ମୃତ୍ୟୁଦଣ୍ଡାଦେଶ ପାଇଥିବା ଅନ୍ୟ ୩ ଦୋଷୀ ମୁକେଶ, ପୱନ୍ ଗୁପ୍ତା ଓ ବିନୟ ଶର୍ମାଙ୍କ ରିଭ୍ୟୁ ପିଟିଶନକୁ ଖାରଜ କରିଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୨ ଡିସେମ୍ବର ୧୬ ରାତିରେ ଦକ୍ଷିଣ ଦିଲ୍ଲୀରେ ପାରାମେଡିକାଲ ଛାତ୍ରୀ(୨୩)ଙ୍କୁ ଚଳନ୍ତା ବସ୍‌ରେ ଗଣବଳାତ୍କାର କରାଯାଇ ଫିଙ୍ଗିଦିଆଯାଇଥିଲା। ସେହିବର୍ଷ ଡିସେମ୍ବର ୨୯ରେ ସିଙ୍ଗାପୁରରେ ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିଲା।



ଜଷ୍ଟିସ ଏସ୍.ଏ. ବୋବ୍‌ଡ଼େ

**ନିର୍ଭୟା ମାମଲା**

# କୋର୍ଟରେ ଯୁବକଙ୍କୁ ଗୁଳିକରି ହତ୍ୟା

ଲକ୍ଷ୍ନୌ,୧୭।୧୨(ପି.ଟି.)

ପଶ୍ଚିମ ଉତ୍ତରପ୍ରଦେଶର ବିଜ୍‌ନୋରର ଏକ ଅଦାଲତରେ ଜଣେ ହତ୍ୟା ଅଭିଯୁକ୍ତଙ୍କୁ ମଙ୍ଗଳବାର ଅପରାହ୍ନରେ ଗୁଳିକରି ହତ୍ୟା କରାଯାଇଛି। ବିଜ୍‌ନୋର ଜିଲା ଅଦାଲତର ମୁଖ୍ୟ ବିଚାର ବିଭାଗୀୟ ଅଦାଲତରେ ଅଭିଯୁକ୍ତ ଶାହନୱାଜ୍ ଅନ୍‌ସାରିଙ୍କୁ ହାଜର କରିବା ଲାଗି ଅଣାଯାଉଥିବାବେଳେ ଗୁଳିମାଡ଼ କରାଯାଇଥିଲା। ୩ ହତ୍ୟାକାରୀଙ୍କୁ ପୋଲିସ କବ୍‌ଜା କରିବା ସହ ସେମାନଙ୍କଠାରୁ ବନ୍ଧୁକ ଜବତ କରିବାରେ ସକ୍ଷମ ହୋଇଛି। ଅନ୍‌ସାରି ଗତ ମେ'ରେ ବିଏସ୍‌ପି ନେତା ହାଜି ଅହ୍‌ସାନ ଖାନ୍ ଓ ତାଙ୍କ ପୁତୁରାଙ୍କୁ ହତ୍ୟା କରିବା ଅଭିଯୋଗରେ ଗିରଫ ହୋଇଥିଲେ। ଦିଲ୍ଲୀରେ ସେ ଆତ୍ମସମର୍ପଣ କରିବା ପରେ କୋର୍ଟରେ ତାଙ୍କୁ ହାଜର କରାଯାଇଥିଲା। ହାଜିଙ୍କ ପୁଅ ଓ ତାଙ୍କ ଦୁଇ ସହଯୋଗୀ ଅନ୍‌ସାରିଙ୍କୁ ଗୁଳିକରି ହତ୍ୟା କରିବା ଘଟଣାରେ ଗିରଫ ହୋଇଥିବା ଜଣାପଡ଼ିଛି। ଗୁଳିମାଡ଼ ବେଳେ କୋର୍ଟରେ ଜଣେ କର୍ମଚାରୀ ଗୁରୁତର ହୋଇଥିବା ପ୍ରକାଶ।

**ବିଏସ୍‌ପି ନେତା ଓ ତାଙ୍କ ପୁତୁରାଙ୍କୁ ହତ୍ୟା କରିଥିଲେ**

**୩ ଜଣଙ୍କୁ ବାନ୍ଧିଲା ପୋଲିସ**


## ଭାରତ ବନାମ ୱେଷ୍ଟ ଇଣ୍ଡିଜ୍

(ଏକଦିବସୀୟ ଆନ୍ତର୍ଜାତିକ ଦିବା-ରାତ୍ର ମ୍ୟାଚ)

HDFC BANK

ତା ୨୨.୧୨.୨୦୧୯ ରିଖ (ରବିବାର) ସମୟ : ଘ.୧.୩୦ମି. ସ୍ଥାନ : ବାରବାଟୀ ଷ୍ଟାଡିୟମ, କଟକ

| ଆସନ ବ୍ୟବସ୍ଥା | ଟିକେଟ୍‌ର ମୂଲ୍ୟ | ଟିକେଟ୍ ମିଳିବା ସ୍ଥାନ | ତାରିଖ |
|---|---|---|---|
| Corporatate Box | Rs. 8000/- + GST Rs. 1440/- | ବାରବାଟୀ ଷ୍ଟାଡିୟମସ୍ଥିତ ମୋଟ ୧୨ଟି କାଉଣ୍ଟରରେ ଟିକେଟ ଉପଲବ୍ଧ ହେବ । | ଏଚ୍.ଡି.ଏଫ୍.ସି. ବ୍ୟାଙ୍କ ମାଧ୍ୟମରେ ତା ୧୯ ଓ ୨୦ ଡିସେମ୍ବର ୨୦୧୯ରିଖ ପୂର୍ବାହ୍ନ ୯ ଘଟିକା ଠାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଟିକେଟ୍ ବିକ୍ରି କରାଯିବ । |
| A/c Box (Gly. No.4) | Rs. 5000/- + GST Rs. 900/- | | |
| New Pavilion (1st Floor) | Rs. 5000/- + GST Rs. 900/- | | |
| Spl.Enclosure (Block-A) | Rs. 3000/- + GST Rs. 540/- | | |
| Gallery No. 1 & 3 | Rs. 600/- + GST Rs. 108/- | | |
| Gallery No. 2 & 4 | Rs. 500/- + GST Rs. 90/- | | |
| Gallery No. 6 | Rs. 400/- | | |

**ଦର୍ଶକମାନଙ୍କ ନିମନ୍ତେ ବିଶେଷ ସୂଚନା :**

ଖେଳଦିନ ଦର୍ଶକମାନେ ପୂର୍ବାହ୍ନ ୧୦ ଘଟିକା ଠାରୁ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରିପାରିବେ । ୩ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କ ପାଇଁ ଟିକେଟ ବାଧ୍ୟତା ମୂଳକ । ଦର୍ଶକମାନେ ନିଜ ସହ ମୋବାଇଲ ଫୋନ୍, ଶୁଷ୍କ ଖାଦ୍ୟ, ଶୁଷ୍କ ରନ୍ଧା ଖାଦ୍ୟ କାଗଜ ପୁଡ଼ିଆରେ ଆଣି ପାରିବେ ।

**ନିମ୍ନଲିଖିତ ଜିନିଷ ଗୁଡ଼ିକୁ ସାଥିରେ ନ ଆଣିବା ପାଇଁ ଅନୁରୋଧ :**

୧.ବ୍ୟାଗ, ବ୍ରିଫକେସ, ପେଜର, ରେଡିଓ, ଡିଜିଟାଲ ଡାଏରୀ, ଲ୍ୟାପଟପ, ଟେପରେକର୍ଡର, ବାଇନାକୁଲର, ରିମୋଟ କଣ୍ଟ୍ରୋଲ ଡିଭାଇସ, ମ୍ୟୁଜିକାଲ ଇନଷ୍ଟ୍ରୁମେଣ୍ଟ, ଭିଡିଓ କ୍ୟାମେରା, ହେଲମେଟ, ଫୋଟକା ବାଣ, ଥର୍ମୋଫ୍ଲାକ୍ସ, ଅସ୍ତ୍ରଶସ୍ତ୍ର, ୱାଟରଜଗ, ବିଡ଼ି, ସିଗାରେଟ, ଦିଆସିଲି, ଲାଇଟର, ମିରର, ସିଜର, କାଚବସ୍ତୁ, ଛୁରୀ ଏବଂ ମାରଣାସ୍ତ୍ର ପ୍ରଭୃତି ଜିନିଷ ସାଙ୍ଗରେ ନେବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ୨. ଦର୍ଶକମାନେ ନିଜ ସହିତ କୌଣସି ତରଳ ଖାଦ୍ୟ, ଫଳ, ପାଣି ବୋତଲ ବା ପାଣି ପାଉଚ୍ ଆଣିବାକୁ ବାରଣ କରାଯାଇଛି । ୩.ଡି.ସି.ପି.ଙ୍କ ନେତୃତ୍ୱରେ ୨ଟି ସ୍ପେଶିଆଲ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ପର୍ଯ୍ୟାପ୍ତ ସଂଖ୍ୟାରେ କ୍ଲୋଜ ସର୍କିଟ କ୍ୟାମେରା ଷ୍ଟାଡିୟମ ଭିତରେ ଓ ବାହାରେ ଲଗାଯାଇ ସର୍ବସାଧାରଣଙ୍କ ଗତିବିଧିକୁ ଅନୁଧ୍ୟାନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଅଛି । ଷ୍ଟାଡିୟମ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଥବା ବିନା ଟିକେଟ୍‌ରେ ପ୍ରବେଶ କରିଥିବା ବ୍ୟକ୍ତିମାନଙ୍କୁ ପୋଲିସକୁ ହସ୍ତାନ୍ତର କରାଯିବ ଓ ଆଇନ ଅନୁସାରେ ସେମାନଙ୍କ ବିରୁଦ୍ଧରେ କଠୋର ଦଣ୍ଡ ବିଧାନ କରାଯିବ । ୪. ଅନଧିକାର ପ୍ରବେଶକୁ ରୋକିବା ପାଇଁ ବାରବାଟୀ ଷ୍ଟାଡିୟମର ସମସ୍ତ ଗେଟ୍ ଗୁଡ଼ିକରେ ବାର୍ କୋର୍ଡ଼ ସିଷ୍ଟମ ମାଧ୍ୟମରେ ଟିକେଟ୍ ଗୁଡ଼ିକ ଯାଂଚ କରାଯିବାର ବ୍ୟବସ୍ଥା କରାଯାଇଛି ଏବଂ ସିଟ୍ ଓ ଟିକେଟର ନମ୍ବରିଂ ବ୍ୟବସ୍ଥା ହୋଇଥିବାରୁ ଦର୍ଶକମାନେ ଟିକେଟରେ ଥିବା ସିଟ୍ ନମ୍ବର ଅନୁସାରେ ନିଜ ନିଜ ସିଟ୍‌ରେ ବସି ଶାନ୍ତିଶୃଙ୍ଖଳା ସହ ଖେଳ ଦେଖିପାରିବେ । ୫. ପଲିଥିନ୍ କିମ୍ବା ପଲିଥିନ୍ ଜାତୀୟ କୌଣସି ଦ୍ରବ୍ୟ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ । ୬. ପୁନଃପ୍ରବେଶ ସମ୍ପୂର୍ଣ୍ଣ ନିଷେଧ ।

ଏଠାରେ ଉଲ୍ଲେଖଯୋଗ୍ୟ ବିଷୟ ଏହିକି ଯେ, ବାରବାଟୀ ଷ୍ଟାଡିୟମ ତଥା ଆମ ରାଜ୍ୟର ସୁନାମରେ ଆଂଚ ଆସିବା ଭଳି କୌଣସି ଅଶୋଭନୀୟ ତଥା ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ନ କରିବାକୁ ସମସ୍ତ ଦର୍ଶକମାନଙ୍କୁ ନିବେଦନ କରାଯାଉଛି । ପଡ଼ିଆ ମଧ୍ୟକୁ କୌଣସି ଦ୍ରବ୍ୟ ବା ବସ୍ତୁ ଫୋପାଡ଼ି ଖେଳ ତଥା ଖେଳାଳୀମାନଙ୍କ କ୍ଷତି ପହଂଚିଲା ଭଳି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରିବାକୁ ସମସ୍ତ ଦର୍ଶକମାନଙ୍କୁ ଅନୁରୋଧ କରାଯାଉଛି । ଅଧିକନ୍ତୁ, ଶାନ୍ତି ଶୃଙ୍ଖଳାର ସହ ଖେଳ ଦେଖିବା ସହିତ ଖେଳାଳୀମାନଙ୍କୁ ଉତ୍ସାହିତ କରି ଏହି ମ୍ୟାଚ୍‌କୁ ସଫଳ କରାଇବାରେ ସମସ୍ତ ପ୍ରକାର ସହଯୋଗ କରିବା ସଂଗେ ସଂଗେ ଶାନ୍ତି ପ୍ରିୟ କଟକ ସହର ତଥା ଆମ ରାଜ୍ୟ ଓଡ଼ିଶା ଏବଂ ଆମ ଦେଶ ଭାରତର ସୁନାମ ବଜାୟ ରକ୍ଷା କରିବାକୁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ସମସ୍ତ ଦର୍ଶକ ମାନଙ୍କୁ ବିନମ୍ର ନିବେଦନ କରାଯାଉଛି ।

ଧନ୍ୟବାଦ ସହ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍

ପଙ୍କଜ ଲୋଚନ ମହାନ୍ତି, ସଭାପତି — ସଂଜୟ ବେହେରା, ସମ୍ପାଦକ



ଯିଏ ଭଗବାନଙ୍କ ଉପରେ ଭରସା ରଖେ ସେ କେବେ ବି ଭଗବାନଙ୍କ ପ୍ରେମାପ୍ଲୁତ ବାହୁର ଆଶ୍ରୟରୁ ବଞ୍ଚିତ ହୁଏ ନାହିଁ।
- ଶ୍ରୀମା






ସିଏଏ କୁ ନେଇ ବ୍ୟାପୁଛି ଛାତ୍ର ଆନ୍ଦୋଳନ

# ଫେବୃୟାରୀ ତୃତୀୟ ସପ୍ତାହରେ ମାଟ୍ରିକ ପରୀକ୍ଷା

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)**

ଫେବୃୟାରୀ ତୃତୀୟ ସପ୍ତାହରେ ମାଟ୍ରିକ ପରୀକ୍ଷା ହେବ। ତେବେ ପରୀକ୍ଷା ନେଇ ବୋର୍ଡ କର୍ତ୍ତୃପକ୍ଷ ବିଧିବଦ୍ଧ ସୂଚନା ଦେବେ ବୋଲି ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି। ସେ କହିଛନ୍ତି ଯେ, ସାଧାରଣତଃ ଫେବୃୟାରୀ ତୃତୀୟ ସପ୍ତାହରେ ମାଟ୍ରିକ ପରୀକ୍ଷା ହୋଇଥାଏ। ଏଥର ମଧ୍ୟ ସେହି ସମୟରେ ହେବ। ତେବେ ଗତଥର ଯେଉଁ ପରୀକ୍ଷା କେନ୍ଦ୍ରରେ ସମସ୍ୟା ଥିଲା ତାକୁ ତର୍ଜମା କରାଯାଉଛି। ଆବଶ୍ୟକ ପଡ଼ିଲେ ପାଖ ସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଏଥର ମାଟ୍ରିକ ପରୀକ୍ଷାରେ କପି କରିବା ସହଜ ହେବ ନାହିଁ। କାରଣ କପି ରୋକିବା ଲାଗି ବିଭାଗ ନୂଆ ପଦକ୍ଷେପ ଗ୍ରହଣ କରିବ। ଏଣିକି ପରୀକ୍ଷା ଖାତାରେ ସିକ୍ୟୁରିଟି କୋଡ୍ ରହିବ। ଏହି ସିକ୍ୟୁରିଟି କୋଡ୍‌କୁ ଖାଲି ଆଖିରେ କେହି ଦେଖିପାରିବେ ନାହିଁ। ଏଥିସହ ସମସ୍ତ ପରୀକ୍ଷା ପ୍ରଶ୍ନପତ୍ରକୁ ଡିଜିଟାଲ ଲକ୍ କରାଯିବ ବୋଲି ଜଣାପଡ଼ିଛି। ଅର୍ଥାତ୍ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ କେହି ପରୀକ୍ଷା ପ୍ରଶ୍ନପତ୍ର ଖୋଲିପାରିବେ ନାହିଁ।

# ବନ୍ଧୁ ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

**ଜୟପୁର, ୧୭।୧୨(ଡି.ଏନ୍.ଏ.):** କୋରାପୁଟ ଜିଲା ଜୟପୁରସ୍ଥିତ ଜିଲା ଦୌରାଜଜ୍ ବିମଳ ଚାନ୍ଦ ମଙ୍ଗଳବାର ଏକ ହତ୍ୟା ମାମଲାର ଶୁଣାଣି କରି ବନ୍ଧୁ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ବୋରିଗୁମ୍ମା ଥାନା ଖଇରିମୁଣ୍ଡି ଗ୍ରାମର ବଳରାମ ହରିଜନ(୨୫)। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।




## ୨୦୨୦-୨୧ ଆର୍ଥିକ ବର୍ଷ

# ବଜେଟ ପାଇଁ ମତାମତ ଆହ୍ୱାନ କଲା ଅର୍ଥ ବିଭାଗ

- ଫେବୃୟାରୀ ୧୫ ସୁଦ୍ଧା ପ୍ରସ୍ତୁତି ଚୂଡ଼ାନ୍ତ କରିବାକୁ ପ୍ରୟାସ
- ଜାରି ହେଲା ଇ-ମେଲ, ଫୋନ୍ ନମ୍ବର

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)**

୨୦୨୦-୨୧ ଆର୍ଥିକ ବର୍ଷର ବଜେଟ ପ୍ରସ୍ତୁତି ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବଜେଟ ସହ ଜଡିତ ସମସ୍ତ ଅଂଶୀଦାରଙ୍କ ସହଭାଗିତାକୁ ଏଥିରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ସେହିକ୍ରମରେ ରାଜ୍ୟ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ବିଭାଗୀୟ ପ୍ରମୁଖ ସଚିବ ଅଶୋକ ମୀନାଙ୍କ ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରାଯାଇ ସାଧାରଣ ଜନତାଙ୍କ ମତାମତ ଲୋଡାଯାଇଛି। ଏଥିପାଇଁ ଅର୍ଥ ବିଭାଗ ଏକ ସ୍ୱତନ୍ତ୍ର ୱେବ ପୋର୍ଟାଲ, ଇ-ମେଲ, ହ୍ୱାଟ୍ସ ଅପ୍ ଏବଂ ସ୍ୱତନ୍ତ୍ର ମୋବାଇଲ ନମ୍ବର ଜାରି କରାଯାଇଛି।

ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, ବଜେଟ ପ୍ରସ୍ତୁତି ସମ୍ପର୍କିତ ଯେ କୌଣସି ପରାମର୍ଶ ODISHA.BUDGET@GOV.IN ଇ-ମେଲକୁ ପଠାଇ ପାରିବେ। ସେହିପରି ୯୪୩୮୧୭୧୧୧୧ ନମ୍ବରରେ ହ୍ୱାଟ୍ସ ଅପ୍ ଏବଂ ଏସ୍ଏମ୍ଏସ୍ କରିପାରିବେ। ଏଥିପାଇଁ ୧୯ ଡିସେମ୍ବରରୁ ୧୫ ଜାନୁୟାରୀ ପର୍ଯ୍ୟନ୍ତ ସମୟସୀମା ରହିଛି। ଆସନ୍ତା ଫେବୃୟାରୀ ୧୫ ସୁଦ୍ଧା ବଜେଟ ପ୍ରସ୍ତୁତି ସାରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଫେବୃୟାରୀ ପ୍ରଥମାର୍ଦ୍ଧରେ କେନ୍ଦ୍ରୀୟ ବଜେଟ ଆଗତ ହେବାର ସମ୍ଭାବନା ରହିଛି। ତେଣୁ କେନ୍ଦ୍ର କେତେ ଅର୍ଥ ପ୍ରଦାନ କରୁଛି, ତାହାକୁ ନେଇ ଚୂଡାନ୍ତ ପର୍ଯ୍ୟାୟରେ ବ୍ୟୟବରାଦ କରାଯିବ ବୋଲି ଜଣାପଡିଛି। ବଜେଟ ପ୍ରସ୍ତୁତି ପୂର୍ବରୁ ସମସ୍ତ ଅଂଶୀଦାରଙ୍କ ମତାମତ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବ ବୋଲି ଆଶା କରାଯାଉଛି। ୯ଟି ବିଭାଗର ବଜେଟ ପ୍ରସ୍ତୁତି ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ପୂର୍ବ ବଜେଟଗୁଡିକରୁ ଶିକ୍ଷା ନେଇ ଯେତିକି ଖର୍ଚ୍ଚ ଆବଶ୍ୟକ ସେତିକି ଅର୍ଥ ମାଗିବା ପାଇଁ କୁହାଯାଇଛି। ଥରେ ପୂର୍ଣ୍ଣକାଳୀନ ବଜେଟ ଆସିବା ପରେ ଯେପରି ଅତିରିକ୍ତ ବଜେଟରେ ବ୍ୟୟବରାଦ ଆବଶ୍ୟକ ନ ପଡ଼େ, ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗଗୁଡିକୁ ପରାମର୍ଶ ଦିଆଯାଇଛି। ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍)ର ପରାମର୍ଶ ଅନୁଯାୟୀ ବଜେଟ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବ। ଆସନ୍ତା ୨୧ ସୁଦ୍ଧା ବିଭାଗଗୁଡ଼ିକ ମତାମତ ଦେଇପାରିବେ ବୋଲି ଜଣାପଡ଼ିଛି। ଜିଏସ୍‌ଟି ବାବଦକୁ ଗତ ଅଗଷ୍ଟ/ସେପ୍ଟେମ୍ବର ରାଜ୍ୟ ୧୧୪୨ କୋଟି କେନ୍ଦ୍ରଠାରୁ ପାଇଛି। ଅନୁରୂପଭାବେ ଅକ୍ଟୋବର/ନଭେମ୍ବର ବାବଦକୁ ରାଜ୍ୟ ପ୍ରାୟ ୧୧୫୦ କୋଟି ଟଙ୍କା ପାଇବ ବୋଲି ଜଣାପଡିଛି। ଚିଟ୍‌ଫଣ୍ଡ ଟଙ୍କା ପ୍ରକୃତ ହିତାଧିକାରୀଙ୍କୁ ଫେରାଇବା ପାଇଁ ଆଇନଗତ ପ୍ରକ୍ରିୟା ଜାରି ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି ନେଇ ସରକାର ସକାରାତ୍ମକ ରହିଥିବା ଜଣାପଡ଼ିଛି। ଅପରପକ୍ଷରେ ସପ୍ତମ ବେତନ କମିଶନଙ୍କ ସୁପାରିସ ଆଧାରରେ କର୍ମଚାରୀଙ୍କୁ ଗତ ୨୦୧୭ ବର୍ଷରେ ନୂତନ ଦରମା ଦେବା ପରେ, ୨୦୧୬ ପହିଲାରୁ ୨୦୧୭ ଅକ୍ଟୋବର ପର୍ଯ୍ୟନ୍ତ ବର୍ଦ୍ଧିତ ଦରମାର ବକେୟା ବାବଦ ପ୍ରାପ୍ୟରୁ କର୍ମଚାରୀମାନେ ମାତ୍ର ୪୦ ପ୍ରତିଶତ ପାଇଛନ୍ତି। ଇତିମଧ୍ୟରେ ଦୁଇବର୍ଷ ବିତିଯାଇଥିଲେ ବି ୬୦ ପ୍ରତିଶତ ବକେୟା ଦରମା କର୍ମଚାରୀମାନେ ପାଇନାହାନ୍ତି। ଏହି ଅର୍ଥ ପ୍ରଦାନ ନେଇ ଶୀର୍ଷସ୍ତରରେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇ ନ ଥିବା ଜଣାପଡିଛି।




| | ALTO (P) | ALTO K10 (P) | SWIFT (P) | SWIFT (D) | VITARA BREZZA (D) | DZIRE (P) | DZIRE (D) | CELERIO (P) | EECO (5/7 SEATER) |
|---|---|---|---|---|---|---|---|---|---|
| କଞ୍ଜୁମର ଅଫର* | ₹42 500 | ₹30 000 | ₹25 000 | ₹25 000 + 5 Yr. Warranty | ₹40 000 + 5 Yr. Warranty | ₹30 000 | ₹30 000 + 5 Yr. Warranty | ₹30 000 | ₹15 000 |
| ଏକ୍ସଚେଞ୍ଜ ଅଫର* | ₹15 000 | ₹15 000 | ₹20 000 | ₹20 000 | ₹20 000 | ₹20 000 | ₹20 000 | ₹15 000 | ₹20 000 |
| କର୍ପୋରେଟ୍ ଅଫର* | ₹5 000 | ₹5 000 | ₹5 000 | ₹10 000 | ₹10 000 | ₹5 000 | ₹10 000 | ₹5 000 | ₹5 000 |
| ମୋଟ ସଞ୍ଚୟ* | ₹62 500 | ₹50 000 | ₹50 000 | ₹70 750 | ₹89 500 | ₹55 000 | ₹77 000 | ₹50 000 | ₹40 000 |



> ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
> - ଉତ୍କଳଗୌରବ ମଧୁସୂଦନ ଦାସ



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଅପରାହ୍ଣରେ ବିମାନଯୋଗେ ନୂଆଦିଲ୍ଲୀ ଗସ୍ତ କରିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ୫ ଦିନିଆ ବୋଲି ଜଣାପଡିଛି। ବୁଧବାର ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ ପହଞ୍ଚି ନିଜସ୍ୱ ବାସଭବନକୁ ଯିବେ। ସେହିଦିନ ତାଙ୍କର କୌଣସି ସରକାରୀ କାର୍ଯ୍ୟକ୍ରମ ନାହିଁ ବୋଲି ଜଣାପଡିଛି। ଗୁରୁବାର ରାଷ୍ଟ୍ରପତି ଭବନରେ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମଜୟନ୍ତୀ ପାଳନ ସମ୍ପର୍କିତ ଉଚ୍ଚସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକରେ ନବୀନ ଯୋଗ ଦେବେ। ସେହିଭଳି ଶୁକ୍ରବାର ଏବଂ ଶନିବାର ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ନିକଟରେ ବକେୟା ଥିବା ବିଭିନ୍ନ ସହାୟତା ରାଶି ସମ୍ପର୍କିତ ସମୀକ୍ଷା ବୈଠକ କରିବେ। ଆବଶ୍ୟକ ହେଲେ ସେ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ୍ କରିପାରନ୍ତି ବୋଲି ଜଣାପଡିଛି। ଏହାର ଦିନକ ପରେ ଅର୍ଥାତ୍ ରବିବାର ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରିବେ।

## ପ୍ରଥମ ପୃଷ୍ଠାରୁ...

### ମୁଶରଫଙ୍କୁ ମୃତ୍ୟୁ ...

ଏହି ଦଣ୍ଡନୀୟ ଅପରାଧ ପାଇଁ ୨୦୧୪ ମାର୍ଚ୍ଚ ୩୧ରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ୨୦୧୬ ମାର୍ଚ୍ଚରେ ମୁଶରଫ୍ ନିଜ ଚିକିତ୍ସା ପାଇଁ ଦୁବାଇ ଚାଲିଯାଇଥିଲେ। ସୁରକ୍ଷା ଓ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେବେଠୁ ସେ ପାକିସ୍ତାନକୁ ଆଉ ଫେରିନାହାନ୍ତି। ପେଶାୱର ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ୱାକର ଅହମଦ୍ ସେଠ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱତନ୍ତ୍ର ଅଦାଲତର ତିନିଜଣିଆ ଖଣ୍ଡପୀଠ ମଙ୍ଗଳବାର ପ୍ରାକ୍ତନ ସେନା ମୁଖ୍ୟ ଜେନେରାଲ ମୁଶରଫ୍‌ଙ୍କୁ ଉକ୍ତ ମାମଲାରେ ଏହି ଦଣ୍ଡାଦେଶ ଦେଇଛନ୍ତି। ଉକ୍ତ ଖଣ୍ଡପୀଠରେ ଜଷ୍ଟିସ୍ ସେଠ୍‌ଙ୍କ ସମେତ ସିନ୍ଧ୍ ହାଇକୋର୍ଟ ବିଚାରପତି ନାଜିର ଆକବର ଓ ଲାହୋର ହାଇକୋର୍ଟ ବିଚାରପତି ଶାହିଦ୍ କରିମ ସଦସ୍ୟ ରହିଛନ୍ତି। ଖଣ୍ଡପୀଠ ନଭେମ୍ବର ୧୯ରେ ଏହି ମାମଲାର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ। ସ୍ୱତନ୍ତ୍ର କୋର୍ଟ ୨-୧ ସଂଖ୍ୟାଗରିଷ୍ଠତାରେ ଏହି ନିଷ୍ପତ୍ତି ଶୁଣାଇବା ପୂର୍ବରୁ ରାୟ ବିଳମ୍ବିତ କରିବା ଲାଗି ବର୍ତ୍ତମାନର ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ସରକାରଙ୍କ ଓକିଲ ଅଲି ଜିଆ ବାଜ୍‌ୱାଙ୍କ ନେତୃତ୍ୱରେ ଅଭିଯୋଜନ ପକ୍ଷ ଏକ ପିଟିଶନ ଦାଏର କରିଥିଲା। ହେଲେ ଅଦାଲତ ପିଟିଶନକୁ ଖାରଜ କରିଦେଇଥିଲେ। ପାକିସ୍ତାନରେ ସେନାର ପ୍ରଭାବ କ୍ରମଶଃ ହ୍ରାସ ପାଇବାରେ ଲାଗିଥିବାବେଳେ ଦେଶଦ୍ରୋହ ମାମଲାରେ ମୁଶରଫ୍ ଦୋଷୀ ପ୍ରମାଣିତ ହୋଇ ଏଭଳି ଦଣ୍ଡାଦେଶ ପାଇବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି।

ପାକିସ୍ତାନରେ କୌଣସି ବ୍ୟକ୍ତି ସମ୍ବିଧାନ ବିରୋଧୀ କାର୍ଯ୍ୟ କରି ଦେଶଦ୍ରୋହ ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ହାଇ ଟ୍ରେଜନ୍ (ପନିଶ୍‌ମେଣ୍ଟ) ଆକ୍ଟ, ୧୯୭୩ ଅନୁସାରେ ତାଙ୍କୁ ମୃତ୍ୟୁ କିମ୍ବା ଆଜୀବନ ଦଣ୍ଡାଦେଶ ଦିଆଯିବାର ବ୍ୟବସ୍ଥା ରହିଛି। ଚଳିତ ମାସରେ ମୁଶରଫ୍‌ଙ୍କ ସ୍ୱାସ୍ଥ୍ୟ ବେଶି ଖରାପ ହେବାରୁ ସେ ଦୁବାଇର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲ ବେଡ୍‌ରେ ଥାଇ ସେ ଦେଶଦ୍ରୋହ ମାମଲାକୁ 'ସମ୍ପୂର୍ଣ୍ଣ ଭିତ୍ତିହୀନ' ବୋଲି ଏକ ଭିଡିଓ ମେସେଜ୍‌ରେ ଦର୍ଶାଇଛନ୍ତି। ସେ କହିଛନ୍ତି, ମୁଁ ୧୦ ବର୍ଷ ଧରି ମୋ ଦେଶର ସେବା କରିଛି। ମୁଁ ମୋ ଦେଶ ପାଇଁ ଲଢ଼େଇ କରିଛି। ଏହି ମାମଲାରେ ମୋତେ ପକ୍ଷ ରଖିବାକୁ ଦିଆଯାଇନାହିଁ। ମୁଁ ଏହାର ଶିକାର ହୋଇଛି। ଅନ୍ୟପକ୍ଷରେ ଏହି ରାୟକୁ ମୁଶରଫ୍‌ଙ୍କ ଓକିଲମାନେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିପାରିବେ। ସର୍ବୋଚ୍ଚ ଅଦାଲତ ସ୍ୱତନ୍ତ୍ର କୋର୍ଟର ରାୟକୁ କାଏମ୍ ରଖିଲେ ରାଷ୍ଟ୍ରପତି ସାମ୍ବିଧାନିକ କର୍ତ୍ତୃତ୍ୱ ଅଧୀନରେ ଅନୁଚ୍ଛେଦ ୪୫ ଅନୁସାରେ ତାଙ୍କୁ ରାଜକ୍ଷମା ଦେଇପାରିବେ।

### ସିଏଏ ପ୍ରତ୍ୟାହାର ...

ସୀତାରାମ ୟେଚୁରୀ କହିଛନ୍ତି, ରାଷ୍ଟ୍ରପତି ହେଉଛନ୍ତି ସମ୍ବିଧାନର ରକ୍ଷକ। ମୋଦି ସରକାରଙ୍କୁ ଏଭଳି ଢଙ୍ଗରେ ସମ୍ବିଧାନ ଉଲ୍ଲଂଘନ ପାଇଁ ସେ ଅନୁମତି ଦେଇପାରିବେ ନାହିଁ। ସେହିପରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଡେରେକ୍ ଓ'ବ୍ରାଏନ୍ କହିଛନ୍ତି, ପୈଶାଚିକ ଓ ବିଭାଜନକାରୀ ଆଇନ ସିଏଏକୁ ପ୍ରତ୍ୟାହାର କରିବା ପାଇଁ ମୋଦି ସରକାରଙ୍କୁ ପରାମର୍ଶ ଦେବା ସକାଶେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛୁ। ଏହି ପ୍ରତିନିଧି ଦଳରେ ସମାଜବାଦୀ ପାର୍ଟି ନେତା ରାମଗୋପାଳ ଯାଦବ, କଂଗ୍ରେସର ଗୁଲାମନବୀ ଆଜାଦଙ୍କ ସମେତ ସିପିଆଇ, ସିପିଆଇଏମ୍, ଡିଏମ୍‌କେ, ଆର୍‌ଜେଡି, ନ୍ୟାଶନାଲ୍ କନ୍‌ଫରେନ୍ସ, ଆଇୟୁଏମ୍‌ଏଲ୍ ଏବଂ ଏଆଇୟୁଡିଏଫ୍‌ର ବରିଷ୍ଠ ନେତାମାନେ ସାମିଲ ହୋଇ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବହୁଜନ ସମାଜ ପାର୍ଟି (ବିଏସ୍‌ପି) ନେତାମାନେ ବୁଧବାର ସ୍ୱତନ୍ତ୍ର ଭାବେ ରାଷ୍ଟ୍ରପତିଙ୍କୁ ଭେଟି ସିଏଏ ପ୍ରତ୍ୟାହାର ଦାବି କରିବେ ବୋଲି ଦଳର ନେତା ଡାନିସ୍ ଅଲି ସୂଚନା ଦେଇଛନ୍ତି।

### କୃଷକଙ୍କ ପାଇଁ ...

୩୬୦ ଡିଗ୍ରୀ ସଂସ୍କାର ଧର୍ମୀ ଲକ୍ଷ୍ୟରେ ଏହି କୃଷି ନୀତି କାର୍ଯ୍ୟକାରୀ ହେବ। ଏଥିରେ ଜଳବାୟୁ ପରିବର୍ତ୍ତନକୁ ବିଶେଷ ଧ୍ୟାନ ଦିଆଯାଇଛି। ଧାନ ସହିତ ଅଧିକ ମୂଲ୍ୟଯୁକ୍ତ ଶସ୍ୟ ଉତ୍ପାଦନ ଉପରେ ମଧ୍ୟ ଏଥିରେ ଗୁରୁତ୍ୱ ଦିଆଯାଇଛି। ଏହି ନୀତିରେ କାଳିଆ ଯୋଜନା ଅନ୍ତର୍ଗତ ୧୮ରୁ ୫୦ ବର୍ଷର ଚାଷୀ ଓ କୃଷି ଶ୍ରମିକଙ୍କୁ ୨ ଲକ୍ଷ ଟଙ୍କାର ଜୀବନ ବୀମା ସହିତ ୨ ଲକ୍ଷ ଟଙ୍କାର ଦୁର୍ଘଟଣାଜନିତ ବୀମା ବ୍ୟବସ୍ଥା ରହିଛି। ସଫଳ କାଳିଆ ହିତାଧିକାରୀଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି। ଜଳବାୟୁ ପରିବର୍ତ୍ତନକୁ ଦେଖି ବିହନ, ସାର ଯୋଗାଣ ଉପରେ ମଧ୍ୟ ଏହି ନୂତନ କୃଷି ନୀତିରେ ଫୋକସ କରାଯାଇଛି।

ସେହିପରି ଉତ୍ତମ ଶାସନ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ପାଇଁ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପଦୋନ୍ନତି ଦେବା ସକାଶେ ରାଜ୍ୟ ସରକାର ଓଡ଼ିଶା ବେସାମରିକ ସେବା(ଅଗ୍ରାଧିକାର ଭିତ୍ତିରେ ପଦୋନ୍ନତି) ନିୟମାବଳୀ-୨୦୧୯ କାର୍ଯ୍ୟକାରୀ କରିଛନ୍ତି। ଏହି ନିୟମ ପ୍ରଣୟନ ହେଲେ ବିଶେଷ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ପାଇଁ ବ୍ୟାଚ କିମ୍ବା ଆବଣ୍ଟିତ ବର୍ଷକୁ ଅପେକ୍ଷା ନ କରି ପଦୋନ୍ନତି ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରୀ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ସହିତ ଜନସେବା ପ୍ରତି ନିଷ୍ଠାପର ସେବା ପାଇଁ ୫-ଟି କାର୍ଯ୍ୟକ୍ରମ ଘୋଷଣା କରିଥିଲେ। ଯେଉଁ ଅଧିକାରୀ ଓ କର୍ମଚାରୀ ଉତ୍ତମ ପ୍ରଦର୍ଶନ କରିବେ ସେମାନଙ୍କୁ ପୁରସ୍କୃତ କରାଯିବା ସହ ଆଗୁଆ ପଦୋନ୍ନତି ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଏହି ଘୋଷଣାକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ଓଡ଼ିଶା ବେସାମରିକ ସେବା (ଅଗ୍ରାଧିକାର ଭିତ୍ତିରେ ପଦୋନ୍ନତି) ନିୟମାବଳୀ-୨୦୧୯ କାର୍ଯ୍ୟକାରୀ କରିଛନ୍ତି। ମଙ୍ଗଳବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୮ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ସକାଶେ ଅଶାନ୍ତି ଅନୁଭବ କରିପାରନ୍ତି। ଫଳରେ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ବରାଦ ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ** କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଆକସ୍ମିକ ଭାବରେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ। ବ୍ୟବସାୟ କ୍ଷେତ୍ରରେ ଯାନବାହନ, ଦୋକାନ ବାଡି, ସଭା ସମିତିରୁ ଉପକୃତ ହେବେ। ପରିବାରରେ ଏମିତି କେତେକ କଥା ଘଟିପାରେ ଯାହା କି ଅନ୍ୟ ସମ୍ମୁଖରେ କହିପାରିବେ ନାହିଁ। ଆର୍ଥିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ।

**ମିଥୁନ** ଭଲ ସମ୍ପର୍କ ଥିବା ନିଜର ଲୋକମାନେ ଶତ୍ରୁତା କରି କେତେକ କାମ ପାଇଁ ପ୍ରତିବନ୍ଧକ ସାଜିପାରନ୍ତି। ଅନୁଷ୍ଠାନ କ୍ଷେତ୍ର, ସଭାସମିତି, ସଙ୍ଗଠନ, ରାଜନୀତିରେ ଆଲୋଚନା ଅସମାପ୍ତ ରହିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ,ଏଜେନ୍ସି, କଳା,ସାହିତ୍ୟ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ।

**କର୍କଟ** କର୍ମକ୍ଷେତ୍ରରେ କେତେକ ଆକସ୍ମିକ ଅସୁବିଧା ଦେଖାଦେବା କାରଣରୁ ଆଜି ସହଜରେ କାମ ହାସଲ ହେବା କଷ୍ଟକର ହେବ। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ସକାଶେ ପରିବାରରେ ବ୍ୟସ୍ତତା ବଢିପାରେ। ଟଙ୍କା ପଇସା, ନେବା ଆଣିବା, ଦିଆନିଆ କ୍ଷେତ୍ରରେ ସତର୍କ ରହନ୍ତୁ। ପରିଜନଙ୍କ ପୁରାତନ ରୋଗର ପୀଡା ବୃଦ୍ଧି ପାଇପାରେ।

**ସିଂହ** ଆର୍ଥିକ ଅନଟନ କାମକୁ କେତେକାଂଶରେ ଅଟକାଇ ଦେଇପାରେ। ନିଜର ଲୋକମାନଙ୍କ ପରୋକ୍ଷ ବିରୁଦ୍ଧାଚରଣ ହେତୁ ଚିନ୍ତିତ ରହିବାକୁ ପଡିପାରେ। ବ୍ୟବସାୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସଫଳତା ପାଇବେ। ଜମିଜମା ସମ୍ପର୍କୀୟ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିବ।

**କନ୍ୟା** ବନ୍ଧୁଙ୍କ ସହଯୋଗରେ ପାରିବାରିକ ସମସ୍ୟା ସମାଧାନରେ ରାସ୍ତା ଖୋଜିବାହାର କରିବାରେ ସମର୍ଥ ହେବେ। ଲୋକ ଚିହ୍ନିବାରେ ମଉକା ପାଇବେ, ଯାହା କି ଆଗାମୀ ସମୟ ପାଇଁ କାମରେ ଆସିବ। ବହୁତ ଦିନରୁ ସ୍ଥଗିତ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। କଳା, ସାହିତ୍ୟ, କ୍ରୀଡା,ଚଳଚ୍ଚିତ୍ର ତଥା ପରିବହନ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି।

**ତୁଳା** ପରିବାରରେ କୌଣସି ଏକ କାର୍ଯ୍ୟ ସକାଶେ ଆର୍ଥିକ ସ୍ଥିତି ଦୁଶ୍ଚିନ୍ତାର କାରଣ ହୋଇପାରେ। ସଭାସମିତି, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ପାଇବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତି, ଶିଳ୍ପ, ବାଣିଜ୍ୟ, ଯାତ୍ରା, କଚେରି ମାମଲା ବିଷୟରେ ଚିନ୍ତିତ ରହିବାକୁ ପଡିବ।

**ବିଛା** ପରିସ୍ଥିତି କ୍ରମଶଃ ଖରାପ ଦିଗକୁ ଗତି କରୁଥିବା କାରଣରୁ ମନ ଭଲ ରହିବନାହିଁ। ଯାନ ବାହନ, ଗୃହସୀମା, ଦୂର ବନ୍ଧୁ ସଭାସମିତି, ଜମିଜମା, ନିକଟ ସମ୍ପର୍କୀୟ ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ଯାହାକୁ ବେଶି ବିଶ୍ୱାସ କରୁଛନ୍ତି ସେହି ବ୍ୟକ୍ତି ଦ୍ୱାରା ପ୍ରତାରିତ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**ଧନୁ** କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ, ଯାହା କି ଅନର୍ଥର କାରଣ ହୋଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟାର ସରଳ ସମାଧାନ କରିପାରନ୍ତି।

**ମକର** ପରିସ୍ଥିତି ପ୍ରତି ସଜାଗ ରହି କାମ କରିବା ଭଲ ହେବ, ଅନ୍ୟଥା ମାନସିକ ଦୁଶ୍ଚିନ୍ତାରେ ପଡିବେ। ଈର୍ଷାପର ଲୋକ ମାନଙ୍କ ଶତ୍ରୁତା କାରଣରୁ ଭଲ କାମ କଲେ ମଧ୍ୟ ସୁଫଳ ପାଇବା କଷ୍ଟକର ହୋଇପାରେ । ସ୍ତ୍ରୀଙ୍କ ମନୋଯୋଗୀ ଓ ଚିନ୍ତା ସ୍ୱଭାବ ପାଇଁ କ୍ଷୁବ୍ଧ ହେବେ। ସାଙ୍ଗଠନିକ କାର୍ଯ୍ୟ, ଆଇନ ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ।

**କୁମ୍ଭ** ବାରମ୍ବାର ବିଫଳ ମନୋରଥ ହେବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପାରିବାରିକ ସ୍ତରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ଆକସ୍ମିକ କେତେକ ସମସ୍ୟା ଦେଖାଦେବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ପ୍ରବାସରେ ନିଃସଙ୍ଗତା ବୋଧ କରି ମନସ୍ତାପ କରିପାରନ୍ତି।

**ମୀନ** ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି, କିନ୍ତୁ କୌଣସି ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ, ଯାହା କି ସାମୟିକ ଦୁଶ୍ଚିନ୍ତା ସୃଷ୍ଟି କରିବ। ଲେଖାପଢା, ଗବେଷଣା କ୍ଷେତ୍ର, ପ୍ରଶାସନ ତଥା ସଭାସମିତିରେ ସଫଳତା ହାସଲ କରିବେ। ପାଖ ପଡୋଶୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

ଆଜି ପୌଷ କୃଷ୍ଣ ସପ୍ତମୀ ବୁଧବାର, ଡିସେମ୍ବର ୧୮ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, କର୍କଟ ରାଶିର ଘାତବାର, ସକାଳ ଘ.୭।୪୫ମି. ଗତେ ଘ.୮।୨୮ମି. ମଧ୍ୟେ ଅମୃତବେଳା। ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୭।୪୫ମି. ଗତେ ଘ.୮।୨୮ମି. ମଧ୍ୟେ ଅମୃତ ବେଳା। ଘ.୧୦।୨୨ମି. ଗତେ ଘ.୧୧।୪୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧।୪୨ମି. ଗତେ ଘ.୧।୦୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Brahmin Administrator 35/ 5'9", Cuttack searching bride (odisha), 8338083380, 8480611745. D-68934

Alliance required for Handsome Bengali, Kayasta Boy BE, MBA aged about 28 years coming from an affluent family working in non IT (Banking) Company as a Manager in Pune. Contact: 9371076688. D-15703

Khandayat, 5'5", 25 - 30 years, fair, slim, Post Graduate Bride wanted for the 43 years, 5'8", MBA, LLB Groom, having construction business in Bhubaneswar. Contact- 9861022055, 9938219397. D-15785

Wanted Suitable Bride (Patara/ Kapudia) For Self Employed Educated Youth, 31 Years, (No Caste Bar), Contact: 9078109854. D-15735

Deserving Karan groom B.Tech (IIT, Kharagpur), MS, PHD. Working as a Scientist. (Caste-no-bar). Contact: 9861022750. D-68928

କ୍ଷେତ୍ରସନାରୀ ଦୋକାନ LIC, Internet ବିଜିନେସ୍ କରୁଥିବା ବ୍ରାହ୍ମଣ ଘରର 32 ବର୍ଷର ପୁଅ ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 7377701129, jadabanandamohapatra@gmail.com. D-15673

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗୁଡ଼ିଆ, ତେଲି, ଭଣ୍ଡାରି ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68224

**GROOM WANTED**

Kaibarta Govt. Teacher 37/ 5'2", Dhenkanal searching groom. 8338083380, 8480611745. D-68935

Brahmapur ବାସିନ୍ଦା Khandayat CISF ରେ Head Incharge 40 ବର୍ଷ ଝିଅ ପାଇଁ ବରପାତ୍ର ଆବଶ୍ୟକ। 8895398591. D-15783

Divorcee bride Engineer 34, Teacher 30, Railway clerk 42 (caste-no-bar)-7873374269. D-68630

Beautiful Khandayat girl, 1984, 5'4", 27/12, MA, service BBSR/ 1988, 5'3", 14/6, PH.D. Contact: "SWAYAMVAR" 9861501286. D-60857

Divorcee Bengali Kayasta girl, 33+, 13/6, white complex, having son 8years. Early marriage, caste-no-bar. Contact: 9937631537. D-66627

Govt. CESU ଚାକିରିଆ 37 ବୟସ୍କା ବିଧବା କରଣ ଝିଅଙ୍କ ପାଇଁ any-caste ପୁଅ ଦରକାର। 7008080967. D-67921

For Bhandari bride 94/5.4"/ ମୀନ/ +2 Arts and Gudia bride 92/5.2"/ କୁମ୍ଭ/ B.Com. "Akankshyagroup", 7978736177. D-68222

ବୟସ 46,5'.4",B.Com, Govt. job ମାସିକ ଆୟ 60,000/-, ପାଇଁ ଅବିବାହିତ, ଛାଡ଼ପତ୍ରପ୍ରାପ୍ତ, ବିପତ୍ନୀକ ବର ଆବଶ୍ୟକ । ଜାତିବନ୍ଧନ ନାହିଁ। 9009491423. D-15734




India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15784




Rejuvenate and ayurvedic full body massage by smart therapist. 9114402304. D-68904

Refresh your mind and soul with best therapy at Orchid Salon/Spa. 9937287222. D-68722

Ayurvadic full body massage Ladies & gents. Contact: 9861064981. D-68721

Sai herbal spa refresh your body with smart, expert therapist. 7608062524. D-68923

Ayurvedic full body massage ladies & gents smart therapist, 9668814589. D-68723

Full body herbal massage with refreshment expert therapist. 7381239385, 06 742540855. D-68929

Experience full body massage with us (expert). Call: 7377048581, 06742597822. D-68930

Herbal full body massage by smart / expert therapist. Contact: 8338067247. D-68931

Experience winter therapeutic Abhyanga massage feeling refreshing energetic: Appointment-9668374480. D-68932

Ayurvedic full body massage smart boy's therapist home services available-9937929638. D-15701

Newly open full body massage by ladies, gents therapist. 8018656899 D-60858

Ayurvedic full body massage by ladies, gents therapist. 7008773793 D-60859

Take full body therapy. Just call 7852986810. D-68528

Monalisa Massage Club: All types body massage with hiprofile smart lady rooms service available-9708545108. D-15762




**Caterer/ gharka khana/ Tiffin system north indian Lunch & Dinner weekly three days Nonveg with home delivery @ 3500/- per month. Bhubaneswar, for details Contact: 9668732935.** D-67267




**SALE**

Immediatly sale 4BHK Duplex, Bhagabat Sandhan genuine byers, broker excuse, 8458088833. D-48720

ନଖରା ତ୍ରିନାଥବଜାରଠାରେ **SC Plot 1200sqft. 4,44,000/-,** ଘରବାରୀ ପାଚେରୀ ଥାଇ **outright**ରେ ମିଳୁଅଛି- **9348817649, 6371569855.** D-68443

**Bhubaneswar Kesura SBI** କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ **Airport**ରୁ **5k.m** ସୁନ୍ଦରପଦାରେ **plot** ମିଳୁଅଛି- **9078736851.** D-68445

Yellowzone ready to move plot near NH, Pitapalli, Khordha. 9437827966, 7978441564. D-15729

**New Duplex, 3BHK sale at Gudia Pokhari, Bhubaneswar with all amenities plan approved bank finance available 7077598070.** D-68919

Own gharabari corner plot- 2000sqft. for sale. At- Nissan car Showroom, (Bhubaneswar-Cuttack road), 9853273211. D-68933

**Outright plot sale Chhatabar Bypass roadside 3000sqft. 15,00,000/-, in front of Apartment, 9437306208.** D-68447

**11000sqft. single plot near C.V. Raman college, Janla Sqft. 800/- 9438400633.** D-68448

ଭୁବନେଶ୍ୱର ପାହାଳ (ବଙ୍ଗୁଆରୀ) ଓ ନଖରାରେ ସଙ୍ଗେ ସଙ୍ଗେ ଘରକଲା ଭଳି **plot 30'** ରାସ୍ତାଥାଇ ବିକ୍ରି ହେଉଅଛି। **9692712917, 8249728525.** D-68449

**Ready to move 2/3 BHK flat in landmark PH-2, Sundarpada, Big Society, clubhouse, park available. Contact: 9938569014, 9861433014.** D-15661

2BHK simplex 2600000 finishing Hanspal low cost plot available. 7853930213 D-68629

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ଫ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68927

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Construct your building as per your terms and condition. Contact: 9937064680. D-27284




Open back space land for rent at Khandagiri. Contact: 9178310505. D-68728

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ, ବିଚାର ଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ।
- ଭଗବତ୍ ଗୀତା

# ମହିଳା, ଶିଶୁ ବିଭାଗ ଓ ମିଶନ ଶକ୍ତି 'ମୋ ସରକାର'ରେ ସାମିଲ ହେଲା

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ମଙ୍ଗଳବାର ମୋ ସରକାର କାର୍ଯ୍ୟକ୍ରମରେ ସାମିଲ ହୋଇଛି। ଏ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ହିତାଧିକାରୀମାନଙ୍କ ସହିତ ସିଧାସଳଖ ସରକାର କଥା ହେବେ। ବୁଧବାର ଲୋକ ସେବା ଭବନରୁ ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ଅଧୀନରେ ମା' ଓ ଶିଶୁମାନଙ୍କ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ କଲ୍ୟାଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ଏହିସବୁ କାର୍ଯ୍ୟକ୍ରମର ସୁଫଳ ହିତାଧିକାରୀଙ୍କ ପାଖରେ ଠିକ୍‌ଭାବେ ପହଞ୍ଚାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଶିଶୁମାନଙ୍କ ପୁଷ୍ଟି କାର୍ଯ୍ୟକ୍ରମ ସହିତ ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁ ହାର ହ୍ରାସ ଦିଗରେ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ କର୍ମଚାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କ ନିଷ୍ଠାପର ଉଦ୍ୟମ ଦ୍ୱାରା ମମତା କାର୍ଯ୍ୟକ୍ରମ ସାରା ଦେଶରେ ଏକ ମଡେଲ ହୋଇପାରିଛି। ଓଡ଼ିଶାରେ ମିଶନ ଶକ୍ତି କାର୍ଯ୍ୟକ୍ରମ ସୁଦୃଢ଼ ହେବା ସହିତ ମା'ମାନଙ୍କ ସଶକ୍ତୀକରଣ କାର୍ଯ୍ୟକ୍ରମ ଉଦାହରଣ ସୃଷ୍ଟି କରିଛି। ଏହିସବୁ ଭଲ କାମକୁ ଆଗକୁ ଜାରି ରଖିବା ସହିତ ଦୁର୍ନୀତିକୁ କୌଣସି ପରିସ୍ଥିତିରେ ପ୍ରଶ୍ରୟ ନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗର କ୍ଷେତ୍ର କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ହିତାଧିକାରୀଙ୍କ ସନ୍ତୋଷ ହେଉଛି ଯୋଜନାର ସବୁଠାରୁ ବଡ଼ ସଫଳତା। ଲୋକଙ୍କୁ ଉତ୍ତମ ସେବା ଯୋଗାଇବା ହେଉଛି ମୋ ସରକାର କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଲୋକଙ୍କ ମତାମତ ଭିତ୍ତିରେ ହିଁ ସେବା ବ୍ୟବସ୍ଥାକୁ ଅଧିକ ଉନ୍ନତ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭଲ କାମ ପାଇଁ ପ୍ରଶଂସା ଏବଂ ଅବହେଳା ଲାଗି କାର୍ଯ୍ୟାନୁଷ୍ଠାନ କଥା ମଧ୍ୟ ମୁଖ୍ୟମନ୍ତ୍ରୀ ମନେ ପକାଇ ଦେଇଛନ୍ତି।

ଏହି ଅବସରରେ ମନ୍ତ୍ରୀ ଟୁକୁନି ସାହୁ ମୋ ସରକାର କାର୍ଯ୍ୟକ୍ରମର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ସାରା ଦେଶରେ ଏକ ଅଭିନବ ପ୍ରୟାସ। ଏହାର ସଫଳ କାର୍ଯ୍ୟକାରିତା ଉପରେ ବିଶେଷ ଦୃଷ୍ଟି ଦେବା ପାଇଁ ଜିଲାପାଳମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ୫-ଟି ସଚିବ ଭି କାର୍ତ୍ତିକେୟ ପାଣ୍ଡିଆନ ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କୁ ମୋ ସରକାର କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତଭାବେ ବୁଝାଇଥିଲେ। ଏହାସହ ଏହାର ବିଭିନ୍ନ ଦିଗ ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି। ବିଭିନ୍ନ ଅଙ୍ଗନୱାଡ଼ିକୁ ଯୋଗାଇ ଦିଆଯାଉଥିବା ଛତୁଆ କାର୍ଯ୍ୟକ୍ରମରେ କେବଳ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ସାମିଲ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏହାକୁ କଡାକଡିଭାବେ ପାଳନ କରିବାକୁ ସେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଶିଶୁମାନଙ୍କ ଯତ୍ନ ନେଉଥିବା ବିଭିନ୍ନ ଅନୁଷ୍ଠାନଗୁଡିକରେ ଇନସପେକ୍ସନ ରିପୋର୍ଟ ଓ ଗ୍ରାଣ୍ଟ ଇନ ଏଡ ପ୍ରଦାନ ତଥା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଅନ୍ୟ ସର୍ଭିସ ପ୍ରୋଭାଇଡର ମାନଙ୍କ ବିଲ୍ ମଞ୍ଜୁର ଏବଂ ମିଶନ ଶକ୍ତିର ରିଭଲଭିଂ ଫଣ୍ଡ, ଭିତ୍ତିଭୂମି ଫଣ୍ଡ ଆଦି ପ୍ରଦାନ କ୍ଷେତ୍ରରେ ହିତାଧିକାରୀଙ୍କୁ ହଇରାଣ ହରକତ ନ କରିବା ପାଇଁ ପାଣ୍ଡିଆନ ସତର୍କ କରାଇଛନ୍ତି। ଏହିସବୁ କାର୍ଯ୍ୟକ୍ରମ ମୋ ସରକାର କାର୍ଯ୍ୟକ୍ରମ ଅଧୀନରେ ତଦାରଖ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

- ହିତାଧିକାରୀଙ୍କ ସନ୍ତୋଷ ଯୋଜନାର ସଫଳତା: ମୁଖ୍ୟମନ୍ତ୍ରୀ
- ଛତୁଆ କାର୍ଯ୍ୟକ୍ରମରେ ସାମିଲ ହେବେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ: ପାଣ୍ଡିଆନ

## ଜିଲା ଟିଠି
## ପୁରୀ



### ଚକ୍ ଚକ୍ ପୂର୍ବର ଧୂଳି

ବଦଳିଯିବ ଶ୍ରୀକ୍ଷେତ୍ର ଚେହେରା। ପୁରୀ ହେବ ବିଶ୍ୱର ଐତିହ୍ୟ ସହର। ଭକ୍ତ, ପର୍ଯ୍ୟଟକ, ତୀର୍ଥଯାତ୍ରୀଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ ହେବ। ଏମିତି ସ୍ୱପ୍ନ ଦେଖିଛନ୍ତି ରାଜ୍ୟ ସରକାର। ଶ୍ରୀକ୍ଷେତ୍ରକୁ ଦେଶର ଶ୍ରେଷ୍ଠ ପର୍ଯ୍ୟଟନସ୍ଥଳୀ ଭାବେ ଠିଆ କରିବାକୁ ପ୍ରସ୍ତୁତ ହୋଇଛି ଦୀର୍ଘମିଆଦୀ ରୋଡ୍ ମ୍ୟାପ। ଏଥିପାଇଁ ପ୍ରଥମେ ୨୬୫ କୋଟି ଏବଂ ପରେ ୫୦୦ କୋଟି ଟଙ୍କା ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏହି ଅର୍ଥରେ ଭିତ୍ତିଭୂମିର ବିକାଶ, କ୍ଷତିଗ୍ରସ୍ତଙ୍କୁ ଥଇଥାନ, ନୂଆ ବହୁଥାକିଆ ରାସ୍ତା, ସେତୁ, ପାର୍କିଂ, ତୀର୍ଥ ପୁଷ୍କରିଣୀର ପୁନରୁଦ୍ଧାର ଲାଗି ପରିକଳ୍ପନା କରାଯାଇଛି। ପୁଣି ରହିଛି ରାଜ୍ୟର ପ୍ରଥମ ଟ୍ରମ୍ପେଟ ସେତୁ, ଯାହା କି ଶ୍ରୀସେତୁ ନାମରେ ସମସ୍ତଙ୍କ ଆକର୍ଷଣ ସାଜିବ। ଏନ୍‌ଏଚ୍ ବାଇପାସ୍‌ଠାରୁ ଜଗନ୍ନାଥ ବଲ୍ଲଭ ମଠକୁ ଶ୍ରୀସେତୁ ଦ୍ୱାରା ସଂଯୋଗ କରାଯିବ। ଜଗନ୍ନାଥ ବଲ୍ଲଭ ମଠରେ ବହୁତଳ ପାର୍କିଂ ସାଙ୍ଗକୁ ୧୦ ହଜାର ଲୋକଙ୍କ ପାଇଁ ଧ୍ୟାନ କେନ୍ଦ୍ର ନିର୍ମାଣ ହେବ। ମୂଷା ନଦୀର ପୁନରୁଦ୍ଧାର, ଅଠରନଳାର ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣ ସାଙ୍ଗକୁ ପୁରୀରେ ୨୮ ଏକର ଜମିରେ ଏକ ହ୍ରଦର ବିକାଶ କରାଯିବ। ଏମିତି ଶ୍ରୀକ୍ଷେତ୍ରର ବିକାଶ ଚିତ୍ର ଅଙ୍କାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ୭୫ ମିଟର ପରିଧି ମଧ୍ୟରେ ସବୁ ନିର୍ମାଣ ଉଚ୍ଛେଦ ନିଷ୍ପତ୍ତି ହୋଇଛି। ଏହି କାମ ଏବେ ଆଗେଇ ଚାଲିଛି। ତେବେ ସରକାରଙ୍କ ପରିକଳ୍ପନା ଯଦି ସମ୍ପୂର୍ଣ୍ଣ ଭାବେ ବାସ୍ତବତାର ରୂପ ନିଏ ତେବେ ପୁରୀ ସହର ଚକ୍ ଚକ୍ ଦେଖାଯିବ। ସବୁଆଡେ ବିକାଶର ଚିତ୍ର ଝଲସିବ। ହେଲେ ଏହି ଚକ୍ ଚକ୍ ପୂର୍ବର ଧୂଳିକୁ ନେଇ ଏବେ ଚାଲିଛି ଚର୍ଚ୍ଚା। ଶ୍ରୀମନ୍ଦିର ସୁରକ୍ଷା ଏବଂ ପୁରୀ ସହରର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ଚାଲିଛି ଉଚ୍ଛେଦ ଅଭିଯାନ। ପ୍ରଥମେ ମେଘନାଦ ପାଚେରିକୁ ଲାଗି ରହିଥିବା ସବୁ ନିର୍ମାଣ ଭଙ୍ଗା ଯାଇଥିଲା। ପରେ ପରେ ଏହି ଭଙ୍ଗା ଅଭିଯାନ ଜୋର୍ ଧରିଛି। ବଳିଆପଣ୍ଡାସ୍ଥିତ ଯାତ୍ରିକା, ମାର୍କେଟ ଛକସ୍ଥିତ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ, ମୋଚିସାହି ଛକସ୍ଥିତ ମହୋଦଧି ମାର୍କେଟ କମ୍ପ୍ଲେକ୍ସ ଭଙ୍ଗାଯାଇଛି। ସେହିପରି ଶ୍ରୀମନ୍ଦିର ସୁରକ୍ଷା ଜୋନ ମଧ୍ୟରେ ଆସୁଥିବା ମଠଗୁଡ଼ିକ ମଧ୍ୟରୁ ଲଙ୍ଗୁଳି, ଏମାର, ବଡ଼ଆଖଡା, ମଙ୍ଗୁ ଏବଂ ସାନଛତା ଭଙ୍ଗା ସରିଥିବା ବେଳେ ଘରୋଇ କୋଠାକୁ ବି ଉଚ୍ଛେଦ କରାଯାଉଛି। ତେବେ ଏହି ଉଚ୍ଛେଦ ସମୟରେ ପ୍ରବଳ ମାତ୍ରାରେ ଧୂଳି ଉଡୁଛି। ପ୍ରାୟ ୫୦୦ ମିଟର ପରିଧି ମଧ୍ୟରେ ସବୁଠି ଧୂଳିର ଆସ୍ତରଣ ଜମୁଛି। ଗାଡି ହେଉ ଅବା ଘର କିମ୍ବା ଦୋକାନ ଉପରେ ଦେଖିବାକୁ ମିଳୁଛି ଉଚ୍ଛେଦ ପରର ଧୂଳି। ଏହି ଧୂଳିକୁ ଦେଖି ସହରବାସୀ ପରସ୍ପର ମଧ୍ୟରେ କୁହାକୁହି ହେଉଛନ୍ତି ଏହା ଚକ୍‌ଚକ୍ ପୂର୍ବର ଧୂଳି।

– ହେମନ୍ତ ନାୟକ

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଦେବାଶିଷ ମାନସ ରଞ୍ଜନ ମହାନ୍ତି



ଅଳକା କୁମାରୀ



ସସ୍ମିତା କୁମାରୀ ବେହେରା



ନିଖିଳ କୁମାର ଓଝା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# 'ବ୍ରହ୍ମୋସ୍'ର ଦୁଇଥର ବ୍ୟବହାରିକ ପରୀକ୍ଷଣ

ବାଲେଶ୍ୱର ଅଫିସ, ୧୭।୧୨

ବାଲେଶ୍ୱର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜ(ଆଇଟିଆର) ପକ୍ଷରୁ ମଙ୍ଗଳବାର ସୁପରସୋନିକ୍ କ୍ରୁଜ୍ ମିଶାଇଲ୍ 'ବ୍ରହ୍ମୋସ'ର ଦୁଇଥର ବ୍ୟାବହାରିକ ପରୀକ୍ଷଣ କରାଯାଇଛି। ପୂର୍ବାହ୍ନ ୮ଟା ୪୫ ମିନିଟ୍‌ରେ ଚାନ୍ଦିପୁର ଟେଷ୍ଟ ରେଞ୍ଜରୁ ଭୂପୃଷ୍ଠରୁ ଭୂପୃଷ୍ଠକୁ ଏବଂ ଅପରାହ୍ନ ସାଢ଼େ ୩ଟାରେ ପଶ୍ଚିମବଙ୍ଗର ପଶ୍ଚିମମେଦିନୀପୁର ଜିଲା କଲେଇକୁଣ୍ଡା ଏୟାରଫୋର୍ସ ଷ୍ଟେଶନରେ ବିମାନ ଯୋଗେ ଆକାଶମାର୍ଗରୁ ଭୂପୃଷ୍ଠକୁ ଏହାକୁ ଉତ୍କ୍ଷେପଣ କରାଯାଇଥିଲା। ଦୁଇଥର ଯାକ ପରୀକ୍ଷଣ ସଫଳ ହୋଇଥିବା ସୂଚନା ମିଳିଛି।

ପୂର୍ବାହ୍ନ ୮ଟା ୪୫ ମିନିଟ୍‌ରେ ପ୍ରଥମେ ଆଇଟିଆର ୩ନମ୍ବର ଲଞ୍ଚ ପ୍ୟାଡ୍‌ରୁ ଏହି କ୍ଷେପଣାସ୍ତ୍ରକୁ ଉତ୍‌କ୍ଷେପଣ କରାଯାଇଥିଲା। ଉପସ୍ଥିତ ବୈଜ୍ଞାନିକ ଓ ବିଶେଷଜ୍ଞମାନେ ଏହି ପରୀକ୍ଷା କାର୍ଯ୍ୟକୁ ନିରୀକ୍ଷଣ କରିଥିଲେ। ପରେ ଅପରାହ୍ନ ସାଢ଼େ ୩ଟାରେ ବାଲେଶ୍ୱରଠାରୁ ୧୪୭କି.ମି. ଦୂର କୋଲେଇକୁଣ୍ଡାରୁ ସୁଖୋଇ-୩୦ ବିମାନ ଯୋଗେ ଏହାକୁ ଆକାଶମାର୍ଗରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇଥିଲା।

'ବ୍ରହ୍ମୋସ' କ୍ଷେପଣାସ୍ତ୍ରର ଏହା ହେଉଛି ଅପଡେଟେଡ୍ ଭର୍ସନ। ଏଥିରେ 'ଲାଇଫ୍ ଏକ୍ସଟେନସନ୍ ଟେକ୍ନୋଲୋଜି' ବ୍ୟବହାର କରାଯାଇଛି। ପୂର୍ବରୁ ଲକ୍ଷ୍ୟଭେଦ କ୍ଷମତା ଥିଲା ୨୯୦ କି.ମି.। ଏବେ ପ୍ରଥମଥର ପାଇଁ କ୍ଷେପଣାସ୍ତ୍ରରେ ଲକ୍ଷ୍ୟଭେଦ କ୍ଷମତାକୁ ପରିବର୍ଦ୍ଧିତ କରାଯାଇଛି, ଯାହାକି ୪ଶହ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଉଭୟ ଭାରତ ଓ ରୁଷିଆ ମିଳିତ ସହଯୋଗରେ ଏହାକୁ ନିର୍ମାଣ କରାଯାଇଛି। 'ବ୍ରହ୍ମୋସ'କୁ ବିଧ୍ୱଂସକାରୀ କ୍ଷେପଣାସ୍ତ୍ର ଭାବେ ବ୍ୟବହାର କରାଯାଇ ପାରିବ। ଏହା ଶତ୍ରୁପକ୍ଷର ଯେକୌଣସି କ୍ଷେପଣାସ୍ତ୍ରକୁ ଧ୍ୱଂସ କରିଦେବା କ୍ଷମତା ରଖିଛି। ୮.୪ ମିଟର ଲମ୍ବ ଓ ୦.୬ ମିଟର ଓସାର ବିଶିଷ୍ଟ ଏହି କ୍ଷେପଣାସ୍ତ୍ର ୨.୫ ଟନ୍ ପର୍ଯ୍ୟନ୍ତ ଉଭୟ ଅଣୁ ଓ ପରମାଣବିକ ଯୁଦ୍ଧାସ୍ତ୍ର ବହନ କରିପାରିବ। ଏହା ପବନର ବେଗଠାରୁ ୨.୮ ରୁ ୩ ମାର୍ଚ୍ଚ ସ୍ପିଡରେ ଗତିକରି ଲକ୍ଷ୍ୟଭେଦ କରିପାରିବ।






# ନିରଞ୍ଜନ ସେଠୀଙ୍କୁ ଶ୍ରେଷ୍ଠ ପ୍ରଶାସକ ସମ୍ମାନ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀଙ୍କୁ ଶ୍ରେଷ୍ଠ ପ୍ରଶାସକଭାବେ ସମ୍ମାନିତ କରାଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ଅନୁଷ୍ଠାନର ସାଧାରଣ ସଂପାଦକ ଦିଲୀପ କୁମାର ଦାସ ଏବଂ ଅନୁଷ୍ଠାନର ଲୋକସମ୍ପର୍କ ବିଭାଗର ସମ୍ପାଦକ କମଳାକାନ୍ତ ଦାଶ ସୋମବାର ସେଠୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଗତ ୧୫ ତାରିଖରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ଅନୁଷ୍ଠାନର ୧୯ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ସେ ଅନୁପସ୍ଥିତ ଥିବା ଯୋଗୁ ତାଙ୍କୁ ଭୁବନେଶ୍ୱରରେ ସ୍ୱତନ୍ତ୍ରଭାବେ ୨୦୧୯ ମସିହା ଲାଗି ଶ୍ରେଷ୍ଠ ପ୍ରଶାସକଭାବେ ପୁରସ୍କୃତ କରାଯାଇଥିଲା। ଜଗତ୍‌ସିଂହପୁର ଜିଲା ବାଲିକୁଦାସ୍ଥିତ ଡୋଭାଳ ଗ୍ରାମରେ ଜନ୍ମଗ୍ରହଣ କରିଥିବା ସେଠୀ ୧୯୮୮ରୁ ଓଡ଼ିଶା ସୂଚନା ସେବାରେ ଯୋଗଦେଇଥିଲେ। ଏହା ପରଠାରୁ ଜଣେ ନିଷ୍ଠାପର ଅଧିକାରୀ ଭାବେ ସେ ଆଜି ପର୍ଯ୍ୟନ୍ତ କାମ କରୁଛନ୍ତି। ଜଣେ ସୁପ୍ରଶାସକ ସହ ଜଣେ ସୁଲେଖକଭାବେ ମଧ୍ୟ ତାଙ୍କ ଖ୍ୟାତି ରହିଛି। 'ସକାଳ ମଧ୍ୟାହ୍ନ ଓ ଅପରାହ୍ନ' ଏବଂ 'ଶୂନ୍ୟମୋହ' ଭଳି ସଂକଳନ ସହ 'ମାଟିର ମାନଚିତ୍ର' ଭଳି ସାମାଜିକ ଉପନ୍ୟାସ ପ୍ରକାଶ କରି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି।



ନିରଞ୍ଜନ ସେଠୀ ମାନପତ୍ର ଓ ଟ୍ରଫି ଗ୍ରହଣ କରୁଛନ୍ତି।

ଓଡ଼ିଶା ସମବାୟ ଗୃହ ନିର୍ମାଣ ନିଗମ ପରିଚାଳନା ପରିଷଦ ମାମଲା

## ହାଇକୋର୍ଟଙ୍କ ରେକର୍ଡପତ୍ର ତଲବ

କଟକ ଅଫିସ,୧୭।୧୨- ଓଡ଼ିଶା ସମବାୟ ଗୃହ ନିର୍ମାଣ ନିଗମର ପରିଚାଳନା ପରିଷଦକୁ ରଦ୍ଦ କରାଯିବା ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ରେଜିଷ୍ଟ୍ରାରଙ୍କ ପକ୍ଷରୁ ନିଗମର ପରିଷଦକୁ ଅସାମ୍ବିଧାନିକ ଭାବେ ରଦ୍ଦ କରାଯାଇଥିବା ନେଇ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଉକ୍ତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ସରକାରଙ୍କଠାରୁ ସମସ୍ତ କାଗଜପତ୍ର ତଲବ କରିଛନ୍ତି। ଆସନ୍ତା ଶୁକ୍ରବାର ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ଅଶୋକ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି। ପୂର୍ବ ଶୁଣାଣିରେ ହାଇକୋର୍ଟ ପରିଚାଳନା ପରିଷଦ ରଦ୍ଦ ନିଷ୍ପତ୍ତି ଉପରେ ରହିତାଦେଶ ଜାରି କରିଥିଲେ।




# ୨୦ରୁ ଶୀତ ବଢ଼ିବ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ଆସନ୍ତା ୨ରୁ ୩ଦିନ ମଧ୍ୟରେ ରାଜ୍ୟରେ ଶୀତ ବଢ଼ିବ। ସ୍ୱାଭାବିକ ସର୍ବନିମ୍ନ ତାପମାତ୍ରା ଠାରୁ ଏବେ ୨ ଡିଗ୍ରୀ କମ୍ ତାପମାତ୍ରା ଥିବାବେଳେ ସେପ୍ଟେମ୍ବର ୨୦ ସୁଦ୍ଧା ବିଭିନ୍ନ ଜିଲାରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିବ। ବୁଧବାର ଢେଙ୍କାନାଳ, କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ, ଅନୁଗୋଳ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ବଲାଙ୍ଗୀର ଏବଂ କଟକ ଜିଲାର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ଦେଖାଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହି ୧୦ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବାବେଳେ ସକାଳ ସମୟରେ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ରାଜ୍ୟର ସମସ୍ତ ଅଞ୍ଚଳରେ ପାଗ ଶୁଖିଲା ରହିବା ସହ ଉତ୍ତରା ପବନ ବହିବା ଯୋଗୁ ଅଧିକ ଶୀତ ଅନୁଭୂତ ହେବ। ସୋମବାର ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ଯାଜପୁର, ଗଜପତି, କନ୍ଧମାଳ ଏବଂ କୋରାପୁଟ ଜିଲାରେ ଘନ କୁହୁଡ଼ି ଦେଖିବାକୁ ମିଳିଥିଲା। ସକାଳ ପ୍ରାୟ ୯ଟା ପର୍ଯ୍ୟନ୍ତ କୁହୁଡ଼ି ଲାଗି ରହିଥିବାବେଳେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ସୋମବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ଥିବାବେଳେ ଭୁବନେଶ୍ୱରରେ ୧୮.୧ ଡିଗ୍ରୀ, ପୁରୀରେ ୧୮.୪, କଟକରେ ୧୬.୨, ଫୁଲବାଣୀରେ ୧୧, ସୁନ୍ଦରଗଡ଼ରେ ୧୨ ଏବଂ କୋରାପୁଟରେ ୧୨.୬ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା।






ନରନାରୀଙ୍କୁ ଭଲ ପାଇବା-ପଦାର୍ଥକୁ ଭଲ ପାଇବା-କୁଟୁମ୍ବ ପରିଜନଙ୍କୁ ଭଲ ପାଇବା-ଦେଶକୁ-ମାନବ ଜାତିକୁ-ଜୀବଜନ୍ତୁ ପ୍ରଭୃତିଙ୍କୁ ଭଲ ପାଇବା ଏ ସବୁ ଭଲ ପାଇବା- ହେଲା ଭଗବାନଙ୍କୁ ଭଲ ପାଇବାର ପ୍ରତିବିମ୍ବ ସେହିସବୁ ଜୀବନ୍ତ ମୂର୍ତ୍ତିଗୁଡ଼ିକ ଭିତରେ। ଭଲପାଅ। ବଳବୀର୍ଯ୍ୟବନ୍ତ ମଣିଷ ଭଳି ସମସ୍ତଙ୍କୁ ଭଲପାଅ ଓ ଆନନ୍ଦ ଅନୁଭବ କର। ସାହାଯ୍ୟକର ସମସ୍ତଙ୍କୁ। ଚିରକାଳ ପାଇଁ ଭଲପାଅ। -ଶ୍ରୀଅରବିନ୍ଦ



# ଅରୁଚିକର

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯ରେ ବାକ୍ ସ୍ୱାଧୀନତା ବିଷୟରେ ଉଲ୍ଲେଖ କରାଯାଇଛି। ଜଣେ ବ୍ୟକ୍ତି ବିନା ଭୟରେ ନିଜର ଅଭିବ୍ୟକ୍ତି ପ୍ରକାଶ କରିପାରିବେ। କିନ୍ତୁ ନିର୍ଦ୍ଦିଷ୍ଟ ସୀମା ବାହାରକୁ ଗଲେ ତାହା ଦଣ୍ଡନୀୟ। ଏବେ ବଲିଉଡ୍ ଅଭିନେତ୍ରୀ ପାୟଲ ରୋହତଗୀ ସୋସିଆଲ ମିଡିଆରେ ନେହେରୁ-ଗାନ୍ଧୀ ପରିବାର ବିଷୟରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇପଡ଼ିଛନ୍ତି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ପିତା ମୋତିଲାଲ ନେହେରୁଙ୍କ ଉପରେ ଏକ ଭିଡିଓ ପ୍ରସ୍ତୁତ କରି ତାହାକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଥିଲେ। ସେଥିରେ ସେ ଜବାହରଲାଲଙ୍କୁ ମୋତିଲାଲଙ୍କ ପୁଅ ବୋଲି ଦର୍ଶାଇ ନାହାନ୍ତି। ମୋତିଲାଲଙ୍କୁ ଜବାହରଙ୍କ ପାଳିତ ପିତା ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ମୋତିଲାଲଙ୍କ ୫ ସ୍ତ୍ରୀ ଥିଲେ। ଜବାହରଙ୍କ ପ୍ରକୃତ ପିତା ଥିଲେ ମୁବାରକ୍ ଅଲ୍ଲୀ। ସେହିପରି ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ଓ ସଞ୍ଜୟ ଗାନ୍ଧୀଙ୍କ ପ୍ରକୃତ ପିତା ଓ ମାତାଙ୍କ ବିଷୟରେ ପାୟଲ ଅଶାଳୀନ ମନ୍ତବ୍ୟ ଦେଇଛନ୍ତି। ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଏହି ଭିଡିଓ ଦେଖିଲେ ମନେହେଉଛି ଯେପରି ସେହି ପରିବାରର ସବୁ ମୃତବ୍ୟକ୍ତି ଜାରଜ ସନ୍ତାନ ଥିଲେ। ତେବେ ପାୟଲ ଏସବୁ ତଥ୍ୟ ଜବାହରଲାଲଙ୍କ ବ୍ୟକ୍ତିଗତ ସହାୟକ ଥିବା ଏମ୍.ଓ (ମୁଣ୍ଡାପାଲିଲ୍ ଓମେନ୍)ଙ୍କ ଜୀବନୀରୁ ସଂଗ୍ରହ କରିଥିବା କହିଛନ୍ତି। ଏହା ଏବେ ମଧ୍ୟ ସୋସିଆଲ ମିଡିଆରେ ଉପଲବ୍ଧ ହେଉଛି। ଏହିପରି ବହୁ ବିବାଦୀୟ କଥା ନେହେରୁ-ଗାନ୍ଧୀ ପରିବାର ଉପରେ କହିଥିବାରୁ ରାଜସ୍ଥାନର ବୁନ୍ଦି କୋର୍ଟ ପାୟଲଙ୍କୁ ବୁନ୍ଦି କେନ୍ଦ୍ରୀୟ ଜେଲ୍‌କୁ ୯ ଦିନିଆ ରିମାଣ୍ଡରେ ପଠାଇ ଦେଇଥିଲେ। ତେବେ ତାଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ, ଏମ୍.ଓଙ୍କ ଜୀବନୀରୁ ପାୟଲ ତଥ୍ୟ ଉଦ୍ଧୃତ କରି ଭିଡିଓ ପ୍ରସ୍ତୁତ କରିଥିବାରୁ ତାହା ବାକ୍ ସ୍ୱାଧୀନତା ଅଧୀନରେ ଆସୁଛି। ତେଣୁ ତାଙ୍କୁ ଛଡ଼ାଯିବା ଦରକାର। ବାକ୍ ସ୍ୱାଧୀନତା ମୌଳିକ ଅଧିକାରଭୁକ୍ତ ହୋଇଥିବାରୁ ସେହି ଆଧାରରେ ପାୟଲଙ୍କୁ ୧୭ ଡିସେମ୍ବରରେ ଜାମିନ ମିଳିପାରିଛି।

ବାସ୍ତବରେ ଯେଉଁମାନେ ପାୟଲଙ୍କ ଦ୍ୱାରା ପୋଷ୍ଟ କରାଯାଇଥିବା ଭିଡିଓ ଦେଖିଥିବେ, ସେମାନେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ସେ ଡଗଡଗ ହୋଇ ଯେଉଭଳି ନେହେରୁ-ଗାନ୍ଧୀ ପରିବାରର କୁତ୍ସାରଟନା କରୁଛନ୍ତି, ସେଥିରୁ ଯେକେହି ଭାବିବେ ଯେ ପାୟଲ ସେହି ପରିବାର ବିଷୟରେ ସତେଯେମିତି ସବୁକିଛି ଜାଣିଛନ୍ତି। ଉକ୍ତ ପରିବାର ଉପରେ ଗବେଷଣା କରି ତଥ୍ୟ ଉପସ୍ଥାପନା କରୁଛନ୍ତି। ପ୍ରକୃତ ବିଷୟ ହେଉଛି, ଚର୍ଚ୍ଚାରେ ରହିବା ଲାଗି ଏହିଭଳି ବ୍ୟକ୍ତିମାନେ ଆଗଭର ହୋଇଥାଆନ୍ତି। ସାମାଜିକ ପ୍ରତିବଦ୍ଧତା ନ ଥିବା ପାୟଲମାନେ କ୍ଷଣିକ ପ୍ରସିଦ୍ଧି ପାଇବା ସକାଶେ ଅନ୍ୟମାନଙ୍କୁ ନିନ୍ଦା କରିବାକୁ ପଛାଇ ନ ଥାଆନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ଏହି ଭିଡିଓ ପ୍ରସ୍ତୁତ କରିବା ଲାଗି ସେ ନିଜଆଡୁ ପଦକ୍ଷେପ ନେଇଛନ୍ତି ନା ଅନ୍ୟ କାହା ଦ୍ୱାରା ପ୍ରରୋଚିତ ହୋଇଛନ୍ତି। ଏଥିଲାଗି ସେ ଯେଉଁଠାରୁ ଖୋରାକ ପାଇଥିଲେ ମଧ୍ୟ କାହା ବିଷୟରେ ବ୍ୟକ୍ତିଗତ ଭାବେ ନ ଜାଣି ଉପରଠାଉରିଆ ମତ ରଖିବା ଅସୁନ୍ଦର ପରିସ୍ଥିତି ସୃଷ୍ଟି କରୁଛି। ଅବଶ୍ୟ ପାୟଲ ଏବେ ଭାରତରେ ଚାଲିଥିବା ରାଜନୈତିକ ସ୍ଥିତିରୁ ଫାଇଦା ଉଠାଇବାକୁ ଚାହୁଁଛନ୍ତି। ସେହି ଭଦ୍ରମହିଳା ବମ୍ବେ ସିନେମା ଜଗତରେ ସାମିଲ ହେବା ପାଇଁ ଉଦ୍ୟମ କରି ଅସଫଳ ହୋଇଛନ୍ତି। ଏଭଳି ଭିଡିଓ କରିବା ଦ୍ୱାରା ତାଙ୍କୁ ଅଚିହ୍ନା ନାଗରିକତ୍ୱରୁ ଜଣେ ପରିଚିତ ବ୍ୟକ୍ତି କରାଇଦେଉଛି। ଯେତେବେଳେ ଦେଶର ମଙ୍ଗ ଧରିଥିବା ରାଜନୈତିକ ବ୍ୟକ୍ତିମାନେ ଦେଶବାସୀଙ୍କୁ ଭୁଆଁ ବୁଲାଇବା ପାଇଁ କେବଳ ଅତୀତର ତ୍ରୁଟିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି, ସେତେବେଳେ ପାୟଲଙ୍କ ଭଳି ଯୁବତୀ ନିଜର ପରିଚୟ ସୃଷ୍ଟି କରିବାର ଉଦ୍ୟମ କରିବା ଅସ୍ୱାଭାବିକ ନୁହେଁ।

ନେହେରୁ-ଗାନ୍ଧୀ ପରିବାରର ପ୍ରଶଂସା କରିବା ଆବଶ୍ୟକତା ନାହିଁ। ପ୍ରତ୍ୟେକ ମଣିଷ ତା' ଜୀବନ ସମୟର ପରିବେଶ, ଶିକ୍ଷା, ଜ୍ଞାନ ଏବଂ ଅଭିଜ୍ଞତାରୁ କାର୍ଯ୍ୟ କରିଥାଏ। ମଣିଷମାତ୍ରକେ ତ୍ରୁଟି କରିବା ସ୍ୱାଭାବିକ। ଆମେ ନିଜେ କ୍ଷୁଦ୍ର ମଣିଷ ହୋଇ ମଧ୍ୟ ଅନେକ ସମୟରେ ଭୁଲ କରି ବସିବା ସହିତ ପଛବୁଦ୍ଧିଆ ହୋଇ ଚିନ୍ତାକରୁ ଯେ, ଅମୁକ କହିଥିଲେ ବା ସମୁକ କରିଥିଲେ ଅଧିକ ଭଲ ହୋଇଥାଆନ୍ତା। ଅର୍ଥାତ୍ ଇତିହାସକୁ ସମାଲୋଚନା କରିବା ପୂର୍ବରୁ ଅତୀତର ଜୀବନଶୈଳୀ ଓ ସ୍ଥିତି ସମ୍ପର୍କରେ ଜ୍ଞାନ ଆହରଣ କରିବା ଦରକାର। ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି, ଭବିଷ୍ୟତକୁ କେଉଁଭଳି ଉଜ୍ଜ୍ୱଳ କରିହେବ। ଏହାବ୍ୟତୀତ ଭାରତୀୟ ସଂସ୍କୃତିରେ କେବଳ ନୁହେଁ, ସମଗ୍ର ପୃଥିବୀର ମାନବଜାତି ବିଶ୍ୱାସ କରେ ଯେ ମୃତବ୍ୟକ୍ତିଙ୍କ କୁତ୍ସାରଟନା କରିବା ଅରୁଚିକର। ସେଥିପାଇଁ କେବଳ ପାୟଲ ରୋହତଗୀ ନୁହେଁ, ଆଜିର କ୍ଷମତାସୀନ ନେତୃବୃନ୍ଦ ଦେଶର ନାଗରିକର ଭବିଷ୍ୟତକୁ ପ୍ରାଧାନ୍ୟ ଦେବା ପରିବର୍ତ୍ତେ ଅତୀତରୁ କେବଳ କୁତ୍ସାରଟନା କରୁଥିବା ହେତୁ ଏହା ଆମର ସଂସ୍କୃତି ଓ ପରମ୍ପରା ବିରୋଧୀ।

## ଚିରନ୍ତନୀ

ମରମେ ବାଜିଛି ଜଗତଯାକର ବ୍ୟଥା,
ଫାଶୀକାଠ ପାଖେ ସିଧା ରଖିଅଛ ମଥା।
ନଇଁବା କେମନ୍ତ କେବେ ତ ଶିଖିଲ ନାହିଁ,
ଜାଣିଲ ନାହିଁ ତ ପଛକୁ କେସନ ଚାହିଁ,
ନ ବୁଝିଲ କିଆଁ ମଣିଷ ହୁଅଇ ଭୀତ
ରହିଲ ଅନୁଆଁ ଆମରଣ ଅବିନୀତ।

(ତୁମେଟି ଚାଲିବା ଜାଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | B | | 8 | C | 1 | | 4 | | 5 | | D | | |
| | | E | B | | | | | | | | 3 | | | |
| | 1 | | 7 | E | | 8 | | 6 | | 9 | | B | C | A |
| 3 | | | | | | | D | A | | | | | | |
| | 4 | A | | | 5 | C | | | | | | E | | |
| B | | | | 7 | D | | | | | | | | 2 | 1 |
| 7 | | 1 | | | | 2 | | | C | A | 4 | | 9 | |
| | | | | 0 | | | 5 | | | 8 | 7 | | | |
| | | 2 | | | | | 8 | | | | | 0 | 3 | |
| E | D | 5 | | 2 | 6 | | | | B | | | A | | C |
| 1 | | | | A | B | | | | | | 6 | | | 7 |
| D | | | E | | | | | | 8 | | | 9 | | |
| | A | | 6 | | | 0 | | | 9 | | 2 | 1 | | |
| | 5 | 8 | | 3 | | | | 9 | | | | | A | B |
| | | 9 | | | | | | 3 | E | | | 2 | D | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 8 | 5 | 3 | 9 | 1 | 2 | B | E | C | 6 | 4 | 0 | D | A |
| C | 0 | D | 5 | 6 | 2 | 8 | 1 | 3 | A | E | B | 7 | 9 | 4 |
| 1 | E | 4 | 8 | D | C | 9 | A | 0 | 3 | 2 | 7 | 6 | 5 | B |
| B | 3 | A | E | 4 | 7 | 5 | D | 6 | 8 | 0 | 9 | 1 | C | 2 |
| 2 | 6 | 9 | B | 0 | A | C | 4 | 7 | D | 5 | 1 | 3 | 8 | E |
| 6 | 1 | 7 | A | B | 8 | D | 2 | 5 | E | C | 0 | 9 | 4 | 3 |
| 5 | D | C | 6 | 1 | 9 | 4 | 0 | 8 | 2 | B | 3 | A | E | 7 |
| 3 | 4 | 2 | D | 7 | E | A | 6 | C | 1 | 9 | 8 | B | 0 | 5 |
| 8 | A | B | 0 | 3 | 5 | 1 | E | 9 | 7 | 4 | D | 2 | 6 | C |
| E | 9 | 0 | C | 2 | 4 | 3 | 7 | B | 6 | A | 5 | D | 1 | 8 |
| A | C | 3 | 4 | E | 0 | B | 8 | 2 | 9 | 1 | 6 | 5 | 7 | D |
| 9 | 2 | 6 | 7 | 5 | D | 0 | C | 4 | B | 3 | E | 8 | A | 1 |
| 0 | 7 | 1 | 2 | A | B | E | 9 | D | 5 | 8 | C | 4 | 3 | 6 |
| D | B | E | 9 | 8 | 3 | 6 | 5 | 1 | 4 | 7 | A | C | 2 | 0 |
| 4 | 5 | 8 | 1 | C | 6 | 7 | 3 | A | 0 | D | 2 | E | B | 9 |

ଗତକାଲିର ଉତ୍ତର

# ଆକ୍ରୋଶ: ସଡ଼କରୁ ସଂସଦ



ଅରୁଣ କୁମାର ପଣ୍ଡା

ଆନ୍ଧ୍ରପ୍ରଦେଶର ଚଟ୍ଟନପଲ୍ଲୀଠାରେ ଜଣେ ୨୫ ବର୍ଷ ବୟସ୍କ ମହିଳା ପ୍ରାଣୀ ଡାକ୍ତରଙ୍କୁ ଚାରିଜଣ ଯୁବକ ଗଣବଳାତ୍କାର ପରେ କିରୋସିନ ଢାଳି ନିଆଁ ଲଗାଇ ମାରିଦେବା ଘଟଣା ଦେଶରେ ଯେତିକି ଚାଞ୍ଚଲ୍ୟ ସୃଷ୍ଟି କରି ନ ଥିଲା, ଏହି ଜଘନ୍ୟ ଓ ଅମାନବୀୟ କାଣ୍ଡର ସାତଦିନ ପରେ ଡିସେମ୍ବର ୬ ତାରିଖରେ ଠିକ୍ ସେହି ସ୍ଥାନରେ ଅଭିଯୁକ୍ତ ଚାରିଜଣଙ୍କୁ ତଦନ୍ତକାରୀ ପୋଲିସ ଏନ୍‌କାଉଣ୍ଟର କରି ମାରିଦେବା ତତୋଽଧିକ ଚର୍ଚ୍ଚାର ବିଷୟ ହୋଇଛି। ଦୁଇଜଣ ଅଭିଯୁକ୍ତ ପୋଲିସଠାରୁ ପିସ୍ତଲ ଛଡ଼େଇନେଇ ଫାୟାରିଂ କରିବା ଏବଂ ଏଥିରେ ଦୁଇଜଣ ପୋଲିସ ଗୁରୁତର ଆହତ ହେବା ପରେ ପୋଲିସ ଆତ୍ମରକ୍ଷା ପାଇଁ ସେହି ଚାରିଜଣ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର କରି ମାରିଦେଲା ବୋଲି ପୋଲିସ କହିବା ପରେ ଦେଶର ଅନେଶତ ପ୍ରତିଶତ ଲୋକ ଏହାକୁ ବୀରୋଚିତ କାର୍ଯ୍ୟ କହି ପ୍ରଶଂସା କରୁଥିବା କଲେ। କେବଳ ସାଂସଦ ମାନେକା ଗାନ୍ଧୀଙ୍କ ପରି କେତେଜଣ ଏହା ମାନବିକ ଅଧିକାରର ଉଲ୍ଲଂଘନ ବୋଲି କହିଲେ। ମୋର ଜଣେ ଘନିଷ୍ଠ ସାମ୍ବାଦିକ ବନ୍ଧୁ ତାଙ୍କ ଫେସ୍‌ବୁକ୍‌ରେ ମାନବାଧିକାରର ଦ୍ୱାହି ଦେଉଥିବା ତଥାକଥିତ ବୁଦ୍ଧିଜୀବୀଙ୍କୁ ପ୍ରଶ୍ନ କରିଛନ୍ତି- ମାନବାଧିକାର ସୁରକ୍ଷା ମାନବଙ୍କ ପାଇଁ ଆବଶ୍ୟକ, ପଶୁଙ୍କ ପାଇଁ ନୁହେଁ। ଯେଉଁମାନେ ଗଣବଳାତ୍କାର ପରେ ପିଶାଚଙ୍କ ପରି ନିରୀହ ପୀଡ଼ିତାକୁ ଜିଅନ୍ତା ଜାଳି ମାରିଦେଉଛନ୍ତି ସେମାନେ କ'ଣ ମାନବ ପଦବାଚ୍ୟ। ସେମାନେ ପଶୁଙ୍କଠାରୁ ମଧ୍ୟ ଜଘନ୍ୟ ନରପିଶାଚ। ସେମାନଙ୍କ ପାଇଁ ମାନବାଧିକାର ଶବ୍ଦ ଉଚ୍ଚାରଣ ପାପ।

ମହିଳାଙ୍କୁ ବଳାତ୍କାର ବା ଗଣବଳାତ୍କାର ଘଟଣାରେ ଭାରତର ସ୍ଥାନ ବିଶ୍ୱରେ ସପ୍ତମ। ଉନ୍ନତ ଓ ପ୍ରଗତିଶୀଳ ରାଷ୍ଟ୍ରରେ ମଧ୍ୟ ଗଣବଳାତ୍କାର ବଢ଼ିବାରେ ଲାଗିଛି। ଭାରତର ରାଜଧାନୀ ଦିଲ୍ଲୀରେ ୨୦୧୨ ଡିସେମ୍ବର ୧୬ ତାରିଖ ରାତିରେ ଚଳନ୍ତା ବସ୍ ଭିତରେ ପାରାମେଡିକାଲ ଛାତ୍ରୀ ନିର୍ଭୟା (ଛଦ୍ମନାମ) ସହିତ ହୋଇଥିବା ପୈଶାଚିକ କୁକୃତ୍ୟକୁ ନେଇ ସଂସଦରୁ ସଡ଼କ ପର୍ଯ୍ୟନ୍ତ ଯେଭଳି କ୍ରୋଧ ଓ ଆକ୍ରୋଶର ବହ୍ନି ପ୍ରଜ୍ୱଳିତ ହୋଇଥିଲା, ତାହା ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଥିଲା। ଏବେ ହାଇଦ୍ରାବାଦ ଏବଂ ଉନ୍ନାଓରେ ହୋଇଥିବା ନାରକୀୟ କାଣ୍ଡ ଆଗରେ ଦିଲ୍ଲୀ ଗଣବଳାତ୍କାର ଓ ହତ୍ୟା ପ୍ରସଙ୍ଗ ଫିକାପଡ଼ିଯାଇଛି। ହାଇଦ୍ରାବାଦ ମହିଳା ପ୍ରାଣୀ ଡାକ୍ତରଙ୍କ ସହ ଯେଉଁ ଅମାନୁଷିକ କୃତ୍ୟ କଲାଗଲା ତାହା ଏକ ସଭ୍ୟ ସମାଜ ଓ ମାନବିକତା ପ୍ରତି କଳଙ୍କ। ମାନବିକତା ପାଇଁ ଏହା ଏକ ଲଜ୍ଜାଜନକ ଅଧ୍ୟାୟ।

ଦିଲ୍ଲୀରେ ନିର୍ଭୟା ବଳାତ୍କାର ଓ ହତ୍ୟା ପରେ ଇଣ୍ଡିଆ ଗେଟ୍ ସାମ୍ନାରେ ବିଶାଳ ପ୍ରଦର୍ଶନକାରୀଙ୍କୁ କାବୁକରିବା ପାଇଁ ପୋଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା। ଅନୁରୂପ ଆକ୍ରୋଶ ଏବେ ଦେଶବ୍ୟାପୀ ଦେଖିବାକୁ ମିଳୁଛି। ମହିଳା ଚିକିତ୍ସକଙ୍କୁ ବଳାତ୍କାର ଓ ହୃଦୟବିଦାରକ ହତ୍ୟା ପରେ ସମ୍ବେଦନାର ଜୁଆର ଏବେ ଦେଶବ୍ୟାପୀ ଉଠିଛି। ବଳାତ୍କାରୀମାନେ ମହିଳା ଡାକ୍ତର ଜଣଙ୍କର ମୁହଁ ବନ୍ଦ କରିଦେଇଥିଲେ ଯେପରିକି ସେ ଚିତ୍କାର କରିପାରିବେ ନାହିଁ। ତାଙ୍କ ମୃତ୍ୟୁ ପରେ ବଳାତ୍କାରୀମାନେ ତାଙ୍କୁ ୨୭ କି.ମି. ଦୂରକୁ ନେଇ ତାଙ୍କ ଦେହରେ ପେଟ୍ରୋଲ ଢାଳି ଜାଳିଦେଲେ। କୁକୃତ୍ୟ ଓ ହତ୍ୟା ବେଳେ ଏହି ପିଶାଚମାନଙ୍କର ହାତ କିପରି ଥରିଲା ନାହିଁ, ତାହା ହିଁ ଆଶ୍ଚର୍ଯ୍ୟର କଥା।

ଏହି ଘଟଣା ପରେ ସବୁଠାରୁ ବଡ଼ ଦାୟିତ୍ୱହୀନ ପ୍ରଦର୍ଶନ ଥିଲା ପୋଲିସର। ଦୁଇଘଣ୍ଟା ପରେ ମଧ୍ୟ ଡାକ୍ତର ଦିଶା ଘରକୁ ନ ଫେରିବାରୁ ତାଙ୍କ ପରିବାର ଲୋକେ ଟୋଲ୍ ପ୍ଲାଜାରେ ଦିଶା ଓ ତାଙ୍କ ସ୍କୁଟିକୁ ନ ଦେଖି ନିକଟସ୍ଥ ସାଇବରାବାଦ ଥାନାରେ ପହଞ୍ଚି ସହାୟତା ମାଗିଥିଲେ ମଧ୍ୟ ଘଟଣାସ୍ଥଳ ତାଙ୍କ ଥାନା ଅଞ୍ଚଳର ନୁହେଁ ବୋଲି କହି ସେମାନଙ୍କୁ ଫେରାଇଦେଇଥିଲେ। ବଳାତ୍କାର ଅଞ୍ଚଳର ଥାନା ଥିଲା ଶମ୍ସାବାଦ। ପରିବାର ଲୋକେ ସେଠାକୁ ଗଲା ପରେ ପୋଲିସ ଟୋଲ୍ ପ୍ଲାଜାରେ ସ୍କୁଟି କିମ୍ବା ଦିଶାଙ୍କ ସନ୍ଧାନ ନ କରି ଚୁପ୍ ରହିଲେ। ରାତି ପାହିଲା ପରେ ଦିଶାଙ୍କ ଶବ ଠାବହେଲା ଏବଂ ପୋଲିସର ଚେତା ପଶିଲା।

ଡା. ଦିଶାଙ୍କ ପ୍ରତି ହୋଇଥିବା ଗଣବଳାତ୍କାର ଓ ହତ୍ୟା ସମ୍ବନ୍ଧରେ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ସମଗ୍ର ଦେଶରେ ଜନ ଆକ୍ରୋଶ ଦେଖାଦେଇଛି। ହଜାର ହଜାର ଛାତ୍ରୀଛାତ୍ର ଓ ଯୁବଗୋଷ୍ଠୀ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅପରାଧୀଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ କିମ୍ବା ବିଚ୍‌ରାସ୍ତାରେ ଗୁଳିକରି ମାରିଦେବା ପାଇଁ ଏକସ୍ୱରରେ କ୍ରମାଗତ ଦାବି ହୋଇ ଆସୁଥିଲା। ସୋସିଆଲ ମିଡିଆ, ଟୁଇଟର ଏବଂ ଫେସ୍‌ବୁକ୍‌ରେ ଏକମାତ୍ର ସ୍ୱର ଗୁଞ୍ଜରିତ ହେଲା ପୋଲିସ ଯାହା କରିଛି ଠିକ୍ କରିଛି। ଏଭଳି ଅପରାଧ ପାଇଁ କଠୋରତମ ଦଣ୍ଡବିଧାନ ପାଇଁ ସ୍ୱୟଂ ବାଚସ୍ପତି ଏବଂ ଉପାଧ୍ୟକ୍ଷ ସଦସ୍ୟଙ୍କ ସହ ଦାବି କଲେ। କାରଣ ଏହି ଅମାନବୀୟ କୃତି ପାଇଁ ବିଶେଷ ଦଣ୍ଡ ବ୍ୟବସ୍ଥା ନ ହେଲେ ଏଭଳି କୁକୃତ୍ୟ ବଢ଼ିବ ଏବଂ ଅପରାଧୀଙ୍କ ସାହସ ମଧ୍ୟ ବୃଦ୍ଧିପାଇବ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହାଇଦ୍ରାବାଦ ଘଟଣା ପରେ ପରେ ୟୁପିର ଉନ୍ନାଓ ପୀଡ଼ିତା କୋର୍ଟକୁ ସାକ୍ଷ୍ୟ ଦେବା ପାଇଁ ଯାଉଥିବା ବେଳେ ବଳାତ୍କାରକାରୀମାନେ ତାଙ୍କୁ ଦିନ ଦ୍ୱିପ୍ରହରରେ ବିଚ୍‌ରାସ୍ତାରେ ନିଆଁ ଲଗାଇ ଜାଳିଦେଲେ, ହସ୍ପିଟାଲରେ ତାଙ୍କର ମୃତ୍ୟୁ ହେଲା।

ଅଶୀ ଦଶକରେ ଓଡ଼ିଶାର ବିଲୁଆଖାଇ ନଈବାଲିରେ ଛବିରାଣୀଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣାଠାରୁ ଆହୁରି ଜଘନ୍ୟକାଣ୍ଡ ଘଟିବାରେ ଲାଗିଛି। ସମ୍ବଲପୁରରେ ଗତ ଡିସେମ୍ବର ୭ ତାରିଖ ରାତିରେ ଜଣେ ମହିଳାଙ୍କୁ ଉଠାଇନେଇ ଗଣବଳାତ୍କାର ପରେ ରାସ୍ତାକଡ଼ରେ ଫିଙ୍ଗିଦେଇ ଦୁର୍ବୃତ୍ତମାନେ ଚାଲିଗଲେ। ହୀରାକୁଦ ଥାନା ଅଞ୍ଚଳର ସାପଲହରା ଗ୍ରାମର ୩୦ ବର୍ଷୀୟ ଏହି ଯୁବତୀ ଅଇଁଠାପାଲି ଥାନା ଡେଙ୍ଗସରଗିଠାରୁ ୧ କି.ମି. ଦୂର ଏକ ନିଛାଟିଆ ସ୍ଥାନରେ ଗଣବଳାତ୍କାରର ଶିକାର ହୋଇଥିଲେ। ସେହିପରି ପୁରୀର ଏକ ପୋଲିସ ବାରାକରେ ଜଣେ ନାବାଳିକାଙ୍କୁ ଜଣେ କନଷ୍ଟେବଳଙ୍କ ସମେତ ଅନ୍ୟମାନେ ବଳାତ୍କାର କଲେ। କୁମ୍ଭାରପଡ଼ା ଥାନାରେ ମାମଲା ରୁଜୁହୋଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଉତ୍ତରପ୍ରଦେଶର ନୋଇଡ଼ାରେ ଜଣେ ଅଠରବର୍ଷର ଯୁବତୀକୁ ଗତ ଡିସେମ୍ବର ୪ ତାରିଖରେ ୫ ଜଣ ଗଣବଳାତ୍କାର କରିଛନ୍ତି। ଲେଖିବାକୁ ଲଜ୍ଜା ଲାଗୁଛି ଯେ ୟୁପିର ସୋନଭଦ୍ରାଠାରେ ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କୁ ମଧ୍ୟ ବଳାତ୍କାର କରାଯାଇଛି। ସେହି ଡିସେମ୍ବର ୪ ତାରିଖରେ ଆଗ୍ରା ପଞ୍ଚମରା ଥାନା ଅଞ୍ଚଳରେ ଜଣେ ୨୨ ବର୍ଷୀୟା ଯୁବତୀଙ୍କୁ, ଗୟାରେ ଜଣେ ୧୬ ବର୍ଷର ଝିଅକୁ ବଳାତ୍କାର ପରେ ମୁଣ୍ଡ କାଟି ମୁହଁରେ ଏସିଡ୍ ପକାଇବା ଖବର ମିଳିଛି। ଜୟା ବଚ୍ଚନ, ସୋନାଲ ମାନ୍‌ସିଂଙ୍କ ପରି ମହିଳା ସାଂସଦ ଗୃହରେ ଦାବି କରିଥିଲେ ଯେ ଏହିଭଳି ଜଘନ୍ୟ ଅପରାଧୀମାନଙ୍କୁ ଲୋକେ ପିଟି ପିଟି ମାରିଦେବା ଆବଶ୍ୟକ। କେବଳ କ୍ୟାଣ୍ଡେଲ ଶୋଭାଯାତ୍ରାରେ ସଂବେଦନା ପ୍ରକଟ କଲେ କିଛି ଲାଭ ହେବ ନାହିଁ। ଦେଶରେ ପ୍ରତି ୬/୭ ଘଣ୍ଟାରେ ଗୋଟିଏ ବଳାତ୍କାର ହେଉଛି। ବଳାତ୍କାରୀ ବେଲ୍‌ରେ ଆସି ଉନ୍ନାଓ ପରି କାଣ୍ଡ କରୁଛନ୍ତି। ଫାଷ୍ଟଟ୍ରାକ୍ କୋର୍ଟ ଗଠନ କରି ଦଶବାର ଦିନ ମଧ୍ୟରେ ଅପରାଧୀଙ୍କୁ କଠୋରଦଣ୍ଡ ଦିଆଯିବା ଆବଶ୍ୟକ ବୋଲି ଦଳମତ ନିର୍ବିଶେଷରେ ମତ ପ୍ରକାଶ ପାଉଛି। ପ୍ରବଳ ଇଚ୍ଛାଶକ୍ତି ଦ୍ୱାରା ପ୍ରଚଳିତ ନ୍ୟାୟିକ ବ୍ୟବସ୍ଥାରେ ଅପରାଧୀଙ୍କୁ କଠୋରଦଣ୍ଡ ଦିଆଯିବା ଉଚିତ ବୋଲି ସ୍ୱୟଂ ଉପରାଷ୍ଟ୍ରପତି ମତ ଦେଇଛନ୍ତି।

ଦକ୍ଷିଣ ଏବଂ ଉତ୍ତର କୋରିଆରେ ବଳାତ୍କାରୀଙ୍କ ପାଇଁ ଏକମାତ୍ର ଦଣ୍ଡ ହେଲା ମୃତ୍ୟୁ। ଏମାନଙ୍କୁ ବିଚ୍‌ରାସ୍ତାରେ ଛିଡ଼ାକରାଯାଇ ଲୋକଙ୍କ ସମକ୍ଷରେ ଗୁଳିକରି ମାରିଦିଆଯାଏ। ସାଉଦି ଆରବରେ ସରିୟା ଅନୁସାରେ ଅପରାଧୀଙ୍କୁ ଫାଶୀ ସହ ଯୌନାଙ୍ଗ କାଟିବା ବ୍ୟବସ୍ଥା ରହିଛି। ୟୁଏଇରେ ଅପରାଧୀଙ୍କୁ ସାତଦିନ ମଧ୍ୟରେ ଫାଶୀ ଦେବାର ପ୍ରାବଧାନ ରହିଛି। ଇରାକରେ ଅପରାଧୀଙ୍କୁ ପଥର ମାରି ହତ୍ୟା କରିବାର କାନୁନ ଅଛି। ପୋଲାଣ୍ଡରେ ଏଭଳି ଅପରାଧୀଙ୍କୁ ଜଙ୍ଗଲୀ ପଶୁଙ୍କ ଆହାର ହେବା ପାଇଁ ଦିଆଯିବା ପୂର୍ବରୁ ସେମାନଙ୍କୁ ନପୁଂସକ କରାଯାଏ। ଇଣ୍ଡୋନେସିଆରେ ଦୋଷୀଙ୍କୁ ନପୁଂସକ କରାଯିବା ସହ ତାଙ୍କ ଶରୀରରେ ମହିଳାଙ୍କ ହରମୋନ ଛାଡ଼ିଦିଆଯାଏ। ଚାଇନାରେ ଦୋଷୀ ସାବ୍ୟସ୍ତଙ୍କୁ ତୁରନ୍ତ ଫାଶୀ ଦଣ୍ଡାଦେଶ ଦିଆଯାଏ।

ଭାରତରେ ଯୌନ ଅପରାଧୀଙ୍କ କବଳରୁ ଶିଶୁ ଓ ବାଳିକାଙ୍କୁ ରକ୍ଷାକରିବା ପାଇଁ ପୋକ୍ସୋ କାନୁନ ୨୦୧୨ରୁ କରାଯାଇଛି। ଏବେ ନିକଟରେ ଏଥିରେ ସଂଶୋଧନ କରାଯାଇ ୧୨ ବର୍ଷରୁ କମ୍ ବୟସରେ ପୁଅ କିମ୍ବା ଝିଅଙ୍କ ସହ କରାଯାଉଥିବା ବଳାତ୍କାର ପାଇଁ ଫାଶୀଦଣ୍ଡର ବ୍ୟବସ୍ଥା ରହିଥିଲେ ମଧ୍ୟ ଦୁର୍ବଳ ନ୍ୟାୟିକ ବ୍ୟବସ୍ଥା ଯୋଗୁ ଏଭଳି ଅପରାଧ ସଂଖ୍ୟା ବଢ଼ିବାରେ ଲାଗିଛି। ଶିକ୍ଷାରେ ନୈତିକ ମୂଲ୍ୟବୋଧ ଓ ପରିବାରରେ ସଂସ୍କାରର ଅଭାବ ପାଇଁ ଏହା ହେଉଛି।

୧୩୪୮/୪-ସି, ସେକ୍ଟର-୬, ସିଡିଏ,
କଟକ-୧୪, ମୋ-୯୪୩୭୨୭୦୬୦୫

# ଇଏ କ'ଣ ସତରେ ଗପ



ସୁଧାକର ଦାସ

ଏବେ ଦିନେ ସକାଳୁ ଇଚ୍ଛା ହେଲା, ଘରେ ଚା' ନ ପିଇ ଛକ ଦୋକାନରେ ଚା' ପିଇବାକୁ। ଏମିତିରେ ଶୀତୁଆ ସକାଳର କଅଁଳ ଖରାର ମୋହ ବି ଟିକେ ଥିଲା। ଚା' ଦୋକାନରେ ଆଗରେ ଚାରି ପାଞ୍ଚଟି ଛୋଟବଡ଼ ମୋଟର ସାଇକେଲ, ସ୍ୱାଭାବିକ କୋଳାହଳ। ଚା' ଦୋକାନ ବେଞ୍ଚ ଉପରେ ତିନି ଚାରି ଜଣ ଯୁବକ ଚାରି କପ ଚା' ଆଉ ଦୁଇଟି ସିଗାରେଟକୁ ଭାଗବାଣ୍ଟ କରି ସକାଳ ଚା'ର ମଜା ନେଉଥା'ନ୍ତି। ମୁଁ ଟିକେ ସିଗାରେଟ ଧୂଆଁ ସହି ପାରେନି। ବେଶି ଦୋକାନ ଭିତରକୁ ନ ପଶି ବାହାରୁ କହିଲି ଆରେ ବାବୁ ଟିକେ ଚା' ଦେବ? କାଚ ଗ୍ଲାସ୍‌ରେ ଦେବ। ମୋ ପାଟି ଶୁଣି ଜଣେ ଯୁବକ ହଠାତ୍ ସିଗାରେଟ ଲୁଚେଇ ଦେଇ ଧୀରେ ସେଠୁ ଉଠିଗଲା ଚା' ଦୋକାନ ପଛ ଆଡକୁ। କିଏ ବୋଧେ ଚିହ୍ନାଜଣା ହୋଇଥିବ ଏମିତି ଭାବି ମୁଁ ଚା' ଦୋକାନୀକୁ ଅନେଇଲି, ହେଲେ ଚା' ଦୋକାନୀ ଟିକେ ଅନ୍ୟମନସ୍କ ଥିବା ଭଳି ମତେ ଲାଗିଲା। ମୁଁ କହିଲି- କ'ଣ ଚା' ସରିଗଲା ନା କ'ଣ? ସେ କହିଲା ନାଇଁ ଆଜ୍ଞା, କାଚ ଗ୍ଲାସ୍ ନାହିଁ ତ... ଏଇ ପେପର୍ ଗ୍ଲାସ୍‌ରେ ପିଇବେ? କଅଁଳ ଖରାର ମୋହରେ ମୋ ପାଟିରୁ ବାହାରିଗଲା, ହଁ ଦିଅ ଦିଅ ଚଳିବ। ସତରେ ଚା'ଟା ବହୁତ ଟେଷ୍ଟି ଥିଲା। ମୁଁ ଆଉ ଟିକେ ଖରାକୁ ଚାଲିଆସିଲି। ଏତିକିବେଳେ ମୋଟର ସାଇକେଲରେ ଆସି ଦୁଇଜଣ ଓହ୍ଲେଇଲେ। ଯୁବକଦ୍ୱୟ ପ୍ରାୟ ସମବୟସ୍କ। ସେମାନେ ସିଆଡୁ ଗୋଟେ କ'ଣ ଗୁରୁତର କଥା ବୋଧେ ଆଲୋଚନା କରି କରି ଆସୁଥିଲେ। ଦୁହିଁଙ୍କ ମୁହଁରେ ଥିଲା ଆଶଙ୍କା ଓ ବ୍ୟସ୍ତତା। ଚା' ପାଇଁ ଅର୍ଡର ଦେଇ ଦୁହେଁ ଆସି ଠିଆ ହେଲେ ମୋଟର ସାଇକେଲ ପାଖରେ।

ଜଣେ ଆଉ ଜଣଙ୍କୁ କହୁଥାଏ ଆରେ ସେ ସବୁ କଥାକୁ ମାଇଣ୍ଡ୍ କଲେ ଆଜିକା ଦିନରେ ବଞ୍ଚି ହବନି, ହେଇ ହେଇ କ'ଣ ହେବ? ଜେଲ ଜରିମାନା ହବ, ଖବରକାଗଜରେ ଫଟୋ ବାହାରିବ, ଗୋଟେ ଦି'ଟା ଟିଭି ଚାନେଲରେ ଖବର ଆସିବ, ଏୟା ତ? ତୁ କ'ଣ ନରସିମା ରାଓଠୁ ବଡ? ଜୟଲଳିତାଠୁ ବଡ? ସଞ୍ଜୟ ଦତ୍ତଠୁ ବଡ? ଭାଇ ଚା'ଟା ନିଅ, ଚା' ଦୋକାନୀର ଡାକରେ ବୁଝଉଥିବା ପିଲାଟି ଗଲା ଚା' ଆଣିବାକୁ। ଶୁଣୁଥିବା ପିଲାଟି ପକେଟରୁ ମୋବାଇଲ ଫୋନ ବାହାର କରି ଗୋଟେ କ'ଣ ମେସେଜ ପଢ଼ିଲା।

ବୁଝଉଥିବା ପିଲାଟି ଦୁଇ ହାତରେ ଦୁଇଟା ଚା' ଧରି ଆସି ସେଥିରୁ ଗୋଟିଏ ତା' ସାଙ୍ଗ ହାତକୁ ବଢେଇ ଦଉ ଦଉ କହିଲା- କିଏ ଦେଇଛି ମେସେଜ? ହିମାଂଶୁ? ଆରେ କାହା କଥା ଶୁଣିବା ଦରକାର ନାହିଁ। ପାଞ୍ଚ କୋଟି ଆସୁଛି ମାନେ ଆଗେ ପକେଟକୁ ନେଇ ନେବାର ଅଛି, ଯାହା ହବ ଦେଖାଯିବ। କେତେ ଏମିତି ଖର୍ଚ୍ଚ ହେବ ବେଲରେ? ବାହାରି ଆସିବା ପରେ, ଲାଇଫ୍ ବନିଯିବ। ନୀତିବାଣୀ ସମସ୍ତେ ଦେବେ। ମାସ ଚାରି ଛ'ଟା ଭିତରେ ରହି ବାହାରି ଆସିବା ପରେ ଥାଇଲାଣ୍ଡ କି ବ୍ୟାଙ୍କକକୁ ଗୋଟେ ୧୫ ଦିନିଆ ଟୁର୍‌ରେ ଯାଇ ମସାଜ ଫସାଜ ନେଇ ଫେରିଆସିବା ପରେ ପୂରା ଚାଙ୍ଗା... ସେତେବେଳକୁ ସବୁ ହିଷ୍ଟ୍ରି ହେଇଯାଇଥିବ... ତା'ପରେ ତ ଜିଓ ମେରେ ଭାଇ...। ଏଥର ସବୁ ଶୁଣୁଥିବା ପିଲାଟା ମୁହଁରେ ମୋତେ ଗଭୀର ଆତ୍ମବିଶ୍ୱାସ ଆଉ ଅହେତୁକ ଉଲ୍ଲାସ ଦିଶିଗଲା। ସେ ଚା' କପ୍‌ଟା ଫୋପାଡି ଦେଇ ପକେଟରୁ ଗୋଟେ ସିଗାରେଟ ବାହାର କରି ଦୁଇ ଦମ୍ ଖୁବ୍ ଜୋରରେ ଟାଣିଲା। ସିଗାରେଟ ମୁହଁର ନିଆଁ ଯୋଉ ପ୍ରକୋପରେ ଜଳୁଥିଲା ମତେ ଲାଗିଲା ସେଇ ପ୍ରଚଣ୍ଡତାରେ ଜଳି ଯାଉଛି ଆଦର୍ଶ, ନୀତି, ମୂଲ୍ୟବୋଧ। ପିଲାଟା ମୁହଁରେ କିଛି ଗୋଟେ ସିଦ୍ଧାନ୍ତରେ ପହଞ୍ଚି ଯାଇଥିବାର ତୃପ୍ତି ମୁଁ ଦେଖିପାରୁଥିଲି। ତା'ପରେ ବୁଝଉଥିବା ପିଲାଟି ଦୁମ୍‌କିନା ଆସି ମୋଟର ସାଇକେଲ ପଛରେ ବସି ପାଟି ଭିତରକୁ ମେଞ୍ଚେ ଗୁଟକା ଝାଡି ଦେଇ କହିଲା- ଚାଲ ଚାଲ, ଟେନ୍‌ସନ ନେ' ନା। ଗୋଟାଏ ମିନିଟ ଭିତରେ ଦୁହେଁ ଅଦୃଶ୍ୟ ହେଇଗଲେ। ମୁଁ ଚା' କପ୍‌ଟା ଡଷ୍ଟବିନକୁ ପକେଇବାକୁ ବୁଲିବା ବେଳକୁ, ଟିକେ ଆଗରୁ ହାତରେ ସିଗାରେଟ ଲୁଚେଇ ଦୋକାନ ପଛ ପଟେ ଲୁଚି ଯାଇଥିବା ପିଲାଟି ମୋ' ସାମ୍ନାକୁ ଆସି ମତେ ନମସ୍କାର କଲା, କହିଲା ମତେ ଜାଣିପାରିଲେ? ମୁଁ ଅଜୟ ମିଶ୍ରଙ୍କ ପୁଅ, ତଳତେଲେଙ୍ଗା ବଜାର...। ମୋ ପାଟିରୁ ବାହାରି ଆସିଲା- ଆରେ... ଆଚ୍ଛା ଆଚ୍ଛା। ତମ ପାଠପଢା ସରିଲାଣି? କ'ଣ କରୁଛ ଏବେ? ସେ ନିହାତି ନମ୍ର ଭାବରେ ଉତ୍ତର ଦେଲା, କିଛି କରୁନି ଆଜ୍ଞା। ଏଇ ଏମିତି କିଛି ଲେଖାଲେଖି। ବିଭିନ୍ନ ଜାଗାକୁ ଆସି ଲୋକଚରିତ୍ର ନିରୀକ୍ଷଣ କରିବା ମୋର କାମ। ଏବେ ତ ସେଇଆ କରୁଥିଲି। ଆପଣ ଦେଖିବେ ଏଇ ଯୋଉ ଦୁଇଟି ଚରିତ୍ରକୁ ଆପଣ ଦଶ ମିନିଟ ଧରି ଅନୁଧ୍ୟାନ କରୁଥିଲେ, ସେମାନଙ୍କୁ ଆଉ ଆପଣଙ୍କୁ ନେଇ ଗୋଟେ ସୁନ୍ଦର ଗପ ମୋର ବାହାରିବ ଅଳ୍ପଦିନ ଭିତରେ କୋଉ ଖବରକାଗଜ କି ମାଗାଜିନରେ। ଓଃ, ବହୁତ ଭଲ କଥା, ତୁମ ବାପା ଅଜୟ ବି ବହୁତ ଭଲ ଲେଖାଲେଖି କରେ। ହେଲେ ତମେ ବାବା କ'ଣ ଏ ପିଲା ଦୁଇଜଣଙ୍କୁ ଜାଣ, ଯିଏ କ'ଣ ପାଞ୍ଚ କୋଟି ଟଙ୍କାର ରିସ୍କ ନେବେ କହୁଥିଲେ? ମୋ ପ୍ରଶ୍ନ ଶୁଣି ଅଜୟ ପୁଅ କହିଲା, ସେଇଟା ତ ମୋ' କାହାଣୀର ରୋମାଞ୍ଚକର କଥା ହେବ। ଯୋଉ ପିଲାଟି ମୋଟର ସାଇକେଲ ଉପରେ ବସି କେବଳ ଶୁଣି ଚାଲିଥିଲା ସେ ହେଉଛି ଅବସର ନେଇଥିବା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଜଣେ ପ୍ରଧାନଶିକ୍ଷକଙ୍କ ସାନପୁଅ ଆଉ ଯିଏ କହୁଥିଲା, ସେ ହେଉଛି ଜଣେ ପୂର୍ବତନ ବିଚାରପତିଙ୍କ ନାତି ଏବଂ ଜଣେ ନାମୀଦାମୀ ଲୋକଙ୍କ ପୁଅ। ସୁନ୍ଦର ଗପଟିଏ ହେବ ନା ଆଜ୍ଞା? ମୁଁ କ'ଣ କହିବି, ମୋ' ମୁହଁରେ ଶବ୍ଦ ନ ଥିଲା। ସେତେବେଳକୁ ଖରାଟା ବି ଟାଣ ହେଇ ଆସିଥିଲା। ଫେରିଲା ବେଳେ ଭାବୁଥିଲି ସତରେ- ମହତେ ଯାହା ଆଚରିବେ, ଇତରେ ତାହା ହିଁ କରିବେ।

ସ୍ୱାହା, କେନାଲ ରୋଡ, ଛତ୍ର ବଜାର,
କଟକ, ମୋ-୯୪୩୭୨୭୪୮୫୭

## ଏଇ ଭାରତରେ

କନ୍ୟା ସୁରକ୍ଷା ଅଭିଯାନରେ ନିଜକୁ ସାମିଲ କରି ଛତିଶଗଡ଼ର ଏକ ଗାଁ ଭିନ୍ନ ପରିଚୟ ଆଣିପାରିଛି। ଟିକମଗଡ଼ ଜିଲାର ହରପୁରା ମଣ୍ଡିଆ ଗାଁରେ ଲୋକମାନେ ଝିଅଙ୍କୁ ବୋଝ ବୋଲି ଭାବନ୍ତିନି। ଝିଅ ଗୋଟିଏ ନୁହେଁ ଦୁଇ ଦୁଇଟି ପରିବାରର ସମ୍ମାନ ବଢାନ୍ତି ବୋଲି ସେମାନେ ବିଚାର କରନ୍ତି। ଏଥିପାଇଁ ଝିଅମାନଙ୍କ ପ୍ରତି ସେମାନଙ୍କର ଏମିତି ଆଦର। କେବଳ ବିଚାରରେ ନୁହେଁ, କାର୍ଯ୍ୟରେ ବି ଗ୍ରାମବାସୀ ଏହାକୁ ଦେଖାଇପାରିଛନ୍ତି। ଯଦି କୌଣସି ପରିବାରରେ ଝିଅଟିଏ ଜନ୍ମ ହୁଏ ତେବେ ଗାଁରେ ଏଥିପାଇଁ ଉତ୍ସବ ପାଳନ କରାଯାଏ। ଗାଁଟା ସାରା ଲୋକେ ସେହି ପରିବାରକୁ ଧନ୍ୟବାଦ ଦେବା ଲାଗି ଲମ୍ବା ଧାଡ଼ି ଲଗାନ୍ତି। ମହିଳାମାନେ ଶୁଭସଙ୍ଗୀତ ଗାଇ ନାଚ କରନ୍ତି। ଟିକମଗଡ଼ ଜିଲାରେ ଲିଙ୍ଗ ଅନୁପାତ ୧୦୦୦ ପୁରୁଷରେ ୯୦୧ ମହିଳା ରହିଥିବାବେଳେ ହରପୁରା ମଣ୍ଡିଆରେ ଏହି ଅନୁପାତରେ ମହିଳା ପୁରୁଷଙ୍କଠାରୁ ଆଗରେ ରହିଛନ୍ତି। ଗାଁର ଜନସଂଖ୍ୟା ମଧ୍ୟରେ ଲିଙ୍ଗ ଅନୁପାତ ୧୦୦୦ ପୁରୁଷରେ ୧୦୯୬ ମହିଳା ରହିଛନ୍ତି। ଏହି ଗାଁରେ ଭ୍ରୁଣର ଲିଙ୍ଗ ପରୀକ୍ଷା ସମ୍ପୂର୍ଣ୍ଣଭାବେ ବାରଣ କରାଯାଇଛି। ଗାଁରେ କୌଣସି ଝିଅର ଯଦି ବାହାଘର କରାଯାଏ ତେବେ ଗ୍ରାମବାସୀଙ୍କ ପରାମର୍ଶ ଲୋଡାଯିବାର ପରମ୍ପରା ରହିଛି। ପୁଅର ପରିବାର ସମ୍ପର୍କରେ ଭଲଭାବେ ବୁଝିବା ପରେ ଝିଅର ବାହାଘର କରାଯାଏ। ଗାଁ ଲୋକମାନେ ଏଥିରେ ସକ୍ରିୟ ସହଯୋଗ କରନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଡିସେମ୍ବର ୧୯୯୪

- ପ୍ରତିଭୂତି ହେରଫେର ଘଟଣାରେ କାନ୍‌ବ୍ୟାଙ୍କ ଫାଇନାନ୍‌ସିଆଲ ସର୍ଭିସେସ ଏବଂ କାନ୍‌ବ୍ୟାଙ୍କ ମ୍ୟୁଚୁଆଲ ଫଣ୍ଡକୁ ଜଡିତ କରି ସିବିଆଇ ଦୁଇଟି ପୃଥକ ଚାର୍ଜଶିଟ ଦାଖଲ କରିଛନ୍ତି।
- ଓଡିଶାରେ ସମସ୍ତ ପୂର୍ଣ୍ଣ ସାହାଯ୍ୟପ୍ରାପ୍ତ ହାଇସ୍କୁଲଗୁଡିକର ସରକାରୀକରଣ କରିବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି।
- ପୂର୍ବତନ ମନ୍ତ୍ରୀ ତଥା ନେପାଳୀ କଂଗ୍ରେସ ପାର୍ଲାମେଣ୍ଟ ସଦସ୍ୟ ରାମଚନ୍ଦ୍ର ନେଓପାନେ ୨୦୫ ସଦସ୍ୟ ନେପାଳୀ ପାର୍ଲାମେଣ୍ଟରେ ବାଚସ୍ପତି ନିର୍ବାଚିତ ହୋଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଏ ଶଠତା କାହିଁକି

ମହାଶୟ,

ଯିଏ ମଦ ପିଇ ଗାଡି ଚଲାଉଛି ସରକାର ତାକୁ ପୋଲିସ ଲଗେଇ ଧରୁଛନ୍ତି। ଏଣେ ରାଜସ୍ୱ ବୃଦ୍ଧି ପାଇଁ ମଦ ପିଇବାକୁ ପ୍ରୋତ୍ସାହିତ କରୁଛନ୍ତି। ମଦ ବ୍ୟବସାୟୀଙ୍କୁ ପୁରସ୍କାର ଦେଉଛନ୍ତି। ରାଜ୍ୟରେ ୪୩୦୬ଟି ମଦ ଦୋକାନକୁ ସରକାର ଲାଇସେନ୍ସ ଦେଇସାରିଲେଣି। ମଦ ଲାଗି ଘରେ ଘରେ ଅଶାନ୍ତି, ବାପ-ପୁଅରେ, ସ୍ୱାମୀ-ସ୍ତ୍ରୀରେ ବାଡିଆପିଟା, ବାପ-ଝିଅରେ ବି ଯୌନ କେଳେଙ୍କାରୀ। ମହାତ୍ମା ଗାନ୍ଧୀ ଏବଂ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି। ଅଥଚ ତାଙ୍କର ମଦ ବିରୋଧୀ ଆଦର୍ଶକୁ ଫୁତ୍କାରରେ ଉଡାଇ ଦିଆଯାଉଛି। ଏ ଶଠତା କାହିଁକି?

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ଦେଶର ଯୁବଶକ୍ତି ରାସ୍ତାକଡ଼ରେ କାହିଁକି

ଭୁବନେଶ୍ୱରର ୧୨୦ ବାଟାଲିୟନରେ ନିଯୁକ୍ତି ପାଇଁ ୮୩ ପଦବୀ ନିମନ୍ତେ ୮୦୦୦ରୁ ଉର୍ଦ୍ଧ୍ୱ ଯୁବକ ଆସି ଫୁଟ୍‌ପାଥ୍‌ରେ ବର୍ଷାରେ ଭିଜି ଦୟନୀୟ ଭାବେ ରାତ୍ରିଯାପନ କରିବା ଖବର ପ୍ରକାଶ ପାଇଛି। ଏହି ଯୁବଶକ୍ତି ହିଁ ଦେଶର ପ୍ରତିରକ୍ଷା ବିଭାଗରେ ନିଯୁକ୍ତି ନିମନ୍ତେ ଆଶାୟୀ ପ୍ରାର୍ଥୀ, ଯେଉଁମାନେ ହିଁ ଶାରୀରିକ ଦକ୍ଷତାଦି ବହୁ ପରୀକ୍ଷାରେ ଅବତୀର୍ଣ୍ଣ ହୋଇ ନିଯୁକ୍ତି ପାଇବା ଲକ୍ଷ୍ୟରେ ବିଭିନ୍ନ ରାଜ୍ୟରୁ ଆସି ରାଜଧାନୀରେ ପହଞ୍ଚି ଶୀତ, କାକର, ବର୍ଷାରେ ହଇରାଣ ହେଉଛନ୍ତି। ଦେଶରେ ବର୍ତ୍ତମାନ ଆର୍ଥିକ ମାନ୍ଦାବସ୍ଥା ଯୋଗୁ ବହୁ ଶିଳ୍ପ ରୁଗ୍‌ଣ ଅବସ୍ଥାକୁ ଆସି କର୍ମଚାରୀଙ୍କୁ ଛଟେଇ କରୁଛନ୍ତି। ଏପରି ନିଯୁକ୍ତି ବିଜ୍ଞାପନ ଯୋଗୁ ଆଶାୟୀମାନେ ରାଜ୍ୟ ରାଜଧାନୀକୁ ଆସୁଥିଲେ ହେଁ ଆର୍ମି ସଂସ୍ଥା କି ରାଜ୍ୟ ସରକାର ଏମାନଙ୍କୁ ଅଣଦେଖା କରିବା ମାନବିକତାର ପରିଚାୟକ ନୁହେଁ। ଆମର ପିଲା ଯଦି ଅନ୍ୟ ରାଜ୍ୟରେ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇଥାଆନ୍ତେ ଆମେ ନିଶ୍ଚିତ ଭାବେ ପ୍ରତିକ୍ରିୟା ପ୍ରକାଶ କରିଥାନ୍ତୁ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।

- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

**ବେଲପଡା, ୧୭।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ଭଲୁଖାଇ ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଆହତ ହୋଇଛନ୍ତି। ସେ ହେଲେ ଟଙ୍କଧର ସାହୁ(୬୦)। ନିଜ କପା କିଆରିରେ ମଙ୍ଗଳବାର ମଧ୍ୟାହ୍ନରେ ସେ କପା ତୋଳୁଥିବା ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ଟଙ୍କଧରଙ୍କ ଜଙ୍ଘ, ଆଣୁରେ ଗଭୀର କ୍ଷତ ହୋଇଥିଲା। ଚିତ୍କାର ଶୁଣି ପାଖରେ ଥିବା ଟଙ୍କଧରଙ୍କ ପୁଅ ବୃନ୍ଦାବନ ଓ ଅନ୍ୟମାନେ ଆସି ଯିବାରୁ ଭାଲୁ ସେଠାରୁ ଖସି ପଳାଇଥିଲା। ଆହତ ଟଙ୍କଧରଙ୍କୁ ବେଲପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲଥିବା ଚିକିତ୍ସା କରୁଥିବା ଡାକ୍ତର ରବିନ୍ଦ୍ର ମହେର କହିଛନ୍ତି। ଆହତ ପରିବାରକୁ ବନବିଭାଗ କ୍ଷତିପୂରଣ ଦେବାକୁ ଦାବି ହେଉଛି।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଟିକ୍ରାପଡା, ୧୭।୧୨(ଡି.ଏନ୍.ଏ.):** ମୁରିବାହାଲ ବ୍ଲକ ଅନ୍ତର୍ଲାରେ ମଙ୍ଗଳବାର ଘଟିଥିବା ବାଇକ୍ ଦୁର୍ଘଟଣାରେ ସଇଁତଲା ବ୍ଲକ୍ ଟିକ୍ରାପଡାର ଗରୁଡ ବଗର୍ତ୍ତା (୩୯)ଙ୍କ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ମୃତ୍ୟୁ ଘଟିଛି। ନିକଟସ୍ଥ ମଙ୍ଗଳବାର ହାଟରୁ ପରିବା ବିକି ସାରି ଘରକୁ ଫେରିବା ବେଳେ ସାମ୍ନା ପଟରୁ ଆସୁଥିବା ଏକ ବାଇକ୍ ତାଙ୍କ ଲୁନାକୁ ଧକ୍କା ଦେଇଥିଲା। ବଲାଙ୍ଗୀର ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଓପିଜିସି ପାଉଁଶ ପୋଖରୀ ନିର୍ମାଣକୁ ସଂସରାଟିକ୍ରାବାସୀଙ୍କ ବିରୋଧ

# ଗ୍ରାମବାସୀଙ୍କ ସହ ଆଲୋଚନା କଲେ ଜିଲାପାଳ

**ଲଖନପୁର,୧୭।୧୨(ଡି.ଏନ୍.ଏ.)**

ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ(ଓପିଜିସି)ର ନିର୍ମାଣାଧୀନ ପାଉଁଶ ପୋଖରୀ ଦ୍ୱାରା ସଂସରାଟିକ୍ରା ଗ୍ରାମ ପ୍ରଭାବିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ପ୍ରଥମରୁ ଗ୍ରାମବାସୀ ପାଉଁଶ ପୋଖରୀ ନିର୍ମାଣକୁ ବିରୋଧ କରିଆସୁଛନ୍ତି। ଏ ନେଇ ପ୍ରଭାବିତ ଗ୍ରାମବାସୀ କମ୍ପାନୀ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଆଦିଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ ବଳପୂର୍ବକ ନିର୍ମାଣ କାମ ଚଳାଇଥିଲେ। ଏଣୁ ଗ୍ରାମର ମା' ଅମ୍ବିକା ଏସ୍ଏଚ୍ଜି ଗ୍ରୁପ୍ ଜାତୀୟ ସବୁଜ ପ୍ରାଧିକରଣ(ଏନ୍ଜିଟି)ର ଦ୍ୱାରସ୍ଥ ହୋଇଛି। ଜିଲାପାଳ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଏନ୍ଜିଟି ନିର୍ଦ୍ଦେଶ ଦେଇଛି ଯେ, ଏହାର ତଦନ୍ତ କରି ଆସନ୍ତା ୨୦ତାରିଖ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ। ଏହି ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମିଳିତ ତଦନ୍ତ ଜାରି ରହିଛି। ଫଳରେ କମ୍ପାନୀ କର୍ତ୍ତୃପକ୍ଷ ଛାନିଆଁ ହୋଇ ପଡିଛନ୍ତି। ଏଭଳି ସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ଗତ ସୋମବାର ସଶସ୍ତ୍ର ପୋଲିସ୍ ଉପସ୍ଥିତିରେ ପାଉଁଶ ପୋଖରୀ ନିର୍ମାଣ କାମ ପୁନର୍ବାର ଆରମ୍ଭ କରାଯାଇଥିଲା।



ଜିଲାପାଳ ସରୋଜ କୁମାର ସାମଲ ଓ ଏସ୍ପି ଅଶ୍ୱିନୀ କୁମାର ମହାନ୍ତି ପ୍ରମୁଖ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। ବିରୋଧ ପରେ ନିର୍ମାଣ କାମ ବନ୍ଦ ହୋଇଥିଲା। ହେଲେ ଜିଲାପାଳ ଗ୍ରାମବାସୀଙ୍କ ସହିତ ଆଲୋଚନା କରିବେ ବୋଲି କୁହାଯାଇଥିଲା। ଏଣୁ ଜିଲାପାଳ ସରୋଜ କୁମାର ସାମଲ, ଉପ ଜିଲାପାଳ ଶିବ ଟପ୍ପୋ, ଏସ୍ପି ଅଶ୍ୱିନୀ କୁମାର ମହାନ୍ତି, ଅତିରିକ୍ତ ଏସ୍ପି ଏନ୍ସି ଦଣ୍ଡସେନା, ଏସ୍ଡିପିଓ ଦୀଲିପ ଦାସ, ତହସିଲଦାର ଜ୍ୟୋତ୍ସ୍ନାରାଣି ସାହୁ, ଆଇଆଇସି ପ୍ରଶାନ୍ତ ମେହେର, ଓପିଜିସି ଅଧିକାରୀ ପ୍ରଦୀପ ପାତ୍ର, ପି କୋରେଶ ପାତ୍ର ପ୍ରମୁଖ ଅଧିକାରୀମାନେ ମଙ୍ଗଳବାର ପାଉଁଶ ପୋଖରୀ କ୍ଷେତ୍ର ପରିଦର୍ଶନ କରି ଗାଁ ପରିଦର୍ଶନ କରିଥିଲେ। ଏହି ସମୟରେ କମ୍ପାନୀ ତରଫରୁ ଗ୍ରାମରେ ନିର୍ମାଣ କରାଯାଇଥିବା ପାନୀୟ ଜଳ ଓଭରହେଡ୍ ଟ୍ୟାଙ୍କ ନିର୍ମାଣକୁ ନେଇ ଜିଲାପାଳ କ୍ଷୋଭ ପ୍ରକାଶ କରିଥିଲେ। ସବୁକିଛି ଦେଖିଲା ପରେ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କୁ ପଚାରି ବୁଝିଥିଲେ। ଗ୍ରାମବାସୀ ନିଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ନିର୍ମାଣାଧୀନ ପାଉଁଶ ପୋଖରୀରେ ଗ୍ରାମର ଜଳାଶୟ, ରାସ୍ତାଘାଟ ଆଦି ଲିନ ହୋଇଯାଇଛି। ଗ୍ରାମରେ ବର୍ଷାଜଳ ସାଙ୍ଗକୁ ଅହରହ ଧୂଳିଧୂଆଁ ପ୍ରବେଶ କରୁଛି। ଏହାର ପ୍ରଭାବ ସିଧାସଳଖ ଜନବସତି ଉପରେ ପଡୁଛି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ଆଦି ପ୍ରଭାବିତ ହେଉଛି। ଏଭଳି ସ୍ଥିତିରେ ଆଗକୁ ପାଉଁଶ ପୋଖରୀ କାର୍ଯ୍ୟକ୍ଷମ ହେଲେ ସାମାନ୍ୟ ପବନ ବହିଲେ ପାଉଁଶ ଉଡି ଗ୍ରାମରେ ପ୍ରବେଶ କରିବ। ଏସବୁକୁ ଦେଖିଲାବେଳକୁ ଜନବସତି ନିକଟରେ ପାଉଁଶ ପୋଖରୀ ନିର୍ମାଣ ପାଇଁ କମ୍ପାନୀକୁ କିଭଳି ଅନୁମତି ମିଳିଲା ବୋଲି ଗ୍ରାମବାସୀ ଜିଲାପାଳଙ୍କୁ ପ୍ରଶ୍ନ କରିଥିଲେ। ଏହାର ତଦନ୍ତ କରାଯିବ ବୋଲି ଜିଲାପାଳ ସାମଲ ଗ୍ରାମବାସୀଙ୍କୁ କହିଛନ୍ତି। ଜିଲାପାଳ ସାମଲ କହିଛନ୍ତି ଯେ, ଓପିଜିସି ହେଉଛି ସରକାରୀ ସଂସ୍ଥା । ସରକାର ଚାହୁଁଛନ୍ତି ଏଠାରେ ପାଉଁଶ ପୋଖରୀ ନିର୍ମାଣ ହେବ। ଏହାକୁ ଗ୍ରାମବାସୀ ସହଯୋଗ କରନ୍ତୁ। ଏଥିରେ ଲୋକେ ଯେମିତି ପ୍ରଭାବିତ ନ ହେବେ ଏ ଦିଗରେ ଧ୍ୟାନ ଦିଆଯିବ ବୋଲି ଜିଲାପାଳ ସାମଲ କହିଛନ୍ତି। ଏନେଇ ଜିଲାପାଳ ସାମଲ କମ୍ପାନୀ ଉଚ୍ଚକର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନ କରିବେ ବୋଲି କହିଛନ୍ତି। ୨ଦିନ ମଧ୍ୟରେ ସ୍ଥାନୀୟ ରମ୍ପେଲା ସରପଞ୍ଚ, ତିଲିଆ ସରପଞ୍ଚ ଓ ଗ୍ରାମର ପ୍ରତିନିଧିଙ୍କ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି।

## ସୋନପୁର କଲେଜ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଏସ୍ପି ଦେବୀପ୍ରସାଦ ଦାଶ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ।

**ସୋନପୁର,୧୭।୧୨(ନି.ପ୍ର.)**

ସୋନପୁର କଲେଜ ପଡିଆରେ ଆନ୍ତଃବିଭାଗୀୟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏସ୍ପି ଦେବୀପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କ୍ରୀଡାବିତ୍ ଆଶିଷ ବାବୁ, ବଳରାମ ପଟ୍ଟନାୟକ ଓ ଛାତ୍ରନେତା ଶାଶ୍ୱତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ତରୁଣ ମିଶ୍ର ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ମଙ୍ଗଳବାର ଉଦ୍‌ଘାଟନ ମ୍ୟାଚ୍ ଇତିହାସ ଓ ରାଜନୀତି ବିଜ୍ଞାନ ବିଭାଗ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଗଣିତ ଓ ଦର୍ଶନଶାସ୍ତ୍ର ବିଭାଗ, ତୃତୀୟ ମ୍ୟାଚ୍ ଇଂରାଜୀ ଓ ବି କମ୍ ଏବଂ ଚୁତୁର୍ଥ ମ୍ୟାଚ୍ ଅର୍ଥନୀତି ଓ ଏନସିସି ମଧ୍ୟରେ ଆୟୋଜିତ ହୋଇଥିଲା ।

## ବିଦ୍ୟୁତ୍ ଆଘାତରେ ୪ ଆହତ

**ବ୍ରଜରାଜନଗର,୧୭।୧୨(ଡି.ଏନ.ଏ.)**

ଲଜକୁରା ସାଇଡିଂରେ ମଙ୍ଗଳବାର ସକାଳ ୮ଟାରେ ୩ ନମ୍ବର, ୪ ନମ୍ବର ରେଳ ଲାଇନ୍‌କୁ ଅନ୍ୟ ରେଳ ଲାଇନର ସଂଯୋଗ କାମ ଚାଲିଥିବା ବେଳେ ଉପରେ ବିଦ୍ୟୁତ ସଂଯୋଗ କାମ ଚାଲିଥିଲା । ଠିକ୍ ଏହି ସମୟରେ ମାଲବାହୀ ଟ୍ରେନ୍ ଆସି ଯିବାରୁ କାମ ଚାଲିଥିବା ଲାଇନ୍‌ରେ ହଠାତ୍ ସଟସର୍କିଟ ହୋଇ ବିଦ୍ୟୁତ ସଂଯୋଗ ହୋଇଯାଇଥିଲା। ଫଳରେ କାମ କରୁଥିବା ୪ଜଣ ଶ୍ରମିକ ଆହତ ହୋଇ ତଳେ ପଡି ଚେତାଶୂନ୍ୟ ହୋଇଯାଇଥିଲେ । ସେମାନେ ହେଲେ ଶୋନାରାମ (୩୦), ଶୋମ ଚଟୁମ୍ପା (୨୪), ପ୍ରଧାନ ଖଦାୟତ (୨୫), ସର୍ଦ୍ଦାର ଘଗରାଇ (୨୪)। ଏମାନଙ୍କୁ ପ୍ରଥମେ ମଣ୍ଡଲିଆ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଏମାନେ ସମସ୍ତେ ଝାଡଖଣ୍ଡର।

## ରୋଗୀ କଲ୍ୟାଣ ସମିତି ବୈଠକ

**କିର୍ମିରା, ୧୭।୧୨ (ଡି.ଏନ.ଏ.)**

କିର୍ମିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହଠାରେ ରୋଗୀ କଲ୍ୟାଣ ସମିତିର ବୈଠକ ବସିଛି। ଡା. ଘନଶ୍ୟାମ ସୁରେନ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ସିଡିପିଓ ଯଶୋବନ୍ତି ପୁରୋହିତ, ଡା. ଓମକାର ପଟେଲ, ଏବିଇଓ ଗୁଣମଣୀ ପଟେଲ, ଜେଇ ସୁରେଶ ପଟେଲ, କଲ୍ୟାଣ ସମିତିର ସଭ୍ୟ ତପିରାମ ମରେଇ, କୁଞ୍ଜବିହାରୀ ପଟେଲଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ। ବିପିଏମ ସୁନୀଲ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ ।



ରୋଗୀ କଲ୍ୟାଣ ସମିତିର ବୈଠକରେ ସରକାରୀ ଅଧିକାରୀମାନେ।



କିର୍ମିରା ବ୍ଲକ ବଇଜାପାଲିରେ ଲକ୍ଷ୍ମୀପୂଜା ଅବସରରେ ଯାତ୍ରା ଏବଂ ଫୁଟବଲ ଟୁର୍ନାମେଣ୍ଟ ଅବସରରେ ଅତିଥି ଓ ଆୟୋଜକଙ୍କ ସହ ଖେଳାଳି।

ବଇଜାପାଲିରେ ଫୁଟବଲ ଟୁର୍ନାମେଣ୍ଟ

## ମଙ୍ଗରାଡିହିକୁ ହରାଇ ଗଇଯୋର ବିଜୟୀ

**କିର୍ମିରା, ୧୭।୧୨ (ଡି.ଏନ.ଏ.)**

କିର୍ମିରା ବ୍ଲକ ବଇଜାପାଲି ଗ୍ରାମରେ ଲକ୍ଷ୍ମୀପୂଜା ଅବସରରେ ଯାତ୍ରା ଏବଂ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫୁଟବଲ ଟୁର୍ନାମେଣ୍ଟରେ ୧୬ଟି ଯୋଗ ଦେଇଥିଲେ। ମଙ୍ଗରାଡିହି ଓ ଗଇଯୋର (ସୁନ୍ଦରଗଡ) ମଧ୍ୟରେ ଫାଇନାଲ ମ୍ୟାଚ ଖେଳା ଯାଇଥିଲା। ଏଥିରେ ଗାଇଯୋର ଦଳ ବିଜୟୀ ହୋଇଛି। ଏହି ଅବସରରେ ଦୀପାଳି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରିଥିଲେ । ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ, ଝାରମୁଣ୍ଡା ସରପଞ୍ଚ ନଟବର ଅଗ୍ରୱାଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଯାତ୍ରା କମିଟି ସଭ୍ୟ ରମଣୀ ନାଏକ, ନିରଞ୍ଜନ ବୁଦୁଲା, ସୁଭାରାମ ମିଞ୍ଜ, ଲଳିନ୍ଦ୍ର ମାଝୀଙ୍କ ସହିତ ଗ୍ରାମବାସୀ ସହଯୋଗ କରିଥିଲେ।


**JAWAHAR NAVODAYA VIDYALAYA**
**BURJUGUDA, THERUBALI, DIST.- RAYAGADA (ODISHA)**
**TENDER CALL NOTICE - 03/2019-20**

Sealed tenders are invited from the reputed registered Firms/Dealers/ Distributers having Sales/Income Tax & GST Clearance upto **4.00 P.M. of dated 31.12.2019 & will be opened on 07.01.2020 at 11.00 A.M.** before the Purchase Advisory Committee & Tenderers presence. The tender form & related information can be had from the Office of the Jawahar Navodaya Vidyalaya, At- Burjuguda, P.O.- Therubali, Dist.- Rayagada, Odisha from **17.12.2019** during office hours on cash payment of Rs.100/- by hand & Rs.150/- by Post **(Non-refundable) upto 2.00 P.M. of dated 30.12.2019.** The E.M.D. should be enclosed in shape of Bank Draft in favour of **Principal, JNV, Rayagada, payable at State Bank of India, Bissam Cuttack. The Vidyalaya Purchase Advisory Committee reserves the right to accept or reject any or all the tenders without assigning any reason thereof.** For details please visit our website **www.jnvrayagada.nic.in.**

| Sl. No. | Units / Items | E.M.D |
|---|---|---|
| 1 | Laboratory Items | 2000.00 |
| 2 | Junior Science Lab Items | 1000.00 |
| 3 | Junior Math Lab Items | 1000.00 |
| 4 | Furniture | 5000.00 |
| 5 | Other Equipment | 5000.00 |
| 6 | Bedding Items | NIL |
| 7 | Utensil | NIL |

**Sd./- Principal**


ଲୋକ ମହୋତ୍ସବ ଦ୍ୱାରା କଳାକୁ ବଞ୍ଚାଯାଇପାରିବ

## ଲୋକ ନୃତ୍ୟରେ ଦୁଲୁକିଲା ମଞ୍ଚ

**ବୌଦ୍ଧ,୧୭।୧୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ତୃତୀୟ ରାଜ୍ୟ ସ୍ତରୀୟ ଗଡଜାତ ଲୋକ ମହୋତ୍ସବ ମଙ୍ଗଳବାର ଥିଲା ତୃତୀୟ ଦିବସ । ଜିଲାର କଳା, ସଂସ୍କୃତି ଓ ଐତିହ୍ୟକୁ ନେଇ ବୀରନରସିଂହପୁର ଗଡଜାତ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଲୋକମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାର ପାରମ୍ପରିକ ନୃତ୍ୟ ସାଙ୍ଗକୁ ଓଡିଆ ସିନେ ଜଗତର କଳାକାର ମାନଙ୍କ ଉପସ୍ଥିତି ମଞ୍ଚର ଶୋଭାକୁ ବୃଦ୍ଧି କରିପାରିଛି । ତୃତୀୟ ସନ୍ଧ୍ୟାରେ ଗଡଜାତ ସାଂସ୍କୃତିକ ପରିଷଦର ସଭାପତି ବିଶ୍ୱଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲକ୍ଷ୍ମୀଧର ସାହୁ, ସମ୍ମାନିତ ଅତିଥି ଭାବେ ହରଭଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସନାତନ ଗାହାଣ, ବରିଷ୍ଠ ସିନେ ତାରକା ଶ୍ରୀକାନ୍ତ ଗୌତମ, ଦିବ୍ୟଶଙ୍କର ରାଉତ, ଶିକ୍ଷକ ଦୁଃଖିଶ୍ୟାମ ଗାଇଗୌରିଆ ଯୋଗ ଦେଇଥିଲେ । ଅତିଥିମାନେ ଲୋକ ମହୋତ୍ସବ ଦ୍ୱାରା ଲୁଚି ଯାଉଥିବା କଳାକୁ ବଞ୍ଚାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ହାଡିବନ୍ଧୁ ମହାକୁଡ ମଞ୍ଚ ପରିଚାଳନା କରିଥିବା ବେଳେ ବିଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ସଭା ପୂର୍ବରୁ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ବ୍ୟଙ୍ଗ କବି ଶାନ୍ତନୁ ପାଣିଗ୍ରାହୀ ବ୍ୟଙ୍ଗ କବିତା ପାଠ କରିଥିଲେ ।


**CLASSIFIED DISPLAY**

**ALL EDITION - B/W (Everyday)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

NEW YEAR DHAMAKA
ହର୍ କଦମ ଆପକେ ସାଥ୍
ବନ୍ଧନ ଋଣ 1993ରୁ ଆପଣଙ୍କର ସେବାରେ (NBFC Registered) କମ୍ପାନୀ ଦ୍ୱାରା ଏଜୁକେଶନ୍, ସମ୍ପତି, ପେ-ସ୍ଲିପ୍ ଗ୍ରୁପ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। (ଖର୍ଚ୍ଚ ଲୋନ ପାସ୍ ହେଲା ପରେ) 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
9520405151
9520334141

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨0 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ *T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BUSINESS BUSINESS

INDUS TOWER
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ 4G ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- +୨୦ ବର୍ଷର ଏଗ୍ରୀମେଣ୍ଟ
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7752975969

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

FRANCHISE
The Chocolate house Cafe — A sweet taste of House
The Chocolate House
Invites Café / Restaurant Franchise Opportunity in BHUBANESWAR
Ready to Buy Outlet
Contact - 9150934567, 8249600323
E-mail : chocolatehouse@oberai.com

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ



### ୧୮୦ ବଣ୍ଡଲ କେନ୍ଦୁପତ୍ର ସହ ପିକ୍‌ଅପ୍ ଭ୍ୟାନ୍ ଜବତ

ରେଢାଖୋଲ,୧୭।୧୨(ଡି.ଏନ.ଏ.) ରେଢାଖୋଲ ପୋଲିସ ସୋମବାର ବିଳମ୍ବିତ ରାତିରେ କେନ୍ଦୁପତ୍ର ଚୋରା ଚାଲାଣ କରୁଥିବା ଏକ ପିକ୍‌ଅପ୍ ଭ୍ୟାନକୁ ଜବତ କରିଛି। ଏଥିସହିତ ଭ୍ୟାନରେ ଥିବା ୯ କୁଇଣ୍ଟାଲ ଚୋରା କେନ୍ଦୁପତ୍ର ଜବତ କରିଛି। ହେଲେ ଚୋରା ଚାଲାଣକାରୀ ପୋଲିସକୁ ଦେଖି ଫେରାର ହୋଇ ଯାଇଛନ୍ତି। ରେଢାଖୋଲ ଥାନା ଅଧୀନ ଝାଙ୍କରପଡା-ଟାଲ ଗ୍ରାମରୁ ୧୮୦ ବଣ୍ଡଲ ଚୋରା କେନ୍ଦୁପତ୍ର ବୋଝେଇ କରି ପିକଅପ ଭ୍ୟାନ (ନଂ ଓଡି-୧୫ ବି ୯୨୫୯) ଆସୁଥିଲା। ସୂଚନା ପାଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ସଦଳବଳେ ଚଢାଉ କରିଥିଲେ। ତେବେ ଗତ ୨ ବର୍ଷର ନିରବତା ପରେ ଚଳିତ ବର୍ଷ ଚୋରା କେନ୍ଦୁପତ୍ର ମାଫିଆ ରେଢାଖୋଲ ଅଞ୍ଚଳରେ ପୁଣି ସକ୍ରିୟ ହୋଇଛନ୍ତି। ବିଭିନ୍ନ ଗ୍ରାମରୁ ଛୋଟ ଛୋଟ ଗାଡିରେ ସଂଗ୍ରହ କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗଚ୍ଛିତ କରିବା ପରେ ଟ୍ରକ୍‌ରେ ରାଜ୍ୟ ଓ ରାଜ୍ୟ ବାହାରକୁ ଚୋରାଚାଲାଣ କରୁଛନ୍ତି। ତେବେ କେନ୍ଦୁପତ୍ର ଚୋରା ଚାଲାଣ ବୃଦ୍ଧି ପାଉଥିଲେ ହେଁ ବନ ବିଭାଗ ଏହାକୁ ରୋକିବା ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଚୋରା ଚାଲାଣକାରୀ ବନବିଭାଗ ଅଧିକାରୀଙ୍କ ହାତ ଚିକ୍କଣ କରି ଅନାୟାସରେ ଏହି ଚୋରା ଚାଲାଣ କରୁଛନ୍ତି।

### ଶକ୍ତି ସଂରକ୍ଷଣ ଦିବସ

ନାକଟିଦେଉଳ, ୧୭।୧୨ (ଡି.ଏନ.ଏ.) ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡଇଁଚା ବାପୁଜୀ ସରକାରୀ ହାଇସ୍କୁଲରେ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରଣାଳୟ ପକ୍ଷରୁ ଏହି ଦିବସ ପାଳିତ ହୋଇଥିଲା। କାଦୋବାହାଲ ପଞ୍ଚଖଣ୍ଡା ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଘନଶ୍ୟାମ ପ୍ରଧାନ, ଜଗନ୍ନାଥ ପ୍ରସାଦ ପବିତ୍ର ମୋହନ ହାଇସ୍କୁଲର ସୁମନ କଲ୍ୟାଣ ମାଝି, ଡଇଁଚା ବାପୁଜୀ ସରକାରୀ ହାଇସ୍କୁଲର ଛାତ୍ରୀ ଅଳକା ସାହୁ ପ୍ରମୁଖ ପୁରସ୍କୃତ ହୋଇଥିଲେ। ବାପୁଜୀ ହାଇସ୍କୁଲର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାକଟିଦେଉଳ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଆଲୋକ କୁମାର ନାଏକ, ସରାପାଲି ହାଇସ୍କୁଲର ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଭୀମସେନ ବେହେରା, ଡଇଁଚା ସରପଞ୍ଚ ପ୍ରବୀଣ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶକ୍ତି ସଂରକ୍ଷଣ ଦିବସର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିବା ବେଳେ ଅରୁଣ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ ଶକ୍ତି ସଂରକ୍ଷଣ ନେଇ ଏକ ସଚେତନତା ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ।

## ■ନାକଟିଦେଉଳରେ ପ୍ରଶାସନର ମିଳିତ ଜନଶୁଣାଣି ଶିବିର

# ସମୁଦାୟ ୧୧୨ ଅଭିଯୋଗ ଦାଖଲ

ନାକଟିଦେଉଳ, ୧୬।୧୨ (ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସର ରାଜିବ ଗାନ୍ଧୀ ସେବାକେନ୍ଦ୍ରଠାରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୧୧୨ଟି ଅଭିଯୋଗ ଦାଖଲ ହୋଇଥିଲା । ସେଥିମଧ୍ୟରୁ ୧୪ଟି ସାମୂହିକ ଥିବା ବେଳେ ୯୮ଟି ବ୍ୟକ୍ତିଗତ ଅଭିଯୋଗ ଦାଖଲ ହୋଇଥିଲା। ଏଥିରେ ମୁଖ୍ୟତଃ ଆବାସ ଯୋଜନା, ମଧୁବାବୁ ପେନସନ ଯୋଜନା, ବିଦ୍ୟୁତ କରଣ, ସ୍କୁଲରେ ଶିକ୍ଷକ ସମସ୍ୟା, ରାସ୍ତା ଘାଟ, ପାନୀୟ ଜଳ ଏବଂ ଆଧାର କାର୍ଡ଼ ନ ଥିବାରୁ ରାଶନ କାର୍ଡ଼ରେ ନୂତନ ନାମ ସଂଯୋଗ ହୋଇପାରୁ ନ ଥିବା ନେଇ ଅଭିଯୋଗ ହୋଇଥିଲା। ଅପରପକ୍ଷରେ ନାକଟିଦେଉଳର ପର୍ଯ୍ୟଟନ କ୍ଷେତ୍ର ଭୀମମଣ୍ଡଳୀର ବିକାଶ ପାଇଁ ୧୨ ଲକ୍ଷ ଟଙ୍କା ସରକାର ମଞ୍ଜୁର କରିଥିଲେ ସୁଦ୍ଧା ଏହି କାର୍ଯ୍ୟ ଆରମ୍ଭ ହେଉ ନ ଥିବା, ବାଟଗାଁ ସମବାୟ ସମିତିରେ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ଲକ୍ଷାଧିକ ଟଙ୍କାର ସାର ହେରଫେର, ଗୋଗୁଆ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଏବଂ ଗିରିଶ୍ଚନ୍ଦ୍ରପୁର ହାଇସ୍କୁଲରେ ଶିକ୍ଷକ ସମସ୍ୟା, ଘୋଷରାମାଳ ମା' କାଳେଶ୍ୱରୀ ପାଣି ପଞ୍ଚାୟତ ଗଠିତ ହେବା ଦିନଠାରୁ ଆଜି ଯାଏଁ କୌଣସି କାର୍ଯ୍ୟ ହୋଇ ନ ଥିବା, ସାହେବି ପଞ୍ଚାୟତ ହିଞ୍ଜାମୁରା ଗ୍ରାମରେ ବନ ସଂରକ୍ଷଣ କମିଟି ଗଠିତ ହୋଇଥିଲେ ସୁଦ୍ଧା ବନ ବିଭାଗ ଏହି କମିଟିକୁ କୌଣସି ପ୍ରମାଣ ପତ୍ରଦେଉ ନ ଥିବା ସମ୍ପର୍କରେ ଅଭିଯୋଗ ହେଇଥିଲା। ସେହିପରି ଜାମୁଯୋରି ପଞ୍ଚାୟତ କଇଁଗ ଗ୍ରାମକୁ ଆଜକୁ ଦୀର୍ଘ ବର୍ଷ ହେଲା ବିଦ୍ୟୁତ କରଣ କରାଯାଇଥିଲେ ମଧ ଆଜି ଯାଏଁ ବିଦ୍ୟୁତ ସଂଯୋଗ ହୋଇ ନ ଥିବା ନେଇ ଜାମୁଯୋରି ସରପଞ୍ଚ ଅଜିତ ପ୍ରଧାନ ଅଭିଯୋଗ କରିଥିଲେ। ନାକଟିଦେଉଳ ସରପଞ୍ଚ ଶଙ୍କର୍ଷଣ ବିଶି ନାକଟିଦେଉଳ ବ୍ଲକ ସଦରଠାରେ ନିର୍ମିତ ବୃହତ ପାନୀୟ ଜଳ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ, ପେଣ୍ଟବାହାଲରେ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ, ମୁଷାକାନି ଏବଂ ପେଣ୍ଟବାହାଳ ଗ୍ରାମର ବିଭିନ୍ନ ପଡ଼ାକୁ ବିଦ୍ୟୁତ ସଂଯୋଗ ସମ୍ପର୍କରେ ଅଭିଯୋଗ କରିଥିଲେ। ନାକଟିଦେଉଳ ବ୍ଲକ ବାଟଗାଁରୁ ସାଲେଭଟା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା କାମ ନିମ୍ନମାନର ହେବା ସହ ଏଥିରେ ସୂଚନା ଫଳକ ଲାଗି ନ ଥିବା ନେଇ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପ୍ରଧାନ ଅଭିଯୋଗ କରିଥିଲେ । ବଳମ ପଞ୍ଚାୟତରେ ହିତାଧୀକାରୀମାନେ ଆଜକୁ ଦୀର୍ଘ ବର୍ଷ ହେଲା ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ପାଇପାରୁ ନ ଥିବା ଏବଂ ସରାପାଲି ହାଇସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦେବାକୁ ବଳମ ସମିତିସଭ୍ୟ ନେତ୍ରାନନ୍ଦ ରାଉଳ ଅଭିଯୋଗ କରିଥିଲେ । ସେହିପରି ସାହେବୀ ପଞ୍ଚାୟତ ହିଞ୍ଜାମୁରା ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକ ବଦଳି ପ୍ରତିବାଦରେ ଗତ ଶୁକ୍ରବାରଠାରୁ ସ୍କୁଲରେ ତାଲା ପଡ଼ିଥିବା ବେଳେ ଅଭିଭାବକ, ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା, ଛାତ୍ରୀଛାତ୍ରମାନେ ଜିଲାପାଳଙ୍କୁ ସାକ୍ଷାତ କରି ସମସ୍ୟାର ସମାଧାନ ପଇଁ ଦାବି କରିଥିଲେ । ଏହି ଜନ ଶୁଣାଣି ଶିବିରରେ ସମ୍ବଲପୁରର ଜିଲାପାଳ ଶୁଭମ ସାକ୍ସେନା, ଏସ୍‌ପି କନଓ୍ୱର ବିଶାଲ ସିଂ, ଉପଜିଲାପାଳ ଡ଼ୋଲାମଣୀ ପଟେଲ, ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀ, ଏସଡିପିଓ ହାଡ଼ବନ୍ଧୁ ସ୍ୱାଇଁ, ଭାରପ୍ରାପ୍ତ ବିଡିଓ ପରୀକ୍ଷିତ ସାହୁ, ଡିଏଫଓ ସଂଗ୍ରାମ କେଶରୀ ବେହେରା, ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ଉପାଧ୍ୟକ୍ଷା ଗୀତାଞ୍ଜଳୀ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ଜିଲା, ଉପଖଣ୍ଡ ଏବଂ ବ୍ଲକସ୍ତର ସମସ୍ତ ବିଭାଗ ଅଧିକାରୀମାନଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ଘଟଣାସ୍ଥଳରେ କୌଣସି ସମସ୍ୟାର ସମାଧାନ ହୋଇପାରି ନ ଥିବା ବେଳେ ଦେଖିବା, ଶୁଣିବା, ପଦକ୍ଷେପ ନେବା ଆଦି ପ୍ରଶାସନଠାରୁ ପ୍ରତିଶ୍ରୁତି ପାଇ ଅଭିଯୋଗ କାରୀମାନଙ୍କୁ ସନ୍ତୁଷ୍ଟ ହେବାକୁ ପଡ଼ିଛି ।



ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ମିଳିତ ଜନଶୁଣାଣି ଶିବିର ।

## ଜାତୀୟ ପରିସଂଖ୍ୟାନ ଅଫିସରେ ପ୍ରଶିକ୍ଷଣ ଶିବିର

ସମ୍ବଲପୁର, ୧୭।୧୨ (ବ୍ୟୁରୋ) ଜାତୀୟ ପରିସଂଖ୍ୟାନ ସଂଗଠନର ସମ୍ବଲପୁର କ୍ଷେତ୍ରୀୟ ଅଫିସ ପକ୍ଷରୁ ୭୮ତମ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ରାଜ୍ୟ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଇତିଶ୍ରୀ ପ୍ରିୟଦର୍ଶିନୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସଂଗଠନର କଲିକତା ଜୋନ୍‌ର ନିର୍ଦ୍ଦେଶକ ଆନିନ୍ଦ୍ୟ ବାନାର୍ଜୀ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇ ସର୍ବେକ୍ଷଣର ଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଉପ-ନିର୍ଦ୍ଦେଶକ ବାୟା ମାଝି ସଭାପତିତ୍ୱ କରିଥିଲେ। ଦୁର୍ଗା ପ୍ରସାଦ ପଣ୍ଡା, ମହେଶ ପ୍ରସାଦ ତ୍ରିପାଠୀ, ବଦ୍ରି ନାରାୟଣ ମେହେର ପ୍ରମୁଖ ଅଧିକାରୀମାନେ ସର୍ବେକ୍ଷଣ ସମୟରେ ଅନୁସରଣ କରାଯିବାକୁ ଥିବା ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସର୍ବେକ୍ଷଣରେ ଦେଶର ୧୪ ହଜାର ୫ ଶହ ସହର ଓ ଗ୍ରାମାଞ୍ଚଳକୁ ନିଆଯାଇଛି। ଏଥିରେ ଓଡ଼ିଶାର ୫ ଶହ ନମୁନା କ୍ଷେତ୍ର ରହିଛି। ସର୍ବେକ୍ଷଣରେ ଘରୋଇ ପର୍ଯ୍ୟଟନ ଖର୍ଚ୍ଚ ବାବଦରେ ସବିଶେଷ ତଥ୍ୟ, ଏଥିପାଇଁ ଥିବା ବିଭିନ୍ନ ସୁବିଧା ଉପରେ ହେଉଥିବା ବ୍ୟୟ ସମ୍ପର୍କରେ ସୂଚନା ସଂଗ୍ରହ କରାଯାଇ ଆକଳନ ପ୍ରସ୍ତୁତ କରାଯିବ। ଦେଶରେ ଅର୍ଥନୈତିକ ଅଭିବୃଦ୍ଧିରେ ପର୍ଯ୍ୟଟନର ଭୂମିକା ବଢୁଥିବା ପରିପ୍ରେକ୍ଷୀରେ ଜାତୀୟ ସର୍ବେକ୍ଷଣ ସାମାଜିକ ଓ ଅର୍ଥନୈତିକ ନୀତି ନିର୍ଦ୍ଧାରଣ ଦିଗରେ ସରାକାରଙ୍କୁ ସୂଚନା ପ୍ରଦାନ କରାଯିବ।

## ବଳାତ୍କୃତାଙ୍କ ଡାକ୍ତରୀମାଇନା କରାଇଲା ପୋଲିସ

**ଡିସେମ୍ବର ୧ରେ ଅଇଁଠାପାଲି ବସଷ୍ଟାଣ୍ଡରେ ବଳାତ୍କାର**

■ଭୁବନେଶ୍ୱର ଯିବାକୁ ବସ୍‌କୁ ଅପେକ୍ଷା କରିଥିଲେ

■ଘଟଣାର ୧୫ ଦିନ ପରେ ଥାନାରେ ଅଭିଯୋଗ

■ଅଭିଯୁକ୍ତଙ୍କ ସମ୍ପର୍କରେ କିଛି କହିପାରୁ ନାହାନ୍ତି

ସମ୍ବଲପୁର,୧୭।୧୨ (ବ୍ୟୁରୋ)

ସମ୍ବଲପୁର ସହରର ଅଇଁଠାପାଲି ବସ୍ ଷ୍ଟାଣ୍ଡରେ ଡିସେମ୍ବର ୧ ତାରିଖ ଭୋର ୫ଟାରେ ଭୁବନେଶ୍ୱର ଯିବା ଲାଗି ବସକୁ ଅପେକ୍ଷା କରିଥିବା ଜଣେ ୨୧ ବର୍ଷୀୟା ଯୁବତୀ ବଳାତ୍କାରର ଶିକାର ହୋଇଛନ୍ତି। ଘଟଣାର ୧୫ ଦିନ ପରେ ସୋମବାର ବିଳମ୍ବିତ ରାତିରେ ଏ ନେଇ ସମ୍ପୃକ୍ତ ଯୁବତୀ ଜଣକ ଅଇଁଠାପାଲି ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଆଧାର କରି ଅଇଁଠାପାଲି ଥାନା ପୋଲିସ ଏକ ମାମଲା (ନଂ. ୫୭୦/୧୯) ରୁଜୁ କରି ତଦନ୍ତ କରୁଛି। ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ ତାଙ୍କ ଡାକ୍ତରୀ ମାଇନା କରାଇଛି। ବୁଧବାର ମାଜିଷ୍ଟ୍ରେଟଙ୍କ ଆଗରେ ୧୬୪ ବୟାନ ରେକର୍ଡ କରାଯିବାକୁ ସ୍ଥିର ହୋଇଛି । ହେଲେ ଯୁବତୀ ଜଣଙ୍କ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସକୁ କିଛି କହି ପାରୁନାହାନ୍ତି। କେବଳ ବିଶ୍ୱଜିତ ନାମକ ଯୁବକ ବୋଲି ପୋଲିସକୁ ସୂଚନା ଦେଇଛନ୍ତି। ତେବେ ଏ ସମ୍ପର୍କରେ ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା କହିଛନ୍ତି ଯେ, ମାମଲା ରୁଜୁ ପରେ ତଦନ୍ତ କରାଯାଉଛି। ଏକ ପୋଲିସ ଟିମ୍ ମଧ ଗଠନ କରାଯାଇଛି। ଅଭିଯୁକ୍ତଙ୍କୁ ନିଶ୍ଚୟ ଧରାଯିବ। ପ୍ରକାଶଯୋଗ୍ୟ, ଘଟଣାଦିନ ଭୋରରେ ଯୁବତୀ ଜଣକ ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିବାବେଳେ ଜଣେ ଯୁବକ ଆସି ତାଙ୍କ ସହ କଥା ହୋଇଥିଲେ। କିଛି ସମୟ କଥାବାର୍ତ୍ତା ପରେ ବସ୍ ଭିତରକୁ ଡାକି ନେଇ ବଳାତ୍କାର କରିଥିଲେ ବୋଲି ଯୁବତୀ ଜଣକ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

## ଲଜପତ ରାୟ ଆଇନ କଲେଜରେ ଆଇନ ସେବା କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର, ୧୭।୧୨ (ବ୍ୟୁରୋ)

ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଲଜପତ ରାୟ ଆଇନ କଲେଜ ପରିସରରେ ମଙ୍ଗଳବାର ଆଇନ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଥିଲା । ଜିଲା ଦୌରା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସନ୍ତୋଷ କୁମାର ଜେନା ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସଞ୍ଜୟ କୁମାର ସାହୁ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଲିଲି ସେନାପତି, କୋର୍ଟ ରେଜିଷ୍ଟ୍ରାର ବି. ଗୌତମ ସମ୍ମାନୀତ ଅତିଥି ଥିଲେ । ପ୍ରାଧ୍ୟାପକ ଡ. ବିକ୍ରମ କୁମାର ଦାସ, ସହକାରୀ ପ୍ରଫେସର ଡ. ଲକ୍ଷ୍ମୀକାନ୍ତ ଦାସ, ସହକାରୀ ପ୍ରଫେସର ଅଙ୍କିତ ସୌରଭ ସାହୁଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରେ ଅତିଥିମାନେ ଉଦ୍‌ଘାଟିତ କେନ୍ଦ୍ର ପରିଦର୍ଶନ କରିବା ସହ ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ ଆଇନ ସେବା କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ । ଏଥିସହ ପ୍ରାଧିକରଣର ସଦସ୍ୟମାନେ କେନ୍ଦ୍ରର ସୁପରିଚାଳନା ସକାଶେ କଲେଜର ଶେଷ ବର୍ଷ ଛାତ୍ର ପ୍ରଦୀପ ବେହେରାଙ୍କୁ ଦାୟିତ୍ୱ ଦେଇଥିଲେ । ଶେଷରେ ଛାତ୍ରୀ ରତ୍ନପୂର୍ଣ୍ଣା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟାନ୍ୟମାନଙ୍କ ମଧ୍ୟରେ ସୁବଳ ଗର୍ଡିଆ, ମାନସ ରଞ୍ଜନ ନାୟକ, ମୁକେଶ ଶର୍ମା, ଏମ୍.ନାଗରାଜନ, ଲକ୍ଷ୍ମୀପ୍ରିୟା ହୋତା, ବ୍ରଜବନ୍ଧୁ ମୁଦୁଲି ଉପସ୍ଥିତ ଥିଲେ ।




ମଙ୍ଗଳବାର ସମ୍ବଲପୁର ଲଜପତ ରାୟ ଆଇନ କଲେଜ ପରିସରରେ ଅତିଥିମାନେ ଆଇନ ସେବା କେନ୍ଦ୍ରର ଶୁଭାରମ୍ଭ କରୁଛନ୍ତି ।

## ଫଟୋରେ ଖବର





ମଙ୍ଗଳବାର ସମ୍ବଲପୁରରେ ଚାଷୀଙ୍କ ରାସ୍ତା ଅବରୋଧ ଯୋଗୁ ବରେଇପାଲି ଛକରେ ଟ୍ରାକ୍ଟର ତଳେ ଡ୍ରାଇଭର ଶୋଇଛନ୍ତି (ବାମ)। ବରେଇପାଲି ମାର୍କେଟ ୟାର୍ଡ ଛକରେ ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି (ମଝି)। ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ଉପଜିଲାପାଳ ଲିଖିତ ପ୍ରତିଶ୍ରୁତି ପଢି ଶୁଣାଉଛନ୍ତି ।





ବରେଇପାଲି ମାର୍କେଟ ୟାର୍ଡ ପରିସରରେ ବିକ୍ରି ନ ହୋଇ ଟ୍ରାକ୍ଟର ଟ୍ରଲିରେ ରହିଥିବା ଧାନ ବସ୍ତାରୁ ପାରା ପଲ ଖାଦ୍ୟ ସଂଗ୍ରହ କରୁଛନ୍ତି (ବାମ)। ଆନ୍ଦୋଳନକାରୀ ଚାଷୀଙ୍କ ସହ ପୋଲିସ ଅଧିକାରୀ ଆଲୋଚନା କରୁଛନ୍ତି (ମଝି)। ରାସ୍ତା ମଝିରେ ଧାନଗାଡି ରଖି ଚାଷୀ ଆନ୍ଦୋଳନରେ ବସିଛନ୍ତି ।

# ଲେମ୍ବୁ ଫସଲରେ ପୋକ ଦମନ



ଡ. ବିଷ୍ଣୁ ଚରଣ ଜେନା







ଲେମ୍ବୁ ଓ କମଳାଫଳ ସ୍ୱାସ୍ଥ୍ୟ ପାଇଁ ହିତକାରକ । ଏଥିରେ ଭିଟାମିନ-ସି ଭରପୂର ମାତ୍ରାରେ ରହିଛି । ଏହା ଖାଦ୍ୟ ଦ୍ରବ୍ୟକୁ ଖାଇବା ପରେ ହଜମ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ । କିନ୍ତୁ ବିଭିନ୍ନ ପ୍ରଜାତିର ରୋଗ ଓ ପୋକ ଫସଲକୁ ଆକ୍ରମଣ କରିବା ଯୋଗୁ ଫସଲର ଅମଳ ଯଥେଷ୍ଟ ପରିମାଣରେ ହ୍ରାସ ପାଏ। ପ୍ରାୟ ୧୨ ପ୍ରଜାତିର ପୋକ ଏହି ଫସଲ ପ୍ରତି ବିଶେଷ କ୍ଷତିକାରକ । ସେମାନଙ୍କ ମଧ୍ୟରୁ ପତ୍ର ସୁଡଙ୍ଗକାରୀ ପୋକ ଅନ୍ୟତମ ।

**କ୍ଷତିର କାରଣ:** କଅଁଳ ପତ୍ର ଥିବା ଲେମ୍ବୁ ଗଛଗୁଡିକରେ ପୋକର ପ୍ରାଦୁର୍ଭାବ ଅଧିକ। କିନ୍ତୁ ମୋଟା ଏବଂ ଟାଣୁଆ ପତ୍ର ଥିବା ଲେମ୍ବୁ ଗଛରେ ପୋକର ଦୌରାତ୍ମ୍ୟ କମ୍ ରହେ। ଲେମ୍ବୁ ଗଛରେ ଫୁଲ ଧରିବା ସମୟରେ ପୋକଗୁଡିକ ଫସଲକୁ ଆକ୍ରମଣ କରନ୍ତି। ଗୋଡବିହୀନ ଶୂକ କଅଁଳ ପତ୍ରର ଉପରି ଭାଗରେ ସର୍ପପରି ଅଙ୍କାବଙ୍କା ସୁଡଙ୍ଗ ତିଆରି କରେ ଓ ସେଥିରେ ରହି ପତ୍ରର ସବୁଜକଣାଗୁଡିକୁ ଖାଏ । ସୁଡଙ୍ଗଗୁଡିକ ରୂପେଲି ରଙ୍ଗ ଧାରଣ କରେ। ଆକ୍ରମିତ ପତ୍ରଗୁଡିକ ବିକୃତ ରୂପ ଧାରଣକରେ ଓ ଲୋଚାକୋଚା ହୋଇ ମୋଡି ମୋଡି ହୁଏ ଏବଂ ଶୁଖି ଯାଇ ଗଛରୁ ଝଡିପଡେ। ପୋକ ଦ୍ୱାରା ଆକ୍ରମିତ ହୋଇଥିବା ଉଦ୍ୟାନର ଚାରାଗୁଡିକ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୁଏ। ପତ୍ରର ଉପର ଭାଗ ଅପେକ୍ଷା ତଳ ଭାଗ ପୋକ ପାଇଁ ବିଶେଷ ଉପଯୁକ୍ତ ହୋଇଥାଏ । ଫସଲରେ ପୋକର ବିଭୀଷିକା ଯୋଗୁ ଲେମ୍ବୁ ଅମଳ ହାରାହାରି ୩୦ରୁ ୪୦ ପ୍ରତିଶତ ହ୍ରାସ ପାଏ।

**ପୋକର ଜୀବନ ବୃତ୍ତାନ୍ତ:** ସ୍ତ୍ରୀ ପୋକଟି ଲେମ୍ବୁ ଗଛର କଅଁଳ ପତ୍ରର ତଳ ଅଂଶରେ ମଧ୍ୟ ଶିରା ନିକଟରେ ଅଣ୍ଡାଦିଏ। ଅଣ୍ଡାରୁ ଶୂକ ବାହାରି ପତ୍ରର ତନ୍ତୁରେ ଅଙ୍କାବଙ୍କା ସୁଡ଼ଙ୍ଗ କରି ସବୁଜ କଣାଗୁଡିକୁ ଖାଏ ଓ ପରିଶେଷରେ ପତ୍ରର ଧାର ଅଂଶକୁ ଯାଇ ସେଠାରେ କୋଷାରେ ପରିଣତ ହୁଏ । ପୋକଟି ନିଜର ଜୀବନଚକ୍ର ୧୪ରୁ ୧୮ ଦିନ ମଧ୍ୟରେ ଶେଷ କରେ। ଏକ ବର୍ଷରେ ପୋକଟି ୫ରୁ ୧୩ଟି ବଂଶ ବିସ୍ତାର କରେ । ବର୍ଷର ଅତ୍ୟନ୍ତ ଥଣ୍ଡା ଓ ଗ୍ରୀଷ୍ମ ସମୟ ବ୍ୟତୀତ ଅନ୍ୟ ସମୟରେ ପୋକଟି ସକ୍ଷମ ହୋଇ ଫସଲ ନଷ୍ଟ କରେ।

**ପୋକ ଦମନ ପ୍ରଣାଳୀ:** ପତ୍ର ସୁଡଙ୍ଗକାରୀ ପୋକର ଭୟାବହତାକୁ ପ୍ରତିହତ କରିବା ପାଇଁ କି କି ଉପାୟ ଅବଲମ୍ବନ କରିବା ଆବଶ୍ୟକ ସେ ସମ୍ବନ୍ଧରେ ଉକ୍ତ ନିବନ୍ଧ ମାଧ୍ୟରେ ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଉଛି।

ଅନୁମୋଦିତ ପରିମାଣର ଖତସାର ଦିଅନ୍ତୁ। ଲେମ୍ବୁ ଗଛରେ ଫୁଲ ଆସିବା ପୂର୍ବରୁ ଗଛ ଶୁଖିଲା ଡାଳ କାଟି ଦିଅନ୍ତୁ। ଫସଲରେ ପୋକ ଆକ୍ରମଣ ହେଲେ ଏକ ଲିଟର ପାଣିରେ ୦୨ ମିଲି ଲିଟର ମେଟା ସିମଟକ୍ସ ମିଶାଇ ଏହି ଅନୁପାତରେ ଫସଲକୁ ସମ୍ପୂର୍ଣ୍ଣ ରୂପେ ସିଞ୍ଚନ କରନ୍ତୁ । ଏହା ବ୍ୟତୀତ ନିମତେଲ ୧ଲିଟର ପାଣିରେ ୦୫ ମି.ଲି. ମିଶାଇ ଗଛରେ ମଧ୍ୟ ସିଞ୍ଚନ କରନ୍ତୁ।

-ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, ଓୟୁଏଟି,ଭୁବନେଶ୍ୱର, ମୋ: ୯୭୭୬୪୦୪୪୦୬

## ମୂଳିଆଖୁ

ଜମିରୁ ଶୁଖିଲା ପତ୍ର ବାହାର କରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷ କରି ହୁଡ଼ା ଭାଙ୍ଗି ଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟ ହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖି ଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ,



୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ଡାଲିଜାତୀୟ ଫସଲ ସମ୍ପର୍କରେ...



ଏକ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ ଭିଟାଭାକ୍ସ ପାୱାର ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷ କରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ଏକମାସ ହୋଇଯାଇଥିଲେ ୨% ଡିଏପି ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବାର ସମ୍ଭାବନା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରା. ସଲ୍‌ଫର ସେଟିଡଗୁଣ୍ଡ କିମ୍ବା ପ୍ରୋପିକୋନାଜୋଲ ୧ ମି.ଲି. ୧ ଲି. ପାଣି ମିଶାଇ ସିଞ୍ଚନ କରନ୍ତୁ ।



## ବାସଙ୍ଗ ପତ୍ରରୁ କୀଟ ନିୟନ୍ତ୍ରକ ପ୍ରସ୍ତୁତି



କିଶୋର ଚନ୍ଦ୍ର ପଣ୍ଡା

ଆମ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହି ଔଷଧୀୟ ଗୁଳ୍ମ ଦେଖିବାକୁ ମିଳିଥାଏ। ଏହାକୁ ଓଡିଆରେ ବାସଙ୍ଗ, ବାସକ, ଇଂରାଜୀରେ ମାଲାବରନଟ୍ ଏବଂ ଉଦ୍ଭିଦ ବିଜ୍ଞାନରେ ଜଷ୍ଟିସିଆ ଆଧାତୋଡା ଲିନ୍ କୁହାଯାଏ। ଏହା ଆକାନ୍ଥାସିଆ ପରିବାର ଅନ୍ତର୍ଭୁକ୍ତ । ଏହା ୧ରୁ ଅଢେଇ ମିଟର ଉଚ୍ଚତା ବିଶିଷ୍ଟ ଓ ବହୁ ଶାଖା ପ୍ରଶାଖାଯୁକ୍ତ ସଘନ ଚିରହରିତ୍ ଗୁଳ୍ମ। ଅତି ଉର୍ବର ମାଟିରେ କେବେ କେବେ ୬ ମିଟର ଉଚ୍ଚତା ଯାଏ ମଧ୍ୟ ବଢିଥାଏ। ଜୁନ୍‌ରୁ ମାର୍ଚ୍ଚ ମାସ ମଧ୍ୟରେ ଶ୍ୱେତ ରଙ୍ଗଯୁକ୍ତ ଫୁଲ ଫୁଟିଥାଏ। ଫୁଲ ଫୁଟିଥିବା ବେଳରେ ଅଧିକ ଔଷଧୀୟ ତତ୍ତ୍ୱ ରହୁଥିବାରୁ ଏହି ସମୟ ପତ୍ରତୋଳିବା ପାଇଁ ଉପଯୁକ୍ତ ସମୟ। କାଶ, ପାଦଜ୍ୱାଳା, ରକ୍ତପ୍ରଦର, ଶ୍ୱାସ ଆଦି ରୋଗ ପାଇଁ ବାସଙ୍ଗ ବ୍ୟବହୃତ ହୋଇଥାଏ। ଜ୍ୟୋତିଷ ଶାସ୍ତ୍ରରେ ମଧ୍ୟ ବାସଙ୍ଗର ବ୍ୟବହାର ବିଷୟରେ ଉଲ୍ଲେଖ ରହିଛି।

### ଜୈବିକ କୃଷି ପାଇଁ ବାସଙ୍ଗ ପତ୍ରରୁ କୀଟ ନିୟନ୍ତ୍ରକ

**ବାସଙ୍ଗ ପତ୍ର ପାଚନ:** ବାସଙ୍ଗ ପତ୍ରକୁ ସଂଗ୍ରହ କରି ଏହାକୁ ଭଲଭାବେ ଧୋଇ ଖଣ୍ଡ ଖଣ୍ଡ କରି କାଟି ଦିଅନ୍ତୁ। ଏକ ପିତ୍ତଳ ପାତ୍ରରେ ଏହି ପତ୍ର ଓଜନର ୪ ଗୁଣ ପାଣି ମିଶାଇ ଧିମା ଆଞ୍ଚରେ ୧/୪ ଅଂଶ ହେବା ପର୍ଯ୍ୟନ୍ତ ସିଝାନ୍ତୁ। ଏହା ଥଣ୍ଡା ହେବା ପରେ ପତଳା କନାରେ ଏହାକୁ ଛାଣି ରଖନ୍ତୁ। ୫୦୦ ମିଲି ଲିଟର ଏହି ପତ୍ର ପାଚନ ରସ ସହିତ ୧୦ ମିଲି ଲିଟର ସାବୁନ ପାଣି, ୧୦ ଲିଟର ପାଣି ମିଶାଇ ସକାଳ ୬ଟାରୁ ୯ଟା ମଧ୍ୟରେ ସିଞ୍ଚନ କରିବା ଦ୍ୱାରା ଫସଲର ପତ୍ରରେ ହୋଇଥିବା ଫିମ୍ପି ଜନିତ ରୋଗ ତଥା ଧାନ ଫସଲର ମହିଷା ରୋଗ ଦୂର କରିବାରେ ସହାୟକ ହୋଇଥାଏ।

**ସପ୍ତପତ୍ରିକା ରସାୟନ:** ୨୫୦ ଗ୍ରାମ୍ ଲେଖାଏ ନିମ୍ବପତ୍ର, କରଞ୍ଜପତ୍ର, ବାସଙ୍ଗ ପତ୍ର, ନାଗଅଇରି ପତ୍ର ଓ ବଣତୁଳସୀପତ୍ର, ଅରଖପତ୍ର, ଦୁଦୁରାପତ୍ର ନିଅନ୍ତୁ। ଏଥିରେ ୪ ଲିଟର ଦେଶୀ ଗାଈର ଗୋମୂତ୍ର ଓ ୭ ଲିଟର ପାଣି ଦେଇ ୧୫ ଦିନ ଯାଏ ଶଢାଇ ଦିଅନ୍ତୁ। ତା’ ପରେ ଏହି ଦ୍ରବଣକୁ ଘାଣ୍ଟି ଛାଣି ୧୦ ଗୁଣା ପାଣି ମିଶାଇ ସନ୍ଧ୍ୟା ସମୟରେ ସିଞ୍ଚନ କଲେ ସମସ୍ତ ରୋଗ ପୋକ ନିୟନ୍ତ୍ରଣ ହୋଇଥାଏ।

**ବାସଙ୍ଗ ନିର୍ଗୁଣ୍ଡି ରସାୟନ:** ୧ ଲିଟର ଦେଶୀଗାଈର ଗୋମୂତ୍ର ସହିତ ୩୦୦ ଗ୍ରାମ୍ ବାସଙ୍ଗପତ୍ର ତଥା ନିର୍ଗୁଣ୍ଡି ପତ୍ରର ବଟା ମିଶାନ୍ତୁ। ଏହି ମିଶ୍ରଣରେ ୧୦ ଲିଟରେ ପାଣି ମିଶାଇ ୭ରୁ ୧୦ ଦିନ ମଧ୍ୟରେ ଧାନ ଫସଲରେ ୨ରୁ ୩ଥର ସିଞ୍ଚନ କଲେ ମୂଳଶଢା, କାଣ୍ଡଶଢା ଓ ଫଳଶଢା ଆଦି ରୋଗ ନିୟନ୍ତ୍ରିତ ହୋଇଥାଏ। ଔଷଧ ପ୍ରସ୍ତୁତି ସଂରକ୍ଷଣ ତଥା ପ୍ରୟୋଗ ସମୟରେ ସୂର୍ଯ୍ୟାଲୋକଠାରୁ ଦୂରେଇ ରଖନ୍ତୁ।



**ଶସ୍ୟ ସାଇତିବା ପାଇଁ ବାସଙ୍ଗ ପତ୍ରର ଉପଯୋଗ:** ନିମ୍ବ, ତୁଳସୀ ଓ ବାସଙ୍ଗ ପତ୍ରକୁ ସମଭାଗରେ ମିଶାଇ ପ୍ରତି ଏକ କିଗ୍ରା ସାଇତା ଶସ୍ୟରେ ୫୦ ଗ୍ରାମ୍ ଲେଖାଏ ଗୋଳାଇ ରଖନ୍ତୁ। ଏପରିକଲେ ସାଇତା ଶସ୍ୟରେ ପୋକ ଲାଗିବେ ନାହିଁ।

**ଧାନ ବିଲରେ ନୀଳଦଳ ନିୟନ୍ତ୍ରଣ:** କେତେକ ଅଞ୍ଚଳରେ ଚାଷୀମାନେ ଏହି ପତ୍ରକୁ ଛେଚି ଧାନ ବିଲରେ ଖେଳାଇ ପକାଇଥାନ୍ତି। ଏହା ଜମିର ଉର୍ବରତା ବୃଦ୍ଧି କରିବା ସହିତ ମାଟିରେ ମିଶି ରହିଥିବା ନୀଳ ଜଳକୁ ନଷ୍ଟ କରିଦିଏ। ଏବେ ଜାଣନ୍ତୁ ଏହି ଉପକାରୀ ଗୁଳ୍ମର ବଂଶବିସ୍ତାର ପଦ୍ଧତି ସମ୍ପର୍କରେ... ବାସଙ୍ଗ ଡାଳରୁ ସହଜରେ ବଂଶବିସ୍ତାର କରାଯାଏ। ସବୁଜ ବାଡ ପାଇଁ ଏହା ଏକ ବିଶେଷ ଉପଯୋଗୀ ଗୁଳ୍ମ ଅଟେ। ସାଧାରଣତଃ ଏହାକୁ ୨ ମିଟର ବ୍ୟବଧାନରେ ରୋପଣ କରାଯାଏ। ମାତ୍ର ସବୁଜ ବାଡ ହିସାବରେ ବ୍ୟବହାର କରୁଥିଲେ ୩୦ ସେମି ଦୂରତାରେ ରୋପଣ କରନ୍ତୁ।

- କୃଷି ବିଶେଷଜ୍ଞ,ପୋଖରିଆପଡା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା





## ସଫଳ ମହିଳାଚାଷୀ



ମଲ୍ଲୀ ଜେନା

## ଚାରା ଦେଇଛି ରାହା

ସ୍ୱାବଲମ୍ବୀ ହେବେ। ଏଇ ଆଶା ତାଙ୍କ ମନରେ ବସା ବାନ୍ଧିଥିଲା । ସେ ଜଣେ ମହିଳା। ତଥାପି ଆଶାକୁ ସାକାର ରୂପ ଦେବା ଲାଗି ସେ ମନସ୍ଥ କରିଥିଲେ। ଶେଷରେ ଚାରା ପ୍ରସ୍ତୁତିକୁ ସ୍ୱରୋଜଗାରର ମାର୍ଗ ଭାବେ ବାଛିଥିଲେ। ଏହାପରେ ଚାଲିଲା ପ୍ରଚେଷ୍ଟା। ଅକ୍ଳାନ୍ତ ପରିଶ୍ରମକୁ ଆପଣାଇନେଲେ। ଆଉ ଏହାହିଁ ତାଙ୍କୁ ଏବେ ସ୍ୱାବଲମ୍ବୀ କରାଇବାରେ ହୋଇଛି ସହାୟକ। ସେ ହେଲେ ମଲ୍ଲୀ ଜେନା। ତାଙ୍କ ସ୍ୱାମୀଙ୍କ ନାମ ରବୀନ୍ଦ୍ର ଜେନା। ତାଙ୍କ ଘର ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଜାତୀୟ ରାଜପଥ ବିଦୁ ନାୟକବନ୍ଧ ଛକଠାରେ।

ସ୍ୱରୋଜଗାରକ୍ଷମ ହେବା ଲାଗି ମଲ୍ଲୀ ପ୍ରଥମେ ୨୦୦୩ ମସିହାରେ ଆରମ୍ଭ କଲେ ପ୍ରୟାସ। ସେହି ବର୍ଷ ନିଜ ବାଡ଼ିରେ ସେ ଧାନ ସହିତ ପରିବା ଚାଷ ଆରମ୍ଭ କରିଥିଲେ। ପ୍ରାରମ୍ଭିକ ସଫଳତା ତାଙ୍କ ଉତ୍ସାହ ବଢାଇଥିଲା। ହେଲେ ପରିବା ଚାଷ ପାଇଁ ବଜାରରୁ କିଣି ଆଣୁଥିବା ଚାରାରେ ଗଛ ବଢ଼ିବା ଓ ଫଳ ଧରିବାରେ କମି କମି ଯାଉଥିବା ସେ ଅନୁଭବ କରିଥିଲେ। ଏଥିନେଇ ସେ ନିଜେ ଚାରା ପ୍ରସ୍ତୁତ ଲାଗି ଅଣ୍ଟା ଭିଡ଼ିଲେ। ଏକ ନର୍ସରୀ ପ୍ରତିଷ୍ଠାର ପରିକଳ୍ପନା କଲେ। ପରେ ଏଥିରେ ଉନ୍ନତମାନର ଫୁଲଚାରା, ଫଳ, ପରିବା ଚାରା ପ୍ରସ୍ତୁତି କଲେ। ପୁଣି ପ୍ରସ୍ତୁତ କଲେ କଲମି ଚାରା। ତେବେ ତାଙ୍କ ନର୍ସରୀରେ ଚାରା ପ୍ରସ୍ତୁତିରେ କେବଳ ଖତ ବ୍ୟବହାର ହୋଇଥାଏ । ଏଠାରେ ପ୍ରସ୍ତୁତ ଚାରାକୁ ନିଜ ବାଡ଼ିରେ ଲଗାଇବା ସହିତ ବିକ୍ରୟ କଲେ। ଧୀରେ ଧୀରେ ତାଙ୍କ ନର୍ସରୀ ପ୍ରସ୍ତୁତ ଚାରା ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଲା। ଏହି କାର୍ଯ୍ୟରେ ତାଙ୍କ ସ୍ୱାମୀ ସହାୟତାର ହାତ ବଢାନ୍ତି। ସେ କଲିକତା ତଥା ଅନ୍ୟସ୍ଥାନକୁ ଯାଇ ଡିଲରମାନଙ୍କଠାରୁ ମଞ୍ଜି ଆଣି ଯୋଗାଇଥାନ୍ତି। ଏଥିଯୋଗୁ ଏବେ ତାଙ୍କ ନର୍ସରୀ ଚାରାର ଚାହିଦା ସ୍ଥାନୀୟ ଅଞ୍ଚଳରେ ଢେର ବଢ଼ିଛି। ପୁଣି ଚାରା ବିକ୍ରୟ ସହିତ ଗଛ ଲଗାଇବା ସମୟରେ ଚାଷୀମାନଙ୍କୁ ପରାମର୍ଶ ଦେଇଥାନ୍ତି ସେ। ଏହି ନର୍ସରୀ କାର୍ଯ୍ୟରେ ଦୁଇଜଣ ନିୟମିତ କାର୍ଯ୍ୟ କରିଥାନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ ଆଉ ଦୁଇଜଣଙ୍କୁ ସ୍ୱରୋଜଗାରର ବାଟ ଦେଖାଇଥିବାରୁ ଆନନ୍ଦ ଅନୁଭବ କରିଥାନ୍ତି। ଅବଶ୍ୟ ପରିଶ୍ରମକୁ ଆପଣେଇ ପାରିଲେ ଜଣେ ନିଶ୍ଚିତ ସ୍ୱାବଲମ୍ବୀ ହୋଇପାରିବ ବୋଲି ଦୃଢୋକ୍ତି ବ୍ୟକ୍ତ କରନ୍ତି ଏହି ସଫଳ ମହିଳାଚାଷୀ।

– ଜନ୍ମେଜୟ ମିଶ୍ର

## ଫୁଲଚାଷ



ଗେଣ୍ଡୁଚାଷ ପାଇଁ ପଟାଳି ପ୍ରସ୍ତୁତ କରି ସିରାକୋଲ୍ ବି.ଏମ୍.-୨ ଏବଂ ବି.ଏମ୍.-୩ କିସମର ଗେଣ୍ଡୁଚାରା ଲଗାନ୍ତୁ। ଡେଙ୍ଗାକିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଏବଂ ବାମନ କିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୨୦-୩୦ ସେ.ମି. ଓ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ।

**ଗୋଲାପ** – କାଣ୍ଟଛାଣ୍ଟ ପରେ ଉକୁଣିଆ ଓ ଜଉପୋକ ଦମନ ପାଇଁ ୨ ମି.ଲି. ଡାଇମିଥଏଟ୍ ବା ୦.୩ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଗେଣ୍ଡୁ** – ପତ୍ରପୋଡ଼ା, କଢ଼ଶଢ଼ା, ଫୁଲଶଢ଼ା ରୋଗ ପାଇଁ କାର୍ବେଣ୍ଡାଜିମ୍ / ମାଙ୍କୋଜେବ୍ ୨ ଗ୍ରାମ୍ /୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ନୂଆ ଗେଣ୍ଡୁର କିସମ – ସିରାକୋଲ୍, ଜାଏଣ୍ଟ ଡବଲ୍ ଆଫ୍ରିକାନ୍ ୟେଲୋ, ଜାଏଣ୍ଟ ଡବଲ୍ ଆଫ୍ରିକାନ୍ ଅରେଞ୍ଜ୍, ବି.ଏମ୍.-୨ ଏବଂ ବି.ଏମ୍.-୩।

-ଚାରା ମାସକର ବା ୪୦ ଦିନ ହୋଇଥିଲେ ଅଗ୍ରମୁକୁଳ ଭାଙ୍ଗି ଦିଅନ୍ତୁ। ମୂଳସାର ଦେବାର ଏକ ମାସ ପରେ କୋଡ଼ାଖୁସା କରି ହେକ୍ଟର ପ୍ରତି ୧୦୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।

**ଗ୍ଲାଡ଼ିଓଲସ୍** – ଦୁଇ ପତ୍ର ଅବସ୍ଥାରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ବର୍ତ୍ତମାନ ମଧ୍ୟ ଗ୍ଲାଡ଼ିଓଲସ୍ ଲଗାଇ ପାରିବେ। ଲଗାଇବା ପୂର୍ବରୁ କନ୍ଦାକୁ ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ।

**ଲିଲିୟମ୍** – କନ୍ଦା ସଂଗ୍ରହ କରି ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ।



> ସିନେମାରେ ମୁଁ ଭିନ୍ନ ଭିନ୍ନ ଚରିତ୍ର କରିଥିଲେ ହେଁ ବଡ଼ ସ୍କ୍ରିନରେ କିନ୍ନର ଭୂମିକାରେ ଅଭିନୟ କରିବାକୁ ମୋର ଭାରି ଇଚ୍ଛା।
>
> -ରଜନୀକାନ୍ତ,
> ତାମିଲ ସୁପରଷ୍ଟାର



# ସଂଖ୍ୟାଲଘୁଙ୍କ ଏକତା ହିଁ ଦେଶର ଶକ୍ତି

**ନୂଆଦିଲ୍ଲୀ:** ସଂଖ୍ୟାଲଘୁ ଅଧିକାର ଦିବସ ପ୍ରତିବର୍ଷ ୧୮ ଡିସେମ୍ବରରେ ପାଳନ କରାଯାଉଛି। ଭାରତରେ ସଂଖ୍ୟାଲଘୁମାନଙ୍କର ଅଧିକାରକୁ ଲୋକଲୋଚନକୁ ଆଣିବା ସହ ଏସମ୍ପର୍କରେ ସଚେତନତା ସୃଷ୍ଟିକରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ସଂଖ୍ୟାଲଘୁମାନଙ୍କର ବିଭିନ୍ନ ସମସ୍ୟାକୁ ହୃଦୟଙ୍ଗମ କରିବା ସହ ସେମାନଙ୍କ ସୁରକ୍ଷା ଉପରେ ଦେଶର ସବୁ ରାଜ୍ୟ ଗୁରୁତ୍ୱ ଦେଇଥାନ୍ତି। ଏହି ଦିବସ ଅବସରରେ ଆଲୋଚନାଚକ୍ର, କାର୍ଯ୍ୟକ୍ରମ ତଥା ସଚେତନତା ଅଭିଯାନ ଆୟୋଜନ କରାଯାଇଥାଏ। କୌଣସି ରାଷ୍ଟ୍ରରେ ଯେଉଁମାନଙ୍କ ସଂଖ୍ୟା କମ୍ ଓ ସାମାଜିକ, ରାଜନୈତିକ, ଆର୍ଥିକ ରୂପରେ ଦୁର୍ବଳ ତଥା ଜାତି, ଧର୍ମ ଆଦିରେ ବହୁସଂଖ୍ୟକଠାରୁ ଅଲଗା ରହିଥିବା ସତ୍ତ୍ୱେ ରାଷ୍ଟ୍ର ନିର୍ମାଣ, ବିକାଶ, ଏକତା,ସଂସ୍କୃତି, ପରମ୍ପରା ଓ ରାଷ୍ଟ୍ରୀୟ ଭାଷାକୁ ବଜାୟ ରଖିବା ଲାଗି ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଉଛନ୍ତି ସେମାନେ ହିଁ ସେହି ଦେଶ ବା ରାଜ୍ୟରେ ସଂଖ୍ୟାଲଘୁ ଭାବେ ପରିଗଣିତ। ଭାରତୀୟ ସମ୍ବିଧାନରେ ଧର୍ମ ଓ ଭାଷା ଆଧାରରେ ସଂଖ୍ୟାଲଘୁ ଗଣାଯାଉଛି। ଭାରତରେ ମୁସଲମାନ,ଶିଖ୍, ଖ୍ରୀଷ୍ଟିଆନ,ବୌଦ୍ଧ ଓ ଜୋରେଷ୍ଟିରିଆନ ଓ ଜୈନମାନେ ସଂଖ୍ୟାଲଘୁ ଭାବେ ରହିଛନ୍ତି। ଏମାନଙ୍କ ସଂଖ୍ୟା ଦେଶର ମୋଟ ଜନସଂଖ୍ୟାର ୧୯ ପ୍ରତିଶତ। ଜମ୍ମୁ-କଶ୍ମୀର, ପଞ୍ଜାବ,ମେଘାଳୟ, ମିଜୋରାମ, ନାଗାଲାଣ୍ଡ , ଲାକ୍ଷାଦ୍ୱୀପ, ଲଦାଖ ଓ ଅରୁଣାଚଳପ୍ରଦେଶରେ ଏମାନଙ୍କ ସଂଖ୍ୟା ଅଧିକ। ସଂଖ୍ୟାଲଘୁମାନଙ୍କ ବିକାଶ ହିଁ ଦେଶର ବିକାଶ। ସଂଖ୍ୟାଲଘୁମାନଙ୍କ ଏକତା ହିଁ ଦେଶର ଶକ୍ତି। ଏମାନଙ୍କର ବିକାଶ,ଆଇନ ତଥା ବିଭିନ୍ନ କଲ୍ୟାଣକାରୀ ଯୋଜନାକୁ କାର୍ଯ୍ୟକାରୀ କରିବାରେ ୨୯ ଜାନୁୟାରୀ ୨୦୦୬ରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପ୍ରତିଷ୍ଠା କରାଯାଇଥିଲା। ଏଥିପାଇଁ ଜାତୀୟ ସଂଖ୍ୟାଲଘୁ ଆୟୋଗ ଅଧିନିୟମ,୧୯୯୨ ଅଧୀନରେ ଗଠନ କରାଯାଇଛି ଜାତୀୟ ସଂଖ୍ୟାଲଘୁ କମିଶନ(ଏନ୍‌ସିଏମ୍)। ଏହା ସଂଖ୍ୟାଲଘୁମାନଙ୍କର ପ୍ରତିଟି ସମସ୍ୟା ସମାଧାନ କରିବା ତଥା ବିକାଶର ଧାରାକୁ ତ୍ୱରାନ୍ୱିତ କରିବାରେ ପ୍ରମୁଖ ଭୂମିକା ନେଇଆସୁଛି। ସଂଖ୍ୟାଲଘୁମାନଙ୍କ ଅଧିକାରର ସୁରକ୍ଷା,ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଯୋଗଦାନକୁ ବିଚାରକୁ ନେଇ ଆଞ୍ଚଳିକ ସ୍ତରରେ ଭାଷା,ଜାତି, ଧର୍ମ, ସଂସ୍କୃତି, ପରମ୍ପରା ଆଦିର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ୧୮ ଡିସେମ୍ବର ୧୯୯୨ରେ ଜାତିସଂଘ ଦ୍ୱାରା ଏହି ଦିବସ ପାଳନ କରାଯିବା ଲାଗି ଘୋଷଣା କରାଯାଇଥିଲା।




# ସାଉଥ୍ ଫିଲ୍ମରେ ଡେବ୍ୟୁ କରିବେ ଜାହ୍ନବୀ

**ମୁମ୍ବାଇ:** ବଲିଉଡ୍ ନବାଗତା ଅଭିନେତ୍ରୀ ଜାହ୍ନବୀ କପୁର ନିଜ ଅଭିନୟ ଓ ନୂଆ ନୂଆ ପ୍ରୋଜେକ୍ଟ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ୨୦୧୮ରେ ଫିଲ୍ମ 'ଧଡକ୍'ରୁ ବଲିଉଡ୍‌ରେ ପାଦ ରଖିଥିବା ଏହି ଅଭିନେତ୍ରୀ ଏବେ ସାଉଥ୍ ଫିଲ୍ମରେ ଡେବ୍ୟୁ କରବାକୁ ଯାଉଛନ୍ତି। ପ୍ରଥମ ଥର ସାଉଥ୍ ସୁପରଷ୍ଟାର ବିଜୟ ଦେବରକୋଣ୍ଡାଙ୍କ ସହ ଜାହ୍ନବୀ ସ୍କ୍ରିନ୍ ଶେୟାର କରିବେ। ଫିଲ୍ମ 'ଫାଇଟର'ରେ ଜାହ୍ନବୀ ଓ ବିଜୟଙ୍କ ରୋମାନ୍ସ ଦେଖିପାରିବେ ଦର୍ଶକ। କୁହାଯାଏ, ପୂର୍ବରୁ ସେ ବିଜୟଙ୍କ ସହ କାମ କରିବାକୁ ଚାହୁଁଥିବାବେଳେ ଏବେ ତାଙ୍କର ଇଛା ପୂରଣ ହୋଇଛି। ତେବେ ଫିଲ୍ମ ନିର୍ମାତାଙ୍କ ଜାହ୍ନବୀ ପ୍ରଥମ ପସନ୍ଦ ନୁହନ୍ତି। ଶୁଣିବାକୁ ମିଳିଛି, ଉକ୍ତ ଫିଲ୍ମ ପାଇଁ କିୟାରା ଆଡଭାନୀ ଓ ଆଲିଆ ଭଟ୍ଟଙ୍କୁ ଆପ୍ରୋଚ୍ କରାଯାଇଥିଲା। ହେଲେ ଦୁଇ ଅଭିନେତ୍ରୀଙ୍କ ସହ ଡିଲ୍ ସାଇନ୍ ହୋଇପାରି ନ ଥିଲା। ଏହାପରେ ପ୍ରଯୋଜକ କରଣ ଜୋହର ଏହି ଫିଲ୍ମ ପାଇଁ ଜାହ୍ନବୀଙ୍କ ନାଁକୁ ସୁପାରିଶ୍ କରିଥିଲେ। ତେବେ ଫିଲ୍ମର ଶୁଟିଂ ଫେବୃୟାରୀରୁ ଆରମ୍ଭ ହେବ ବୋଲି କୁହାଯାଉଛି।



ଜାହ୍ନବୀ କପୁର

# ୮୪ ବର୍ଷୀୟ ଧାବକଙ୍କ ରେକର୍ଡ

**ଆଣ୍ଟାର୍କଟିକ୍ ଆଇସ୍ ମାରାଥନ୍**

**କାନାଡା:** ଆଣ୍ଟାର୍କଟିକ୍ ଆଇସ୍ ମାରାଥନ୍‌ରେ ଭାଗନେଇ ସବୁଠୁ ବୟସ୍କ ଧାବକ ହୋଇପାରିଛନ୍ତି କାନାଡାର ୮୪ ବର୍ଷୀୟ ରୟ ସ୍ୱେନିଂସେନ୍। ଆଲବର୍ଟା ପ୍ରାନ୍ତର ରାଜଧାନୀ ଏଡମଣ୍ଟନ ନିବାସୀ ରୟ ୧୧ଘଣ୍ଟା, ୪୧ ମିନିଟ୍, ୫୮ ସେକେଣ୍ଡରେ ଆଇସ୍ ମାରାଥନ୍ ଦୌଡ଼ ପୂରା କରିଥିଲେ। ଶୁକ୍ରବାର ମାରାଥନ୍ ଲାଇନ୍ କ୍ରସ୍ କରିବା ପରେ ରୟ ଏହି ଉପଲବ୍ଧି ହାସଲ କରିଛନ୍ତି। ଆଇସ୍ ମାରାଥନ୍‌ର ନିର୍ଦ୍ଦେଶକ ଡୋନୋଭନ୍ ରୟଙ୍କ ପ୍ରଶଂସା କରିବା ସହ କହିଛନ୍ତି, ରୟଙ୍କ ଏହି ଉପଲବ୍ଧି ଆଗାମୀ ଦିନରେ ଖେଳାଳିମାନଙ୍କୁ ଉତ୍ସାହିତ କରିବ। ରୟ ପ୍ରଥମେ ୧୯୬୪ରେ କାଲଗେରୀ ମାରାଥନ୍‌ରେ ଭାଗ ନେଇଥିଲେ। ଏ ପର୍ଯ୍ୟନ୍ତ ସେ ୫ ମହାଦେଶରେ ୫୦ରୁ ଊର୍ଦ୍ଧ୍ୱ ମାରାଥନ୍ ଦୌଡ଼ିସାରିଛନ୍ତି। ଫିନ୍‌ଲାଣ୍ଡ ରାଜଧାନୀ ହେଲସିଙ୍କିରେ ରୟ ସବୁଠୁ ବେଶି କ୍ଷିପ୍ର ଗତିରେ ଦୌଡ଼ିଥିଲେ। ମାତ୍ର ୨ ମିନିଟ୍ ୩୮ ସେକେଣ୍ଡରେ ସେ ମାରାଥନ୍ ଦୌଡ଼ ଶେଷ କରିଥିଲେ। ଆଣ୍ଟାର୍ଟିକ୍ ଆଇସ୍ ମାରଥନ୍‌ରେ ୧୫ ମହିଳା ଓ ୪୧ ପୁରୁଷ ପ୍ରତିଯୋଗୀ ସାମିଲ ହୋଇଥିଲେ। ବୋଷ୍ଟନ୍‌ର ୱିଲିୟମ୍ ନେଫର୍ଟ ମାତ୍ର ୩ଘଣ୍ଟା ୩୪ମିନିଟ୍ ୧୨ ସେକେଣ୍ଡରେ ଦୌଡ଼ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଚେକ୍ ରିପବ୍ଲିକ୍‌ର ଲାକା ଫ୍ରାଏକୋଭା ୪ ଘଣ୍ଟା ୪୦ ମିନିଟ୍ ୩୮ ସେକେଣ୍ଡରେ ମାରାଥନ୍ ଦୌଡ଼ି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।







# ୭୯ ବର୍ଷରେ ମାଟ୍ରିକ୍ ପାସ୍

ଉଦ୍ଧମ ସିଂ ନଗର(ଉତ୍ତରାଖଣ୍ଡ): ଦୃଢ ଇଚ୍ଛାଶକ୍ତି ପାଖରେ ବୟସ ବି ହାର୍ ମାନିଥାଏ। ଏହାର ପ୍ରମାଣ ଦେଇଛନ୍ତି ୭୯ ବର୍ଷୀୟ ଅବସରପ୍ରାପ୍ତ ସିଆର୍‌ପିଏଫ୍ ସୁବେଦାର-ମେଜର। ପାଠ ପଢିବା ଲାଗି କୌଣସି ବୟସ ନ ଥାଏ ବୋଲି ମଧ ସେ ଜଣାଇ ଦେଇଛନ୍ତି। ଉତ୍ତରାଖଣ୍ଡର ଖତିମା ସହରରେ ରହୁଥିବା ଦାନୀ ରାମ ସିଆର୍‌ପିଏଫ୍ ସୁବେଦାର-ମେଜର ଭାବେ କାମ କରି ଅବସର ନେଇଛନ୍ତି। ହେଲେ ତାଙ୍କର ଇଚ୍ଛାଥିଲା ସେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭାବେ ଅବସର ନେବେ। କିନ୍ତୁ ତାଙ୍କର ଶିକ୍ଷାଗତ ଯୋଗ୍ୟତା ନ ହେବାରୁ ସେ ସିଆର୍‌ପିଏଫ୍ ସୁବେଦାର-ମେଜର ଭାବେ ଅବସର ନେଇଥିଲେ। ଏହାପରେ ସେ ଅତିକମ୍‌ରେ ମାଟ୍ରିକ ପାସ୍ କରିବାକୁ ନିଷ୍ପତ୍ତି ନେଇଥିଲେ। ଆଉ ୭୯ ବର୍ଷରେ ସେ ଏହା କରିଦେଖାଇଥିବାରୁ ଖୁବ୍ ଖୁସି ପ୍ରକାଶ କରିଛନ୍ତି। ତାଙ୍କ ଝିଅ ଶିକ୍ଷକତା କରୁଥିବା ବେଳେ ଏଥିପାଇଁ ସେ ଦାନୀ ରାମଙ୍କୁ ପ୍ରେରଣା ଦେଇଥିବା କହିଛନ୍ତି। ତେଣୁ ଜୀବନରେ ସମସ୍ତେ ଉଚ୍ଚ ଶିକ୍ଷିତ ହେବା ଭଲ ବୋଲି ଦାନୀ କହିଛନ୍ତି।

# ୪ କି.ମି. ଘୁଞ୍ଚିଲା ମସ୍‌ଜିଦ

**ଆଙ୍କାରା:** ଗୋଟିଏ ଜାତିର ଇତିହାସ ବଖାଣେ ପୁରାତନ ସ୍ମାରକୀ। ଏହାକୁ ସଂରକ୍ଷଣ କରିବା ଅର୍ଥ ପରପିଢ଼ି ପାଖରେ ସମୃଦ୍ଧ ଇତିହାସକୁ ସୁରକ୍ଷିତ ଭାବେ ପହଞ୍ଚାଇବା। ଏପରି ମହତ୍ ଉଦ୍ଦେଶ୍ୟ ରଖି ତୁର୍କୀ ସରକାର ଦେଶର ଐତିହ୍ୟସମ୍ପନ୍ନ କୀର୍ତ୍ତିରାଜିକୁ ସୁରକ୍ଷା ଦେବାକୁ ଆଗେଇ ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ୬୦୯ ବର୍ଷ ପୁରୁଣା 'ଇର-ରିକ୍‌ଜ' ମସ୍‌ଜିଦକୁ ମୂଳ ସ୍ଥାନରୁ ୪କିମି ଦୂର ସ୍ଥାନାନ୍ତର କରି ଭିନ୍ନ ଉଦାହରଣ ସୃଷ୍ଟି କରିଛି ସେଠାକାର ପ୍ରଶାସନ। ହାସନକେଏଫ୍ କଲଚର ପାର୍କ ପାଇଁ ଇଲୁସ୍ ଡ୍ୟାମ୍ ନିର୍ମାଣ କରାଯାଉଛି। ଡ୍ୟାମ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ସହର ସମେତ ଉକ୍ତ ମସ୍‌ଜିଦ ବୁଡ଼ିଯିବ। ଏଥିପୂର୍ବରୁ ମସ୍‌ଜିଦ୍‌କୁ ସୁରକ୍ଷା ଦେବାକୁ ଯୋଜନା କରାଯାଇଥିଲା। ସେଲ୍ଫ ପ୍ରପଲ୍ଡ ମୋଡ୍ୟୁଲ୍ ଟ୍ରାନ୍ସପୋର୍ଟ ସହାୟତାରେ ମସ୍‌ଜିଦ୍‌କୁ ଦୀର୍ଘ ୪କିମି ଦୂରକୁ ନିଆଯାଇଛି। ଟାଇଗ୍ରିସ୍ ନଦୀତଟ ଏହାର ନୂଆ ଠିକଣା ପାଲଟିଛି। ସୂଚନାଯୋଗ୍ୟ, ତୁର୍କୀର ପୁରୁଣା ମସ୍‌ଜିଦ୍ ମଧ୍ୟରୁ 'ଇର-ରିକ୍‌ଜ' ଗୋଟିଏ। ଆବୁ ଅଲ୍ ମେଫାହିରଙ୍କ ଦ୍ୱାରା ୧୪୦୯ରେ ଏହାକୁ ନିର୍ମାଣ କରାଯାଇଥିଲା। ଏହାର ଓଜନ ପ୍ରାୟ ୧୭୦୦ ଟନ୍। ତୁର୍କୀରେ ପୁରାତନ ସ୍ମାରକୀ, କୀର୍ତ୍ତିରାଜିର ସଂରକ୍ଷଣ ପାଇଁ ଅତ୍ୟାଧୁନିକ ଉପାୟ ଅବଲମ୍ବନ କରାଯାଉଛି। ଏହି ମସ୍‌ଜିଦ୍‌କୁ ବାଦ୍‌ଦେଲେ ୧୨ ପୁରୁଣା ଅଟ୍ଟାଳିକାକୁ ମଧ ସମାନ ଉପାୟରେ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରାଯାଇଛି।



# ସୌଦି ଆରବରେ ଏବେ ଆଉ ନଷ୍ଟ ହେବନି ଖାଦ୍ୟ

**ରିୟାଦ:** ସୌଦି ଆରବରେ ବହୁ ପରିମାଣରେ ଖାଦ୍ୟ ନଷ୍ଟ ହେଉଥିବା ଦେଖାଯାଏ। ଏହାର କାରଣ ହେଉଛି ଏମାନେ ଖାଇବା ସମୟରେ ବଡ ବଡ ଥାଳି ବ୍ୟବହାର କରିବା ସହ ଆଭିଜାତ୍ୟର ପ୍ରତୀକ ସ୍ୱରୂପ ଏଥିରେ ବହୁ ପରିମାଣରେ ଖାଦ୍ୟ ପରଷନ୍ତି। ଯାହା ଜଣେ ବ୍ୟକ୍ତିଙ୍କ ପାଇଁ ବହୁତ ଅଧିକ ହୋଇଥାଏ। ଫଳରେ ଅଧିକ ପରିମାଣର ଖାଦ୍ୟ ନଷ୍ଟ ହୋଇଥାଏ। ଏହାକୁ ନଜରରେ ରଖି ଏବେ ଅଦ୍ଦାମୀ ମଶାଲ ଅଲ କାହରଶୀ ଏମିତି ଏକ ଥାଳି ତିଆରି କରିଛନ୍ତି ଯାହା ଫଳରେ ଲୋକେ ଆଉ ଅଧିକ ପରିମାଣର ଖାଦ୍ୟ ନଷ୍ଟ କରିପାରିବେ ନାହିଁ। କାରଣ ଥାଳିର ମଧ ଭାଗକୁ ଉଚ୍ଚା କରି ଦିଆଯାଇଛି। ଫଳରେ ପରଷିବା ସମୟରେ ଏଥିରେ କମ୍ ଖାଦ୍ୟ ପରଷା ଯିବ। ତେଣୁ ଜଣେ ବ୍ୟକ୍ତି ନ ଖାଇ ପାରିଲେ ବି ଅଧିକ ଖାଦ୍ୟ ବଳକା ରହିଯିବ ନାହିଁ। ଏହି ଥାଳି ବ୍ୟବହାର କଲେ ୩୦ ପ୍ରତିଶତ ଖାଦ୍ୟ ନଷ୍ଟ ହେବାରୁ ବଞ୍ଚିଯିବ ବୋଲି ସେ କହିଛନ୍ତି। କୁହାଯାଏ ସୌଦି ଆରବରେ ପ୍ରତି ଘରେ ବର୍ଷକୁ ପାଖାପାଖି ୨୬୦ କିଲୋଗ୍ରାମ ଖାଦ୍ୟ ନଷ୍ଟ ହୋଇଥାଏ। ହେଲେ ଏବେ ଘରେ ଓ ବିଭିନ୍ନ ହୋଟେଲରେ ଏହି ସ୍ୱତନ୍ତ୍ର ଥାଳି ବ୍ୟବହାର କରିବା ଫଳରେ ଆଭିଜାତ୍ୟରେ କୌଣସି ଅସୁବିଧା ସୃଷ୍ଟି ହୋଇ ନ ଥିବା ବେଳେ ପ୍ରାୟ ୩ ହଜାର ଟନ୍ ଚାଉଳ ବଞ୍ଚାଇ ହୋଇଛି।





**ମୁମ୍ବାଇ:** ବଲିଉଡ୍‌ପ୍ରେମୀଙ୍କ ପାଇଁ ଏକ ଦୁଃଖ ଖବର। ଓସ୍କାର ଆୱାର୍ଡ ପ୍ରତିଯୋଗିତାରୁ ବାଦ୍ ପଡ଼ିଲା ଫିଲ୍ମ 'ଗଲି ବୟ'। ଜୋୟା ଅଖ୍‌ତରଙ୍କ ଫିଲ୍ମ 'ଗଲି ବୟ' ଚଳିତବର୍ଷ ଓସ୍କାର ଆୱାର୍ଡ ପାଇଁ ବେଷ୍ଟ ଇଣ୍ଟରନ୍ୟାଶନାଲ ଫିଚର୍ ଫିଲ୍ମ କ୍ୟାଟେଗୋରିରେ ଭାରତ ପକ୍ଷରୁ ଅଫିସିଆଲ ଏଣ୍ଟ୍ରି ଥିଲା। ୯୨ତମ ଏକାଡେମୀ ଆୱାର୍ଡ ପାଇଁ ମଙ୍ଗଳବାର ଚୂଡ଼ାନ୍ତ ତାଲିକା ଘୋଷଣା କରାଯାଇଥିବାବେଳେ ଏଥିରେ 'ଗଲି ବୟ'ର ନାମ ନ ଥିଲା। ଏହାପରେ ଫିଲ୍ମଟି ପ୍ରତିଯୋଗିତାରୁ ବାଦ୍ ପଡ଼ିଥିବା ସ୍ପଷ୍ଟ ହୋଇଛି। ଚଳିତବର୍ଷ ଫେବୃୟାରୀ ୧୪ରେ 'ଗଲି ବୟ' ରିଲିଜ୍ ହୋଇଥିଲା। ଫିଲ୍ମରେ ରଣବୀର ସିଂ, ଆଲିୟା ଭଟ୍ଟ ଏବଂ ସିଦ୍ଧାନ୍ତ ଚତୁର୍ବେଦୀଙ୍କ ଅଭିନୟକୁ ଚାରିଆଡୁ ଖୁବ୍ ପ୍ରଶଂସା ମିଳିଥିଲା। ସିନେ-ସମୀକ୍ଷକ ଓ ଦର୍ଶକ ଉଭୟେ ଫିଲ୍ମକୁ ପସନ୍ଦ କରିଥିଲେ। ଫିଲ୍ମର କାହାଣୀ ସହିତ ଗୀତ ମଧ ସୁପରହିଟ୍ ରହିଥିଲା। ବସ୍ତି ଅଞ୍ଚଳର ଏକ ଯୁବ ରାପରଙ୍କ କାହାଣୀକୁ ଫିଲ୍ମରେ ଦେଖିବାକୁ ମିଳିଥିଲା। ତେବେ ଅନେକ ବିଚାରବିମର୍ଶ ପରେ ଫିଲ୍ମକୁ ଓସ୍କାର ଆୱାର୍ଡ ଲାଗି ଭାରତ ପକ୍ଷରୁ ପଠାଇବାକୁ ସ୍ଥିର କରାଗଲା। ଏଥିପାଇଁ ସିନେପ୍ରେମୀ ଆଶାବାଦୀ ଥିବା ସହ ଉତ୍ସାହିତ ମଧ ଥିଲେ। ହେଲେ ମଙ୍ଗଳବାର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ଭାରତୀୟ ସିନେପ୍ରେମୀଙ୍କୁ ନିରାଶ ହେବାକୁ ପଡ଼ିଛି। ଅନ୍ୟପକ୍ଷରେ 'ଓସ୍କାର ଆୱାର୍ଡ'ର ବେଷ୍ଟ ଇଣ୍ଟରନ୍ୟାଶନାଲ ଫିଚର୍ ଫିଲ୍ମ କ୍ୟାଟେଗୋରିରେ ମୋଟ ୯୧ଟି ଫିଲ୍ମ ଏଣ୍ଟ୍ରି ହୋଇଥିବାବେଳେ ଚୂଡ଼ାନ୍ତ ତାଲିକାରେ କେବଳ ୧୦ଟି ଫିଲ୍ମକୁ ଚୟନ କରାଯାଇଛି।

# 'ଓସ୍କାର' ପ୍ରତିଯୋଗିତାରୁ ବାଦ୍ ପଡ଼ିଲା 'ଗଲି ବୟ'



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ, କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



## ସଂକ୍ଷେପରେ

### କରଲଗା ପଞ୍ଚାୟତରେ ହାତୀ ଉପଦ୍ରବ

ରିଆମାଳ,୧୭।୧୨(ଡି.ଏନ୍.ଏ.): ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଧୀନ କରଲଗା ପଞ୍ଚାୟତରେ ମଙ୍ଗଳବାର ହାତୀ ଉପଦ୍ରବ ଦେଖାଦେଇଛି। ୨୨ଟି ହାତୀ ଥିବା ଏକ ପଲ ସ୍ଥାନୀୟ ଚିରଗୁଣିକୁଦର ଗ୍ରାମ ଜଙ୍ଗଲରୁ ଚାଲିଆସି କରଲଗା ପଞ୍ଚାୟତର ବୈଦ୍ୟ ସାଧୁ, ବାହାଳି ଗ୍ରାମର ଗୌରଚନ୍ଦ୍ର ପ୍ରଧାନ, ତ୍ରିଲୋଚନ ବିଶ୍ୱାଳ ଓ ଗ୍ରାମର ଅନ୍ୟ ଚାଷୀଙ୍କ ଜମିରେ ପଶି ଧାନ ଫସଲ ଦଳି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ହାତୀ ଘଉଡାଇବା ସହ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

### ସପ୍ତମ ଚାନ୍ଦପଶି କ୍ରିକେଟ କପ୍ ଉଦ୍‌ଘାଟିତ

ରିଆମାଳ,୧୭।୧୨(ଡି.ଏନ୍.ଏ.): ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଧୀନ ଚାନ୍ଦପଶି ଗ୍ରାମ ଖେଳ ପଡ଼ିଆରେ ମଙ୍ଗଳବାର ସପ୍ତମ ଚାନ୍ଦପଶି କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି। ସଭାପତି ସୁରେଶ ବେହେରା, ସମ୍ପାଦକ ତୋଫାନ ବେହେରାଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମୀର ସାହୁ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଗୋଲାବନ୍ଧ ଓ ପାଇକନଗର ମଧ୍ୟରେ ହୋଇଥିଲା। ଟସ୍ ଜିତି ପାଇକନଗର ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୨୯ ରନ୍ କରିଥିଲା। ଗୋଲାବନ୍ଧ ଦଳ ୧୩ ଓଭର ଖେଳି ୭୫ ରନ୍ କରି ସମସ୍ତ ଉଇକେଟ ହରାଇ ପରାଜିତ ହୋଇଥିଲା। ଧନଞ୍ଜୟ ସାହୁ ଓ କୁନା ବେହେରା ଖେଳ ପରିଚାଳନା କରିଥିଲେ। ଶିବ ପ୍ରଧାନ, ସମୀର ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ, ଧନଞ୍ଜୟ ସାହୁ, ଜିତ ସାହୁ, ସୁରେଶ ବେହେରା, ସୁମନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଟୁର୍ନାମେଣ୍ଟ ୮ ଦିନ ଚାଲିବ ବୋଲି ସଭାପତି ସୁରେଶ ବେହେରା ପ୍ରକାଶ କରିଛନ୍ତି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ସମ୍ବଲପୁର ଜେଲରେ କଏଦୀଙ୍କୁ ଆତିଥେୟତା, ଅନୁକମ୍ପା ଘଟଣା

# ମୁଖ୍ୟ ଗେଟ୍‌ରୁ ବଦଳିଲେ କର୍ମଚାରୀ

ସମ୍ବଲପୁର,୧୭।୧୨(ବ୍ୟୁରୋ)

ସମ୍ବଲପୁର ମଣ୍ଡଳ କାରାଗାରରେ କୁଖ୍ୟାତ ବିଚାରାଧୀନ କଏଦୀଙ୍କୁ ଆତିଥେୟତା ଓ ଅନୁକମ୍ପା ଦିଆଯାଉଛି। ଏ ନେଇ ତଥ୍ୟ ଆଧାର କରି ଧରିତ୍ରୀରେ ମଙ୍ଗଳବାର ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ କାର୍ଯ୍ୟାନୁଷ୍ଠାନ ହୋଇଛି । ମୁଖ୍ୟ ଗେଟ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କୁ ଅପସାରିତ କରାଯାଇଛି। ତାଙ୍କ ବଦଳରେ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ଏପରିକି କ୍ରମାନ୍ୱୟରେ କର୍ମଚାରୀମାନଙ୍କୁ କାମ କରିବାକୁ ସ୍ଥିର କରାଯାଇଛି । ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଅମୀୟ ପଟ୍ଟନାୟକ ଜେଲର ସମସ୍ତ କର୍ମଚାରୀମାନଙ୍କୁ

■ଜେଲ ପରିସରରେ ବସିଲା ପରିଚାଳନା ବୈଠକ
■ସୁପରିଣ୍ଟେଣ୍ଡେଣ୍ଟଙ୍କ ତାଗିଦ୍
■ବିଚାରପତି, ଜିଲାପାଳ ଓ ଏସ୍‌ପି ରୁଟିନ୍ ଚେକିଂ କଲେ

ନେଇ ଜରୁରୀ ବୈଠକ କରିଛନ୍ତି । କୌଣସି କର୍ମଚାରୀ ଏଭଳି କାମ କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଚାକିରିରୁ ବହିଷ୍କାର କରିବା ଭଳି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ମଙ୍ଗଳବାର ପରିବର୍ତ୍ତନ ଆସିଛି । ଜେଲ ବାହରୁ ଖାଦ୍ୟ ଯିବାରେ ପୁରା କଟକଣା କରାଯାଇଛି । ସୁରକ୍ଷା ବ୍ୟବସ୍ଥା କଡା କରାଯାଇଛି। ଏବେ ବାହାର ଖାଦ୍ୟ ଖାଉଥିବା ବଡ ବଡ ସମ୍ଭ୍ରାନ୍ତ ପରିବାର କଏଦୀମାନେ ଜେଲ ଖାଦ୍ୟ ଖାଇବାକୁ ବାଧ୍ୟ ହେବାକୁ ପଡିବ। ଅନ୍ୟପଟେ ରୁଟିନ ଚେକିଂରେ ମଙ୍ଗଳବାର ଜିଲା ଜଜ ସନ୍ତୋଷ କୁମାର ଜେନା, ଜିଲାପାଳ ଶୁଭମ୍ ସକସେନା, ଏସ୍‌ପି କନୱର ବିଶାଳ ସିଂ ଜେଲ ପରିଦର୍ଶନ କରିଥିଲେ। ଜେଲ ପରିସରରେ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମଧ ଖବର ପ୍ରକାଶକୁ ନେଇ ଆଲୋଚନା ହୋଇଥିଲା । ଏଭଳି କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କେବଳ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଖାଦ୍ୟ ବାହାରୁ ଆସିବ । ତାହା ପୁଣି ଯାଞ୍ଚ କରାଯାଇ ଭିତରକୁ ପ୍ରବେଶ କରିବାକୁ କୁହା ଯାଇଛି। ସୂଚନାଯୋଗ୍ୟ ଯେ, ଜେଲରେ ହତ୍ୟା, ଡକାୟତି, ସଟ୍ଟା ଖେଳ ଭଳି ବଡ ବଡ ଅପରାଧରେ ବିଚାରଧୀନ କଏଦୀଙ୍କୁ ସବୁ ସୁବିଧା ମିଳୁଛି। ସକାଳେ ବାହରୁ ଜଳଖିଆ, ମଧ୍ୟାହ୍ନରେ ଭୋଜନ, ସନ୍ଧ୍ୟାରେ ବିଦେଶୀ ମଦ ଗେଟ୍‌ରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସହଯୋଗରେ ଭିତରକୁ ଯାଉଛି। ଡିସେମ୍ବର ୧୨ ତାରିଖ ସଟ୍ଟା ଖେଳାଉଥିବା ଅଭିଯୋଗରେ କେତେଜଣଙ୍କୁ ଗିରଫ କରି ଜେଲ ପଠା ଯାଇଛି। ହେଲେ ସେମାନଙ୍କ ପାଇଁ ଜେଲ ବାହାରୁ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଉଥିଲା । ସାଧାରଣ କଏଦୀଙ୍କ ପରିବାର ଏହାକୁ ଦେଖି ଅଭିଯୋଗ କରିଥିଲେ। ଏହି ଅଭିଯୋଗଙ୍କୁ ନେଇ ମଙ୍ଗଳବାର ଖବର ପ୍ରକାଶ ପାଇଥିଲା।

## ଜିଏମ୍‌ୟୁ ଛାତ୍ରାଛାତ୍ରଙ୍କ ସିଏଏକୁ ସମର୍ଥନ




ସମ୍ବଲପୁର ଜିଏମ୍‌ୟୁ ଛାତ୍ରୀଛାତ୍ର ସିଏଏକୁ ସମର୍ଥନ କରୁଛନ୍ତି ।

ସମ୍ବଲପୁର,୧୭।୧୨(ବ୍ୟୁରୋ)

ସମଗ୍ର ଦେଶରେ ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ନେଇ ତାତି ଓ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ହେଉଛି। ହେଲେ ଅନେକ ସ୍ଥାନରେ ଏହାକୁ ସମର୍ଥନ କରାଯାଉଛି। ଏଣୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଜିଏମ୍‌ୟୁ ଛାତ୍ରୀଛାତ୍ର ଏହାକୁ ସମର୍ଥନ କରିଛନ୍ତି। ଜିଏମ୍‌ୟୁ ମୁଖ୍ୟ ଗେଟ୍ ସମ୍ମୁଖରେ ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ନାରାବାଜି କରିଛନ୍ତି । କେନ୍ଦ୍ର ସରକାର ଓ କେନ୍ଦ୍ର ଗୃହ ବିଭାଗ ଦେଶର ଜନ ସାଧାରଣଙ୍କ ହିତ ପାଇଁ ଏହି ନିଷ୍ପତ୍ତି ନେଇଛି। ହେଲେ ଏହାକୁ ନେଇ ରାଜନୀତି କରାଯାଉଛି। ହେଲେ ସେମାନେ ଏହି ଆଇନକୁ ସମର୍ଥନ କରୁଛନ୍ତି ବୋଲି କହିଛନ୍ତି ।

## ଦେବଗଡ଼ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଦେବଗଡ଼,୧୭।୧୨(ଡି.ଏନ.ଏ)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଦେବଗଡ଼ ମହାବିଦ୍ୟାଳୟ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସୋମବାର ଆରମ୍ଭ ହୋଇଥିବା ଦେବଗଡ଼ ମହାବିଦ୍ୟାଳୟର ୫୫ତମ ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟର ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବରିଷ୍ଠ ବାଳିକା ବିଭାଗରେ କମଳିନୀ ଦେହୁରୀ ଏବଂ ବାଳକ ବିଭାଗରେ ବିକାଶ କୁମାର ନାୟକ ଚମ୍ପିୟାନ ହୋଇଥିଲେ। ସେହିପରି କନିଷ୍ଠ ବାଳିକା ବିଭାଗରେ ରଶ୍ମି ମିଞ୍ଜ ଏବଂ ବାଳକରେ ରାଜ କୁମାର ଓରାମ ଚମ୍ପିୟାନ ହୋଇଥିଲେ। ଅଧକ୍ଷା ସନ୍ତୋଷିନୀ ଶତପଥୀଙ୍କ ଅଧକ୍ଷତାରେ



କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଅଧକ୍ଷ ଡ. ପଦ୍ମନାଭ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ସାହୁ ଯୋଗଦେଇ କ୍ରୀଡ଼ା ପତାକା ଅବତରଣ କରି ଉତ୍ସବକୁ ଉଦ୍‌ଯାପନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟ କ୍ରୀଡ଼ା ସଂସଦ ଉପସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଅଧ୍ୟାପିକା ଡ. ମିନି ପ୍ରଧାନ, ପ୍ରମୋଦ ଡୁଙ୍ଗଡୁଙ୍ଗ, ରଞ୍ଜିତ କୁମାର ପ୍ରଧାନ, ମନୋରଞ୍ଜନ ମାରାଣ୍ଡି, କ୍ରୀଡ଼ା ଶିକ୍ଷକ ପ୍ରଭାତ କୁମାର ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅନ୍ୟପକ୍ଷେ ଗତ ନଭେମ୍ବର ମାସରେ ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଆୟୋଜିତ ସମ୍ବଲପୁର ୟୁନିଭର୍ସିଟିସ୍ତରୀୟ କବାଡି ପ୍ରତିଯୋଗିତାରେ ଚମ୍ପିୟାନ ହୋଇଥିବା ଦେବଗଡ଼ କଲେଜ ମହିଳା କବାଡି ଟିମ୍ ସଦସ୍ୟାମାନଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଟ୍ରାକସୁଟ ପ୍ରଦାନ କରି ଉତ୍ସାହିତ କରାଯାଇଥିଲା ।

## ତୁଲୁବରେ ୪୧ ୟୁନିଟ ରକ୍ତ ସଂଗ୍ରହ




ତୁଲୁବ ସ୍କୁଲରେ ବୀର ସୁରେନ୍ଦ୍ର ସାଏ କ୍ଲବ୍ ପକ୍ଷରୁ ମଙ୍ଗଳବାର ରକ୍ତଦାନ ଶିବିର ଚାଲିଛି।

ଜମନକିରା, ୧୭। ୧୨ (ଡି.ଏନ୍.ଏ.)

ଜମନକିରା ବ୍ଲକ୍ ତୁଲୁବ ସ୍କୁଲରେ ବୀର ସୁରେନ୍ଦ୍ର ସାଏ କ୍ଲବ୍ ପକ୍ଷରୁ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରୁ ଡା: କଲ୍ଲେଶ କକ୍କଡ଼, ଏଲ୍‌ଟି ସନ୍ତୋଷ ଗୌଡ଼, କାଉନସେଲର କାମଦେବ ପଟେଲ, ମନବୋଧ ନାଏକ, ଶୋଭିତ ଦାଶ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଆଦିପ୍ରସାଦ ମହାକୁଳ, ଜଗଦୀଶ ଧାନ, ଦୟାନିଧି ଝାଙ୍କର, ସରୋଜ ଧର, ରାଜୀବ ନାୟକ, ସୁଶୀଲ ନାୟକ, ବୁଧୁଆ ତିର୍କୀ, କୈଳାଶ ରାଓ, ରାଜୀବ କେର୍କେଟା, ବ୍ରଜମୋହନ ନାଏକ, ଅଶୋକ ରାଉନ, ନରୋତ୍ତମ ପଟେଲ, ଶ୍ରୀକାନ୍ତ ପଟେଲ, ରୋହନ ପଟେଲ, ଅଜୟ ଝାଙ୍କର, ସୌମ୍ୟ ଲାକ୍ରା, ଦେବେନ୍ଦ୍ର ଧର, ମୋହନ ମହାନନ୍ଦ, ପଦ୍ମନାଭ ଶବର, ଜ୍ୟୋତି ବିଲୁଙ୍ଗ, ମୁନା ବେହେରା, ବାବୁଲୁ ଝାଙ୍କର ପ୍ରମୁଖ ଉପସ୍ଥସିତ ଥିଲେ।

## ସୁଗଡ଼ା ସେବା ସମବାୟ ସମିତିର ନୂତନ କୋଠା ଉଦ୍‌ଘାଟିତ

ଦେବଗଡ,୧୭।୧୨(ଡି.ଏନ.ଏ)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅଧୀନ ସୁଗୁଡ଼ାସ୍ଥିତ ସେବା ସମବାୟ ସମିତିର ନୂତନ କୋଠା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ସେବା ସମବାୟ ସମିତି ସମ୍ପାଦକ ବସନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଅତିଥିଭାବେ ତିଲେଇବଣି ବ୍ଲକ ଉପାଧକ୍ଷ ଭୂପେନ୍ଦ୍ର ପ୍ରସାଦ ନାୟକ, ଜିଲା କୃଷକ ସଂଗଠନ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ଝାଙ୍କର ଯୋଗଦେଇ ନୂତନ କୋଠାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଦେବଗଡ ଶାଖା ପରିଚାଳକ ଅନୁପମ ଦାଶ,ଏଆରସିଏସ୍ ନିମେଇଁ ଚରଣ ନାୟକ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ମନୋଜ କୁମାର



ଅତିଥିମାନେ ସେବା ସମବାୟ ସମିତିର ନୂତନ କୋଠାକୁ ଉଦ୍‌ଘାଟନ କରୁଛନ୍ତି।

ମହନ୍ତ, ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଇନ୍ସପେକ୍ଟର କ୍ଷମାନିଧି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସୁଗୁଡା ସେବା ସମବାୟ ସମିତି ପକ୍ଷରୁ ଚଳିତ ବର୍ଷ ପ୍ରଥମଥର ପାଇଁ ଧାନ କିଣା ଆରମ୍ଭ ହୋଇଥିଲା। ସଭାପତି ଗଙ୍ଗଦେବ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଗୁଡା ସେବା ସମବାୟ ସମିତି ଉପସଭାପତି ଗୀତାଞ୍ଜଳୀ ପ୍ରଧାନ, ପୂର୍ବତନ ସଭାପତି ଶିବ ଚରଣ ସାହୁ, ନବୀନ ଚନ୍ଦ୍ର ରାଉଳ, ଡାଇରେକ୍ଟର ବିପିନ ସାହୁ, କୁଞ୍ଜ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କୁଚିଣ୍ଡା ଏନ୍‌ଏସିରେ 'ମୋ ସରକାର କକ୍ଷ' ଉଦ୍‌ଘାଟିତ

କୁଚିଣ୍ଡା, ୧୭।୧୨ (ଡି.ଏନ.ଏ.)

ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରର ଆତ୍ମା। ଗଣତନ୍ତ୍ରରେ ପ୍ରତିଟି ଅନୁଷ୍ଠାନ ଲୋକଙ୍କ କଲ୍ୟାଣ ପାଇଁ । ସେବା ପାଇଁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯିବା ସହ ବୃତ୍ତିଗତ ଏବଂ ସେବା ମନୋଭାବ ନେଇ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଲୋକମାନେ ହେଉଛନ୍ତି ପ୍ରକୃତ ସରକାର । ଏଣୁ ଜନସାଧାରଣଙ୍କରାଜ୍ୟ ସରକାର ସ୍ୱଚ୍ଛ, ନିର୍ମଳ ଉତ୍ତମ ସେବା ଯୋଗାଇଦେବା ପାଇଁ ଅନେକ ଗୁଡିଏ ବିଭାଗକୁ ୫-ଟି ପରିସର ଭୁକ୍ତ କରିଛନ୍ତି। ଏବେ ଗୃହ ଓ ନଗର ଉନ୍ନୟନ ବିଭାଗକୁ ସାମିଲ କରିଛନ୍ତି। ପରିପ୍ରେକ୍ଷୀରେ କୁଚିଣ୍ଡା ଏନଏସି ପକ୍ଷରୁ ଜନସାଧାରଣଙ୍କୁ ଉଚିତ ସେବା ଯୋଗାଇ ଦେବା ନିମନ୍ତେ 'ମୋ ସରକାର କକ୍ଷ' ଉଦଘାଟିତ ହୋଇଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜତିନ୍ଦ୍ର ମହାପାତ୍ର ଉକ୍ତ କକ୍ଷକୁ ଉଦ୍‌ଘାଟନ କରିଛନ୍ତି। ଡା. ସୁଜ୍ଞାନ ପଟେଲଙ୍କୁ ଏହାର ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିରେ ସୁଶାନ୍ତ ଗଜେନ୍ଦ୍ର ସିଂ ଓ ତପନ କୁମାର ମହାପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




ବାରକୋଟ ସ୍ନାତକ ମହାବିଦ୍ୟାଳୟ ଇତିହାସ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ସେମିନାର ମଞ୍ଚାସୀନ ଅତିଥି।

## ବାରକୋଟ ମହାବିଦ୍ୟାଳୟର ସେମିନାର

ବାରକୋଟ / ଦେବଗଡ଼, ୧୭।୧୨ (ଡି.ଏନ୍.ଏ.)

ଦେବଗଡ଼ ଜିଲା ବାରକୋଟ ସ୍ନାତକ ମହାବିଦ୍ୟାଳୟ ଇତିହାସ ବିଭାଗ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଇତିହାସ ସେମିନାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଅଖିଳ କୁମାର ସାହୁଙ୍କ ପରିଚାଳନାରେ ଆୟୋଜିତ ସେମିନାରରେ ବାରକୋଟ(ଡଁରା) ଯୁକ୍ତ ୨ ମହାବିଦ୍ୟାଳୟର ଅଧକ୍ଷ ତଥା ଇତିହାସ ବିଭାଗ ପ୍ରଧାପକ ବିରେନ କୁମାର ପୃଷ୍ଟି ଯୋଗଦେଇ କଳିଙ୍ଗ ଯୁଦ୍ଧର କାରଣ ଏବଂ ଫଳାଫଳ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏପରି କି ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ସେମିନାରରେ ବାରକୋଟ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ଜିତେନ୍ଦ୍ର କୁମାର ସାହୁ ଯୋଗଦେଇ ଛାତ୍ରମାନଙ୍କୁ ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। ଇତିହାସ ବିଭାଗ ମୁଖ୍ୟ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

■ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହେଲା ଭାଜପା

# ୯ ଜିଲା ପରିଷଦଙ୍କ ସଭ୍ୟ ପଦ ରଦ୍ଦ କରାଯାଉ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ବିଜେଡି ଓ ଭାଜପା ମଧ୍ୟ ଭିତିରି ବୁଝାମଣା ରହିଥିବା ନେଇ କଂଗ୍ରେସ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଥିବାବେଳେ ଏକଥାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଖଣ୍ଡନ କରିଛନ୍ତି। କିନ୍ତୁ ଏଭଳି କଥାକୁ ରାଜନୈତିକ ପର୍ଯ୍ୟବେକ୍ଷକ ମହଲରେ ସହଜେ ଗ୍ରହଣ କରାଯାଇପାରେ ନାହିଁ। ଏହା ଭିତରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଭିତିରି କଥାର ଗୁମର ଖୋଲିଛନ୍ତି। କେନ୍ଦ୍ର ଏବଂ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଥିବା ସେ କହିଛନ୍ତି।

ପ୍ରଦୀପ୍ତ କହିଛନ୍ତି ଯେ, ଶାସକ ବିଜେଡି ଗଣତନ୍ତ୍ରକୁ ହତ୍ୟା କରିଛି। ଯେଉଁ ଦଳ ବଦଳ ଆଇନ ବିଜେଡି ଶାସନାଧୀନ ସରକାର ଆଣିଥିଲେ ତାକୁ ନିଜେ ଉଲ୍ଲଂଘନ କରିଛି। ଭାଜପାର କେତେଜଣ ଜିଲା ପରିଷଦ ସଦସ୍ୟଙ୍କୁ ହୀନ ଚକ୍ରାନ୍ତ କରି ପ୍ରଥମେ ବିଜେଡିରେ ମିଶାଯାଇଥିଲା। ପରେ ଆଉ କେତେଜଣ ସଦସ୍ୟଙ୍କୁ ନେଇ ଗୋଷ୍ଠୀ କରି ନିଜେ ତିଆରି କରିଥିବା ଆଇନକୁ ଖୁଲମଖୁଲା ଚ୍ୟାଲେଞ୍ଜ କରାଯାଇଛି। ଏହା ବିରୋଧରେ ବିରୋଧୀ ଦଳ ନେତାଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ପ୍ରତିନିଧୀ ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ଦଳ ବିରୋଧୀ ଆଇନ ଅନୁଯାୟୀ ସମସ୍ତ ୯ଜଣ ଜିଲା ପରିଷଦ ସଦସ୍ୟଙ୍କ ସଭ୍ୟପଦ ରଦ୍ଦ କରିବା ପାଇଁ ଦାବି କରାଯାଇଛି। ଏହି ଅବସରରେ ଦଳର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ସମସ୍ତ ଭାଜପା ଜିଲା ପରିଷଦ ସଦସ୍ୟ ଦଳୀୟ ଚିହ୍ନରେ ଭୋଟ ପାଇ ନିର୍ବାଚନ ଜିତିଥିଲେ। ଦଳ ବଦଳ ଆଇନ ଅନୁଯାୟୀ ୯ଜଣ ଜିଲା ପରିଷଦ ସଦସ୍ୟ ବେଆଇନଭାବେ ଅଗଣତାନ୍ତ୍ରିକ ଉପାୟରେ ଦଳ ଛାଡିଛନ୍ତି। ସେମାନଙ୍କ ଉପରେ ଦଳବଦଳ ଆଇନ ଲାଗୁ କରାଯିବା ଦରକାର। ଶାସକ ବିଜେଡି ଭୟଭୀତ କରାଇ ଜନମତକୁ ପ୍ରଭାବିତ କରିବା ସହ ଜନପ୍ରତିନିଧୀଙ୍କୁ ନିଜ ଦଳରେ ସାମିଲ କରାଇବା ପାଇଁ ଧମକ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଶାସକ ଦଳ ସରକାରୀ କଳ ଲଗାଇ ଜନ ପ୍ରତିନିଧୀମାନଙ୍କ ଉପରେ ଚାପପକାଇ ବରଗଡ଼ବାସୀଙ୍କୁ ଧୋକା ଦେଇଛନ୍ତି। ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ଗୋଲକ କହିଛନ୍ତି।

# ସ୍ତ୍ରୀଙ୍କୁ ହତ୍ୟାକରି ପୋଡ଼ିଦେଲେ ସ୍ୱାମୀ

ବଡ଼ଗାଁ, ୧୭।୧୨ (ଡି.ଏନ୍.ଏ)

ବିବାହ ପରଠାରୁ ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ମାରପିଟ କରି ନିର୍ଯାତନା ଦେଇଆସୁଥିଲେ। ମା'ଙ୍କୁ ମାଡଗାଳି ନ କରିବା ପାଇଁ ଦୁଇ କୋମଳମତି ଝିଅପୁଅଙ୍କ ଗୁହାରି ବାପାଙ୍କ ଉପରେ ପ୍ରଭାବ ପକାଉ ନ ଥିଲା। ଶେଷରେ ସ୍ତ୍ରୀ ତୁଳସୀ ମାଝି (୩୩)ଙ୍କୁ ହତ୍ୟା କଲା ପରେ କିରୋସିନ ଢ଼ାଳି ପୋଡ଼ି ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ ଲଳିତ ମାଝି (୪୦)ଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏଭଳି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗା ଗ୍ରାମରେ। ଅଭିଯୋଗ ଅନୁଯାୟୀ, ୯ବର୍ଷ ପୂର୍ବେ ତୁଡାଲଗା ଗ୍ରାମର ଲଳିତ ବାମରା ଥାନା ଅଧୀନ ଯୌତୁକବାହାଲ (ଧାତୁକବାହାଲ) ଗ୍ରାମର ତୁଳସୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ।



ଅଭିଯୁକ୍ତ ଲଳିତଙ୍କୁ ସାଦା ପୋଷାକରେ ଥିବା ପୋଲିସ ଥାନାକୁ ନେଉଛି।

ବିବାହ ପରଠାରୁ ସ୍ତ୍ରୀଙ୍କ ଚରିତ୍ର ଉପରେ ସନ୍ଦେହ କରି ଅଧିକାଂଶ ଦିନ ମାରପିଟ କରି ଆସୁଥିଲେ। ଗତବର୍ଷ ସ୍ତ୍ରୀଙ୍କୁ ଟାଙ୍ଗିଆରେ ଚୋଟ ମାରି ଆହତ କରିଥିଲେ। ଅସହ୍ୟ ନିର୍ଯାତନା ଦେଉଥିବାରୁ ଗାଁରେ ସାମାଜିକ ବୈଠକ କରି ସମାଧାନ ପାଇଁ ଗତମାସରେ ଉଦ୍ୟମ ହୋଇଥିଲେ ମଧ ପୂର୍ବଭଳି ସେ ମାଡଗାଳି ଦେଉଥିଲେ। ମା'ଙ୍କ ଉପରେ ମାଡଗାଳି ଦେଖୁଥିବା ୭ ବର୍ଷର ପୁଅ ଓ ୫ ବର୍ଷର ଝିଅ ବାପାଙ୍କଠାରେ ନେହୁରା ହେଉଥିଲେ ମଧ ବାପାଙ୍କ ମାନସିକତାରେ ପରିବର୍ତ୍ତନ ହୋଇ ନ ଥିଲା। ଶେଷରେ ମଙ୍ଗଳବାର ଘରେ ପୂର୍ବାହ୍ନ ପ୍ରାୟ ୧୦ଟାରେ ନିଆଁ ଫୁଙ୍କ ନଳିରେ ସ୍ତ୍ରୀଙ୍କ ମୁଣ୍ଡରେ ପ୍ରହାର କରିବାରୁ ବେହୋସ ହୋଇଯାଇଥିଲେ। ଏହା ପରେ କିରୋସିନ ଢ଼ାଳି ପୋଡି ମାରି ଦେଇଥିଲେ। ହତ୍ୟା କରିବା ପରେ ଲଳିତ ପଡୋଶୀ ଘର ଭାଉଜଙ୍କୁ ସ୍ତ୍ରୀଙ୍କୁ ପୋଡି ମାରିଦେଇଥିବା ଜଣାଇ ଏକ ଅର୍ଦ୍ଧନିର୍ମିତ ଘର କୋଣରେ ଲୁଚି ରହିଥିଲେ। ଘଟଣା ସମ୍ପର୍କରେ ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ସେଠାରୁ କାବୁ କରି ଥାନାକୁ ଅପରାହ୍ନରେ ନେଇଥିଲା। ତୁଳସୀଙ୍କ ମା' ସୁଶୀଳା ଟପ୍ପୋ ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଲଳିତଙ୍କ ମାଆ ସୁମିତ୍ରାଙ୍କୁ ପଚାରିବାରେ ପୁଅ ଫୁଙ୍କନଳିରେ ମାରିବା ପରେ ପୋଡି ଦେଇଥିବା କହିଛନ୍ତି।



# ସିଏଏ ତାତି




**ବେଙ୍ଗାଲୁରୁ:** ସିଏଏ ବିରୋଧୀ ଆନ୍ଦୋଳନ ବେଳେ ପୋଲିସର ନିର୍ଯାତନାକୁ ବିରୋଧ କରି ବିକ୍ଷୋଭ କରୁଛନ୍ତି ଛାତ୍ରୀଛାତ୍ର।



ଆସାମର ନାଓଗାଓଁ ରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।




ମହାରାଷ୍ଟ୍ରର ପୁଣେସ୍ଥିତ ଫର୍ଗୁସନ୍ କଲେଜ ଛାତ୍ରୀଛାତ୍ର ସିଏଏ-ଏନ୍ଆର୍‌ସି ବିରୋଧୀ ସ୍ଲୋଗାନ ଦେଇ ବିକ୍ଷୋଭ କରୁଛନ୍ତି।

କେନ୍ଦ୍ର ସରକାରଙ୍କ ନବପ୍ରଣୀତ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ଉତ୍ତର-ପୂର୍ବାଞ୍ଚଳରେ ଆରମ୍ଭ ହୋଇଥିବା ବିକ୍ଷୋଭ ଉଗ୍ରରୂପ ଧାରଣ କରିଛି। ସିଏଏ ପ୍ରତ୍ୟାହାର ଦାବିରେ ବିକ୍ଷୋଭ ପଶ୍ଚିମବଙ୍ଗ ଓ ଦିଲ୍ଲୀକୁ ବ୍ୟାପିବା ପରେ ଅନେକ ସ୍ଥାନରେ ଭଙ୍ଗାରୁଜା ଓ ପୋଡ଼ାଜଳା ସହ ବହୁ ଲୋକଙ୍କ ଜୀବନ ମଧ ଗଲାଣି। ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ବିକ୍ଷୋଭ କରୁଥିବାବେଳେ ପୋଲିସ ସେମାନଙ୍କ ଉପରେ ବଳ ପ୍ରୟୋଗ କରିଛି। ପୋଲିସର ଦମନଲୀଳା ପରେ ବିକ୍ଷୋଭର ନିଆଁ ସାରା ଦେଶକୁ ମାଡ଼ିଚାଲିଛି। ଆନ୍ଦୋଳନରତ ଛାତ୍ରଙ୍କୁ ସମର୍ଥନ କରି ଦେଶର ଅନେକ ବିଶ୍ୱବିଦ୍ୟାଳୟ ଛାତ୍ର ସଙ୍ଗଠନ ରାସ୍ତାକୁ ଓହ୍ଲାଇଛନ୍ତି। ଇତିମଧ୍ୟରେ ହାର୍ଭାର୍ଡ, ଷ୍ଟାଣ୍ଡଫୋର୍ଡ, ୟେଲ୍ ଓ କଲମ୍ବିଆ ଭଳି ବିଦେଶୀ ୟୁନିଭର୍ସିଟି ଛାତ୍ରୀଛାତ୍ର ମଧ ଭାରତ ସରକାରଙ୍କ ଏହି ଆଇନ ଏବଂ ପୋଲିସ ବର୍ବରତାକୁ କଡ଼ା ନିନ୍ଦା କରିଛନ୍ତି। ଦେଶର ଇତିହାସରେ ଏଭଳି ଆନ୍ଦୋଳନ ଅଭୂତପୂର୍ବ ବୋଲି କୁହାଯାଉଛି।



**ନୂଆଦିଲ୍ଲୀ:** ସିଲାମ୍‌ପୁରରେ ଆନ୍ଦୋଳନ ବେଳେ ପୋଲିସ-ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ରାସ୍ତାରେ ଇଟା ଓ ବ୍ୟାଟ୍ ପଡ଼ିଛି।



କର୍ନାଟକର ଚିକ୍‌ମାଗାଲୁରରେ କଂଗ୍ରେସ ଏବଂ ପ୍ରଗତିଶୀଳ ସାମ୍ମୁଖ୍ୟ କର୍ମୀ ବିକ୍ଷୋଭ କରୁଛନ୍ତି।



**ନୂଆଦିଲ୍ଲୀ:** ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ସିଏଏ ପ୍ରତ୍ୟାହାର ଦାବି ଜଣାଇବା ପରେ ଗଣମାଧ୍ୟମକୁ ଉଦ୍‌ବୋଧନ ଦେଉଛନ୍ତି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଦଳର ବରିଷ୍ଠ ନେତା ଏ.କେ. ଆଣ୍ଟୋନି, ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ଟିଏମ୍‌ସିର ଡେରେକ୍ ଓ'ବ୍ରାଏନ୍ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକର ନେତାମାନେ।



**ନୂଆଦିଲ୍ଲୀ:** ସିଏଏ ପ୍ରତ୍ୟାହାର ଦାବିରେ ବିକ୍ଷୋଭ ବେଳେ ଆହତ ହୋଇଥିବା ଜଣେ ବ୍ୟକ୍ତି।




ୟୁପିର ପ୍ରୟାଗରାଜରେ ଆଇନଜୀବୀମାନେ ଏନ୍ଆର୍‌ସି ଏବଂ ସିଏଏ ବିରୋଧୀ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଉଛନ୍ତି।





ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ ବେଳେ ଆହତ ହୋଇଥିବା ଛାତ୍ର ମହମ୍ମଦ ମୁସ୍ତାଫା ପ୍ରେସ୍ କନ୍‌ଫରେନ୍ସରେ ନିଜ କ୍ଷତ ଦେଖାଉଛନ୍ତି।



**ଚେନ୍ନାଇ:** ମକ୍କଲ ନିଧି ମୈୟମ୍ ପ୍ରତିଷ୍ଠାତା ତଥା ଅଭିନେତା କମଲ ହାସନ ସିଏଏ ଏବଂ ଏନ୍ଆର୍‌ସି ବିରୋଧରେ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି।



**ଚେନ୍ନାଇ:** ଡିଏମ୍‌କେ ଏମ୍‌ପି ଦୟାନିଧି ମାରାନ୍ ଓ ଦଳର ଅନ୍ୟ ନେତାମାନେ ସିଏଏ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**କୋଲକାତା:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସିଏଏ ବିରୋଧୀ ଶୋଭାଯାତ୍ରାର ନେତୃତ୍ୱ ନେଉଛନ୍ତି।




**ଗୁଆହାଟୀ:** ଅଲ୍ ଆସାମ ଷ୍ଟୁଡେଣ୍ଟସ୍ ୟୁନିୟନ୍ (ଏଏଏସ୍‌ୟୁ) ଏବଂ ଅନ୍ୟ ସଙ୍ଗଠନଗୁଡ଼ିକର ସଦସ୍ୟମାନେ ସିଏଏ ପ୍ରତ୍ୟାହାର ଦାବିରେ ସତ୍ୟାଗ୍ରହ କରୁଛନ୍ତି।




ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ସୂର୍ଯ୍ୟନାରାୟଣ



ଅନିଲ



ନରେଶ



ମହି



ମାନସ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

### କୋଣାର୍କ ମରାମତି ମାମଲା: ପ୍ରତ୍ନତତ୍ତ୍ୱ ବିଭାଗକୁ ହାଇକୋର୍ଟଙ୍କ ପ୍ରଶ୍ନ

# ୧ ବର୍ଷରେ ପାରିଲନି, ୭ ଦିନରେ କେମିତି କରିବ

**କଟକ ଅଫିସ,୧୭।୧୨**

୨୦୧୮ ଡିସେମ୍ବରରୁ ୨୦୧୯ ଡିସେମ୍ବର ହେଲା। ଇତିମଧ୍ୟରେ ୧ବର୍ଷ ବିତିବାକୁ ବସିଛି। କିନ୍ତୁ ମରାମତି ଆରମ୍ଭ ହୋଇପାରିଲାନି। ଏବେ ୭ଦିନରେ କିଭଳି ଟେଣ୍ଡର ଡାକି ସବୁ କାମ ଆରମ୍ଭ କରିବ ବୋଲି ପ୍ରତିଶ୍ରୁତି ଦେଉଛ। କୋଣାର୍କ ସୂର୍ଯ୍ୟମନ୍ଦିର ମରାମତି ସମ୍ପର୍କିତ ମାମଲାର ଶୁଣାଣି ସମୟରେ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀକ୍ଷକଙ୍କ ସତ୍ୟପାଠ ଉପରେ ହାଇକୋର୍ଟ ଏଭଳି ପ୍ରଶ୍ନ ଉଠାଇଛନ୍ତି। ଏହି ସତ୍ୟପାଠ ହାଇକୋର୍ଟଙ୍କୁ ସନ୍ତୁଷ୍ଟ କରିପାରି ନାହିଁ। ଫଳରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ମହାନିର୍ଦ୍ଦେଶକ ଓ ସଂସ୍ଥାର ଯୁଗ୍ମନିର୍ଦ୍ଦେଶକ (ସଂରକ୍ଷଣ)ଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଆସନ୍ତା ୨୩ ତାରିଖରେ ଉଭୟେ ହାଇକୋର୍ଟରେ ହାଜର ହୋଇ ଉତ୍ତର ରଖିବାକୁ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି କେ. ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ଉକ୍ତ ମାମଲାରେ ହାଇକୋର୍ଟଙ୍କ ପକ୍ଷରୁ ନିଯୁକ୍ତ ଆମିକସ୍‌କ୍ୟୁରି ଏନ୍.କେ. ମହାନ୍ତି ମଙ୍ଗଳବାର ଶୁଣାଣି ବେଳେ କୋଣାର୍କକୁ ନେଇ ୨୦୧୦ ମସିହାରେ ହୋଇଥିବା ଏକ ଅନ୍ତର୍ଜାତୀୟ ସେମିନାର ରିପୋର୍ଟକୁ ଖଣ୍ଡପୀଠରେ ଉପସ୍ଥାପନ କରିଥିଲେ। ସୂଚନାଥାଉ କି, କୋଣାର୍କ ମରାମତି, ପୁନରୁଦ୍ଧାର

**ପ୍ରତ୍ନତତ୍ତ୍ୱ ମହାନିର୍ଦ୍ଦେଶକଙ୍କୁ ବ୍ୟକ୍ତିଗତ ହାଜର ଆଦେଶ**

ଓ ସଂରକ୍ଷଣକୁ ନେଇ ଆଡଭୋକେଟ ଦିଲୀପ କୁମାର ମହାପାତ୍ର ୨୦୧୬ରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ସରକାରଙ୍କଠାରୁ ଜବାବ ମାଗିଥିଲେ। ପ୍ରାଥମିକ ସ୍ତରରେ ସରକାର ସତ୍ୟପାଠ ଦେଇ କୋଣାର୍କ ଦୁର୍ବଳ ଥିବା ଅସ୍ୱୀକାର କରିଥିଲେ। ମାତ୍ର ଏଏସ୍‌ଆଇ ମହାନିର୍ଦ୍ଦେଶକ କୋଣାର୍କ ଦୁର୍ବଳ ଥିବା ସ୍ୱୀକାର କରିଥିଲେ। ଏହାକୁ ନେଇ ମାମଲା ଆଗକୁ ବଢିଥିଲା। ଉକ୍ତ ମାମଲାର ତଦାରଖ ନିମନ୍ତେ ହାଇକୋର୍ଟ ଇଞ୍ଜିନିୟର ଏନ୍. କେ. ମହାନ୍ତିଙ୍କୁ ଆମିକସ୍‌କ୍ୟୁରି ଭାବେ ନିଯୁକ୍ତ କରିଥିଲେ। ଆମିକସ୍‌କ୍ୟୁରି ୧୪ଟି ପଏଣ୍ଟ ଉପରେ କୋଣାର୍କର ସୁରକ୍ଷା ଆବଶ୍ୟକ ବୋଲି କୋର୍ଟଙ୍କୁ ଦର୍ଶାଇଥିଲେ। ତେବେ ଗତ ସୋମବାର ଆବେଦନକାରୀ ମହାପାତ୍ରଙ୍କ ପକ୍ଷରୁ ଆଉ ଏକ ଅନ୍ତରୀଣ ପିଟିଶନ ହାଇକୋର୍ଟରେ ଦାଏର କରାଯାଇଥିଲା। ଏଥିରେ କୋଣାର୍କରେ ସୂର୍ଯ୍ୟଙ୍କ ମୂର୍ତ୍ତି ପ୍ରତିଷ୍ଠା ସହ ମନ୍ଦିରର ପୂର୍ବ ଉଚ୍ଚତା ଫେରାଇ ଆଣିବା ପାଇଁ ନିବେଦନ କରାଯାଇଥିଲା। ପୂର୍ବରୁ କୋଣାର୍କର ଉଚ୍ଚତା ୨୨୯ ଫୁଟ ଥିଲା। ମାତ୍ର ବିଭିନ୍ନ ସମୟରେ ଏହା ଭାଙ୍ଗିରୁଜି ୧୦୦ରୁ ୧୨୦ ଫୁଟକୁ ଚାଲିଆସିଛି। ତେଣୁ ଏହାର ନିର୍ମାଣ ଲାଗି ୨ହଜାର କୋଟି ଟଙ୍କାର ବଜେଟ୍ ପ୍ରସ୍ତୁତ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଥିଲେ। ସେହିପରି ପୁରୀ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ସଂକ୍ରାନ୍ତରେ ୨୦୧୫ରେ ଆବେଦନକାରୀ ଅଭିଷେକ ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ମଧ୍ୟ ମଙ୍ଗଳବାର ହାଇକୋର୍ଟରେ ହୋଇଥିଲା। ଏ ନେଇ ଆସନ୍ତା ୨୩ ତାରିଖ ଶୁଣାଣି ସମୟରେ ଏଏସ୍‌ଆଇ ମହାନିର୍ଦ୍ଦେଶକ ଜବାବ ରଖିବାକୁ କୋର୍ଟ ଆଦେଶ ଦେଇଛନ୍ତି। ଉଭୟ ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ଅଶୋକ କୁମାର ମହାପାତ୍ର ମକଦ୍ଦମା ପରିଚାଳନା କରୁଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ରିଆମାଳ,୧୭।୧୨(ଡି.ଏନ୍.ଏ.)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଧୀନ ଆଡ଼ସ ପଞ୍ଚାୟତ ରାମପାଲି ଛକରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ରାଜ୍ୟ ପୂର୍ବମେଦିନୀପୁର ଜିଲା ଅନ୍ତର୍ଗତ ଖାନପୁର ଗ୍ରାମର ଶୁଭେନ୍ଦୁ ମରନା(୨୩)। ମିଳିଥିବା ସୂଚନା ମୁତାବକ, ଶୁଭେନ୍ଦୁ ଏକ କମ୍ପାନୀରେ ନିୟୋଜିତ ହୋଇ ରିଆମାଳ ଅଞ୍ଚଳରେ ପାଣି ପାଇପ୍ ଲାଇନ ସର୍ଭେ କାମ କରୁଥିଲେ। ମଙ୍ଗଳବାର ଆଡ଼ସ ପଞ୍ଚାୟତ ରାମପାଲି ଛକରେ ପାଇପ୍ ଲାଇନ ସର୍ଭେ କାମ ହେଉଥିବା ବେଳେ ଶୁଭେନ୍ଦୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। କାମରେ ନିୟୋଜିତ ଥିବା ଅନ୍ୟ ଯୁବକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ରିଆମାଳ ଥାନା ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

## ମହୁମାଛି ଆକ୍ରମଣରେ ୨ ଛାତ୍ରୀଛାତ୍ରଙ୍କ ସମେତ ୧୦ ଆହତ

**ସୋନପୁର,୧୭।୧୨(ନି.ପ୍ର.)**

ସୁବର୍ଣ୍ଣପୁର ସହରର ପଟାଭାଡି ମୁଖ୍ୟ ଛକରେ ମଙ୍ଗଳବାର ମହୁମାଛିଙ୍କ ଉତ୍ପାତ ଦେଖିବାକୁ ମିଳିଥିଲା। ଏକ ପୁରୁଣା ଅଶ୍ୱତ୍ଥ ଗଛଡାଳରେ ବସା ବାନ୍ଧିଥିବା ବାଘୁଆ ମହୁମାଛିମାନେ ରାସ୍ତାରେ ଯାଉଥିବା ବାଇକ୍ ଓ ସାଇକେଲ ଆରୋହୀଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ସାଇକେଲ ଯୋଗେ ସ୍କୁଲ ଯାଉଥିବା ଜନମୁରା ଗାଁର ଛାତ୍ରୀ ଗୀତାଞ୍ଜଳି ନାୟକ ଓ ଛାତ୍ର ମିଳନ ମୁଖୀଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ଗୀତାଞ୍ଜଳି ଓ ମିଳନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିଲା। ଗୀତାଞ୍ଜଳି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ମିଳନ ମହାରାଜା ହାଇସ୍କୁଲର ଛାତ୍ର ବୋଲି ଜଣାପଡିଛି । ଏହି ରାସ୍ତା ଦେଇ ଯାଉଥିବା ଅନ୍ୟ ୮ଜଣ ବୟସ୍କ ବ୍ୟକ୍ତି ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ପ୍ରାୟ ଅଧଘଣ୍ଟା ପରେ ମହୁମାଛି ଶାନ୍ତ ପଡିଥିଲେ ।


ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
**‘ଅକଳରେ ଅର୍ଥନୀତି’**

ଧରିତ୍ରୀର ୪୭ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଉଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ ‘ଅକଳରେ ଅର୍ଥନୀତି’। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି– ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍‌କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସ୍ପେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

**ମୂଲ୍ୟ: ଟ ୮୦/-**

**ଯୋଗାଯୋଗ: ସମ୍ବଲପୁର:** ନରୋତ୍ତମ ଜେନା (୯୪୩୮୦୯୮୩୫୫), ମନୋଜ ମହାନ୍ତି (୭୦୦୮୫୦୬୮୧୦)
ଦୂରଭାଷ: ୦୬୭୪–୨୫୮୦୧୦୧/୨୫୪୯୩୦୨


### ବରଗଡ଼ରୁ ଛତିଶଗଡ଼କୁ ବାଲି ଚାଲାଣ

## ବାଲି ଉଠାଣ ପ୍ରତିବାଦ: ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୧୭।୧୨**

ଅଙ୍ଗ ନଦୀରୁ ବାଲି ଉଠାଯାଇ ପଡ଼ୋଶୀ ଛତିଶଗଡ଼ ରାଜ୍ୟକୁ ଚାଲାଣ ହେଉଥିବା ପ୍ରତିବାଦରେ ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ବାଲି ଚାଲାଣ ବିରୋଧରେ ଝାରବନ୍ଧ ବ୍ଲକ ଲେରଗାଁ ଗ୍ରାମବାସୀ ରବିବାରଠାରୁ ବାଲି ଉଠାଣ ବନ୍ଦ ଦାବିରେ ଅଙ୍ଗନଦୀ ପାଖରେ ଧାରଣା ଦେଇ ବାଲିକ୍ୱାରୀକୁ ସମ୍ପୂର୍ଣ୍ଣ ବନ୍ଦ ଦାବି କରିଛନ୍ତି। ତେବେ ଗ୍ରାମବାସୀଙ୍କ ଧାରଣାକୁ ୩ଦିନ ବିତିଯାଇଥିଲେ ସୁଦ୍ଧା ଘଟଣାର କୌଣସି ସମାଧାନ ହୋଇପାରି ନାହିଁ । ଏ ନେଇ ଅଞ୍ଚଳରେ ଉତ୍ତେଜନା ବଢ଼ିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଗ୍ରାମର ଏକ ପ୍ରତିନିଧି ଦଳ ମଙ୍ଗଳବାର ସନ୍ଧ୍ୟାରେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିବା ସହିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ପ୍ରକାଶ ଯେ, ଅଙ୍ଗନଦୀରୁ ବାଲି ଉଠାଯାଇ ଲେରଗାଁ ଦେଇ ଛତିଶଗଡ଼କୁ ଚାଲାଣ କରାଯାଉଛି । ତେବେ ଏହି ବାଲି ଚାଲାଣରେ ଜେସିବି, ଡମ୍ପର ଆଦି ଗାଡ଼ି ବ୍ୟବହୃତ ହେଉଥିବା ଯୋଗୁ ରାସ୍ତାରେ ଯାଉଥିବା ସ୍କୁଲ, କଲେଜ ଛାତ୍ରୀଛାତ୍ର, ଗ୍ରାମବାସୀଙ୍କ ଜୀବନ ଅସୁରକ୍ଷିତ ହୋଇପଡୁଥିବା ଅଭିଯୋଗ ହୋଇଛି। ସେହିପରି ରାସ୍ତା ଶୋଚନୀୟ ହୋଇପଡିଥିବା ବେଳେ ବ୍ଲକ କାର୍ଯ୍ୟାଳୟକୁ ଯିବା ପାଇଁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଅଙ୍ଗନଦୀର ଲେରଗାଁ ବାଲିକ୍ୱାରୀକୁ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦୀର୍ଘଦିନ ହେଲା ଏହି ଦାବି ହେଉଥିଲେ ସୁଦ୍ଧା ପ୍ରଶାସନ ସେଥିପ୍ରତି ଚୁପ୍ ରହିବା ଯୋଗୁ ଗ୍ରାମବାସୀ ପ୍ରତିବାଦରେ ଧାରଣାକୁ ଓହ୍ଲାଇଛନ୍ତି । ଲେରଗାଁ ଗ୍ରାମର ତୁଳସୀ ପ୍ରସାଦ ସାହୁଙ୍କ ସମେତ ଗ୍ରାମବାସୀ ଏହାର ନେତୃତ୍ୱ ନେଉଛନ୍ତି ।



ବାଲି ଉଠାଣ ପ୍ରତିବାଦରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀବୃନ୍ଦ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋଦରା କୋଡ଼େ ଯେତେ
ମାଡ଼େ ସେତେ ।**

ଗୋଦରାର ଗୋଡ଼ ପାଦ ମୋଟା । ସେ ଆଗକୁ ହାଣି ହାଣି ଗଲାବେଳେ ତା ମୋଟା ପାଦରେ ମାଡ଼ି ହୋଇ ସବୁତକ ମାଟି ଦାବି ହୋଇଯାଏ । ହାଣିବାର ଫଳ କିଛି ମିଳେ ନାହିଁ। ଗୋଟିଏ ଦିଗରୁ କାର୍ଯ୍ୟ ଆରମ୍ଭ କରି ଅସାବଧାନ ଯୋଗୁ ଅନ୍ୟ ଦିଗରେ କିଛି ତ୍ରୁଟି ରହିଯିବା, ଉପକାର ଯେତିକି ଅପକାର ସେତିକି। ଯେତିକି ଭଲ କାମ କରାଯାଇଥାଏ ତା ପଛେ ପଛେ ସେତିକି ଖରାପ କାମ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗାଈ ନ ବୋଲେ ଗୋସେଇଁ ବୋଲି
ଗୋସେଇଁ ଧାଇଁଛି ଦୋହଣି ଧରି ।**

ଯେଉଁଠି ଆନ୍ତରିକତା ନ ଥାଏ ସେଠି ସମ୍ପର୍କ ଯୋଡ଼ିବାରେ ମୂଲ୍ୟ କିଛି ମିଳି ନ ଥାଏ । ବଳେ ପଶିବା କଥା । ଗାଈ ମାଲିକକୁ ଚିହ୍ନି ପାରୁ ନ ଥିବା ସ୍ଥଳେ ଦୁହିଁବାକୁ ତା’ ପଛେ ପଛେ ଧାଇଁବାର ମାନେ କିଛି ରହି ନ ଥାଏ । ଯେଉଁଠି ଆତ୍ମୀୟତା ନାହିଁ ନିଜର ବୋଲି ଭାବ ନାହିଁ କି ପାଖରେ ପୂରଉ ନାହିଁ ସେଠି ନିଜର ପରିଚୟ ସୃଷ୍ଟି କରିବା ମୂର୍ଖାମିର ପରିଚୟ ହୋଇଥାଏ । ବିନା ଅଭ୍ୟର୍ଥନାରେ ବା ଆଦରରେ ଅନ୍ୟର ପ୍ରାର୍ଥୀ ନ ହେବା ଉଚିତ ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ଧରିତ୍ରୀ DHARITRI CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**URGENTLY REQUIRED**
OMM SHANTI +2 Science College, Pipili, Puri requires Residential Lecturers in Sanskrit, Botany and Mathematics.
Date of Interview: 24.12.19(Tuesday)
Contact:
8249297563, 9778888868

**OFFICIALLY STAFF IMMEDIATELY REQUIRES**
For BBSR, Cuttack, Puri, Berhampur.
Qualification: 10th above.
Salary upto 25,000/-
M: 9938699963

**ମହିଳା ରୋଷେୟା ଆବଶ୍ୟକ**
ଘରୋଇ କାମ କରିବା ପାଇଁ ମହିଳା ରୋଷେୟା ଆବଶ୍ୟକ।
ଯୋଗାଯୋଗ କରନ୍ତୁ:
Ph : 8763531752, 0674-7107783, 9937089530.

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

**Wanted Area Sales Manager**
Attention all
ASM / RSM / NSM / ZSM
Are you in FMCG Ind. with 3 to 4 Years Experience in Channel Sales, who wants to become a Sales Partner and desires to
Earn unlimited ?
Company Profile:
The Company Hari Krishna Group has a turnover of 10,000 Crores and is expanding rapidly in terms of volume and share. The Company has very strong brands KISNA Diamond Jewellery in category of real diamonds. The company has its presence all over India. The company is looking Male / Female Sales Partner.
Kindly send your CV
Email: aarti@kisna.com
022-67160000 / 91369 67251
Aarti- Ext: 2729
Location: Entire Orissa

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିଣ୍ଡୋଲି, ସୁରତ୍, ଗୁଜୁରାଟ
9157012447, 9157312448

**REQUIRED**
Required Sales Consultant, Electrician, Accounts Executive, Driver, Peon, used car Sales Manager, Dentor, Technician & Parts Manager for a 4 wheeler dealership
call : 9968334410, Mail id: edp.bhubaneswar@renault-india.com, siddharth9909@gmail.com

**SECURITY JOB**
Operation Manager - 2 Nos. Qul - +3 Pass, Height - 5'.7", Age - 30 to 50, Exp - Minimum 3 years (All Odisha), Security Supervisor - 10 Nos. Qul - 12th Pass, Height - 5'.6", Age - 25 to 45, Exp - Minimum 3 years (All Odisha)
Contact : GISS SECURITY SERVICES Pvt. Ltd., Gopalpur, Cuttack
9861744455

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ। ବେତନ ୧୫୦୦୦ - ୧୮୦୦୦ + ରୁମ୍। ବୟସ: ୨୨-୪୫ । ହାଉସକିପିଂ ବଏ / ଚାକର / ଘରୋଇ ରୋଷେୟା / ଅଫିସ୍ ଆସିଷ୍ଟାଣ୍ଟ।
ଯୋଗାଯୋଗ: ଅଗରୱାଲ- 9884761210

Hard Working Sales Professionals Require for National Sales :
- National Sales Manager/ Executive.
- Sales Co-ordinator/ Tele Caller (Female).

Package for both : Starting from 20K to 60K + Incentives.
Ph: 9437009824, Email : info@orlia.in

ଭୁବନେଶ୍ୱର, କଟକ, ପୁରୀ ଏବଂ ଜଗତସିଂହପୁରରେ Bridge, Well, Pile and Raft Foundation work ପାଇଁ Experience Engineer, Project Manager, Manager, Supervisor, Official & Coocker ଆବଶ୍ୟକ। Minimum Experience 3 years to 10 years
ଯୋଗାଯୋଗ- 9937499625, 9937199625, 9937000661

**ନୋଟିସ୍**
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ଫେବୃୟାରୀ ୧୫ରୁ ସିବିଏସ୍ଇ ଦଶମ, ଦ୍ୱାଦଶ ପରୀକ୍ଷା

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ବା ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ପାଇଁ ତାରିଖ ଘୋଷଣା କରାଯାଇଛି। ୨୦୨୦ ଫେବୃୟାରୀ ୧୫ରୁ ଉଭୟ ଦଶମ ଓ ଦ୍ୱାଦଶ ପରୀକ୍ଷା ଆରମ୍ଭ ହେବ। ଦଶମ ପରୀକ୍ଷା ମାର୍ଚ୍ଚ ୨୦ରେ ଶେଷ ହେବାକୁ ଥିବାବେଳେ ଦ୍ୱାଦଶ ପରୀକ୍ଷା ମାର୍ଚ୍ଚ ୩୦ରେ ଶେଷ ହେବ। ପ୍ରତିଦିନ ପରୀକ୍ଷା ପୂର୍ବାହ୍ନ ୧୦ଟା ୩୦ରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ୩୦ମିନିଟ୍ରେ ଶେଷ ହେବ। ଛାତ୍ରୀଛାତ୍ରମାନେ ପରୀକ୍ଷା କେନ୍ଦ୍ରରେ ୯ଟା ୩୦ ସୁଦ୍ଧା ପହଞ୍ଚିବେ। ୧୦ଟାରେ ଉତ୍ତରଖାତା ଦିଆଯିବ ଓ ୧୦ଟା ୧୫ରେ ପ୍ରଶ୍ନପତ୍ର ଦିଆଯିବ। ପ୍ରଶ୍ନପତ୍ର ଭଲରେ ପଢ଼ିବା, କିପରି ଓ କେଉଁ ପ୍ରଶ୍ନକୁ ଆଗେ ଉତ୍ତର ଲେଖିବାକୁ ହେବ ସେଥିପାଇଁ ଛାତ୍ରୀଛାତ୍ରମାନଙ୍କୁ ୧୫ମିନିଟ୍ ସମୟ ଦିଆଯାଇଛି। ଏହାପରେ ୧୦ଟା ୩୦ରୁ ପରୀକ୍ଷା ଆରମ୍ଭ ହେବ। ପରୀକ୍ଷା ସମ୍ପର୍କରେ ସମସ୍ତ ସୂଚନା ବୋର୍ଡର ଅଫିସିଆଲ ୱେବ୍ସାଇଟ୍ www.cbse.nic.inରେ ଉପଲବ୍ଧ ରହିଛି। ୱେବ୍ସାଇଟ୍ରୁ ଛାତ୍ରୀଛାତ୍ରମାନେ ସେମାନଙ୍କ ପରୀକ୍ଷାର ସୂଚୀ ସମ୍ପର୍କରେ ଜାଣିପାରିବେ। ସୂଚନାଯୋଗ୍ୟ, ଗତବର୍ଷ ଦଶମ ପରୀକ୍ଷା ମାର୍ଚ୍ଚ ୭ରୁ ୨୯ ଏବଂ ଦ୍ୱାଦଶ ପରୀକ୍ଷା ମାର୍ଚ୍ଚ ୨ରୁ ଏପ୍ରିଲ ୨ପର୍ଯ୍ୟନ୍ତ ଚାଲିଥିଲା।

ଠିକାଦାରଙ୍କ ଦାବି ପ୍ରସଙ୍ଗ

### ପୂର୍ତ୍ତ ବିଭାଗ ପକ୍ଷରୁ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ଗଠିତ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ):** ନିଖିଳ ଓଡ଼ିଶା ଠିକାଦାର ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ୧୦ ଦଫା ଦାବି ରଖାଯାଇଥିଲା। ଏହାକୁ ଭଲ ଭାବେ ତର୍ଜମା କରି ସରକାରଙ୍କୁ ଅବଗତ କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିରେ ଅର୍ଥ ମନ୍ତ୍ରୀଙ୍କୁ ଅଧକ୍ଷ ଭାବେ ନିଯୁକ୍ତି କରାଯାଇଛି। ଏହା ବ୍ୟତୀତ ପୂର୍ତ୍ତ, ଖଣି ଓ ଇସ୍ପାତ ମନ୍ତ୍ରୀ, ପଞ୍ଚାୟତିରାଜ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଏବଂ ଜଳସମ୍ପଦ ମନ୍ତ୍ରୀ ସଦସ୍ୟଭାବେ କାର୍ଯ୍ୟ କରିବେ। ତେଣୁ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ନିରଞ୍ଜନ ପୂଜାରୀ କମିଟିର ଅଧକ୍ଷତା କରିବେ। ସେହିପରି ପ୍ରଫୁଲ୍ଲ ମଲିକ, ପ୍ରତାପ ଜେନା, ସୁଦାମ ମାର୍ଣ୍ଡି, ସୁଶାନ୍ତ ସିଂ ଏବଂ ରଘୁନନ୍ଦନ ଦାସ ପ୍ରମୁଖ ଏହି କମିଟିର ସଦସ୍ୟ ଭାବେ କାର୍ଯ୍ୟ କରିବେ।

### ଜଳିଗଲା କାର୍ଟୁନ ଗୋଦାମ

ବାରିପଦା ଅଫିସ,୧୭।୧୨: ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ମଞ୍ଚାବନ୍ଧାସ୍ଥିତ ଏକ କାଚ ବୋତଲ କମ୍ପାନୀର କାର୍ଟୁନ ଗୋଦାମରେ ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗି ଯାଇଥିଲା। ଦୀର୍ଘ ୧୨ ଘଣ୍ଟା ପରିଶ୍ରମ କରି ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଛନ୍ତି। ସୂଚନା ଅନୁଯାୟୀ, ରାତି ପ୍ରାୟ ୧ଟା ୩୦ ବେଳେ ଏହି କାର୍ଟୁନ ଗୋଦାମରୁ ଧୂଆଁ ବାହାରୁ ଥିବା ଜଣେ କର୍ମଚାରୀ ଦେଖିଥିଲେ। ପରେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର କାର୍ଟୁନ ପୋଡ଼ି ନଷ୍ଟ ହୋଇଯାଇଛି। ମଙ୍ଗଳବାର ଦିନ ୧ଟା ୩୦ ବେଳକୁ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିବା ଅଗ୍ନିଶମ ବିଭାଗ ଅଧିକାରୀ ପି.କେ ଜେନା କହିଛନ୍ତି। ୩ଟି ଦମକଳ ଗାଡ଼ିରେ ପ୍ରାୟ ୧୮ ଜଣ କର୍ମଚାରୀ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଥିଲେ। ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ମେସର୍ସ ରିଲାଏନ୍ସକୁ ୨.୧୫ କୋଟି ଷ୍ଟାମ୍ପ ଡ୍ୟୁଟି ଛାଡ଼ିଲେ ସରକାର

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ରାଜ୍ୟ ସରକାର ମେସର୍ସ ରିଲାଏନ୍ସ (ଓଡିଶା ପଲି ଫାଇବର୍ସ ଲିମିଟେଡ) ଇଣ୍ଡଷ୍ଟ୍ରିଜ କମ୍ପାନୀକୁ ୨ କୋଟି ୧୫ ଲକ୍ଷ୬୪ ହଜାର ୬୪୮ ଟଙ୍କାର ଷ୍ଟାମ୍ପ ଡ୍ୟୁଟି ଛାଡ କରିଛନ୍ତି। ଶିଳ୍ପ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

ରୁଗ୍ଣ ଶିଳ୍ପ କମ୍ପାନୀ ଅଧିନିୟମ-୧୯୮୫ ଅନୁଯାୟୀ ଇପିକଲ ସଂସ୍ଥା ସହିତ ମିଶି ମେସର୍ସ ଷ୍ଟ୍ର ପ୍ରଡକ୍ସନ ଲିମିଟେଡ ଢେଙ୍କାନାଳ ଜିଲାରେ ଏକ ପଲିଷ୍ଟର ସିଲାଇ କାରଖାନା ମେସର୍ସ ଓଡ଼ିଶା ସିନ୍ଥେଟିକ ଲିମିଟେଡ କମ୍ପାନୀ ସ୍ଥାପିତ ହୋଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ସିନ୍ଥେଟିକ କମ୍ପାନୀ ଜେ.କେ କର୍ପୋରେଶନ ସହ ବିଲୟ ହୋଇଥିଲା। ଜେ.କେ, କର୍ପୋରେସନ ଲିମିଟେଡ ଓଡିଶା ପଲି ଫାଇବର୍ସ ଲିମିଟେଡ ନାମ ଏକ ସ୍ୱତନ୍ତ୍ର କମ୍ପାନୀ ଗଠନ କରିଥିଲେ। ଉକ୍ତ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର କମ୍ପାନୀ ସମୂହ ମେସର୍ସ ସିଲଭା ପଲିଷ୍ଟର ଲିମିଟେଡ ନାମକ କମ୍ପାନୀ ସହ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ମେସର୍ସ ଓଡିଶା ପଲିଫାଇବର୍ସ ଲିମିଟେଡ୍ ୯୭ ଏକର ସରକାରୀ ଜମି ହସ୍ତାନ୍ତର ବାବଦ ୭୨ ଲକ୍ଷ ଟଙ୍କା, ୧୩୦ ଏକର ବେସରକାରୀ ଜମି ବାବଦ ୯୮ ଲକ୍ଷ ଟଙ୍କା ଏବଂ କୋଠାବାଡି ମୂଲ୍ୟ ବାବଦ ୬ କୋଟି ୫୦ ଲକ୍ଷ ଟଙ୍କାର ଷ୍ଟାମ୍ପ ଡ୍ୟୁଟି ଛାଡ ପାଇଁ ଆବେଦନ କରିଥିଲେ।

ରାଜ୍ୟସ୍ତରୀୟ ନୋଡାଲ କମିଟି ୧୯୯୯ ଅଗଷ୍ଟ ୬ ତାରିଖ ବୈଠକରେ ଉକ୍ତ ପ୍ରସ୍ତାବ ଶିଳ୍ପ ନୀତି-୧୯୯୬ରେ ଥିବା ବ୍ୟବସ୍ଥା ଅନୁଯାୟୀ ମନ୍ତ୍ରୀ ମଣ୍ଡଳ ବୈଠକରେ ଷ୍ଟାମ୍ପ ଡ୍ୟୁଟି ଛାଡ କରିବାକୁ ସୁପାରିସ କରାଯାଇଥିଲା। ଏଥିସହିତ ମେସର୍ସ ରିଲାଏନ୍ସ (ଓଡ଼ିଶା ପଲିଫାଇବର୍ସ ଲିମିଟେଡ) ଏହାକୁ ନେଇ ୨୦୦୬ରେ ରାଜ୍ୟ ସରକାରଙ୍କ ବିରୋଧରେ ହାଇକୋଟରେ ମାମଲା ଦାୟୀ କରିଥିଲା। ରାଜ୍ୟସ୍ତରୀୟ ନୋଡାଲ କମିଟିଙ୍କ ସୁପାରିସକୁ ବିଚାର କରିବାକୁ ହାଇକୋର୍ଟ ଶିଳ୍ପ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ଛାଡ କରାଯାଇଛି।

- ଓଏସଜେଏସ, ଓଜେଏସ ପାଇଁ କୋହଳ ହେଲା ବୟସ ସୀମା
- ପୂର୍ବତନ ସେନା କର୍ମଚାରୀଙ୍କ ପାଇଁ ୫, ଏସସି, ଏସଟି, ଏସଇବିସିଙ୍କ ପାଇଁ ୧୦ ବର୍ଷ

ରାଜ୍ୟ ସରକାର ଓଏସଜେଏସ ଏବଂ ଓଡିଶା ନ୍ୟାୟିକ ସେବା(ଓଜେଏସ) ନିୟମାବଳୀ-୨୦୦୭କୁ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଓଜେଏସରେ ଅଧିକ ସଂଖ୍ୟାରେ ପୂର୍ବତନ ସେନା କର୍ମଚାରୀ ତଥା ଷ୍ଟାଫସିଲେକ୍ସନ କମିଶନ(ଏସଏସସି)ରେ କାର୍ଯ୍ୟରତ ଅଧିକାରୀ ଏବଂ ଭିନ୍ନକ୍ଷମ ବର୍ଗର ପ୍ରାର୍ଥୀଙ୍କୁ ନିଯୁକ୍ତି ସୁଯୋଗ ଦିଆଯାଇ ପାରିବ। ଏହା ଫଳରେ ସିଭିଲ ଜଜ ପଦବୀ ପାଇଁ ହେଉଥିବା ପରୀକ୍ଷା ନିମନ୍ତେ ପୂର୍ବତନ ସେନା କର୍ମଚାରୀ ଏବଂ ଏସ୍ଏସ୍ସି କର୍ମଚାରୀଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମାକୁ ୫ବର୍ଷ କୋହଳ କରାଯାଇଛି। ଭିନ୍ନକ୍ଷମ, ଏସସି,ଏସଟି ଓ ଏସ୍ଇବିସି ବର୍ଗର ପ୍ରାର୍ଥୀମାନଙ୍କ ପାଇଁ ଥିବା ସର୍ବୋଚ୍ଚ ବୟସ ସୀମା ଆଉ ଅଧିକ ୧୦ ବର୍ଷ କୋହଳ କରାଯିବ। ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମଞ୍ଜୁର ପ୍ରଦାନ କରିଛି।

# ସରକାରୀ କଲେଜ ଅଧ୍ୟାପକ ନିଯୁକ୍ତି କୋହଳ ହେଲା ଆବେଦନ ବୟସ ସୀମା

ସତ୍ୟବାଦୀରେ ସ୍ଥାପନ ହେବ ଓଡ଼ିଆ ବିଶ୍ୱବିଦ୍ୟାଳୟ ମୁଖ୍ୟାଳୟ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ସରକାରୀ କଲେଜ ଅଧ୍ୟାପକ ପଦବୀ ପୂରଣ ପାଇଁ ବୟସସୀମା ବୃଦ୍ଧି କରାଯାଇଛି। ଏଣିକି ୩୩ ବର୍ଷ ପରିବର୍ତ୍ତେ ୪୮ ବର୍ଷ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଚାକିରି ପାଇଁ ଆବେଦନ କରିପାରିବେ। ୧୯୯୦ ଓଡ଼ିଶା ଶିକ୍ଷା ସେବା(କଲେଜ ଶାଖା) ଚୟନ ନିୟମ ଓ ଏହା ପରବର୍ତ୍ତୀ ସଂଶୋଧନ ଅଧିନିୟମ ଅନୁସାରେ କଲେଜ ଅଧ୍ୟାପକ ପଦବୀ ପୂରଣ ପାଇଁ ଆବେଦନ କରିବା ସକାଶେ ପ୍ରାର୍ଥୀ ସମ୍ପୃକ୍ତ ବିଷୟରେ ସ୍ନାତକୋତ୍ତର ଡିଗ୍ରୀ ସହିତ ପିଏଚ୍.ଡି. , ନେଟ୍ ଯୋଗ୍ୟତାକୁ ବାଧ୍ୟତାମୂଳକ କରାଯାଇଛି। ଅଧିକ ଯୋଗ୍ୟତା ହାସଲ ପାଇଁ ବହୁ ସମୟ ଲାଗୁଥିବାରୁ ପ୍ରାର୍ଥୀଙ୍କର ସର୍ବୋଚ୍ଚ ବୟସସୀମା ୪୮ ବର୍ଷ ପର୍ଯ୍ୟନ୍ତ କୋହଳ କରାଯାଇଛି। ରାଜ୍ୟ ସରକାର ସରକାରୀ ଡିଗ୍ରୀ କଲେଜରେ ଖାଲିଥିବା ୬୦୬ ଅଧ୍ୟାପକ ପଦବୀ ପୂରଣ କରିବାକୁ ୨୦୧୯ ଅକ୍ଟୋବର ପହିଲାରେ ଓଡ଼ିଶା ଲୋକସେବା ଆୟୋଗକୁ ଜଣାଇଛନ୍ତି। ତେବେ ଏହି ପଦବୀ ପାଇଁ ଆବଶ୍ୟକ ପ୍ରାର୍ଥୀଙ୍କ ସଂଖ୍ୟା କମିବା ଦୃଷ୍ଟିରୁ ଏହି ବୟସସୀମାକୁ ବୃଦ୍ଧି କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଥିବା କଲେଜ, ହୋମିଓପ୍ୟାଥିକ ଓ ଆୟୁର୍ବେଦିକ କଲେଜରେ ଅଧ୍ୟାପକ ପଦବୀ ପୂରଣ ପାଇଁ ସର୍ବୋଚ୍ଚ ବୟସସୀମା ୪୫ ବର୍ଷ ରଖାଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ମଙ୍ଗଳବାର କ୍ୟାବିନେଟ୍ ଅନୁମୋଦନ କରିଛି।

ପୁରୀ ଜିଲାର ସତ୍ୟବାଦୀଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଇଛି। ଏହାର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଏହାକୁ ସତ୍ୟବାଦୀର ବନ ବିଦ୍ୟାଳୟରେ ପ୍ରତିଷ୍ଠା କରିବାକୁ ଐତିହ୍ୟ ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ନିଷ୍ପତ୍ତି କରାଯାଇଥିଲା। ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁର କରିଛି। ସତ୍ୟବାଦୀରେ ଏହାକୁ ସ୍ଥାପନ କରିବା ଦ୍ୱାରା ବକୁଳବନର ପ୍ରାକୃତିକ ଶୋଭାରାଜି ସୁରକ୍ଷିତ ରହିବା ସହ ଏହା ଏକ ଅବିସ୍ମରଣୀୟ ଐତିହ୍ୟର ସ୍ମାରକୀ ରୂପେ ପରିଗଣିତ ହେବ।

### ସଂଶୋଧନ ହେଲା ଓଡ଼ିଶା ଜିଲା ରାଜସ୍ୱ ସେବା ନିୟମ

ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ

# ରାଜଧାନୀରେ ରାସ୍ତାକୁ ଓହ୍ଲାଇଲେ ସଂଖ୍ୟାଲଘୁ ସମ୍ପ୍ରଦାୟ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)



ଭୁବନେଶ୍ୱର ଲୋୟର ପିଏମ୍ଜିଠାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ବିକ୍ଷୋଭ ଓ ପ୍ରତିବାଦ କରୁଛନ୍ତି।

ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ବିଭିନ୍ନ ରାଜ୍ୟରେ ବିରୋଧ ଜାରି ରହିଛି। ଏହାକୁ ଓଡିଶା ସରକାର ସମର୍ଥନ ଦେଇଥିବାବେଳେ ଏବେ ରାଜ୍ୟର ବିଭିନ୍ନ ସଂଖ୍ୟାଲଘୁ ସଂଗଠନ ବିରୋଧ ଆରମ୍ଭ କରିଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ଶହ ଶହ ଲୋକ ମଙ୍ଗଳବାର ରାଜଧାନୀରେ ରାସ୍ତାକୁ ଓହ୍ଲାଇଛନ୍ତି। ସତ୍ୟନଗର ମସ୍ଜିଦ୍ କଲୋନୀରୁ ବିଶାଳ ଶୋଭାଯାତ୍ରା ବାହାରି ଲୋୟର ପିଏମ୍ଜିରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ଧାରଣାରେ ସେମାନେ ଓଡ଼ିଶାରେ ସିଏଏ ଓ ନ୍ୟାଶନାଲ ରେଜିଷ୍ଟର ଅଫ୍ ସିଟିଜେନ୍ସ (ଏନ୍ଆର୍ସି) ଆଇନ ଲାଗୁ ନ କରିବାକୁ ଦାବିକରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ସହଯୋଗ କରି ଆସୁଥିବାବେଳେ ମୁଖ୍ୟମନ୍ତ୍ରୀ କିପରି ଏହି ବିରୋଧୀ ଆଇନକୁ ସମର୍ଥନ କଲେ ସେନେଇ ପ୍ରଶ୍ନ କରିଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ଏସବୁ ଆଇନକୁ ଓଡ଼ିଶାରେ ଲାଗୁ ନ କରି ପ୍ରତ୍ୟାହାର କରିନେବାକୁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବିକରନ୍ତୁ ବୋଲି ଦାବି କରିଥିଲେ। ଏହି ଅବସରରେ ଏକ ପ୍ରତିନିଧି ଦଳ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିଲେ।

ସଂଖ୍ୟାଲଘୁ କଲ୍ୟାଣ ସମାଜର ମହମ୍ମଦ ଶାହନୱାଜ ଓ ସେକ୍ ରିଆଜଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ଏ ନେଇ ଶାହନୱାଜ କହିଛନ୍ତି ଯେ, ସଂଖ୍ୟାଲଘୁଙ୍କ ବିରୋଧରେ ଭେଦଭାବ ଚଳିବ ନାହିଁ। ଦେଶ ସ୍ୱାଧୀନ ହେବା ପରଠୁ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକେ ଏକତାର ଭାଇଚାରା ନେଇ ଭାରତରେ ବସବାସ କରୁଛନ୍ତି। ତେଣୁ ଧାର୍ମିକ ଆଧାରରେ ଦେଶକୁ ବିଭାଜନ କରିବା ଠିକ୍ ନୁହେଁ। ଏହାଦ୍ୱାରା ଭାରତର ସମ୍ବିଧାନ ଉପରେ ଆକ୍ରମଣ କରାଯାଉଛି। ଆଇନକୁ କେନ୍ଦ୍ର ସରକାର ପ୍ରତ୍ୟାହାର ନ କଲେ ଆନ୍ଦୋଳନ ତୀବ୍ରତର କରାଯିବ ସେ କହିଛନ୍ତି। ବରିଷ୍ଠ ଭାଜପା ନେତା ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଛନ୍ତି, ଗଣତନ୍ତ୍ରରେ ପ୍ରତିବାଦ କରିବାର ଅଧିକାର ସମସ୍ତଙ୍କର ରହିଛି। ତାହା ମାନେ ନୁହେଁ ଯେ ହିଂସାତ୍ମକଭାବେ ଆନ୍ଦୋଳନ କରାଯିବ। କିଏ ଆନ୍ଦୋଳନକୁ ଉସ୍କାଉଛି ଲୋକେ ସେମାନଙ୍କୁ ଜାଣନ୍ତି ବୋଲି ସେ କହିଛନ୍ତି।

### ସିଏଏକୁ ଉତ୍କଳ ବିଶ୍ୱବିଦ୍ୟାଳୟ ଏବିଭିପି ଛାତ୍ରୀଛାତ୍ରଙ୍କ ସମର୍ଥନ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ):** ନାଗରିକତା ସଂଶୋଧନ ଆଇନ(ସିଏଏ)କୁ ମଙ୍ଗଳବାର ରାଜଧାନୀରେ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ବିରୋଧ କରାଯାଇଥିବାବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସମର୍ଥନ ଜଣାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଏବିଭିପି ଛାତ୍ରୀଛାତ୍ରମାନେ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ପ୍ଲାକାର୍ଡ ଧରି ଏହି ଆଇନକୁ ସ୍ୱାଗତ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏବିଭିପି ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର ଓ ଭୁବନେଶ୍ୱର ମହାନଗରର ସମ୍ପାଦକ ସମ୍ବିତ୍ ପ୍ରସାଦ ରାଉତ କହିଛନ୍ତି, ସଂସଦର ଉଭୟ ଗୃହରେ ଏହି ବିଲ୍ ପାସ ହେବା ପରେ ରାଷ୍ଟ୍ରପତିଙ୍କ ଅନୁମୋଦକ୍ରମେ ଆଇନରେ ପରିଣତ ହୋଇଛି। ଏହା ଏକ ଐତିହାସିକ ଆଇନ। ଇତିହାସର ଭୁଲ୍କୁ ଏବେ ସଂଶୋଧନ କରାଯାଇଛି। ଏହି ଆଇନ ପଡୋଶୀ ମୁସଲମାନ ବହୁଳ ଦେଶରେ ନିର୍ଯାତନା ଓ ଅତ୍ୟାଚାରର ଶିକାର ହେଉଥିବା ଅଣମୁସଲିମମାନଙ୍କୁ ଜିଇଁବାର ନୂଆ ଆଶା ଓ ସୁଯୋଗ ଦେବ ବୋଲି ସେମାନେ କହିଛନ୍ତି।

ହୀରାକୁଦର ନିଷିଦ୍ଧାଞ୍ଚଳରେ ପ୍ରବେଶ ଘଟଣା

### ମନ୍ତ୍ରୀଙ୍କ ଝିଅ, ୩ ଅଭିନେତ୍ରୀଙ୍କ ନାଁରେ ଏତଲା

ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)



ହୀରାକୁଦ ଡ୍ୟାମ୍ର ନିଷିଦ୍ଧାଞ୍ଚଳରେ ପ୍ରବେଶ କରି ଭିଡିଓ ସୁଟିଂ କରିଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ ନବଦାସଙ୍କ ଝିଅ ଦୀପାଲି, ଅଭିନେତ୍ରୀ ପ୍ରକୃତି ମିଶ୍ର, ଏଲିନା ସାମନ୍ତରାୟ ଓ ଫ୍ୟାଶନ ଡିଜାଇନର ଲୋଭିନା ନାୟକ। ଏହି ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଥିବାବେଳେ ସମ୍ବଲପୁର ଏସ୍ପି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି କଳିଙ୍ଗ ସେନା ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏତଲା ଦେଇଛି। ସେନା ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ହୀରାକୁଦ ଡ୍ୟାମ ନିଷିଦ୍ଧାଞ୍ଚଳରେ ସେମାନେ କିପରି ଫଟୋ ଓ ଭିଡିଓ ଉତ୍ତୋଳନ କରି କେଉଁ ଆଧାରରେ ସୋସିଆଲ ମିଡିଆରେ ପୋଷ୍ଟ କଲେ। ସେମାନଙ୍କୁ ଆବଶ୍ୟକ ଯାଞ୍ଚ କରାଯାଇ ନ ଥିଲା ନା ଜାଣିଶୁଣି ମୋବାଇଲ ଫୋନ୍ ନେବାକୁ ସୁଯୋଗ ଦିଆଯାଇଥିଲା ତାହାର ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଳିଙ୍ଗ ସେନା ଦାବି କରିଛି। ଇତିମଧ୍ୟରେ ଏହି ଘଟଣା ପାଇଁ ଏଲିନା କ୍ଷମା ପ୍ରାର୍ଥନା କର ଏଭଳି ଭୁଲ୍ ଅଜାଣତରେ ହୋଇଛି ବୋଲି ସେ କହିଛନ୍ତି। ସେହିପରି ପ୍ରକୃତି ମିଶ୍ର ମଧ୍ୟ ଦୁଃଖ ପ୍ରକାଶ କରିବା ସହ କଟକଣା ସମ୍ପର୍କରେ ସେ ଅବଗତ ନ ଥିବା କହିଛନ୍ତି।


ପରିପତ୍ର ସଂଖ୍ୟା: ୨୮୪୮ | **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୋଡେନ** | ତାରିଖ: ୧୭।୧୨।୨୦୧୯

ଏତଦ୍ଦ୍ୱାରା ବୋଡେନ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୧୯-୨୦ ଆର୍ଥିକ ବର୍ଷର (୦୧।୦୪।୧୯ଠାରୁ ୩୦।୦୯।୧୯) ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍.) ଓ ଜାତୀୟ ସାମାଜିକ ସହାୟତା (ଏନ୍.ଏସ୍.ଏ.ପି.)ର ସାମାଜିକ ସମୀକ୍ଷା ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ହେବାର ସ୍ଥିର କରାଯାଇଛି। ଏଥିରେ ମନରେଗା ସହିତ ସମ୍ପୃକ୍ତି ଥିବା ଗ୍ରା.ପ.ର ଲୋକପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଯଥା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଓ ଗ୍ରାମରୋଜଗାର ସେବକମାନେ ଉପସ୍ଥିତ ରହିବେ। ପଞ୍ଚାୟତର ସମସ୍ତ ଜବ୍କାର୍ଡଧାରୀ ଶ୍ରମିକ ସଂଘ, ସ୍ୱୟଂସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜନସାଧାରଣ ଉପସ୍ଥିତ ରହି ସାମାଜିକ ସମୀକ୍ଷାରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଉଛି।

| କ୍ର. ନଂ. | ସାମାଜିକ ସମୀକ୍ଷା (ନଥିପତ୍ର ଓ କ୍ଷେତ୍ର ଯାଞ୍ଚ) | ଗ୍ରାମସଭା ତାରିଖ ଓ ସମୟ | ଜନଶୁଣାଣି ତାରିଖ ପ. ସମିତି କାର୍ଯ୍ୟାଳୟ | ଗ୍ରା.ପ.ର ନାମ | ଗ୍ରାମସଭା ପରିଚାଳନା କରିବା ପାଇଁ ନୋଡାଲ ଅଫିସର |
|---|---|---|---|---|---|
| ୦୧ | ୧୮।୧୨।୨୦୧୯ ଠାରୁ ୨୭।୧୨।୨୦୧୯ | ୨୮।୧୨।୨୦୧୯ ଘ.୧୧.୦୦ | ୧୧।୦୩।୨୦୨୦ | ଲର୍କା, ରୋକାଲ, କରଙ୍ଗାମାଲ, ଲିଟିସଗି, ବାବେବିର, ଖଇରା, କର୍ଲାକୋଟ, | ସାମାଜିକ ସମୀକ୍ଷା କମିଟି, ଗ୍ରାମସେବକ, ଗ୍ରାମ ରୋଜଗାର ସେବକ, ଜେଇ ନୋଡାଲ ଅଧିକାରୀ ଉପସ୍ଥିତ ରହିବେ |
| ୦୨ | ୦୬।୦୧।୨୦୨୦ ଠାରୁ ୧୫।୦୧।୨୦୨୦ | ୧୬।୦୧।୨୦୨୦ ଘ.୧୧.୦୦ | | ଡମଝର, ନାଗପଡ଼ା, ପଲସଦା, ବୋଡେନ, ଭଇଷାଦାନୀ, ବୋଇରଗାଁ, ଫରସରା, ସୁନାପୁର | ସାମାଜିକ ସମୀକ୍ଷା କମିଟି, ଗ୍ରାମସେବକ, ଗ୍ରାମ ରୋଜଗାର ସେବକ, ଜେଇ, ନୋଡାଲ ଅଧିକାରୀ ଉପସ୍ଥିତ ରହିବେ |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୋଡେନ


### ଦୁର୍ଘଟଣାରେ ଜଣେ ମୃତ

ବାହାନଗା,୧୭।୧୨(ଡି.ଏନ.ଏ.)- ମଙ୍ଗଳବାର ରାତି ସାଢେ ୯ଟା ବେଳେ ବାଲେଶ୍ୱର ଜିଲା ବାହାନଗା ବଜାରସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଏକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଅଚିହ୍ନା ଯୁବକଙ୍କ ମୃତ୍ୟୁ ଘଟିଛି। ସୋର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଛି। ତାଙ୍କ ପରିଚୟ ମିଳିନାହିଁ। ତେବେ କେଉଁ ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଛି ତାହା ଜଣାପଡିନାହିଁ।

ପ୍ରେମ ପରେ ପ୍ରତାରଣା

# ଅଭିଯୁକ୍ତ କନଷ୍ଟେବଲ ଗିରଫ

ଭଦ୍ରକ ଅଫିସ,୧୭।୧୨

ଜଣେ ମହିଳା କନଷ୍ଟେବଲଙ୍କୁ ପ୍ରେମ ଜାଲରେ ଫସାଇ ପରେ ଧୋକା ଦେବା ଅଭିଯୋଗରେ ପୋଲିସ ଜଣେ କନଷ୍ଟେବଲଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଲୋକଙ୍କୁ ନ୍ୟାୟ ଓ ସୁରକ୍ଷା ଦେଉଥିବା ପୋଲିସ ନିଜେ ଏଭଳି ପ୍ରେମ ପ୍ରତାରଣା କରିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରତାରଣାର ଶିକାର ହୋଇଥିବା ମହିଳା କନଷ୍ଟେବଲଙ୍କ ଅଭିଯୋଗ ପରେ ଟାଉନ ଥାନା ପୋଲିସ ଏ ନେଇ ଏକ ମାମଲା(ନଂ ୩୮୫/୧୯) ରୁଜୁ କରି ଉଭୟ ଅଭିଯୁକ୍ତ ଓ ପୀଡିତାଙ୍କୁ ଡାକ୍ତରୀ ମାଇନା କରାଇଥିବା କହିଛି। ପରେ ଅଭିଯୁକ୍ତ କନଷ୍ଟେବଲଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ପୋଲିସ ପକ୍ଷରୁ ଏହି ସୂଚନା ଦିଆଯାଇ କୁହାଯାଇଛି ଯେ, ମହିଳା କନଷ୍ଟେବଲ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ, ଅଭିଯୁକ୍ତ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ସମ୍ପର୍କ ବଢ଼ାଇ ବଳାତ୍କାର କରିଥିଲେ। ପରେ ବିବାହ ପାଇଁ ରାଜି ନ ହେବାରୁ ନିରୁପାୟ ହୋଇ ସେ ଥାନାରେ ଏତଲା ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ଭଦ୍ରକ ଟାଉନ ଥାନା ପୋଲିସ ଏହି ଲିଖିତ ଅଭିଯୋଗ କରାଯିବା ପରେ ଏହାର ତଦନ୍ତ କରି ଅଭିଯୁକ୍ତ କନଷ୍ଟେବଲ ଜଗତପତି ହାଁସଦାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ତାଙ୍କ ବ୍ୟାଚ୍ର ମହିଳା କନଷ୍ଟେବଲଙ୍କୁ ପ୍ରେମ କରି ପରେ ପ୍ରତାରଣା କରିଥିବା ଅଭିଯୋଗରେ କୋର୍ଟ ଚାଲାଣ ହେବା ପରେ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।


**ODISHA HYDRO POWER CORPORATION LTD.**
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING
VANIVIHAR CHOUK, JANPATH, BHOINAGAR, BHUBANESWAR – 751022
Tel: 91 -0674-2542983, 2542802, 2545526, Fax- 2542102, E-mail : ohpc.co@gmail.com, CIN : U40101OR1995SGC003963
No. OHPC: TECH: C&P: 26/2019-20/ 11450 /Date: 13.12.2019
No. CAD-702:-
**EOI NOTICE NO. 30/2019-20**
Sealed EOI are invited in two part i.e. (i) Techno-Commercial Bid & (ii) Price Bid in separate sealed envelopes from the reputed consulting firms/ architectural firms fulfilling the eligibility criteria as per the terms & conditions for the work as mentioned below.

| Sl. No. | Description of Services | Cost of EOI Paper (Non-refundable in Rs.) | EMD in shape of DD only (Refundable) |
|---|---|---|---|
| 1 | Engagement of Consultant for interior work of Block-C of Shakti Bhawan Complex, Bhubaneswar | 7080.00 6000.00 + 18% GST) | NIL |

For details of the EOI documents, terms & conditions please visit/ refer our website www.ohpcltd.com from dt.20.12.2019
04012/11/0016/1920 DGM (C&P)



**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
No. CAD-694:-
**CORRIGENDUM**
In partial modification to the Tender Call Notice NO-06 /OMC/MTM/JJKR/2019-20, DTD: 21.11.2019 on engagement of 1.2 Cum capacity Excavator (Backhoe) for under taking terracing of Environment & Transportation operation work at South Kaliapani Mines in the District of Jajpur, published in BBSR edition of Odia daily "The Prameya, Dharitri, and English daily BBSR edition Times of India" is re-scheduled as follows due to some unavoidable circumstances.
Last date of submission of tender extended till 20th December' 2019.
Interested tenderers may please note the eligibility; cost of tender document, EMD & other details particulars to the above is placed on the web site www.omcltd.In.
However other terms & conditions are remain unchanged.
30005/11/0107/1920 Sd/- Regional Manager



**OFFICE OF THE MUNICIPAL COUNCIL, SUNDARGARH**
No.5650 Dt.17.12.2019
**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No.SNGM-11/2019-20 / Dt.17.12.2019**
On behalf of the Sundargarh Municipality, online e-tender Percentage Rate Bids are invited by the Executive Officer, Sundargarh Municipality from the intending and eligible class/ category of bidders in conformity with the Detailed Tender Call Notice in Double Cover Bid System i.e. Technical Bid & Financial Bid for execution of the works mentioned in the DTCN. Contractors validly registered/empanelled under Sundargarh Municipality are also eligible to participate for the works as per condition of DTCN.
1. Total No. of works for which tenders invited : 04 Nos.
2. Place of Execution : Inside of Sundargarh Municipality.
3. Estimated Cost of work : Rs.66,46,243/- to Rs.86,14,644/-
4. Eligible Class of Contractors : Registered Contractors of Class - 'B' to Class - 'A' as indicated against the work mentioned in the Tender Call Notice.
5. Intending bidders have to participate through "On-Line" bidding only. The website for online bidding is **https://www.tendersodisha.gov.in**
6. The bid documents will be available in the above website from 11 A.M. on 19.12.2019 to 5 P.M. on 03.01.2020 for online bidding.
7. Bids received online will be opened at 11 A.M. on 07.01.2020
8. The bidder must possess valid and compatible Digital Signature Certificate (DSC).
9. The DTCN for bid shall be available in the e-procurement portal **https://www.tendersodisha.gov.in** for online bidding.

**Sd./- Executive Officer**
**Sundargarh Municipality**

ସରିଆସୁଛି ୨୦୧୯। ଘଟଣା, ଦୁର୍ଘଟଣା, ସଫଳତା ଓ ବିଫଳତାକୁ ନେଇ ଏହାର କାହାଣୀ ଅସରନ୍ତି। ବିତି ଯାଇଥିବା ବର୍ଷ ଯେଉଁ ଛାପ ଛାଡ଼ିଯାଇଛି ତାହା ମନକୁ ଆନ୍ଦୋଳିତ କରେ। ଏହି ଅପାସୋରା ଓ ଅଭୁଲା ଅତୀତ ବାରମ୍ବାର ମନରେ ଉଙ୍କିମାରେ। ସେହି ସ୍ମୃତିକୁ ପୁଣି ଥରେ ମନେ ପକାଇବାକୁ ବର୍ଷର ଶେଷ ପାହାଚରେ ଆମର ଏହି ପ୍ରୟାସ....।

## ୩୨ ଫୁଟର ଜିରାଫ

**ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦ୍ୱିତୀୟ ରେକର୍ଡ**



ବର୍ଜ୍ୟବସ୍ତୁ ତଥା ସ୍କ୍ରାପ୍ ସାମଗ୍ରୀକୁ ପୁନଃବିନିଯୋଗ କରି ବ୍ରହ୍ମପୁର ଆଇଟିଆଇ ଛାତ୍ରୀଛାତ୍ର ବିଶ୍ୱସ୍ତରରେ ଏକ ଉଦାହରଣ ପାଲଟିଛନ୍ତି। ଅଗଷ୍ଟ ୨୧ ରେ ସ୍କ୍ରାପ୍‌ରେ ପ୍ରସ୍ତୁତ ୩୨ ଫୁଟ ଉଚ୍ଚ ଓ ୧୨ ଫୁଟ ଓସାରର ଜିରାଫ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛି।

## ଭାରତର ପ୍ରଥମ ଆଇଟିଏମ୍ଏସ୍ ବ୍ୟବସ୍ଥାର ଶୁଭାରମ୍ଭ



ବ୍ରହ୍ମପୁର ସହରର ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ସହ ଆପରାଧିକ କାର୍ଯ୍ୟକଳାପ ଉପରେ ଦୃଷ୍ଟି ଦେବା ଉଦ୍ଦେଶ୍ୟରେ ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ଭାରତର ପ୍ରଥମ ଇଣ୍ଟିଗ୍ରେଟେଡ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଟିଏମଏସ)ର ଶୁଭାରମ୍ଭ ହୋଇଥିଲା। ଅଗଷ୍ଟ ୨୮ରେ ପଞ୍ଚାୟତିରାଜ, ପାନୀୟଜଳ, ଆଇନ, ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଏହାକୁ ଉଦ୍‌ଘାଟନ କରିଥିଲେ।

## କନ୍ଧମାଳ ହଳଦୀକୁ ଜିଆଇ ମାନ୍ୟତା




କନ୍ଧମାଳ ହଳଦୀକୁ ଶେଷରେ ଜିଆଇ(ଭୌଗୋଳିକ ସଂକେତ) ମିଳିଛି। ଜିଲାରେ ଉତ୍ପାଦିତ ହଳଦୀର ଗୁଣବତ୍ତାକୁ ଆଧାର କରି ଏହି ମାନ୍ୟତା ଭାରତ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ଜିଆଇ ମାନ୍ୟତା ପାଇଁ ଜିଲା ପ୍ରଶାସନ ତଥା କସମ୍(କନ୍ଧମାଳ ଆପେକ୍ସ ସ୍ପାଇସେସ୍ ଆସୋସିଏଶନ ଫର ମାର୍କେଟିଂ) ପକ୍ଷରୁ ୨୦୧୮ ଜାନୁୟାରୀ ୧୧ରେ ଚେନ୍ନାଇସ୍ଥିତ ଭାରତ ସରକାରଙ୍କ ଜିଆଇ ଅଫିସରେ ଆବେଦନ କରାଯାଇଥିଲା।

## ଏସ୍‌ଏଚ୍‌ଜିରୁ ଲୋକ ସଭା



ଗଞ୍ଜାମ ଜିଲା ଆସିକା ବ୍ଲକ ନଳବଣ୍ଟା ପଞ୍ଚାୟତ ଚେରମାରିଆ ଗାଁରେ ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ଥିବା ପ୍ରମିଳା ବିଷୋୟୀ ଗତ ସାଧାରଣ ନିର୍ବାଚନରେ ଆସିକା ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୨,୦୪, ୭୦୭ ଭୋଟରେ ବିଜୟୀ ହୋଇଛନ୍ତି। ନିର୍ବାଚନରେ ପ୍ରାର୍ଥୀ ହେବା ପୂର୍ବରୁ ସେ ଗାଁ ସ୍କୁଲରେ ମଧ୍ୟାହ୍ନଭୋଜନ ପାଚିକା ରହିଥିଲେ। ଜଙ୍ଗଲ ଓ ପରିବେଶ ସୁରକ୍ଷା ଦିଗରେ ଅବଦାନ ଥିବାରୁ ତାଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ମିଳିଛି।

## ରାଷ୍ଟ୍ରପତି କଲର୍ସ ସମ୍ମାନ



ଗୋପାଳପୁର ସେନା ଷ୍ଟେଶନ୍‌ସ୍ଥିତ ସେନା ବାୟୁ ପ୍ରତିରକ୍ଷା ବାହିନୀ(ଆର୍ମି ଏୟାର୍ ଡିଫେନ୍ସ)କୁ ରାଷ୍ଟ୍ରପତି କଲର୍ସ ସମ୍ମାନରେ ସମ୍ମାନିତ କରାଯାଇଛି। ସେପ୍ଟେମ୍ବର ୨୮ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ସମ୍ମାନ ପ୍ରଦାନ କରିଛନ୍ତି। ସ୍ୱାଧୀନ ବାହିନୀ ଭାବେ ୨୫ବର୍ଷରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଯୁଦ୍ଧ ଏବଂ ଶାନ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି କଲର୍ସ ସମ୍ମାନ ପ୍ରଦାନ କରାଯାଇଥିଲା।

## ଜାତି, ଜାତକ, ଯୌତୁକ ବିହୀନ ବିବାହ

ବ୍ରହ୍ମପୁର ସହରରେ ୨୦୧୯ରେ ଦୁଇଟି ବିବାହକୁ ନେଇ ସବୁଆଡ଼େ ଚର୍ଚ୍ଚା ସହ ପ୍ରଶଂସା ମିଳିଥିଲା। ଜାନୁୟାରୀ ୨୫ରେ ଇଞ୍ଜିନିୟର୍ ପୃଥ୍ୱୀକ୍ ମିଶ୍ରଙ୍କ ସହ ଅଧ୍ୟାପିକା ମନ୍ଦାକିନୀ ପଣ୍ଡା ଏବଂ ଅକ୍ଟୋବର ୨୦ରେ ବିପ୍ଲବ କୁମାର ଓ ଅନିତା କୁମାରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏହି ବିବାହ। ତେବେ ଉଭୟ ବିବାହରେ ମଣ୍ଡପ ନ ଥିଲା। ନ ଥିଲେ ପଣ୍ଡିତ। ମନ୍ତ୍ର ଉଚ୍ଚାରଣ ହୋଇ ନ ଥିଲା। ଅଗ୍ନି ବଦଳରେ ସମ୍ବିଧାନକୁ ସାକ୍ଷୀ ରଖି ଏହି ଦୁଇ ଦମ୍ପତି ବିବାହ କରିଥିଲେ। ଜାତି, ଜାତକ ଏବଂ ଯୌତୁକ ବିହୀନ ଥିଲା ଏହି ବିବାହ।



## ଏସିଆ ବୁକ ଅଫ୍ ରେକର୍ଡ

## ୭୦ ଫୁଟର ଗିଟାର

ଆବର୍ଜନା ତଥା ସ୍କ୍ରାପ୍ ସାମଗ୍ରୀର ପୁନଃ ବ୍ୟବହାର କରି ବ୍ରହ୍ମପୁର ଆଇଟିଆଇ ଛାତ୍ରୀଛାତ୍ରମାନେ ଜୁଲାଇ ୧୮ରେ ପ୍ରସ୍ତୁତ କରିଥିବା ୭୦ ଫୁଟ ଉଚ୍ଚତାର ବୃହଦାକାର ଗିଟାର ଏସିଆ ବୁକ ଅଫ ରେକର୍ଡରେ ସ୍ଥାନୀତ ହୋଇଥିଲା। ଏହାକୁ ଅନୁଷ୍ଠାନ ଫିଟର, ଇଲେକ୍ଟ୍ରିସିଆନ, ପ୍ଲମ୍ବର, ପେଣ୍ଟର, ୱେଲଡର ଟ୍ରେଡର ୧୫୦ ଛାତ୍ରୀଛାତ୍ର ମାତ୍ର ୩ ମାସ ୨୨ ଦିନରେ ପ୍ରସ୍ତୁତ କରିଥିଲେ। ଏହାର ଉଚ୍ଚତା ୭୦ ଫୁଟ ଏବଂ ଓସାର ୨୫ ଫୁଟ ରହିଛି। ଏଥିସହ ଅନୁଷ୍ଠାନକୁ ଏସିଆ ବୁକ ଅଫ ରେକର୍ଡ ସ୍ୱତନ୍ତ୍ର ଗ୍ରାଣ୍ଡମାଷ୍ଟର ଟାଇଟଲ ପ୍ରଦାନ କରିଥିଲା।





## ବାଜିଲା ପାଣିପିଆ ଘଣ୍ଟା

ଛାତ୍ରୀଛାତ୍ରଙ୍କୁ ସୁସ୍ଥ ରଖିବା ପାଇଁ ଗଞ୍ଜାମ ଜିଲାରେ ଏକ ଅଭିନବ ଅଭିଯାନ ନଭେମ୍ବର ୨୫ରେ ଆରମ୍ଭ ହୋଇଥିଲା। ଏହାହେଲା ପାଣି ପିଇବା ପାଇଁ ପିଲାମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ 'ପାଣିପିଆ ଘଣ୍ଟା ବା ୱାଟରବେଲ୍' ଅଭିଯାନ। 'ପାଣି ପିଅନ୍ତୁ ସୁସ୍ଥ ରୁହନ୍ତୁ' ସ୍ଲୋଗାନ୍ ଦିଆଯାଇଛି। ୱାଟର୍ ବେଲ୍ ବା ପାଣିପିଆ ଘଣ୍ଟା ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟା ୪୦ମିନିଟ୍, ଅପରାହ୍ନ ସାଢ଼େ ଗୋଟାଏ ଏବଂ ୩ଟା ୧୫ମିନିଟ୍‌ରେ, ସେହିଭଳି ଶନିବାର ସକାଳ ୮, ପୂର୍ବାହ୍ନ ସାଢ଼େ ୯ଟା ଏବଂ ୧୦ଟା ୫୦ମିନିଟ୍‌ରେ ବାଜିବ। ସମସ୍ତେ ଏକକାଳୀନ ପାଣି ପିଇବେ। ୫ମିନିଟ୍ ପାଇଁ ଏହି ବିରତି ରହୁଛି।

## ଓଡ଼ିଶାର ପ୍ରଥମ ଏମ୍ଏସ୍ଏସ୍ଆର ରାଡାର ଉଦ୍‌ଘାଟନ

ଏୟାର ପୋର୍ଟ ଅଥରିଟି ଅଫ ଇଣ୍ଡିଆ(ଏଏଆଇ) ଅଧୀନ ବ୍ରହ୍ମପୁର ଉପକଣ୍ଠ ନରେନ୍ଦ୍ରପୁରସ୍ଥିତ ମନୋପଲ୍‌ସ ସେକେଣ୍ଡାରୀ ସର୍ଭିଲେନ୍ସ ରାଡାର(ଏମ୍ଏସ୍ଏସ୍ଆର) ସାଇଟରେ ନୂତନ ଅତ୍ୟାଧୁନିକ ଜ୍ଞାନକୌଶଳ ବିଶିଷ୍ଟ ମନୋପଲ୍‌ସ ସେକେଣ୍ଡାରୀ ସର୍ଭିଲେନ୍ସ ରାଡାର ନଭେମ୍ବର ୧୪ରେ ଉଦ୍‌ଘାଟିତ ହୋଇଥିଲା। ଏଏଆଇ ନୂଆଦିଲ୍ଲୀସ୍ଥିତ କମ୍ୟୁନିକେଶନ ନାଭିଗେଶନ ଏଣ୍ଡ ସର୍ଭିଲେନ୍ସ(ସିଏନ୍ଏସ୍) ପ୍ଲାନିଂ ସେକ୍ସନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମିତ କୁମାର ବାନାର୍ଜୀ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର ଅଞ୍ଚଳର ଚତୁଃପାର୍ଶ୍ୱରେ ଥିବା ପ୍ରାୟ ୪୫୦ କି.ମି. ବ୍ୟାସାର୍ଦ୍ଧ ଅଞ୍ଚଳରେ ପ୍ରବେଶ କରୁଥିବା ବିମାନ ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିବ।




## ଖୋଲିଲା କ୍ଷୀର ଏଟିଏମ୍




ଜୁଲାଇ ୪ରେ ଗଞ୍ଜାମ–ଗଜପତି ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ପକ୍ଷରୁ ରାଜ୍ୟର ପ୍ରଥମ ଦୁଗ୍ଧ ବିଶୋଧିତ ଏବଂ ଭିଟାମିନ୍ ମିଶ୍ରିତ ଏଟିଏମ୍ ବ୍ରହ୍ମପୁର ଗେଟ୍‌ବଜାର ନିକଟସ୍ଥ ସଂଘ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଥିଲା। ଚାଷୀଙ୍କଠାରୁ କିଣାଯାଉଥିବା କ୍ଷୀରକୁ ବିଶୁଦ୍ଧୀକରଣ ସହ ସେଥିରେ ଭିଟାମିନ୍–ଏ ଏବଂ ଭିଟାମିନ୍–ଡି ମିଶାଇ ବିକ୍ରି କରାଯାଉଛି। ଲିଟର୍ ପିଛା ଦର ରଖାଯାଇଛି ୪୦ଟଙ୍କା।

## ତାମ୍ପରାରେ ୱାଟର ସ୍ପୋର୍ଟ୍‌ସର ଶୁଭାରମ୍ଭ

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ ଜାତୀୟ ରାଜପଥ ପାର୍ଶ୍ୱରେ ରହିଛି ତାମ୍ପରା ହ୍ରଦ। ଏଠାର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପୂର୍ବରୁ ବୋଟିଂ ବ୍ୟବସ୍ଥା ଥିଲା ଏବଂ ପରବର୍ତ୍ତୀ ସମୟରେ ଏହା ବନ୍ଦ ହୋଇଯିବାରୁ ପର୍ଯ୍ୟଟକମାନେ ଏହାର ଉପଭୋଗ କରି ନ ପାରି ଫେରୁଥିଲେ। ଏବେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଘରୋଇ ସଂସ୍ଥା ଦ୍ୱାରା ଡିସେମ୍ବର ୨ ତାରିଖରୁ ୱାଟର ସ୍ପୋଟର୍ସ, ବୋଟିଂର ଶୁଭାରମ୍ଭ କରାଯାଇଛି।



## ଭୁଶୁଡ଼ିଲା ଛାତ୍ରୀନିବାସ କୋଠା

ଜୁଲାଇ ୨୫ ଅପରାହ୍ନରେ ହଠାତ୍ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଥିବା ସାବେରୀ ଛାତ୍ରୀ ନିବାସ ୩ ମହଲା ବିଶିଷ୍ଟ ଶୌଚାଳୟ କୋଠା ଭୁଶୁଡି ପଡିଥିଲା। ମଧ୍ୟାହ୍ନରେ ଛାତ୍ରୀନିବାସର ସମସ୍ତ ଛାତ୍ରୀ କ୍ଲାସ ପାଇଁ ଯାଇଥିବା ବେଳେ କୋଠାଟି ଭୁଶୁଡି ପଡିଥିଲା। ଏଥିରେ କାହାର କିଛି କ୍ଷତି ହୋଇ ନ ଥିଲା।

## ଶହୀଦ ହେଲେ ଗଞ୍ଜାମ ପୁଅ



୨୦୧୯ ଜୁନ୍ ପ୍ରଥମ ସପ୍ତାହରେ ଆସାମର ଜୋରହାଟରୁ ବାହାରି ଅରୁଣାଚଳ ପ୍ରଦେଶ ମେଚୁକା ଯାଉଥିବା ବାୟୁସେନା ବିମାନ ଏଏନ୍–୩୨ ନିଖୋଜ ହୋଇଯାଇଥିଲା। ଏଥିରେ ୮ଜଣ କ୍ରୀଡ ମେମ୍ବରଙ୍କ ସମେତ ମୋଟ ୧୩ଜଣ ଥିଲେ। ତେବେ ବିମାନ ଚାଳକ ଦଳରେ ଥିଲେ ଓଡ଼ିଆ ପାଇଲଟ୍ ସୁନିତ ମହାନ୍ତି। ସୁନିତଙ୍କ ଘର ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ବଳିଆପଲ୍ଲୀ ଗ୍ରାମ। ପରବର୍ତ୍ତୀ ସମୟରେ ବିମାନ ଧ୍ୱଂସାବଶେଷ ମିଳିଥିଲା। ସୁନିତ୍‌ଙ୍କୁ ଶହୀଦ ଘୋଷଣା କରାଯାଇଥିଲା।

| Dollar | Sensex | Nifty | Gold | Silver |
|---|---|---|---|---|
| 70.98 (0) | 41,352.17 (413.45) | 12,165 (111.05) | 38,771.00 (`11) | 45,610.00 (`75) |

"ଆସନ୍ତା ୪ ବର୍ଷରେ ଋଣ ମୁକ୍ତ ହେବା ଲାଗି ଜେଏସ୍‌ପିଏଲ୍ ଲକ୍ଷ୍ୟ ରଖିଛି।"
– ନବୀନ ଜିନ୍ଦଲ, ଜେଏସ୍‌ପିଏଲ୍ ଅଧ୍ୟକ୍ଷ



"ଅର୍ଥନୀତିର ଅଭିବୃଦ୍ଧି ପ୍ରୋତ୍ସାହନ ସହ ୫ କୋଟି ନିଯୁକ୍ତି ସୃଷ୍ଟି ଦିଗରେ ସରକାର କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି।"
– ନୀତିନ ଗଡକରୀ, କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ



## ସଂକ୍ଷେପରେ

### ମିନିଟ୍ ପିଛା ୬ ପଇସା କଲ୍ ଦର ଅବଧି ବର୍ଷେ ବଢ଼ିଲା



**ନୂଆଦିଲ୍ଲୀ,୧୭-୧୨:** ଅନ୍ୟ ଟେଲିକମ୍ ନେଟ୍‌ୱର୍କକୁ ମିନିଟ ପିଛା ୬ ପଇସା କଲ୍ ଦର ଅବଧିକୁ ଟେଲିକମ ରେଗୁଲେଟୋରୀ ଅଥରିଟି ଅଫ ଇଣ୍ଡିଆ(ଟ୍ରାଇ) ମଙ୍ଗଳବାର ବର୍ଷେ ବଢ଼ାଇଛି। ଅନ୍ୟ ନେଟ୍‌ୱର୍କ ମୋବାଇଲ କଲ୍ ଲାଗି ଇଣ୍ଟର ୟୁସେଜ ଚାର୍ଜ(ଆଇୟୁସି) ଆସନ୍ତା ବର୍ଷ ଡିସେମ୍ବର ୩୧ ଯାଏ ଲାଗୁ ହେବ ବୋଲି ଟ୍ରାଇ ପକ୍ଷରୁ କୁହାଯାଇଛି। ପୂର୍ବରୁ ଏଥିଲାଗି ୧୪ ପଇସା ଲାଗୁ ହେଉଥିଲା। ମାତ୍ର ଏହାକୁ ଟ୍ରାଇ ୬ ପଇସାକୁ କମାଇଛି। ୨୦୧୭ ଅକ୍ଟୋବର ପହିଲାରୁ ଏହା ଲାଗୁ ହେଉଛି। ଯାହା ୨୦୨୦ ଡିସେମ୍ବର ୩୧ ଯାଏ କାର୍ଯ୍ୟକାରୀ ହେବ। ୨୦୨୧ ଜାନୁୟାରୀ ପହିଲା ପରଠାରୁ ୱାୟରଲେସ ଟୁ ୱାୟରଲେସ ଦେଶ ମଧ୍ୟରେ କଲ୍ ଲାଗି କୌଣସି ଚାର୍ଜ ଲାଗୁ ହେବ ନାହିଁ ବୋଲି ଟ୍ରାଇ କହିଛି।

### ବିତ୍ତୀୟ ପରିଚାଳନାକୁ ନେଇ ସତର୍କ କରାଇଲେ ସୁବାରାଓ



**ମୁମ୍ବାଇ,୧୭-୧୨:** ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ଡି.ସୁବାରାଓ ସରକାରଙ୍କୁ ବିତ୍ତୀୟ ପରିଚାଳନା ନେଇ ସତର୍କ କରାଇଛନ୍ତି। ମଙ୍ଗଳବାର ସେ ସରକାରଙ୍କୁ କହିଛନ୍ତି ଯେ, ବିତ୍ତୀୟ ନିଅଣ୍ଟକୁ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ସୀମିତ ରଖିବାକୁ ସରକାର ନିଶ୍ଚିତ କରନ୍ତୁ। ଠିକ୍ ଭାବେ ବିତ୍ତୀୟ ପରିଚାଳନା ନ ହେଲେ, ବିତ୍ତୀୟ ନିୟନ୍ତ୍ରଣ ବଢ଼ିଲେ ଏହା ଦୁଃସ୍ଥିତିକୁ ଡାକିଆଣିବ ବୋଲି ସେ ସରକାରଙ୍କୁ ଚେତାଇଛନ୍ତି। ଚଳିତ ଆର୍ଥିକବର୍ଷ ଶେଷ ହେବାକୁ ଆହୁରି ୫ ମାସ ବାକି ଥିବା ବେଳେ ବଜେଟ ଏବଂ ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ୧୦୭% ଟପିଥିବା ଖବର ଆସିବା ପରେ ସୁବାରାଓ ଏଭଳି ପ୍ରତିକ୍ରିୟା ରଖିଛନ୍ତି। ଏଣୁ ଏଭଳି ସ୍ଥିତିରେ ସାବଧାନ ରହିବା ନେଇ ସେ ମତ ରଖିଛନ୍ତି। ଉଚ୍ଚ ହାରରେ ବିତ୍ତୀୟ ନିଅଣ୍ଟ, ଇନ୍ଧନ ମୁଦ୍ରାସ୍ଫୀତି, ଘରୋଇ ନିବେଶରେ ହ୍ରାସ ଚଳନ୍ତି ଖାତା ନିଅଣ୍ଟ ଯୋଗୁ ପ୍ରଭାବିତ ହୋଇଥାଏ। ଏଣୁ ଏହାର ସୁପରିଚାଳନା ସରକାରଙ୍କ ଲାଗି ଉନ୍ନତ ସ୍ଥିତି ଆଣିଥାଏ ବୋଲି ସେ ମତ ରଖିଛନ୍ତି।

# ରାଜସ୍ୱ ହ୍ରାସ ନେଇ ହେବ ମାନସ ମନ୍ଥନ

## ଆଜି ବସୁଛି ଜିଏସ୍‌ଟି ପରିଷଦ ବୈଠକ

- ମାନ୍ଦାବସ୍ଥା ଯୋଗୁ ଜିଏସ୍‌ଟି ବୃଦ୍ଧିକୁ ରାଜ୍ୟଗୁଡ଼ିକର ବିରୋଧ
- ଟିକସ ଚୋରି ରୋକିବାକୁ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀଙ୍କ ଚିଠି
- ଏପ୍ରିଲ-ନଭେମ୍ବର ରାଜସ୍ୱ ୪୦% କମିଛି



**ନୂଆଦିଲ୍ଲୀ,୧୭-୧୨**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ବୁଧବାର ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ହେବ। ଏଠାରେ କେନ୍ଦ୍ର ସରକାରଙ୍କ ରାଜସ୍ୱ ହ୍ରାସ, ଟିକସ ଢାଞ୍ଚା ଏବଂ ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ ଭଳି ପ୍ରମୁଖ ପ୍ରସଙ୍ଗଗୁଡ଼ିକରେ ମାନସ ମନ୍ଥନ ହେବ। ଏବେ ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଲାଗି ରହିଥିବାରୁ ସେସ୍ ବା ଉପକର ଏବଂ ଜିଏସ୍‌ଟି ହାରରେ ବୃଦ୍ଧି ନେଇ ପଶ୍ଚିମବଙ୍ଗ ସମେତ କିଛି ରାଜ୍ୟ ବିରୋଧ କରୁଛନ୍ତି। ବର୍ତ୍ତମାନ ଖାଉଟି ଏବଂ ଶିଳ୍ପ ଏବେ ଖରାପସ୍ଥିତି ଦେଇ ଗତି କରୁଥିବାରୁ ଏ ସମୟରେ ଜିଏସ୍‌ଟି ବୃଦ୍ଧିକୁ ରାଜ୍ୟଗୁଡ଼ିକ ନାପସନ୍ଦ କରୁଛନ୍ତି। ମାତ୍ର ରାଜସ୍ୱ ହ୍ରାସ ବୃହତ୍ ଥିବାରୁ ଏହାର ଭରଣା ଲାଗି ଜିଏସ୍‌ଟିରେ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି।

ରାଜସ୍ୱ ବୃଦ୍ଧି ଲାଗି ବିଭିନ୍ନ ସାମଗ୍ରୀ ଉପରେ ଜିଏସ୍‌ଟି, ଜିଏସ୍‌ଟି କ୍ଷତିପୂରଣ ସେସ୍ ବୃଦ୍ଧି, ହାରରେ ପରିବର୍ତ୍ତନ, ଅନୁପାଳନ, ଏବଂ ଟିକସ ଢାଞ୍ଚାରେ ତର୍ଜମା ପାଇଁ ପରାମର୍ଶ ଲୋଡାଯାଇଥିଲା। ଏହି ପ୍ରସଙ୍ଗରେ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଅମିତ ମିତ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଏକ ଚିଠି ଲେଖିଛନ୍ତି। ଏଥିରେ ସେ କହିଛନ୍ତି ଯେ, ଜିଏସ୍‌ଟି ପରିଷଦ ପକ୍ଷରୁ ରାଜ୍ୟଗୁଡ଼ିକୁ ଏକ ଚିଠି ଲେଖାଯାଇଛି। ଟିକସ ପରିସରରୁ ବାହାରେ ରଖାଯାଇଥିବା ସାମଗ୍ରୀ ଉପରେ ଟିକସ ଲାଗୁ ହେବ କି ନାହିଁ ସେ ସମ୍ପର୍କରେ ପରାମର୍ଶ ଲୋଡା ଯାଇଛି। ଏହା ଅତ୍ୟନ୍ତ କ୍ଷତିକାରକ। ବର୍ତ୍ତମାନର ଟିକସ ଢାଞ୍ଚାରେ କୌଣସି ପରିବର୍ତ୍ତନ ନ ହେବା ଆବଶ୍ୟକ। ଏହାବାଦ କୌଣସି ନୂଆ ସେସ୍ ଲାଗୁ ନ ହେବା ଉଚିତ। କାରଣ ମୁଦ୍ରାସ୍ଫୀତି ଏବଂ ମାନ୍ଦାବସ୍ଥା ଯୋଗୁ ଶିଳ୍ପ ଏବଂ ଖାଉଟି ଏବେ ପ୍ରଭାବିତ ସ୍ଥିତିରେ ରହିଥିବା ମିତ୍ର ଚିଠିରେ ଉଲ୍ଲେଖ କରିଛନ୍ତି।

ଏଭଳି ସ୍ଥିତିରେ ନୂଆ ଟିକସ ଢାଞ୍ଚା ଏବଂ ସେସ୍ ଦ୍ୱାରା ବୋଝ ଲଦିବା ପରିବର୍ତ୍ତେ ନୂଆ ଉପାୟ ଉପରେ ଚିନ୍ତା କରିବାକୁ ହେବ ବୋଲି ମିତ୍ର ମତ ରଖିଛନ୍ତି। ଏହି ସମୟରେ ଶିଳ୍ପଗୁଡ଼ିକୁ କିଛି ସହାୟତା ଦେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଟିକସ ହାରରେ ପରିବର୍ତ୍ତନ କରି ରାଜସ୍ୱ ହାସଲ କରିବା ଅପେକ୍ଷା ଟିକସ ଚୋରି ଏବଂ ଠକେଇ ରୋକିବା ଉପରେ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ସୋମବାର କେନ୍ଦ୍ର ସରକାର ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ୩୫,୨୮୯ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ କରିଛନ୍ତି। ବଜେଟରେ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ତୁଳନାରେ ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ନଭେମ୍ବର ସମୟରେ ରାଜସ୍ୱ ସଂଗ୍ରହ ୪୦% କମିଛି। ଏପ୍ରିଲ ନଭେମ୍ବର ସମୟରେ କେନ୍ଦ୍ର ସରକାର କେନ୍ଦ୍ର ଜିଏସ୍‌ଟି ବାବଦ ୩.୨୮ ଲକ୍ଷ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରିଛନ୍ତି। ଏହି ସମୟରେ ୫.୨୬ ଲକ୍ଷ କୋଟି ରାଜସ୍ୱ ସଂଗ୍ରହ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା।

### ମାସିକ ୧.୧ ଲକ୍ଷ କୋଟି ଜିଏସ୍‌ଟି ଆଦାୟ ଲକ୍ଷ୍ୟ

**ନୂଆଦିଲ୍ଲୀ,୧୭-୧୨:** ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ରାଜସ୍ୱ ହ୍ରାସ ହେଉଥିବା ବେଳେ ଏହାକୁ ନେଇ ସରକାର ଚିନ୍ତାରେ ରହିଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷର ଶେଷ ଚାରି ମାସରେ ଜିଏସ୍‌ଟି ରାଜସ୍ୱ ବାବଦ ୧.୧ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ ଏ ନେଇ ଉଚ୍ଚ ସ୍ତରିୟ ଟିକସ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସିଂ ଯୋଗେ ଆଲୋଚନା କରିଛନ୍ତି। ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ ସଂଗ୍ରହ ନେଇ ରହିଥିବା ଧାର୍ଯ୍ୟ ଲକ୍ଷ୍ୟ ହାସଲ ଲାଗି ଏହି ଅବସରରେ ଆଲୋଚନା ହୋଇଥିଲା। ଅନୁପାଳନ କାର୍ଯ୍ୟକ୍ରମ, ଫିଲ୍ଡ ଭିଜିଟ ବେଳେ କୌଣସି ଟିକସଦାତାଙ୍କୁ ହଇରାଣ ନ କରିବା ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଉଛି।

### ମନ୍ଥର ଅଭିବୃଦ୍ଧି, ଚାହିଦା ହ୍ରାସକୁ ନେଇ ଆଶଙ୍କା

ଅନେକ ଅର୍ଥନୀତିଜ୍ଞଙ୍କ ସମେତ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ଭାରତୀୟ ମନ୍ଥର ଅଭିବୃଦ୍ଧି ଏବଂ ମୁଦ୍ରାସ୍ଫୀତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଖାଦ୍ୟ ସାମଗ୍ରୀ ଦରଦାମ ବଢ଼ିବା ଯୋଗୁ ନଭେମ୍ବରରେ ମୁଦ୍ରାସ୍ଫୀତି ୩ ବର୍ଷର ସର୍ବୋଚ୍ଚ ସ୍ତର ୫.୫୪% ଛୁଇଁଛି। ଏହାବାଦ ଲଗାତର ଭାବେ ଔଦ୍ୟୋଗିକ ଅଭିବୃଦ୍ଧି ୩ ମାସ ଲାଗି ହ୍ରାସ ଘଟି ଅକ୍ଟୋବରରେ ୩.୮% ସ୍ତରକୁ ଖସିଛି। ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଏବେ ଜଟିଳ ହେଉଥିବା ଏହା ଦର୍ଶାଉଛି। ସେହିଭଳି ଦେଶର ଜିଡିପି ଅଭିବୃଦ୍ଧି ଚଳିତ ଆର୍ଥିକ ବର୍ଷ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଛି। ଦରଦାମ ବୃଦ୍ଧି, ମୋଟ ଚାହିଦା ଖସିବା ନେଇ ଏବେ ଆଶଙ୍କା ପ୍ରକାଶ ପାଇଛି।

# ଲିଙ୍ଗଗତ ବୈଷମ୍ୟ: ୧୧୨ତମ ସ୍ଥାନକୁ ଖସିଲା ଭାରତ

**ନୂଆଦିଲ୍ଲୀ,୧୭-୧୨**

ଲିଙ୍ଗଗତ ବୈଷମ୍ୟ କ୍ଷେତ୍ରରେ ଭାରତ ୪ଟି ସ୍ଥାନ ତଳକୁ ଖସି ୧୧୨ତମ ସ୍ଥାନରେ ରହିଛି। ସେହିଭଳି ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ ଭାଗୀଦାରିତା କ୍ଷେତ୍ରରେ ଭାରତ ଶେଷ ୫ ଦେଶ ମଧ୍ୟରେ ରହିଥିବା ମଙ୍ଗଳବାର ପ୍ରକାଶିତ ଏକ ବାର୍ଷିକ ସର୍ଭେରେ କୁହାଯାଇଛି। ଆଇସଲ୍ୟାଣ୍ଡ ବିଶ୍ୱର ସବୁଠାରୁ ଲିଙ୍ଗଗତ ନିଷ୍ପକ୍ଷ ଦେଶ ଭାବେ ବିବେଚିତ ହୋଇଛି। ୱାର୍ଲ୍ଡ ଇକୋନୋମିକ ଫୋରମ୍ (ଡବ୍ଲ୍ୟୁଇଏଫ୍) ପକ୍ଷରୁ ପ୍ରକାଶ ପାଇଥିବା ଲିଙ୍ଗଗତ ବୈଷମ୍ୟ ରିପୋଟରେ ଗତବର୍ଷ ଭାରତ ୧୦୮ତମ ସ୍ଥାନରେ ଥିବା ବେଳେ ଚଳିତ ବର୍ଷ ଏହା ୧୧୨କୁ ଖସିଛି। ଏହି ତାଲିକାରେ ଚାଇନା ୧୦୬ତମ ସ୍ଥାନରେ ଥିବା ବେଳେ ଶ୍ରୀଲଙ୍କା ୧୦୨, ନେପାଳ ୧୦୧, ବ୍ରାଜିଲ ୯୨, ଇଣ୍ଡୋନେସିଆ ୮୫ ଏବଂ ବାଂଲାଦେଶ ୫୦ତମ ସ୍ଥାନରେ ରହିଥିବା ଜଣାପଡ଼ିଛି। ସେହିଭଳି ୟେମେନ ୧୫୩ତମ, ଇରାକ ୧୫୨ତମ ଏବଂ ପାକିସ୍ତାନ ୧୫୧ ତମ ସ୍ଥାନରେ ରହିଛି। ଲିଙ୍ଗଗତ ବୈଷମ୍ୟ ହ୍ରାସ କରିବା ଲାଗି ସମୟ ଚଳିତ ବର୍ଷ ୯୯.୫ ବର୍ଷକୁ ଖସିଛି। ଗୋଟିଏ ବର୍ଷ ପୂର୍ବେ ଏହା ୧୦୮ ବର୍ଷ ବୋଲି ପୂର୍ବାନୁମାନ କରାଯାଇଥିଲା। ଏହି ସବୁ ପ୍ରସଙ୍ଗକୁ ବିଚାର କଲେ ଜଣାଯିବ ଯେ, ଶିକ୍ଷା, ସ୍ୱାସ୍ଥ୍ୟ, କାର୍ଯ୍ୟ ଏବଂ ରାଜ୍ୟନୀତି ଭଳି କ୍ଷେତ୍ରରେ ଅସମାନତା ଦୂରୀକରଣ ଲକ୍ଷ୍ୟ ହାସଲ ଲାଗି ଜୀବନକାଳରୁ ଅଧିକ ସମୟ ଲାଗିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଅଭିବୃଦ୍ଧି ପୂର୍ବାନୁମାନ କମାଇପାରେ ଆଇଏମ୍ଏଫ୍

**ମୁମ୍ବାଇ,୧୭-୧୨**



ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଭାରତର ବିକାଶ ପୂର୍ବାନୁମାନକୁ କମାଇପାରେ। ଭାରତ ଜନ୍ମିତ ଆଇଏମ୍ଏଫ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ମଙ୍ଗଳବାର ଏ ନେଇ ସୂଚନା ଦେଇଛନ୍ତି। ଅକ୍ଟୋବରରେ ଆଇଏମ୍ଏଫ୍ ଏକ ଆକଳନ ଜାରି କରିଥିଲା। ଏହାକୁ ଜାନୁୟାରୀରେ ପୁଣି ଥରେ ତର୍ଜମା କରାଯିବ ବୋଲି ଇଣ୍ଡିଆ ଇକୋନୋମିକ କନ୍‌କ୍ଲେଭ ଅବସରରେ ଗୋପୀନାଥ ସୂଚନା ଦେଇଛନ୍ତି। ଘରୋଇ ବଜାରରେ ନିବେଶ ଓ ଚାହିଦା ହ୍ରାସ, ରପ୍ତାନିରେ ମନ୍ଥରତା ଯୋଗୁ ଜୁଲାଇ-ସେପ୍ଟେମ୍ବର ତ୍ରୈମାସ ଜିଡିପି ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଛି। ନିକଟରେ ରିଜର୍ଭ ବ୍ୟାଙ୍କ ଏବଂ ଅନ୍ୟ ଏଜେନ୍ସିଗୁଡ଼ିକ ୨୦୨୦ ଆର୍ଥିକବର୍ଷ ଭାରତର ବିକାଶ ଅନୁମାନକୁ କମ୍ କରିଛନ୍ତି। ପ୍ରମୁଖ ଅଭିବୃଦ୍ଧିଶୀଳ ବଜାରଗୁଡ଼ିକ ମଧ୍ୟରେ ଭାରତ ଏକମାତ୍ର ବଜାର ଯାହା ଗଭୀର ଭାବେ ପ୍ରଭାବିତ ହୋଇଛି। ବର୍ତ୍ତମାନର ଡାଟାକୁ ବିଚାର କଲେ ଆଇଏମ୍ଏଫ୍ ମଧ୍ୟ ନୂଆ ଆକଳନ ସହ ଆସିବ। ଏହା ଜାନୁୟାରୀରେ ଆସିବ। ୨୦୧୯ରେ ଭାରତର ଅଭିବୃଦ୍ଧି ୬.୧% ରହିବ ବୋଲି ଏହା କହି ସାରିଛି। ସେହିଭଳି ୨୦୨୦ ଲାଗି ବିକାଶ ଅନୁମାନକୁ ୭% ରଖାଯାଇଛି। ଏଥିରେ ପରିବର୍ତ୍ତନ ଆସିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଜିଇଏମ୍‌ରେ ୪୦ ହଜାର କୋଟି ଟଙ୍କାର କାରବାର

**ନୂଆଦିଲ୍ଲୀ,୧୭-୧୨**

ଗଭର୍ନମେଣ୍ଟ ଇ-ମାର୍କେଟପ୍ଲେସ(ଜିଇଏମ୍)ରେ ମାତ୍ର ୩ ବର୍ଷର ସ୍ୱଳ୍ପ ଅବଧି ମଧ୍ୟରେ ୪୦ ହଜାର କୋଟି ଟଙ୍କାର କାରବାର ହାସଲ କରାଯାଇଛି। ଏହି ସମୟ ମଧ୍ୟରେ ୨୮ ଲକ୍ଷ ଅର୍ଡର ପ୍ରକ୍ରିୟାକୃତ ହୋଇଛି। ଏଥିମଧ୍ୟରୁ ୫୦% କାରବାର ଏମ୍ଏସ୍ଏମ୍ଇଗୁଡ଼ିକ ଦ୍ୱାରା କରାଯାଇଥିବା ବାଣିଜ୍ୟ ବିଭାଗ ପକ୍ଷରୁ ସୂଚନା ରହିଛି। ଜିଇଏମ୍ ପକ୍ଷରୁ ଜାତୀୟ ଜନସମ୍ପର୍କ କାର୍ଯ୍ୟକ୍ରମ ଜିଇଏମ୍ ସମ୍ବାଦ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଏହା ଡିସେମ୍ବର ୧୯ରୁ ଆସନ୍ତା ୨୭ ଫେବୃୟାରୀ ଯାଏ ସାରା ଦେଶରେ କାର୍ଯ୍ୟକାରୀ ହେବ। ବାଣିଜ୍ୟ ବିଭାଗ ସଚିବ ତଥା ଜିଇଏମ୍ ଅଧ୍ୟକ୍ଷ ଅନୁପ ୱାଧ୍ୱାନ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି। ସାରା ଦେଶରେ ଅଂଶୀଦାର ଏବଂ ସ୍ଥାନୀୟ ବିକ୍ରେତାଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ। ମାର୍କେଟ ପ୍ଲେସରେ ସ୍ଥାନୀୟ ବିକ୍ରେତାଙ୍କୁ ଅନ୍ତର୍ଭୁକ୍ତ କରିବା ଏବଂ କ୍ରେତାମାନଙ୍କ କ୍ରୟ ଆବଶ୍ୟକତା ପୂରଣ ଲକ୍ଷ୍ୟରେ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବର୍ତ୍ତମାନ ଜିଇଏମ୍‌ରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଉତ୍ପାଦ ଏବଂ ୨୦ ହଜାରରୁ ଊର୍ଦ୍ଧ୍ୱ ସେବା ଉପଲବ୍ଧ ହେଉଛି। ୩ଲକ୍ଷରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ବିକ୍ରେତା ଓ ସେବା ପ୍ରଦାନକାରୀ, ୪୦ ହଜାରରୁ ଊର୍ଦ୍ଧ୍ୱ କ୍ରେତା ସଙ୍ଗଠନ ରହିଛନ୍ତି। ସୂଚନାଯୋଗ୍ୟ, ଏହି ବ୍ୟବସ୍ଥା ୯ ଅଗଷ୍ଟ ୨୦୧୬ରେ ଆରମ୍ଭ କରାଯାଇଥିଲା।

# ଜାତୀୟ ବ୍ରଡ୍‌ବ୍ୟାଣ୍ଡ ମିଶନ ଆରମ୍ଭ

**ନୂଆଦିଲ୍ଲୀ,୧୭-୧୨**

ଜାତୀୟ ବ୍ରଡ୍‌ବ୍ୟାଣ୍ଡ ମିଶନ (ଏନ୍‌ବିଏମ୍) କେନ୍ଦ୍ର ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କ ଦ୍ୱାରା ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଏହି ଯୋଜନାରେ ୨୦୨୨ ସୁଦ୍ଧା ସବୁ ଦେଶର ଗ୍ରାମକୁ ଇଣ୍ଟରନେଟ ସେବା ଯୋଗାଣ ନେଇ ଲକ୍ଷ୍ୟ ରଖାଯାଇଛି। ଏହି ମିଶନ ଲୋକଙ୍କ ଆଶା ପୂରଣ ଦିଗରେ ସହାୟକ ହେବ ବୋଲି ଏହି ଅବସରରେ ରବି ଶଙ୍କର ପ୍ରଶାଦ ସୂଚନା ଦେଇଛନ୍ତି। ସେହିଭଳି ଡିଜିଟାଲ ସଞ୍ଚାର ଭିତ୍ତିଭୂମିରେ ଉନ୍ନତି ଏବଂ ଡିଜିଟାଲ ଶସକ୍ତୀକରଣ ଦିଗରେ ଏହା ସହାୟକ ହୋଇ ପାରିବ ବୋଲି ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ସୂଚନା ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ୟାମ ରାଓ ଧୋତ୍ରେ, ଦୂର ସଞ୍ଚାର ସଚିବ ଅଂଶୁ ପ୍ରକାଶ ଉପସ୍ଥିତ ଥିଲେ।


## OFFICE OF THE SUPERINTENDENT, CHC LAHUNIPARA, DIST.- SUNDARGARH

Adv. No.740 Date: 15.12.19

**REQUEST FOR PROPOSAL**

Sealed Request for proposal are invited from interested Agency / Firms / NGO / SHG or individuals for Out sourcing of Diet Services at CHC Lahunipara, Sundargarh. Details regarding eligible criteria, terms & conditions and the formats of submission of bids are mentioned in the Request for proposal which may be obtained from undersigned. Interested Agency / Firm / NGO / SHG or individuals may submit their bid in a sealed envelope with super-scribing on the top of the sealed envelope as Out sourcing of Diet Service at CHC Lahunipara Dist.-Sundargarh in reference to Advertisement No......... date.15.12.19. The RFP should reach the office of the undersigned by registered / Speed Post / Courier on before 23.12.19 at 5 P.M. The tenders will be opened at 1.30 P.M. on 24.12.19. The undersigned reserves the right to reject any or all the RFP without assigning any reason thereof.

Sd./-
Superintendent

## ZILLA SWASTHYA SAMITI, SAMBALPUR

DISTRICT PROGRAMME MANAGEMENT UNIT, NHM, SAMBALPUR, ODISHA, 76800,
E-mail : nhmsambalpur@gmail.com, Phone : (0663)-2400441

**TENDER CALL NOTICE**

No.4320 /DPMU/NHM/2019 Date: 17.12.2019

No.E-581 :- Sealed tenders are invited from the reputed & registered printing agencies having adequate experience in taking up the works of composing / proof reading / designing & Printing etc. to the office of the CDM & PHO cum DMD, Sambalpur on annual rate contract basis.

The sealed quotation should reach at O/o-CDM & PHO, Sambalpur in any working day by 06.01.2020. till 5 P.M. along with all required documents by Speed Post / Regd. Post / Courier only. The tender will be opened on 07.01.2020 at 11.00 A.M. in the office of the undersigned in presence of the quotationer / authorized representative of the tenderer. Details regarding items and terms and conditions may be downloaded from www.Sambalpur.nic.in from 17.12.2019. The undersigned reserves the right to reject or accept any or all the quotations without assigning any reason thereof.

Sd./- Chief District Medical & Public Health Officer cum District Mission Director, Sambalpur

10049/11/0019/1920

## WESCO ୱେସ୍କୋ ୟୁଟିଲିଟି

ବଲାଙ୍ଗିର ବିଦ୍ୟୁତ ଡିଭିଜନ, ପେଲେସଲାଇନ, ବଲାଙ୍ଗିର
ମୋ.ନଂ. ୯୪୩୭୦୫୮୧୦୪

**ବିଦ୍ୟୁତ ଦେୟ ରସିଦ (Money Receipt) ନାକଚ/ ରସିଦ ବହି ଦାଖଲ ସମ୍ବନ୍ଧୀୟ ଉପଭୋକ୍ତାଙ୍କୁ ଜରୁରୀ ସୂଚନା**

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ବିଦ୍ୟୁତ ବିଲ ଆଦାୟ ରସିଦ୍ ଗୁଡିକ ତୁଷ୍‌ରା ବଜାରରେ ମୋଟର ସାଇକେଲର ଡିକି ଖୋଲି କେହି ଦୁର୍ବୃତ୍ତ ନେଇଯାଇଛି । ଯେଉଁଥିପାଇଁ ଗୋଟିଏ (F.I.R) ତୁଷ୍‌ରା ପୋଲିସ ଥାନାରେ ଦାଖଲ କରାଯାଇଛି ଏବଂ ଷ୍ଟେ.ଡା. ନଂ. ୧୬, ତାରିଖ ୧୬.୧୨.୨୦୧୯ ଦାୟର ହୋଇଛି । ଏଣୁ ରସିଦ ନମ୍ବର **B5 4451170 to B5 4451200 (31 nos)** ଗୁଡିକ ନାକଚ କରିଦିଆଯାଇଛି । ଏଣୁ ବିଦ୍ୟୁତ ଗ୍ରାହକମାନେ ଏହି ରସିଦ ମାଧ୍ୟମରେ କୌଣସି ଦେୟ ପୈଠ ନକରିବା ଲାଗି ସତର୍କ କରି ଦିଆଯାଉଛି । ଯଦି ଉପରୋକ୍ତ ରସିଦ ମାଧ୍ୟମରେ ବିଦ୍ୟୁତ ବିଲ ପୈଠ କରନ୍ତି ତା ହେଲେ WESCO କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ଏବଂ ଦାବୀ ହୋଇନଥିବା ରସିଦ୍ ନାକଚ ଭାବେ ବିବେଚିତ ହେବ । ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ରସିଦ ବହି ପାଆନ୍ତି ତେବେ ନିକଟସ୍ଥ WESCO କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ

ସ୍ୱା/– ନିର୍ବାହୀ ଯନ୍ତ୍ରୀ, ୱେସ୍କୋ, ବଲାଙ୍ଗିର ବିଦ୍ୟୁତ ଡିଭିଜନ
ପେଲେସଲାଇନ, ବଲାଙ୍ଗିର

## OFFICE OF THE CSO-CUM-DISTRICT MANAGER, OSCSC LTD., BALASORE

**TENDER CALL NOTICE**

No.CAD-699 :- The District Office of OSCSC Ltd., Balasore issued a Tender Call Notice vide Letter No.6454 dt.13.12.2019 inviting a sealed tenders from Travel Agency / Individuals for hiring 03 (One) No. of vehicle (Tiago / Bolt / Celerio (Petrol) 01 (One) for Office use and 02 (Two) Nos. of vehicle for Paddy Procurement Use.

The detailed notice inviting sealed tender is available in the website of Balasore District i.e. www.baleswar.nic.in. The intending Travel Agency / individuals are requested to download the detailed notice from above website.

LAST DATE OF RECEIVING OF APPLICATION THROUGH REGD./ SPEED POST IS 20.12.2019 BY 5.00 P.M.

Sd./-
CSO-cum-District Manager
OSCSC Ltd., Balasore

07018/11/0002/1920

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦାରିଙ୍ଗବାଡ଼ି, ଜିଲ୍ଲା- କନ୍ଧମାଳ

ବିଜ୍ଞାପନ ସଂଖ୍ୟା: ୪୪୧୬ ତାରିଖ: ୧୨।୧୨।୨୦୧୯

ଏତଦ୍ୱାରା ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ୨୦୧୯-୨୦ ଆର୍ଥିକ ବର୍ଷର ଏପ୍ରିଲ-୨୦୧୯ ଠାରୁ ସେପ୍ଟେମ୍ବର - ୨୦୧୯ ପର୍ଯ୍ୟନ୍ତ ପଞ୍ଚାୟତ ସମିତି, ସମସ୍ତ ଗ୍ରାମପଞ୍ଚାୟତ ଓ ଅନ୍ୟାନ୍ୟ ବିଭାଗମାନଙ୍କ ଦ୍ୱାରା ସମ୍ପାଦିତ ବିଭିନ୍ନ ପ୍ରକଳ୍ପ ନିମନ୍ତେ ଶତପ୍ରତିଶତ ମଷ୍ଟରରୋଲ ତନଖି, ମଧୁବାବୁ ଭତ୍ତା ଯୋଜନା ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ଭତ୍ତା ଯୋଜନା ଅନ୍ତର୍ଗତ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ନିମ୍ନ ସୂଚୀମତେ ପ୍ରତ୍ୟେକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ହେବ। ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ଓ ନିର୍ବାହୀ ଅଧିକାରୀ ନୋଟିସ୍ ମାଧ୍ୟମରେ ଉପରୋକ୍ତ ବିଷୟରେ ବହୁଳ ପ୍ରଚାର କରିବା ନିମନ୍ତେ ଅନୁରୋଧ କରାଗଲା। ଏହି କାର୍ଯ୍ୟକ୍ରମକୁ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ, ଭି.ଆର୍.ପି. ଏବଂ ମେଟ୍‌ମାନେ ଆୟୋଜନ ତଥା ପରିଚାଳନା କରିବେ। ଏହି ସଭାରେ ନିର୍ବାଚିତ ଜନ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଜବ୍‌କାର୍ଡ଼ଧାରୀ ଶ୍ରମିକ, ଭତ୍ତାଗ୍ରହୀତା ଓ ସର୍ବସାଧାରଣ ଉପସ୍ଥିତ ରହି ସମୀକ୍ଷାରେ ଭାଗନେବା ନିମନ୍ତେ ଅନୁରୋଧ କରାଯାଉଛି।

**କାର୍ଯ୍ୟସୂଚୀ: ଗ୍ରାମସଭା ହେବାର ସ୍ଥାନ: ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୧୦ ଘଟିକା**

| ଗ୍ରା.ପ.ର ନାମ | ଦଳର ସଂଖ୍ୟା | ଗ୍ରାମପଞ୍ଚାୟତ ଜନଶୁଣାଣି/ ସାମାଜିକ ସମୀକ୍ଷା | ବ୍ଲକସ୍ତରୀୟ ଜନଶୁଣାଣି | ନୋଡ଼ାଲ ଅଧିକାରୀ |
|---|---|---|---|---|
| ଭ୍ରମରବାଡ଼ି | ୧ | ୧୬।୦୧।୨୦୨୦ | | ବଭ୍ରୁବାହନ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ |
| ଦନେକବାଡ଼ି | ୨ | ୧୬।୦୧।୨୦୨୦ | | ରବୀନ୍ଦ୍ର ବେହେରା, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ |
| ବାଡ଼ାବାଙ୍ଗା | ୩ | ୧୬।୦୧।୨୦୨୦ | | ମୁଜିବୁର ରେହମାନ ମଲ୍ଲିକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ |
| ଗଦାପୁର | ୪ | ୧୬।୦୧।୨୦୨୦ | | ଅକ୍ଷୟ କୁମାର ପ୍ରଧାନ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର |
| ପର୍ତ୍ତମାହା | ୫ | ୧୬।୦୧।୨୦୨୦ | | କ୍ଷେତ୍ରୀବର ଯାନୀ, ଆକାଉଣ୍ଟ ଅଧିକାରୀ |
| କାଟିଙ୍ଗିଆ | ୬ | ୧୬।୦୧।୨୦୨୦ | | ବୁରୁ ମାଝି ପତ୍ରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ |
| ସୋନପୁର | ୧ | ୦୧।୦୨।୨୦୨୦ | | ଅକ୍ଷୟ କୁମାର ପ୍ରଧାନ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର |
| ଗୁମିକିଆ | ୨ | ୦୧।୦୨।୨୦୨୦ | | କ୍ଷେତ୍ରୀବର ଯାନୀ, ଆକାଉଣ୍ଟ ଅଧିକାରୀ |
| ବାମୁଣୀଗାଁ | ୩ | ୦୧।୦୨।୨୦୨୦ | | ମୁଜିବୁର ରେହମାନ ମଲ୍ଲିକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ |
| ତାକୁଙ୍ଗିଆ | ୪ | ୦୧।୦୨।୨୦୨୦ | | ରବୀନ୍ଦ୍ର ବେହେରା, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ |
| ସରାମୁଳି | ୫ | ୦୧।୦୨।୨୦୨୦ | | ବଭ୍ରୁବାହନ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ |
| ସିର୍କାବର୍ଗ | ୬ | ୦୧।୦୨।୨୦୨୦ | | ବୁରୁ ମାଝି ପତ୍ରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ |
| କିରିକୁଟି | ୧ | ୧୩।୦୨।୨୦୨୦ | ୨୩।୦୪।୨୦୨୦ | ମୁଜିବୁର ରେହମାନ ମଲ୍ଲିକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ |
| ବୁଡ଼ାଗୁଡ଼ା | ୨ | ୧୩।୦୨।୨୦୨୦ | | ଅକ୍ଷୟ କୁମାର ପ୍ରଧାନ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର |
| ଶ୍ରାନୀକେତା | ୩ | ୧୩।୦୨।୨୦୨୦ | | ବଭ୍ରୁବାହନ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ |
| ସିଆଙ୍ଗବାଲି | ୪ | ୧୩।୦୨।୨୦୨୦ | | ରବୀନ୍ଦ୍ର ବେହେରା, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ |
| ପ୍ଲିହେରୀ | ୫ | ୧୩।୦୨।୨୦୨୦ | | କ୍ଷେତ୍ରୀବର ଯାନୀ, ଆକାଉଣ୍ଟ ଅଧିକାରୀ |
| ଦାସିଙ୍ଗବାଡ଼ି | ୬ | ୧୩।୦୨।୨୦୨୦ | | ବୁରୁ ମାଝି ପତ୍ରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ |
| ଗ୍ରୀନବାଡ଼ି | ୧ | ୨୬।୦୨।୨୦୨୦ | | ନିହାର ରଞ୍ଜନ ବେହେରା, ଯୋଗାଣ ଅଧିକାରୀ |
| ହାତିମୁଣ୍ଡା | ୨ | ୨୬।୦୨।୨୦୨୦ | | ଅକ୍ଷୟ କୁମାର ପ୍ରଧାନ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର |
| ଝିଞ୍ଜିରିଗୁଡ଼ା | ୩ | ୨୬।୦୨।୨୦୨୦ | | ରବୀନ୍ଦ୍ର ବେହେରା, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ |
| କୁମ୍ଭାରିଗାଁ | ୪ | ୨୬।୦୨।୨୦୨୦ | | ମୁଜିବୁର ରେହମାନ ମଲ୍ଲିକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ |
| ସିମନବାଡ଼ି | ୫ | ୨୬।୦୨।୨୦୨୦ | | ବୁରୁ ମାଝି ପତ୍ରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ |
| ତିଲୋରି | ୬ | ୨୬।୦୨।୨୦୨୦ | | ବଭ୍ରୁବାହନ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ |
| ଦାରିଙ୍ଗବାଡ଼ି | ୭ | ୨୬।୦୨।୨୦୨୦ | | କ୍ଷେତ୍ରୀବର ଯାନୀ, ଆକାଉଣ୍ଟ ଅଧିକାରୀ |

ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ–
ତଥା–କାର୍ଯ୍ୟକ୍ରମ ଅଧିକାରୀ, ଦାରିଙ୍ଗବାଡ଼ି

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECTRICAL), E.H.T. (O&M) DIVISION, DUBURI (NEW)
AT- BHITARMANIKA, P.O.- PANKAPAL, DIST.- JAJPUR - 755026, e-mail: ehtm.div.nduburi@optcl.co.in, CIN: U40102OR2004SGC007553
(Connect us- facebook/optcl.odisha, Twitter/optcl.odisha)

No.: TECH/02 Dated: 18.12.2019

**TENDER CALL NOTICE NO.- 02/19-20**

Sealed tenders are invited from contractors having valid Civil Contract Licence & Electrical Contract Licence, Labour Licence, valid PAN & GST Registration Certificate to execute the work of "Painting of 220KV switch yard's wire mesh fencing at 400/220KV Grid S/S. new Duburi" under EHT (O&M) Division, Duburi (New). Cost of tender paper is Rs.2000/- + GST @ 12% i.e. (Rs.2240/-, EMD @ 1% of the tendered value i.e. (Rs.2100/-). Sale of tender documents is from Dt.19.12.2019 to Dt.02.01.2020 (during office hours). Last date of submission of tender paper is Date 03.01.2020 upto 01.00 P.M. Date of opening of tender is Dt.03.01.2020 at 3.00 P.M. For details visit our website: **www.optcl.co.in**.
Corrigendum if any will be published in the website only.

Sd./- Dy. General Manager (Elect.), EHT (O&M) Division, Duburi (New)

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ଭବନ, ସଚିବାଳୟ ମାର୍ଗ
ଖାରବେଳ ନଗର, ୟୁନିଟ୍-୩, ଭୁବନେଶ୍ୱର

ସଂଖ୍ୟା.୩୦୩୧୧ / ବି.ଡି.ଏ., ଭୁବନେଶ୍ୱର ତା୧୬।୧୨।୨୦୧୯ରିଖ
ପ୍ଲାନିଂ-୧୨୦/୧୮

**ସାଧାରଣ ବିଜ୍ଞପ୍ତି**

**ବିଷୟ: ଅନଧିକୃତ ନିର୍ମାଣ ନିୟମିତୀକରଣ ସ୍କିମ୍, ୨୦୧୯**

ରାଜ୍ୟ ସରକାର ତା୨୦।୦୬।୨୦୧୮ରିଖରେ ଅନଧିକୃତ ନିର୍ମାଣ ନିୟମିତୀକରଣ ସ୍କିମ୍, ୨୦୧୮ ପ୍ରକାଶିତ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଏହି ସ୍କିମ୍‌ର ଅବଧି ଦୁଇଥର ବୃଦ୍ଧି କରିଥିଲେ। ଅନଧିକୃତ ନିର୍ମାଣକୁ ଯୋଜନା ପରିଧି ମଧ୍ୟକୁ ଆଣିବା ପାଇଁ ଏବଂ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୧୮ ସ୍କିମ୍‌ରେ ନିର୍ମାଣ ଓ ଯୋଜନା ନିୟମ ଏବଂ ଜୋରିମାନା ରାଶିକୁ କୋହଳ କରି **"ଅନଧିକୃତ ନିର୍ମାଣ ନିୟମିତୀକରଣ ସ୍କିମ୍, ୨୦୨୦"** ନାମରେ ଏକ ନୂତନ ସ୍କିମ୍ ପ୍ରକାଶିତ କରିଥିଲେ।

ତା୦୬।୦୮।୨୦୧୯ରିଖରେ ପ୍ରକାଶିତ ହୋଇଥିବା ଏହି ନୂତନ ସ୍କିମ୍‌ର ଅବଧି ୬ ମାସ ଅଟେ ଏବଂ ଏହା ମଧ୍ୟରେ ୪ ମାସ ଅତିବାହିତ ହୋଇସାରିଛି। ଏହି ସ୍କିମ୍ ଅନ୍ତର୍ଗତ ଆବେଦନ ପତ୍ର ସ୍ୱୀକାର କରିବାର ଅନ୍ତିମ ତାରିଖ ୦୫।୦୨।୨୦୨୦ ଅଟେ।

୨୦୧୯ ସ୍କିମ୍ ପ୍ରକାଶନର ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କର ବିଜ୍ଞପ୍ତି ସଂଖ୍ୟା ୨୦୫୧୨/BDA ତା୩୧।୦୮।୨୦୧୯ରିଖ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏହି ସ୍କିମ୍ ସମ୍ବନ୍ଧରେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ସମୟ ସମୟରେ ଖବରକାଗଜ ମାଧ୍ୟମରେ ମଧ୍ୟ ଗୃହ ଏବଂ ନଗର ଉନ୍ନୟନ ବିଭାଗ ତଥା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବିଜ୍ଞାପନ ପ୍ରକାଶ କରିଥିଲେ।

ଅନଧିକୃତ ନିର୍ମାଣ କରିଥିବା ବ୍ୟକ୍ତି ଏବଂ ସଂସ୍ଥାମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସ୍କିମ୍ ଅବଧି ସରିବା ପୂର୍ବରୁ ଅନଧିକୃତ ନିର୍ମାଣଗୁଡ଼ିକର ନିୟମିତକରଣ କରିବାପାଇଁ ଆବେଦନ କରନ୍ତୁ। ସ୍କିମ୍‌ର ଅବଧି ସରିବା ପରେ ଅନଧିକୃତ ନିର୍ମାଣର ନିୟମିତକରଣ ପାଇଁ ସ୍କିମ୍‌ର କୋହଳ ନିୟମ ଏବଂ ଜୋରିମାନା ସୁବିଧା ମିଳିବ ନାହିଁ ଏବଂ ତଦ୍‌ପଶ୍ଚାତ୍ କର୍ତ୍ତୃପକ୍ଷ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

ଏହି ସ୍କିମ୍ ସମ୍ବନ୍ଧରେ ସବିଶେଷ ବିବରଣୀ, ଆବେଦନ ପତ୍ର ଏବଂ ଦେୟ ଇତ୍ୟାଦି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କର ୱେବ୍‌ସାଇଟ୍ **www.bda.gov.in** ରେ ଉପଲବ୍ଧ ଅଟେ।

ସ୍ୱା./- ସଚିବ
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ



" ଆସନ୍ତା ବର୍ଷ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପୂର୍ବରୁ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଏବି ଡି'ଭିଲର୍ସ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳକୁ ପ୍ରତ୍ୟାବର୍ତ୍ତନ କରିସାରିଥିବେ ।
–ଫାଫ୍ ଡୁ ପ୍ଲେସି, ଦକ୍ଷିଣ ଆଫ୍ରିକା ଅଧିନାୟକ



" ପାକିସ୍ତାନ ଖେଳାଳି ଯେପରି ଜାତୀୟ ସ୍ୱାର୍ଥକୁ ଅଗ୍ରାଧିକାର ଦେବାକୁ ବାଧ୍ୟ ହେବେ ସେଥିପାଇଁ ଏକ ନିୟମର ଆବଶ୍ୟକତା ରହିଛି ।
–ମିସ୍‌ବା ଉଲ ହକ୍, ମୁଖ୍ୟ କୋଚ୍ ଓ ଚୟନକର୍ତ୍ତା

## ସଂକ୍ଷେପରେ

### ପୁନିଆ 'ଜୁନିୟର ଫ୍ରିଷ୍ଟାଇଲ ରେସ୍‌ଲର ଅଫ୍ ଦି ଇୟର'

**ନୂଆଦିଲ୍ଲୀ, ୧୭।୧୨(ପି.ଟି.):** ଉଭୟ ଜୁନିୟର ଏବଂ ସିନିୟର ବିଭାଗରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଦୀପକ ପୁନିଆ ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ)ଦ୍ୱାରା 'ଜୁନିୟର ଫ୍ରିଷ୍ଟାଇଲ ରେସ୍‌ଲର ଅଫ୍ ଦି ଇୟର' ବିବେଚିତ ହୋଇଛନ୍ତି। ୧୮ ବର୍ଷ ମଧ୍ୟରେ ଏକ ଜୁନିୟର ବିଶ୍ୱ ଟାଇଟଲ ଜିତିବାରେ ପୁନିଆ ପ୍ରଥମ ଭାରତୀୟ। ପରେ ସେ ସିନିୟର ୱାର୍ଲ୍ଡ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ପ୍ରଥମ ଥର ଅଂଶଗ୍ରହଣ କରି ରୌପ୍ୟ ଜିତିଥିଲେ। ମାତ୍ର ୧୮ ବର୍ଷ ବୟସରେ ଏକମାତ୍ର ଭାରତୀୟ ଭାବେ ନୁର ସୁଲ୍‌ତାନଠାରେ ଫାଇନାଲକୁ ଉନ୍ନୀତ ହୋଇ ତାଙ୍କ ପରିପକ୍ୱତାର ନିଦର୍ଶନ ଦେଖାଇଥିଲେ। ଇଞ୍ଜୁରି ଯୋଗୁ ସେ ଇରାନର ହସନ ୟାଜଦାନୀଙ୍କ ବିପକ୍ଷରେ ଫାଇନାଲ ମୁକାବିଲାରେ ଅଂଶଗ୍ରହଣ କରିପାରି ନ ଥିଲେ। ମାତ୍ର ସେ ୮୬କେଜି ଶ୍ରେଣୀରେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିପାରିଛନ୍ତି। ଜବରଦସ୍ତ ପ୍ରଦର୍ଶନ ଯୋଗୁ ପୁନିଆ ୮୬କେଜି ୟୁଡବ୍ଲ୍ୟୁଡବ୍ଲ୍ୟୁ ର୍‍ୟାଙ୍କିଂରେ ନମ୍ବର ୱାନ ହୋଇ ପାରିଛନ୍ତି।

### ଆଇସିସି ମହିଳା ଦିନିକିଆ, ଟି୨୦ ଦଳରେ ମନ୍ଧାନା

**ଦୁବାଇ, ୧୭।୧୨ (ପି.ଟି.):** କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ଚଳିତ ବର୍ଷ ଲାଗି ମହିଳା ଦିନିକିଆ ଓ ଟି୨୦ ଦଳ ଘୋଷଣା କରାଯାଇଛି। ଭାରତୀୟ ମହିଳା କ୍ରିକେଟ୍ ଦଳର ଷ୍ଟାର୍ ଓପନର୍ ସ୍ମୃତି ମନ୍ଧାନା ୨୦୧୯ ଲାଗି ଉଭୟ ଆଇସିସି ମହିଳା ଦିନିକିଆ ଓ ଟି୨୦ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ମନ୍ଧାନାଙ୍କ ବ୍ୟତୀତ ଅଭିଜ୍ଞ ଦ୍ରୁତ ବୋଲର ଝୁଲଣ ଗୋସ୍ୱାମୀ, ପୁନମ ଯାଦବ ଓ ଶିଖା ପାଣ୍ଡେ ଆଇସିସି ମହିଳା ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ସେହିଭଳି ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଓ ରାଧା ଯାଦବ ଆଇସିସି ଟି୨୦ ଦଳରେ ସ୍ମୃତିଙ୍କ ସହ ରହିଛନ୍ତି। ୨୩ ବର୍ଷୀୟା ମନ୍ଧାନା ଭାରତ ପକ୍ଷରୁ ୫୧ ଦିନିକିଆ, ୬୬ ଟି୨୦ ଓ ୨ଟି ଟେଷ୍ଟ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରୁଛନ୍ତି। ଦିନିକିଆ ଓ ଟି୨୦ରେ ମୋଟ୍ ଉପରେ ସେ ୩୪୭୬ ରନ୍ ସଂଗ୍ରହ କରିଛନ୍ତି। ଅଷ୍ଟ୍ରେଲିଆର ଆଲିସା ହେଲୀ ଆଇସିସି ପକ୍ଷରୁ ବର୍ଷର ଶ୍ରେଷ୍ଠ ମହିଳା ଟି୨୦ ଖେଳାଳି ଭାବେ ମନୋନୀତ ହୋଇଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ଶ୍ରୀଲଙ୍କା ବିପକ୍ଷରେ ସେ ୧୪୮ ରନର ମାରାଥନ ଇନିଂସ ଖେଳିଥିଲେ। ସେହିଭଳି ଅନ୍ୟତମ ଅଷ୍ଟ୍ରେଲିଆ ଖେଳାଳି ଏଲିସେ ପେରୀ ଆଇସିସି ମହିଳା ଦିନିକିଆ କ୍ରିକେଟର୍ ପୁରସ୍କାର ପାଇଁ ବିବେଚିତ ହୋଇଛନ୍ତି। ପେରୀ ଚଳିତ ବର୍ଷ ୭୩ ଆଭରେଜରେ ୪୪୧ ରନ ସଂଗ୍ରହ କରିବା ସହିତ ୧୩.୫୨ ଆଭରେଜରେ ୨୧ ଉଇକେଟ୍ ମଧ୍ୟ ଅକ୍ତିଆର କରିଛନ୍ତି। ଏଥିସହ ପେରୀ ଆଇସିସି ମହିଳା କ୍ରିକେଟର୍ ଅଫ୍ ଦି ଇୟର ଭାବେ ରାପେଲ ହେହୋଏ-ଫ୍ଲିଣ୍ଟ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ୨୯ ବର୍ଷୀୟା ପେରୀ ୨୦୧୯ରେ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ୩ଟି ଶତକ ହାସଲ କରିଛନ୍ତି। ମହିଳା ଟି୨୦ କ୍ରିକେଟ୍‌ରେ ପ୍ରଥମ ଖେଳାଳି ଭାବେ ଏକ ହଜାର ରନ୍ ଓ ୧୦୦ ଉଇକେଟ୍ ନେବାର କୀର୍ତ୍ତିମାନ ମଧ୍ୟ ତାଙ୍କ ନାମରେ ରହିଛି। ଅଷ୍ଟ୍ରେଲିଆର ମେଗ୍ ଲାନ୍ନିଂ ଉଭୟ ଆଇସିସି ମହିଳା ଦିନିକିଆ ଓ ଟି୨୦ ଦଳର ଅଧିନାୟିକା ଭାବେ ଚୟନ ହୋଇଛନ୍ତି।

### କେରଳକୁ ୧୮୦ ରନରେ ହରାଇଲା ଓଡ଼ିଶା

**କଟକ ଅଫିସ,୧୭।୧୨:** ନୂଆଦିଲ୍ଲୀର ଡିଡିଏ ସ୍ପୋର୍ଟସ କମ୍ପ୍ଲେକ୍ସରେ ମଙ୍ଗଳବାରଠାରୁ ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଓଡ଼ିଶା ୧୮୦ରନରେ କେରଳକୁ ପରାସ୍ତ କରିଛି। ବୁଧବାର ଓଡ଼ିଶା ମହାରାଷ୍ଟ୍ରକୁ ଭେଟିବ। ଉକ୍ତ ମ୍ୟାଚ୍ ଜିତିଲେ ଦଳ ସିଧାସଳଖ ଫାଇନାଲରେ ପ୍ରବେଶ କରିବ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୭୯ରନ କରିଥିଲା। ଓପନର ବାସନ୍ତୀ ହାଁସଦା ଓ ମୁନି ପୂର୍ତ୍ତି ୧୧୭ରନର ଭାଗିଦାରୀ ସୃଷ୍ଟି କରିଥିଲେ। ବାସନ୍ତୀ ୬୨ବଲରୁ ସର୍ବାଧିକ ୮୨ରନ କରିଥିଲେ। ମୁନି ପୂର୍ତ୍ତି ୩୪ବଲରୁ ଧୂଆଁଧାର ଅର୍ଦ୍ଧଶତକ ହାସଲ କରିଥିଲେ। ଏହାଛଡ଼ା ରାଣୀ ଟୁଡୁ ୨୦ ଓ ଫୁଲ ସୋରେନ୍ ୪୧ରନର ଦ୍ରୁତ ଇନିଂସ ଖେଳିଥିଲେ। ଜବାବରେ କେରଳ ୮ ଉଇକେଟ ହରାଇ ମାତ୍ର ୯୯ରନ କରିଥିଲା। ୭ଜଣ ଖେଳାଳି ରନଆଉଟ ହୋଇଥିବା ବେଳେ ଓଡ଼ିଶା ପକ୍ଷରୁ ଲିନା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

# ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ



ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ (ବାମ)।

**ଭୁବନେଶ୍ୱର, ୧୭।୧୨(କ୍ରୀଡ଼ା ପ୍ରତିନିଧି)**

ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ୩୩ତମ ସଂସ୍କରଣ ମଙ୍ଗଳବାର ଇଷ୍ଟକୋଷ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବିଆଇଏ)ର ଉପାଧ୍ୟକ୍ଷ ଓ.ଡି. ଶର୍ମା, ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ସଭାପତି ରୋହିତ ପୂଜାରୀ, ଟୁର୍ନାମେଣ୍ଟ କନ୍‌ଭେନର ରାଜେଶ ପାଟିଲ, ଓଡ଼ିଶାର ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଋତୁପର୍ଣ୍ଣା ପଣ୍ଡା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ସମ୍ପ୍ରତି ଗୋପୀଚାନ୍ଦ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଋତୁପର୍ଣ୍ଣା ନିଜର ଅଭିଜ୍ଞତା ବାଣ୍ଟିବା ସହ ଯୁବ ପିଢ଼ିର ବ୍ୟାଡ୍‌ମିଣ୍ଟନ ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ।

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ହେଉଥିବା ୬ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପାଖାପାଖି ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତା ଉଭୟ ରେଲୱେ ଇନ୍‌ଡୋର ଷ୍ଟାଡିୟମ ଏବଂ ସହିଦ ନଗରସ୍ଥିତ ଇନ୍‌ଡୋର ହଲ୍‌ରେ ଚାଲିଛି। ପ୍ରଥମ ଦିବସରେ ୧୫ ଓ ୧୭ ବର୍ଷରୁ କମ୍ ଡବଲ୍ସ ବିଭାଗରେ ମ୍ୟାଚମାନ ଆୟୋଜିତ ହୋଇଥିଲା। ପରେ ଉଭୟ ବାଳିକା ଓ ବାଳକ ବର୍ଗରେ ସିଙ୍ଗଲ୍ସ ଇଭେଣ୍ଟ ଖେଳାଯାଇଥିଲା। ପ୍ରଥମଥର ପାଇଁ ଭୁବନେଶ୍ୱରରେ ଏକ ଜାତୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଆୟୋଜନ ହେଉଥିବାରୁ ଦର୍ଶକଙ୍କ ମହଲରେ ମଧ୍ୟ ଉତ୍ସାହ ପରିଲକ୍ଷିତ ହୋଇଛି।

# ଅନ୍‌ଲାଇନ୍‌ରେ ଟିକେଟ୍ କଳାବଜାରି

**କଟକ ଅଫିସ, ୧୭।୧୨:** ଏବେ ଅନଲାଇନ୍‌ରେ ଉପଲବ୍ଧ ହେଉଛି ବାରବାଟୀ ଟିକେଟ୍। ଟିକେଟ୍ ବିକ୍ରି ପାଇଁ ହୋଇଥିବା କୌଣସି ଅଫିସିଆଲ ୱେବସାଇଟରେ ଏହା ମିଳୁନ, ବରଂ ପୁରୁଣା ଜିନିଷକୁ ବିକ୍ରି କରୁଥିବା ଏକ ନାମୀ ୱେବସାଇଟରେ ବାରବାଟୀ ମ୍ୟାଚ୍‌ର ଟିକେଟ ବିକ୍ରି ନିମନ୍ତେ ବିଜ୍ଞପ୍ତି ତାଲିକାରେ ରହିଛି। ଏପରି ଘଟଣା ମଙ୍ଗଳବାର ସନ୍ଧ୍ୟାରେ ଦେଖିବାକୁ ମିଳିଛି। ପୁରୁଣା ଜିନିଷକୁ କମ୍ ଦରରେ ବିକ୍ରି କରୁଥିବା ଏହି ୱେବସାଇଟରେ କିନ୍ତୁ ବାରବାଟୀ ମ୍ୟାଚ୍ ଟିକେଟ ମୂଲ୍ୟ ୩ଗୁଣା ରହିଛି। ଟିକେଟ କଳାବଜାରିକୁ ରୋକାଯିବା ପାଇଁ ପୋଲିସ ତୃଣମୂଳସ୍ତରରେ ଚେଷ୍ଟା କରୁଥିବା ବେଳେ ଦଲାଲମାନେ ଅନଲାଇନର ସହାୟତା ଲୋଡ଼ିଥିବା କୁହାଯାଉଛି। ବାରବାଟୀରେ ହେବାକୁ ଥିବା ଭାରତ–ୱେଷ୍ଟଇଣ୍ଡିଜ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍‌ର ଟିକେଟ୍ ଡିସେମ୍ବର ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନଲାଇନ୍‌ରେ ବିକ୍ରି କରାଯିବ ବୋଲି ଘୋଷଣା ହୋଇଥିଲା। ୧୧ଦିନ ତ ଦୂରର କଥା, ମାତ୍ର ଗୋଟିଏ ଘଣ୍ଟାରେ ଅନଲାଇନର ସମସ୍ତ ଟିକେଟ ଶେଷ ହୋଇ ଯାଇଥିଲା। ଚଳିତବର୍ଷ ମୋଟ୍ ୯୩୧୦ଟି ଟିକେଟ ଅନଲାଇନରେ ଉପଲବ୍ଧ ଥିଲା। ଅନ୍ୟପକ୍ଷରେ ମଙ୍ଗଳବାର ସନ୍ଧ୍ୟାରେ ହିଁ ଓସିଏ ସହ ଅନୁବନ୍ଧିତ ୟୁନିଟ ଗୁଡ଼ିକର ଟିକେଟ କିଣା ଶେଷ ହୋଇଛି। ଏବେ ଅନଲାଇନ୍‌ରେ ଟିକେଟ କଳାବଜାରି କରୁଥିବା ବ୍ୟକ୍ତି କେଉଁଠାରୁ ଟିକେଟ୍ ଆଣିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




# କାଉଣ୍ଟରକୁ ଗଲା ୧୦,୦୫୦ଟିକେଟ୍

**କଟକ ଅଫିସ,୧୭।୧୨**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସହ ଅନୁବନ୍ଧିତ ସମସ୍ତ ୟୁନିଟ୍‌ର ଟିକେଟ କିଣିବା ପ୍ରକ୍ରିୟା ଶେଷ ହୋଇଛି। ଅନୁବନ୍ଧିତ ୟୁନିଟ ନିମନ୍ତେ ୮୯୪୬ଟି ଟିକେଟ ରହିଥିଲା। ଏବେ କାଉଣ୍ଟର ଟିକେଟକୁ ଅପେକ୍ଷା। ଆସନ୍ତା ୧୯ ଓ ୨୦ ତାରିଖରେ ଷ୍ଟାଡିୟମ ନିକଟରେ ୧୨ଟି କାଉଣ୍ଟର ଖୋଲାଯାଇ ସମସ୍ତ ଗ୍ୟାଲେରି ଟିକେଟ ବିକ୍ରି ହେବ। ପୂର୍ବରୁ ୧୦ହଜାର ୫୦ଟି ଟିକେଟ୍ କାଉଣ୍ଟରରେ ବିକ୍ରି ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଏବେ ଏହି ସଂଖ୍ୟକ ଟିକେଟ କାଉଣ୍ଟରରେ ଉପଲବ୍ଧ ରହିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। କାଉଣ୍ଟରରେ ଦର୍ଶକମାନେ ଧାଡ଼ିରେ ଛିଡ଼ା ହେବା ପାଇଁ ମଙ୍ଗଳବାର ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। କେଉଁ ଗ୍ୟାଲେରିର କେତୋଟି ଟିକେଟ୍ କାଉଣ୍ଟରରେ ଉପଲବ୍ଧ ରହିବ ତାହାର ସ୍ୱଷ୍ଟ ରିପୋର୍ଟ ଓସିଏ ପକ୍ଷରୁ ଦିଆଯାଇ ନାହିଁ। ଅନ୍ୟପକ୍ଷରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ମଙ୍ଗଳବାର ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଅନ୍ତର୍ଜାତୀୟ ମ୍ୟାଚ୍ ହୋଇଥିବାରୁ ମ୍ୟାଚ୍ ପରିଚାଳନା ମଧ୍ୟ ଉଚ୍ଚସ୍ତରୀୟ ହେବା ଉଚିତ୍ ବୋଲି ମନ୍ତ୍ରୀ କହିଛନ୍ତି। ଗ୍ୟାଲେରିରେ ଉପଲବ୍ଧ ସୁବିଧା ସୁଯୋଗ ବିଷୟରେ ମନ୍ତ୍ରୀ ପଚାରି ବୁଝିଛନ୍ତି।

**ବାରବାଟୀ ଦିନିକିଆ ଆଉ ୪ ଦିନ**


ବାରବାଟୀ ଷ୍ଟାଡ଼ିୟମ୍ ପରିଦର୍ଶନ ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ।

# ଭିତ୍ତିଭୂମି ଖେଳାଳିଙ୍କୁ ଉତ୍ସାହିତ କରୁଛି

**ଆମ ସ୍କୁଲ କ୍ରୀଡ଼ା**
**ୟୁନିଟ-୬ ହାଇସ୍କୁଲ**

ଆରମ୍ଭ ହୋଇ ଯାଇଛି ଖେଳ ସିଜନ। ଏହି ସମୟରେ ସ୍କୁଲ ଓ କଲେଜରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମାନ ଆୟୋଜନ ହେଉଛି। ସାଧାରଣତଃ ଜଣେ ଆଥଲେଟ୍‌ର ଖେଳ ଜୀବନ ସ୍କୁଲରୁ ଆରମ୍ଭ ହୋଇଥାଏ। ପିଇଟି ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଖେଳର ମୂଳଦୁଆ ଏହି ସ୍କୁଲରୁ ହିଁ ପଡ଼ିଥାଏ। ପରେ ବୟସ ବଢ଼ିବା ସହିତ ନିଜସ୍ୱ ପରିଶ୍ରମ, ନିଷ୍ଠା ଓ ସାଧନା ବଳରେ ବିଭିନ୍ନ କୋଚ୍‌ଙ୍କ ପ୍ରଶିକ୍ଷଣରେ ଏବଂ ପ୍ରତିଭା ଅନୁସାରେ ଜଣେ ପ୍ରତିଷ୍ଠା ପାଇଥାଏ। ତେଣୁ ଜଣେ ଆଥଲେଟ୍ ପାଇଁ ସ୍କୁଲ କ୍ରୀଡ଼ାର ଅନେକ ମହତ୍ତ୍ୱ ରହିଛି।

## ଖେଳାଳି ସୃଷ୍ଟିରେ ଅଗ୍ରଣୀ

ରାଜ୍ୟର ଅନ୍ୟତମ ପୁରାତନ ସ୍କୁଲ ଭୁବନେଶ୍ୱର ୟୁନିଟ–୬ ହାଇସ୍କୁଲର ୫୬ତମ ବାର୍ଷିକ କ୍ରୀଡ଼ା ଡିସେମ୍ବର ୧୬ ଓ ୧୭ ତାରିଖ ଦୁଇଦିନଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମଶ୍ରେଣୀଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବର୍ଗରେ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜିତ ହୋଇଛି। ସ୍କୁଲରେ ବର୍ତ୍ତମାନ ୭୪୬ ପିଲା ରହିଛନ୍ତି। ସେଥିରୁ ଅଧିକାଂଶ ପିଲା କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସ୍କୁଲର ନିଜସ୍ୱ ଖେଳ ପଡ଼ିଆ ଅଛି, ପିଇଟି ଶିକ୍ଷକ ମଧ୍ୟ ଅଛନ୍ତି। କେବଳ ପିଇଟି ନୁହନ୍ତି ସ୍କୁଲର ସମସ୍ତ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଖେଳ ପ୍ରତିଯୋଗିତା ଚାଲିଛି। ପ୍ରତିଯୋଗିତା ଗୁଡ଼ିକୁ ଶୃଙ୍ଖଳିତଭାବେ ଆୟୋଜନ କରିବା ପାଇଁ ବାହାର ସ୍କୁଲରୁ ମଧ୍ୟ ୨ ଜଣ ଖେଳ ଶିକ୍ଷକ ଅଣାଯାଇଛି। ସେମାନେ ଜଜ୍ ଦାୟିତ୍ୱ ନିର୍ବାହ କରୁଛନ୍ତି। ଅବସରପ୍ରାପ୍ତ ଖେଳ ଶିକ୍ଷକ ମଧ୍ୟ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରୁଛନ୍ତି ବୋଲି ସ୍କୁଲର ପ୍ରଧାନ ଶିକ୍ଷକ ମଧୁସୂଦନ ମଲିକ ପ୍ରକାଶ କରିଛନ୍ତି। ୟୁନିଟ–୬ ହାଇସ୍କୁଲରେ ପିଲାମାନେ ଫୁଟବଲ ପ୍ରତି ଅଧିକ ଆଗ୍ରହୀ। କାରଣ ଏଠାରେ ଫୁଟବଲ ପାଇଁ ଉପଯୁକ୍ତ ଭିତ୍ତିଭୂମୀ ରହିଛି। ୟୁନିଟ–୬ ଆଥଲେଟିକ୍ ଆସୋସିଏଶନର ସହଭାଗିତାରେ ପିଲାମାନେ ଫୁଟବଲ ପାଇଁ ଭଲ ଟ୍ରେନିଂ ପାଇ ପାରୁଛନ୍ତି। ତେଣୁ ଫୁଟବଲ ଖେଳାଳି ସୃଷ୍ଟିରେ ଏହି ସ୍କୁଲ ଅଗ୍ରଣୀ ଭୂମିକା ନେଉଛି। ଏହି ସ୍କୁଲର ଜଣେ ଛାତ୍ର ପ୍ରକାଶ ନାୟକ ଖୋର୍ଦ୍ଧା ଜିଲା ପକ୍ଷରୁ ପ୍ରତିନିଧିତ୍ୱ କରି ସୁନ୍ଦରଗଡ଼ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି। ଖେଳ ବ୍ୟତୀତ ପିଲାଙ୍କ ସ୍ୱାସ୍ଥ୍ୟପ୍ରତି ମଧ୍ୟ ଧ୍ୟାନ ଦିଆଯାଇଥାଏ। ପ୍ରତି ଶନିବାର ମର୍ନିଂ ଡ୍ରିଲ ହୁଏ, ଏହା ବ୍ୟତୀତ ପ୍ରତିଦିନ ଖେଳ ପିରିୟଡରେ ପିଲାମାନଙ୍କୁ ଖେଳ ସମ୍ପର୍କରେ ଶିକ୍ଷା ଦିଆଯାଏ ବୋଲି ପ୍ରଧାନଶିକ୍ଷକ କହିଛନ୍ତି।

## ୪ ବର୍ଗରେ ପ୍ରତିଯୋଗିତା

କ୍ରୀଡ଼ା ପ୍ରତିଯୋଗିତା ମୁଖ୍ୟତଃ ୪ ବର୍ଗରେ ଅନୁଷ୍ଠିତ ହେଉଛି। ସିନିୟର ବାଳକ, ଜୁନିୟର ବାଳିକା, ବାଳକ, ସବ୍‌ଜୁନିୟର ବାଳିକା, ବାଳକ ଏବଂ ଛୋଟ ପିଲାଙ୍କୁ ନେଇ ଭିନ୍ନଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ବୋଲି ପ୍ରକାଶ କରିଛନ୍ତି ଖେଳ ଶିକ୍ଷୟିତ୍ରୀ ସ୍ମିତା ମାନସୀ ଜେନା। ସିନିୟର ଗ୍ରୁପ୍ ବାଳକ ବିଭାଗରେ ୧୦୦, ୨୦୦, ୪୦୦ ମିଟର ରେସ୍, ଲଙ୍ଗଜମ୍ପ, ହାଇଜମ୍ପ, ଶଟ୍‌ପୁଟ, ଡିସକସ୍ ଓ ୧୦୦ ମିଟର ସ୍ଲୋ ସାଇକେଲ ପ୍ରତିଯୋଗିତା ହେଉଛି। ଜୁନିୟର ଗ୍ରୁପ୍ ବାଳକ ବିଭାଗରେ ୧୦୦, ୨୦୦, ଲଙ୍ଗଜମ୍ପ, ଶଟ୍‌ପୁଟ୍, ମ୍ୟାଥ୍ ରେସ୍ ଏବଂ ବାଳିକାରେ ୧୦୦ ମିଟର ରେସ୍, ଶଟ୍‌ପୁଟ୍, ସ୍କିପିଂ, ମ୍ୟୁଜିକ୍ ଚେୟାର, ମ୍ୟାଥ୍ ରେସ, ସବ୍‌ଜୁନିୟର ବାଳକରେ ୫୦ ମିଟର, ଲଙ୍ଗଜମ୍ପ, ମ୍ୟାଥରେସ୍, ମ୍ୟୁଜିକ୍ ଚେୟାର ଓ ବାଲାନ୍ସ ରେସ୍ ଏବଂ ବାଳିକାରେ ୫୦ ମିଟର, ମ୍ୟାଥରେସ୍, ବାଲାନ୍ସ ରେସ୍, ସ୍କିପିଂ ଓ ମ୍ୟୁଜିକ୍ ଚେୟାରରେ ପ୍ରତିଯୋଗିତା ହେଉଛି। ଛୋଟ ପିଲାଙ୍କ ପାଇଁ ବେଲୁନ ଫୁଟା ଆଦି ପ୍ରତିଯୋଗିତା ରଖାଯାଇଛି। ଏକାବେଳକେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କର କ୍ରୀଡ଼ା ପ୍ରତିଯୋଗିତା ହେଉଛି ବୋଲି ସେ ପ୍ରକାଶ କରିଛନ୍ତି।

## ନିଜସ୍ୱ ଖେଳ ପଡ଼ିଆ

୧୯୬୪ ମସିହାରେ ପ୍ରତିଷ୍ଠିତ ୟୁନିଟ–୬ ହାଇସ୍କୁଲର ୩ ଏକର ପରିମିତ ନିଜସ୍ୱ ଖେଳ ପଡ଼ିଆ ରହିଛି। ୟୁନିଟ–୬ ଆଥଲେଟିକ୍ ଆସୋସିଏଶନର ସହଯୋଗରେ ବର୍ଷସାରା ପଡ଼ିଆର ରକ୍ଷଣାବେକ୍ଷଣ କରାଯିବା ସହ ଚାରିପଟରେ ଗ୍ୟାଲେରୀ ନିର୍ମାଣ କରାଯାଇଛି। ୧୪ ବର୍ଷରୁ କମ୍ ଏବଂ ୧୬ ବର୍ଷରୁ କମ୍ ପିଲାମାନଙ୍କୁ ସ୍ୱତନ୍ତ୍ରଭାବେ ଫୁଟବଲ କୋଚିଂ ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ଏଠାରୁ ପିଲାମାନେ ପ୍ରଦର୍ଶନ ଆଧାରରେ ଟାଟା ଫୁଟବଲ ଏକାଡେମୀକୁ ପ୍ରଶିକ୍ଷଣ ନେବାକୁ ଯାଉଛନ୍ତି। ଚଳିତବର୍ଷ ଏହି ସ୍କୁଲ୍‌ର ଜଣେ ପିଲା ଖୋର୍ଦ୍ଧା ଜିଲାପକ୍ଷରୁ ମନୋନୀତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଖେଳିଛନ୍ତି। ଦୁଇବର୍ଷ ପୂର୍ବରୁ ଏହି ସ୍କୁଲର ସୁନୀଲ କୁମାର ଜେନା ମୋହନବାଗାନ ଜୁନିୟର ଦଳରେ ଖେଳିବାକୁ ମନୋନୀତ ହୋଇଛନ୍ତି। ଫୁଟବଲ ବ୍ୟତୀତ କ୍ରିକେଟ ଏବଂ କବାଡ଼ିରେ ମଧ୍ୟ ଏହି ସ୍କୁଲର ପିଲାମାନେ ବହୁତ ନାଁ କରିଛନ୍ତି। ଗତବର୍ଷ ଜଣେ ପିଲା କ୍ରିକେଟରେ ଭୁବନେଶ୍ୱର ଜିଲାରୁ ମନୋନୀତ ହୋଇ ରାଜ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୂର୍ବରୁ ଏହା ବାଳକ ହାଇସ୍କୁଲ ଥିବାରୁ କେବଳ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲରେ ବାଳିକା ଥିଲେ। ଗତବର୍ଷ ସେପ୍ଟେମ୍ବରରେ ନୋଡାଲ ସ୍କୁଲ ହୋଇଯିବାରୁ ୬ଷ୍ଠ, ସପ୍ତମ କ୍ଲାସ୍‌ରେ ମଧ୍ୟ ବାଳିକାମାନେ ପଢ଼ୁଛନ୍ତି। ତେଣୁ ଆମେ ଏଠାରେ ବାଳିକା କ୍ରୀଡ଼ାକୁ ପ୍ରୋତ୍ସାହିତ କରିବାକୁ ଉଦ୍ୟମ କରୁଛୁ। ବାଳିକାଙ୍କୁ ନେଇ ଖୋ ଖୋ, କବାଡ଼ି, ବ୍ୟାଡ୍‌ମିଣ୍ଟନ ଆଦି ଖେଳ ସେମାନଙ୍କୁ ଶିଖା ଯାଉଛି। ଆସନ୍ତା ବର୍ଷରୁ ସେମାନେ ଜିଲାସ୍ତରରେ ଖେଳିବାକୁ ଉପଯୁକ୍ତ ହୋଇପାରିବେ। ସ୍କୁଲ ପରିସରରେ ଫୁଟବଲ ବ୍ୟତୀତ ଲଙ୍ଗଜମ୍ପ, ହାଇଜମ୍ପ ପାଇଁ ପିଚ୍ ରହିଛି। କ୍ରିକେଟ ପାଇଁ ମଧ୍ୟ ସ୍ୱତନ୍ତ୍ର ପଡ଼ିଆ ରହିଛି। ନିୟମିତ ଖେଳ ଚାଲିଥିବାରୁ ପିଲାଙ୍କ ପ୍ରଦର୍ଶନରେ ମଧ୍ୟ ଉନ୍ନତି ହେଉଛି। ଆନ୍ତଃସ୍କୁଲ ପ୍ରତିଯୋଗିତାଗୁଡ଼ିକରେ ଆମ ସ୍କୁଲ ଫୁଟବଲ, କ୍ରିକେଟ, କବାଡ଼ି ଟିମ୍ ଭାଗ ନେଉଛି। ରଗ୍‌ବୀ ଫୁଟବଲରେ ମଧ୍ୟ ୟୁନିଟ–୬ ପିଲାମାନେ ଖେଳୁଛନ୍ତି। ବିଜୁପଟ୍ଟନାୟକ ଗୋଲ୍ଡ କପ୍ ଫୁଟବଲରେ ଥରେ ଏହି ସ୍କୁଲ ରନର୍ସଅପ୍ ହୋଇଛି ବୋଲି ସୂଚନା ଦେଇଛନ୍ତି ବରିଷ୍ଠ ବିଜ୍ଞାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦତ୍ତ। ପୂର୍ଣ୍ଣଚନ୍ଦ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।




ମଧୁସୂଦନ ମଲିକ


ସ୍ମିତା ମାନସୀ ଜେନା


ପୂର୍ଣ୍ଣଚନ୍ଦ୍ର ଦତ୍ତ



“ କୋହଲି ଓ ରୋହିତଙ୍କୁ ପଛରେ ପକାଇ ଚଳିତ ବର୍ଷ ଦିନିକିଆ କ୍ରିକେଟରେ କିପରି ସର୍ବାଧିକ ରନ ହାସଲକାରୀ ବ୍ୟାଟ୍ସମ୍ୟାନ ବିବେଚିତ ହେବି ତା ଉପରେ ମୋର ଲକ୍ଷ୍ୟ ରହିଛି ।

–ଶାଇ ହୋପ୍, ୱେଷ୍ଟଇଣ୍ଡିଜ ଓପନର



“ ଆଇପିଏଲରେ ପ୍ରଭାବୀ ପ୍ରଦର୍ଶନ କରିପାରିଲେ ଜଣେ ଖେଳାଳି ସହଜରେ ଜାତୀୟ ଦଳରେ ନିଜ ସ୍ଥାନ ପକ୍କା କରିପାରିବ ।

–ଦୀପକ ଚହର, ଭାରତୀୟ କ୍ରିକେଟର

# ସର୍ଭିସେସ୍ ୨୭୧ରେ ଅଲ୍ଆଉଟ



## ରଣଜୀ ଟ୍ରଫି ବସନ୍ତଙ୍କୁ ୬

**କଟକ ଅଫିସ, ୧୭।୧୨:** ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା–ସର୍ଭିସେସ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍ ମଙ୍ଗଳବାର ଆରମ୍ଭ ହୋଇଛି। ପେସ୍ ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ସର୍ଭିସେସ୍ ପ୍ରଥମେ ବ୍ୟାଟିଂ କରି ୨୭୧ରନରେ ଅଲଆଉଟ ହୋଇଯାଇଛି। ଓଡ଼ିଶା ପକ୍ଷରୁ ବସନ୍ତ ମହାନ୍ତି ସର୍ବାଧିକ ୬ଟି ଉଇକେଟ ଅକ୍ତିଆର କରିଛନ୍ତି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ବିନା ଉଇକେଟରେ ୪୩ରନ କରିଛି। ଓପନର ଅନୁରାଗ ଷଡ଼ଙ୍ଗୀ ୩୩ ଓ ଶାନ୍ତନୁ ମିଶ୍ର ୧୦ରନରେ ଅପରାଜିତ ଅଛନ୍ତି। ହାତରେ ୧୦ଟି ଯାକ ଉଇକେଟ ବାକି ଥିବା ଯୋଗୁଁ ଓଡ଼ିଶା ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବାର ଦୃଢ଼ ଆଶା ରହିଛି।

ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ସର୍ଭିସେସ୍‌କୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ୩ୟ ଓଭରରେ ଦଳୀୟ ସ୍କୋର ୫ ହୋଇଥିବା ବେଳେ ସର୍ଭିସେସ ଦୁଇଟି ଉଇକେଟ ହରାଇଥିଲା। ଓପନର ମୁମତାଜ କାଦିର ଓ ବ୍ୟାଟିଂ କ୍ରମ ୩ନଂରେ ଆସିଥିବା ରବି ଚୌହ୍ୱାନ ଖାତା ଖୋଲିବା ପୂର୍ବରୁ ବସନ୍ତଙ୍କ ଶିକାର ହୋଇଥିଲେ। ପରେ ଅରୁଣ ବମାଲ ୧୮ରନରେ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଥିଲେ। ୨୮ରନରେ ସର୍ଭିସେସ ୩ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ୪ର୍ଥ ଉଇକେଟରେ ସର୍ଭିସେସ୍ ୫୩ରନ ଯୋଡ଼ିଥିଲା। ଉଇକେଟ କିପର ନକୁଲ ବର୍ମା ୭୮ବଲରୁ ୫୩ରନ କରିଥିବା ବେଳେ ଓଡ଼ିଶାର ଯୁବ ତାରକା ପେସ୍ ବୋଲର ରାଜେଶ ମହାନ୍ତି ତାଙ୍କୁ କ୍ୟାଚ୍ ଆଉଟ କରାଇଥିଲେ। ୫ମ ଉଇକେଟରେ ୯୩ରନର ଭାଗୀଦାରି ସୃଷ୍ଟି ହେବା ଯୋଗୁଁ ଦଳ ୨୦୦ଟପିବାକୁ ସକ୍ଷମ ହୋଇଥିଲା। ଅଧିନାୟକ ରଜତ ପାଲିୱାଲ ଓ ରାହୁଲ ସିଂ ଏହି ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ରଜତ ୫୮ରନରେ ଓ ରାହୁଲ ୫୫ରନ କରି ବସନ୍ତଙ୍କ ଶିକାର ହୋଇଥିଲେ। ୫ରନ ବ୍ୟବଧାନରେ ଏହି ଦୁଇ ଉଇକେଟ ପତନ ଘଟିଥିଲା। ପରେ ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ସାଦବ ନଜର(୨୯ରନ), ଦିୱେଶ ପଠାନିଆ(୨୪ରନ) ଦ୍ରୁତ ଇନିଂସ ଖେଳିଥିଲେ। ସର୍ଭିସେସ୍ ମୋଟ୍ ୨୭୧ରନ କରିଥିବା ବେଳେ ବସନ୍ତ ୬ଟି, ରାଜେଶ ୨ଟି, ସୂର୍ଯ୍ୟକାନ୍ତ ଓ ଅଭିଷେକ ରାଉତ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଭାରତ

**ବିଶାଖାପାଟନମ, ୧୭।୧୨ (ପି.ଟି.)**

ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ଚାଲିଥିବା ଦିନିକିଆ ସିରିଜର ୨ୟ ମ୍ୟାଚ୍ ବୁଧବାର ସ୍ଥାନୀୟ ଡ. ୱାଇ.ଏସ୍. ରାଜଶେଖର ରେଡ୍ଡୀ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଚେନ୍ନାଇରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚ୍‌ରେ ଭାରତ ପକ୍ଷରୁ ଧାର୍ଯ୍ୟ ୨୮୮ ରନର ବଡ଼ ଟାର୍ଗେଟକୁ ୱେଷ୍ଟଇଣ୍ଡିଜ ୨ ଉଇକେଟ୍ ହରାଇ ଅତି ସହଜରେ ହାସଲ କରିନେଇଥିଲା। ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନଙ୍କୁ ଏହି ବଡ଼ ଟାର୍ଗେଟ୍ ପିଛା କରିବାରେ ରୋକିପାରି ନ ଥିବା ଭାରତୀୟ ଦଳ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବାକୁ ହେଲେ ଦ୍ୱିତୀୟ ମ୍ୟାଚ୍‌ରେ ବୋଲିଂ ଉପରେ ବିଶେଷ ଗୁରୁତ୍ୱ ଦେବ ବୋଲି ଆଶା କରାଯାଉଛି।। ଏଥିସହ ୧–୦ରେ ପଛୁଆ ରହିଥିବା ବିରାଟ କୋହଲିଙ୍କ ଦଳ ଏଠାରେ ବିଜୟ ହାସଲ କରି ସିରିଜକୁ ଉଜ୍ଜୀବିତ୍ ରଖିବାକୁ ଲକ୍ଷ୍ୟ ରଖିଛି। ଅପରପକ୍ଷରେ କିରନ ପୋଲାର୍ଡଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ ପ୍ରଥମ ମ୍ୟାଚ୍ ଭଳି ଏଠାରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରି ସିରିଜକୁ ଆଗୁଆ ହାତେଇବା ଲକ୍ଷ୍ୟରେ ରହିଛି।

ପ୍ରଥମ ମ୍ୟାଚ୍‌ରେ ସାଇ ହୋପ୍ ଓ ସିମରନ ହେଟ୍‌ମେରଙ୍କ ଶତକ ବଳରେ ୱେଷ୍ଟଇଣ୍ଡିଜ ୮ ଉଇକେଟ୍‌ରେ ଭାରତକୁ ପରାସ୍ତ କରିଥିଲା। ଭାରତ ବଡ଼ ସ୍କୋର ହାସଲ କରିଥିଲେ ମଧ୍ୟ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନଙ୍କୁ ରୋକିବାରେ ବିଫଳ ହୋଇଥିବାରୁ ଅଧିନାୟକ କୋହଲି ଚେନ୍ନାଇ କଣ୍ଡିସନକୁ ଦାୟୀ କରିଛନ୍ତି। ସ୍ଥାନୀୟ ଷ୍ଟାଡିୟମରେ ୩୨୦ ରନ ଆଭରେଜ ସ୍କୋର ହୋଇଥିବାରୁ ୫ମ ସ୍ପେଶାଲିଷ୍ଟ ବୋଲରଙ୍କୁ ନେଇ ଭାରତ ଯୋଜନା ପ୍ରସ୍ତୁତ କରୁଛି। ପୂର୍ବ ମ୍ୟାଚ୍‌ରେ ଦୁଇ ସ୍ପିନର ରବୀନ୍ଦ୍ର ଜାଡେଜା (୦/୫୮, ୧୦ ଓଭର) ଓ କୁଲଦୀପ ଯାଦବ (୦/୪୫, ୧୦ ଓଭର) ନୈରାଶ୍ୟଜନକ ପ୍ରଦର୍ଶନ କରିବା ମଧ୍ୟ ପରାଜୟର ଅନ୍ୟତମ କାରଣ ରହିଥିଲା। ତେଣୁ ଏହି ମ୍ୟାଚ୍‌ରେ ଭାରତ ଏହାର ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ କରିବାର ସମ୍ଭାବନା ରହିଛି। ବିଶାଖାପାଟଣା ବ୍ୟାଟିଂ ଫ୍ରେଣ୍ଡଲୀ ଉଇକେଟ୍ ହୋଇଥିବାରୁ ୬ ନମ୍ବରରେ କେଦାର ଯାଦବଙ୍କ ସ୍ଥାନରେ ମନୀଷ ପାଣ୍ଡେ କିମ୍ବା ଟିମ୍ ମ୍ୟାନେଜମେଣ୍ଟ ଜଣେ ସ୍ପେଶାଲିଷ୍ଟ ବୋଲର ଶାର୍ଦ୍ଦୁଳ ଠାକୁର କିମ୍ବା ଯୁଜବେନ୍ଦ୍ର ଚହଲଙ୍କୁ ସୁଯୋଗ ଦେଇପାରିନ୍ତି।

ଅପରପକ୍ଷରେ ପ୍ରଥମ ମ୍ୟାଚ୍‌ରେ ୧୦୬ ବଲରୁ ୧୩୯ ରନର ଦ୍ରୁତ ଶତକୀୟ ଇନିଂସ ଖେଳିଥିବା ହେଟ୍‌ମେର ୱେଷ୍ଟଇଣ୍ଡିଜ ପାଇଁ ପ୍ରମୁଖ ଖେଳାଳି ରହିବେ। ଭାରତୀୟ ବୋଲରଙ୍କ ପାଇଁ ହେଟ୍‌ମେରଙ୍କ ଉଇକେଟ୍ ମୂଲ୍ୟବାନ ରହିବ। ସେହିଭଳି ବୋଲିଂରେ ଦୁଇ ଦ୍ରୁତ ବୋଲର ଶେଲଡନ କଟ୍ରେଲ ଓ ଅଲ୍‌ଜାରୀ ଜୋସେଫ୍ ପୂର୍ବ ମ୍ୟାଚ୍ ଭଳି ପ୍ରାରମ୍ଭରୁ ଭାରତୀୟ ବ୍ୟାଟିଂ ଲାଇନ୍ ଉପରେ ଚାପ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛନ୍ତି। ବିଶାଖାପାଟନମ ପିଚ୍ କିନ୍ତୁ ଦ୍ରୁତ ବୋଲରଙ୍କ ପାଇଁ ଚ୍ୟାଲେଞ୍ଜ ରହିବ ବୋଲି ଆଶା କରାଯାଉଛି।



ନେଟ୍ସରେ ଯଶ୍‌ପ୍ରୀତ୍ ବୁମ୍‌ରା ଓ ଶାର୍ଦ୍ଦୁଳ ଠାକୁର।

## ଭାରତୀୟ ନେଟ୍ସରେ ବୁମ୍‌ରା

ୱେଷ୍ଟଇଣ୍ଡିଜ ବିପକ୍ଷ ୨ୟ ମ୍ୟାଚ୍ ପୂର୍ବରୁ ମଙ୍ଗଳବାର ଭାରତୀୟ ଦଳର ଅଭ୍ୟାସ ସେସନରେ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଦେଖିବାକୁ ମିଳିଥିଲା। ଗତ ଜୁଲାଇ–ଅଗଷ୍ଟରେ ୱେଷ୍ଟଇଣ୍ଡିଜ ଗସ୍ତ ସମୟରେ ପିଠି ଯନ୍ତ୍ରଣାଜନିତ ଆଘାତ ସମସ୍ୟା ପାଇବା ପରେ ବୁମ୍‌ରା ଜାତୀୟ ଦଳଠାରୁ ଦୂରେଇ ରହିଥିଲେ। ଧରେ ଧିରେ ଫିଟ୍ ହେଉଥିବା ବୁମ୍‌ରା ଭାରତୀୟ ଦଳର ଜର୍ସି ପରିଧାନ କରି ନେଟ୍ସରେ ନିଜର ପୁରୁଣା ଶୈଳୀରେ ବୋଲିଂ ଅଭ୍ୟାସ କରିଥିଲେ। ପାଖାପାଖି ଏକ ଘଣ୍ଟା ପର୍ଯ୍ୟନ୍ତ ସେ ରିଷଭ ପନ୍ତ, ମୟଙ୍କ ଅଗ୍ରୱାଲ, ମନୀଷ ପାଣ୍ଡେଙ୍କୁ ବୋଲିଂ କରିଥିଲେ।

## ଆଜି ଦ୍ୱିତୀୟ ଦିନିକିଆ

■ ଭାରତୀୟ ଦଳ: ବିରାଟ କୋହଲି (ଅଧିନାୟକ), ରୋହିତ୍ ଶର୍ମା, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ରିଷଭ ପନ୍ତ (ଉଇକେଟ୍‌କିପର), କେଦାର ଯାଦବ, ରବୀନ୍ଦ୍ର ଜାଡେଜା, ଶିଭମ ଦୁବେ, ମହମ୍ମଦ ସାମି, ଦୀପକ ଚହର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମୟଙ୍କ ଅଗ୍ରୱାଲ, ଶାର୍ଦ୍ଦୁଳ ଠାକୁର ଓ ମନୀଷ ପାଣ୍ଡେ।

■ ୱେଷ୍ଟଇଣ୍ଡିଜ ଦଳ: କିରନ ପୋଲାର୍ଡ (ଅଧିନାୟକ), ସୁନୀଲ ଆମ୍ବ୍ରିସ, ଶାଇ ହୋପ, ଖାରୀ ପିଏରେ, ରୋଷ୍ଟନ ଚେଜ୍, ଅଲଜାରୀ ଜୋସେଫ୍, ଶେଲଡନ୍ କୋଟ୍ରେଲ, ବ୍ରେଣ୍ଡନ କିଙ୍ଗ୍, ନିକୋଲାସ ପୁରାନ, ଶିମରନ ହେଟ୍‌ମେର, ଏଭିନ୍ ଲୁଇସ, ରୋମାରିଓ ଶେଫର୍ଡ, ଜାସନ ହୋଲ୍ଡର, କେମୋ ପଲ୍ ଓ ହେଡେନ ୱାଲ୍ସ ଜୁନିୟର।

| ମ୍ୟାଚ୍ ଆରମ୍ଭ | ସ୍ଥାନ | ପ୍ରସାରଣ |
|---|---|---|
| ଅପରାହ୍ଣ ୧.୩୦ | ବିଶାଖାପାଟନମ | ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ |

# କଟକରେ ହେବ ନାହିଁ ଏସିଆନ ସିନିୟର କୁସ୍ତି

**କଟକ ଅଫିସ,୧୭।୧୨:** କଟକରେ ହେବାକୁ ଥିବା ସିନିୟର ଏସିଆନ କୁସ୍ତି ଚାମ୍ପିୟନଶିପକୁ ଭାରତୀୟ କୁସ୍ତି ମହାସଂଘ ବାତିଲ କରିଛି। କଟକ ବଦଳରେ ଫେବୃୟାରୀ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଦିଲ୍ଲୀଠାରେ ହେବ। କିଛି ନିର୍ଦ୍ଦିଷ୍ଟ ଦଳ ପାଇଁ ବିମାନସେବାର ସମୟ ଠିକ ନ ଥିବାରୁ ମହାସଂଘ ଏଭଳି ନିଷ୍ପତ୍ତି ନେଇଛି ବୋଲି ରାଜ୍ୟ କୁସ୍ତି ସଂଘ ସମ୍ପାଦକ (ଇନ୍‌ଚାର୍ଜ) ଦେବେନ୍ଦ୍ର ସାହୁ ସୂଚନା ଦେଇଛନ୍ତି। କିଛି ଦଳ ମ୍ୟାଚ୍ ପୂର୍ବଦିନ ବିଳମ୍ବିତ ରାତିରେ ଆସି ପହଞ୍ଚିବେ। ଯାହା ଫଳରେ ପ୍ରତିଯୋଗିତାରେ ଭାଗ ନେବା ସମ୍ଭବ ନୁହେଁ ବୋଲି କିଛି ଦିନ ତଳେ ଜଳନ୍ଧରଠାରେ ଅନୁଷ୍ଠିତ ହୋଇଥିବା ମହାସଂଘର ବୈଠକରେ କୁହାଯାଇଥିଲା। ସୂଚନା ଥାଉକି, କଟକରେ ଏହି ଚାମ୍ପିୟନଶିପ ହେବ ବୋଲି ସ୍ଥିର କରାଯାଇଥିଲା। ଏ ନେଇ ଗତ ନଭେମ୍ବର ୧୧ ତାରିଖରେ ବିଶ୍ୱ କୁସ୍ତି ମହାସଂଘ ଓ ଭାରତୀୟ କୁସ୍ତି ମହାସଂଘର ସଦସ୍ୟମାନେ ସ୍ଥିତି ଅନୁଧ୍ୟାନ କରି ଫେରିଥିଲେ। ସ୍ଥାନୀୟ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଉକ୍ତ ପ୍ରତିଯୋଗିତା ହେବ ବୋଲି କୁହାଯାଇଥିଲା।

## ଅଲିମ୍ପିକ୍ସ ହକି

# ନ୍ୟୁଜିଲାଣ୍ଡ ବିପକ୍ଷରୁ ଭାରତର ଅଭିଯାନ

**ଟୋକିଓ, ୧୭।୧୨ (ପି.ଟି.):** ଜୁଲାଇ ୨୫ରୁ ଆରମ୍ଭ ହେବାକୁ ଥିବା ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତର ପୁରୁଷ ଓ ମହିଳା ହକି ଦଳ ଯଥାକ୍ରମେ ନ୍ୟୁଜିଲାଣ୍ଡ ଏବଂ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳି ସେମାନଙ୍କ ଅଭିଯାନ ଆରମ୍ଭ କରିବେ। ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଏଫ୍‌ଆଇଏଚ୍ ଦ୍ୱାରା ଘୋଷିତ କାର୍ଯ୍ୟସୂଚୀ ଅନୁସାରେ ଭାରତୀୟ ହକି ଦଳ ଦ୍ୱୟ ପ୍ରତିଯୋଗିତାର ପ୍ରଥମ ଦିବସରେ ସେମାନଙ୍କ ଅଭିଯାନ ଆରମ୍ଭ କରିବେ। ପୁରୁଷ ପ୍ରତିଯୋଗିତାରେ ୮ଥର ଚାମ୍ପିୟନ ଭାରତ ଗ୍ରୁପ୍ ଏ'ରେ ନ୍ୟୁଜିଲାଣ୍ଡ ପରେ ଜୁଲାଇ ୨୬ରେ ଅଷ୍ଟ୍ରେଲିଆ ସହ ମୁକାବିଲା କରିବ। ପରେ ପଛକୁ ପଛ ଦଳ ସ୍ପେନ (ଜୁଲାଇ ୨୮), ଗତଥରର ଚାମ୍ପିୟନ ଆର୍ଜେଣ୍ଟିନା (ଜୁଲାଇ ୩୦) ଏବଂ ଆୟୋଜକ ଜାପାନ(ଜୁଲାଇ ୩୧)କୁ ଭେଟିବ। ମହିଳା ଦଳ ମଧ୍ୟ ଗ୍ରୁପ୍ ଏ'ରେ ସ୍ଥାନ ପାଇଛି। ଦଳ ଜୁଲାଇ ୨୭ରେ ଜର୍ମାନୀକୁ ଭେଟିବାକୁ ଥିବାବେଳେ ପରେ ଗ୍ରେଟ୍ ବ୍ରିଟେନ (ଜୁଲାଇ ୨୯) ଆୟର୍ଲାଣ୍ଡ (ଜୁଲାଇ ୩୧) ଏବଂ ଦକ୍ଷିଣ ଆଫ୍ରିକା (ଅଗଷ୍ଟ ୧) ସହିତ ମୁକାବିଲା କରିବ। ପୁରୁଷ ଓ ମହିଳା ସ୍ୱର୍ଣ୍ଣ ପଦକ ମ୍ୟାଚଗୁଡ଼ିକ ଯଥାକ୍ରମେ ଅଗଷ୍ଟ ୬ ଓ ୭ରେ ଖେଳାଯିବ।

# ଅତୁଲଙ୍କୁ ମଶଲ୍ ମାନିଆ ଏସିଆନ୍ ଟାଇଟଲ୍

**କଟକଅଫିସ, ୧୭।୧୨:** ସିଙ୍ଗାପୁରଠାରେ ଅନୁଷ୍ଠିତ ମଶଲ ମାନିଆ(ଜୁନିୟର ବର୍ଗ) ଏସିଆନ ଚାମ୍ପିୟନଶିପର ଟାଇଟଲ୍ ଜିତିଛନ୍ତି ଓଡ଼ିଶାର ଅତୁଲ କର୍ମକାର। ଏହି ସଫଳତା ସହ ଅତୁଲ ରାଜ୍ୟ ତଥା ଦେଶ ନିମନ୍ତେ ଗୌରବ ଆଣିଛନ୍ତି। ଅତୁଲ ଗତ ବର୍ଷ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଥିବା ମଶଲ୍ ମାନିଆ ଫିଜିକ୍ ଇଣ୍ଡିଆ ସର୍ବଭାରତୀୟ ପ୍ରତିଯୋଗିତାରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବ ପ୍ରତିଯୋଗୀମାନଙ୍କୁ ପଛରେ ପକାଇ ମଧ୍ୟ ଚାମ୍ପିୟନ ହୋଇଥିଲେ। ଅତୁଲଙ୍କ ଘର କଟକ କାଳୀଗଳିରେ ଥିବା ଗଣେଶ ମନ୍ଦିର ଲେନ୍‌ରେ। ପିତା ଦିଲ୍ଲୀପ କର୍ମକାର ଓ ମା ମୁନ୍‌ମୁନ୍ କର୍ମକାରଙ୍କ ପୁଅ ଅତୁଲଙ୍କୁ ୨୦ବର୍ଷ ବୟସ। ଏବେ ସେ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟରେ ବିବିଏ ପଢୁଛନ୍ତି।



# ୱେଷ୍ଟଇଣ୍ଡିଜ ପାଇଁ ସୁଯୋଗ

**ମହିନ୍ଦର ଅମରନାଥ**

ଚେନ୍ନାଇରେ ଶିମରନ ହେଟମେର ଏବଂ ସାଇ ହୋପ୍ ଯେପରି ବିଜ୍ଞତାର ସହ ଉଚ୍ଚକୋଟୀର ବ୍ୟାଟିଂ କରୁଥିଲେ ସେମାନଙ୍କୁ ରୋକିବା ଭାରତୀୟ ବୋଲରମାନଙ୍କ ପକ୍ଷେ ସମ୍ଭବପର ନ ଥିଲା। ଖେଳାଳି ଦ୍ୱୟ ଯେପରି ବ୍ୟାଟିଂ କରୁଥିଲେ ତାହା ଅତୀତର ଗର୍ଡନ ଗ୍ରିନିଜ ଏବଂ ଦେଶମଣ୍ଡ ହେନ୍ସଙ୍କ କଥା ମନେ ପକାଇଦେଉଥିଲା। ୱେଷ୍ଟଇଣ୍ଡିଜ ଶେଷଭାଗରେ ସ୍ଲଗ ଓଭରଗୁଡ଼ିରେ ଭାରତକୁ ସୀମିତ ରଖିବାରେ ସମର୍ଥ ହୋଇପାରିଲେ। ହେଟମେର ଜବରଦସ୍ତ ଫର୍ମରେରହିଥିବାରୁ ଭ୍ରମଣକାରୀ ଦଳର ବଡ଼ ସ୍କୋର ଚେଜ୍ କରିବାର ସାମର୍ଥ୍ୟ ରହିଛି। ବିଜୟ ଦ୍ୱାରା ୱେଷ୍ଟଇଣ୍ଡିଜ ଦଳ ଅଗ୍ରଣୀ ଲାଭ କରିପାରିଛି। କେବଳ ସେତିକି ନୁହେଁ ଦଳ କ୍ରମେ ବ୍ୟାଟିଂରେ ଖୁବ୍ ଶକ୍ତିଶାଳୀ ଜଣାପଡୁଛି। ସେମାନେ ନିଶ୍ଚିତ ଦୃଢ଼ ଆତ୍ମବିଶ୍ୱାସର ସହିତ ବିଶାଖାପାଟଣାରେ ଦ୍ୱିତୀୟ ଦିନିକିଆ ଖେଳିବେ। ଅନ୍ୟପକ୍ଷରେ କହିବାକୁ ଗଲେ ଚେନ୍ନାଇରେ ବୋଲିଂ ଦୃଷ୍ଟିରୁ ଭାରତୀୟ ପ୍ଲାନିଂରେ ତ୍ରୁଟି ରହିଥିଲା। ବିରାଟ କୋହଲି ଓ ରୋହିତ ଶର୍ମା ଆଉଟ ହେବା ପରେ ଭାରତ ପକ୍ଷେ ୩୦୦ରୁ ଅଧିକ ରନ ସଂଗ୍ରହ କଷ୍ଟସାଧ ବୋଲି ଏହି ମ୍ୟାଚରେ ପ୍ରମାଣିତ ହୋଇଛି। ତେବେ ରିଷଭ ପନ୍ତଙ୍କ ବ୍ୟାଟିଂ ପ୍ରଶଂସନୀୟ ଥିଲା। ଦଳର ଆବଶ୍ୟତାକୁ ଚାହିଁ ସେ ଖେଳିଥିଲେ। ଶିବମ ଦୁବେ ତାଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିଥିଲେ, ଯାହାକି ଯୁବ ଖେଳାଳିଙ୍କ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ। ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆରେ ଭାରତ ଦୃଢ ପ୍ରତ୍ୟାବର୍ତ୍ତନ କରିବ ବୋଲି ମୋର ଆଶା ରହିଛି। ଏହି ମ୍ୟାଚ ପାଇଁ ଦଳରେ କୌଣସି ବଦଳ କରା ଯିବ ନାହିଁ ବୋଲି ମୁଁ ମନେ କରୁଛି। ବିଶାଖାପାଟଣାର ପିଚ୍ ଅପେକ୍ଷାକୃତ ଉନ୍ନତ। ଭାରତ ପାଇଁ ଏହି ମ୍ୟାଚ କଷ୍ଟକର ହୋଇ ନପାରେ। କିନ୍ତୁ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ଥିବାରୁ ସୁଯୋଗ ହାତଛଡ଼ା କରିବାକୁ ଚାହିଁବନାହିଁ ଭ୍ରମଣକାରୀ ଦଳ।

–(ଗେମ୍‌ପ୍ଲାନ)

#WhatDrivesYou
EXIDE

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଭାବେନୀ ସାହୁ
ସ୍ୱାମୀ– ସ୍ୱର୍ଗତ ପବନି ସାହୁ
ଭୁବନପୁର, ବାଲିଅନ୍ତା, ଭୁବନେଶ୍ୱର
ଆବିର୍ଭାବ: ୨୧।୧୨।୧୯୩୫
ତିରୋଧାନ: ୨୮।୧୨।୨୦୧୮
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା'ଉତ୍ତରମୁଖୀଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:
ପୁଅ: କାର୍ତ୍ତିକ, ଗଣେଶ, ବିଷ୍ଣୁ, ବସନ୍ତ, ଝିଅ: ଚାରୁ, ପୁଷ୍ପଲତା, ହେମଲତା, ନାତି: ବାପି, ପପୁ, ଦୀପୁ, ବବୁନା, ମନ ଓ ସୋମ୍ୟ ରଞ୍ଜନ ବନ୍ଧୁ ଓ ପରିବାରବର୍ଗ ।
ଧ–୪୬୨୭୨



JUSTICE KRISHNA PRASAD MOHAPATRA
61, Forest Park, Bhubaneswar
(12.04.1928 - 28.12.2018)
IN REMEMBRANCE
Ahalya Mohapatra
&
All Family Members
ଧ–୧୫୬୨୮

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ବୈକୁଣ୍ଠ ପ୍ରଧାନ
ଆବିର୍ଭାବ: ୦୧।୦୩।୧୯୬୩
ତିରୋଧାନ: ୦୮।୧୨।୨୦୧୯
ବାପା, ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ହଠାତ୍ ଆରପାରିକୁ ଚାଲିଗଲ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା ଆମର ପାଥେୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ଜ୍ୟେଷ୍ଠପୁତ୍ର: ବସନ୍ତ, କନିଷ୍ଠ ପୁତ୍ର: ବିଜୟ, ନାତି: ଲକି, ବିକି, ବନ୍ଧୁ ଓ ପରିବାରବର୍ଗ ।
ଧ–୬୮୨୨୭

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଭାଗବତ ବେହେରା
କଣ୍ଟିଲୋ, ସୁନ୍ଦରପଦା, ଭୁବନେଶ୍ୱର
ଆବିର୍ଭାବ: ୧୮।୧୧।୧୯୩୦
ତିରୋଧାନ: ୦୮।୧୨।୨୦୧୯
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ–୬୭୨୬୬

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ବିମଳା ମୁଦୁଲି
ଆବିର୍ଭାବ: ୦୧।୧୦।୧୯୩୨
ତିରୋଧାନ: ୨୮।୧୨।୨୦୧୮
ଆପଣଙ୍କ ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:
ପୁଅ, ବୋହୂ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ–୬୮୬୩୧

୧୧ମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ରତ୍ନପ୍ରଭା ଧଳ
ଜଗନ୍ନାଥ ରୋଡ, ଢେଙ୍କାନାଳ
ସ୍ୱାମୀ– ସୁଧାକର ଧଳ
ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ଭାଇ, ଭାଉଜ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ–୬୬୮୩୮

ଏକାଦଶାହ ଉପଲକ୍ଷେ



ଦ୍ୱବିଣାପାଣି ସିଂହ
ସ୍ୱାମୀ - ଦ୍ୱ ଯୁଧିଷ୍ଠିର ସିଂହ
ପାରାଦ୍ୱୀପଗଡ଼, ଜଗତ୍‌ସିଂହପୁର
ଆବିର୍ଭାବ- ୧୧/୦୯/୧୯୪୧
ତିରୋଧାନ-୦୮/୧୨/୨୦୧୯
ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ପୁଅ/ବୋହୂ, ଝିଅ/ଜ୍ୱାଇଁ, ନାତି/ନାତୁଣୀ
ଧ–୧୫୭୨୬

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଡିସେମ୍ବର ୧୮/୨୦୧୯ Sambalpur, Wednesday, December 18 / 2019

### ୩୧ରୁ ବରଗଡ଼ ଧନୁଯାତ୍ରା ମହୋତ୍ସବ

# କଳାକାରଙ୍କ ରିହର୍ସାଲ ଆରମ୍ଭ

**ବରଗଡ଼ ଅଫିସ୍,୧୭।୧୨**

ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ମାତ୍ର ୨ ସପ୍ତାହ ବାକି ରହିଲା। ଏଥିପାଇଁ ମଙ୍ଗଳବାର ସ୍ଥାନୀୟ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପ ଓ ଅମ୍ବାପାଲି ପାର୍ବତୀଗିରି ବାଳିକା ହାଇସ୍କୁଲରେ ଯଥାକ୍ରମେ ମଥୁରା ଓ ଗୋପପୁର କଳାକାରଙ୍କ ପୂର୍ବାଭ୍ୟାସ (ରିହର୍ସାଲ) ଆରମ୍ଭ ହୋଇଛି। ଗାନ୍ଧୀଛକ କଲ୍ୟାଣ ମଣ୍ଡପରେ ଧନୁଯାତ୍ରା ମହୋତ୍ସବ କଳାକାର ଉପଦେଷ୍ଟା ସମନ୍ୱୟ କମିଟି ଆବାହକ ତଥା ବରଗଡ଼ ଅତିରିକ୍ତ ଜିଲାପାଳ ମିର୍ଜ୍ଜା ଟପ୍ପୋ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, କଳାକାର ଉପଦେଷ୍ଟା କମିଟି ସହ ଆବାହକ ଅଶୋକ ବେହେରା, ହରିହର ମିଶ୍ର, ସୁନୀଲ ମହାପାତ୍ର, ସାଂସ୍କୃତିକ କମିଟି ଆବାହକ ଗୋପାଳ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ, ଉଗ୍ରସେନ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ସମେତ ବିଭିନ୍ନ ଚରିତ୍ରର କଳାକାରମାନେ ପୂର୍ବାଭ୍ୟାସରେ ଅଂଶଗ୍ରହଣ କରିଥିଲେ। ଅପରପକ୍ଷେ ସନ୍ଧ୍ୟାରେ ଅମ୍ବାପାଲି ପାର୍ବତୀଗିରି ବାଳିକା ହାଇସ୍କୁଲରେ ଯଥାକ୍ରମେ ମଥୁରା ଓ ଗୋପପୁର କଳାକାରଙ୍କ ପୂର୍ବାଭ୍ୟାସ ଆରମ୍ଭ ହୋଇଥିଲା । ଗୋପପୁର କମିଟି ଆବାହକ ତଥା ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଏହାର ଶୁଭାରମ୍ଭ କରିଥିଲେ । ଶ୍ରୀକୃଷ୍ଣ ଅଭିନେତା ଆୟୁଷ ବିର୍ତ୍ତିଆ, ବଳରାମ ଅଭିନେତା ଆଶୁତୋଷ କୁମାର ବିର୍ତ୍ତିଆ, ରାଧା ଭୂମିକାରେ ଅଭିନୟ କରୁଥିବା ଶ୍ରୀୟାଂଶୀ ମହାପାତ୍ରଙ୍କ ସମେତ ପ୍ରମୁଖ କଳାକାରମାନେ ଏଥିରେ ଭାଗ ନେଇଥିଲେ । ଏହି ସମୟରେ ଗୋପପୁର ଯାତ୍ରା କମିଟିର ପଦ୍ମଲୋଚନ ମଲ୍ଲିକ, କୃଷ୍ଣଚନ୍ଦ୍ର ମହାପାତ୍ର, ନାରାୟଣ ଭୋଇ, ସୁରେଶ ମହାପାତ୍ର, ରବୀନ୍ଦ୍ର ପୂଜାରୀ, ଦୟାନିଧି ପ୍ରଧାନ, ଈଶ୍ୱର ବାଗ, ଅଗ୍ନି ଥପା, କାର୍ତ୍ତିକ ବୁଢ଼େକ ପ୍ରମୁଖ ଉପସ୍ଥିତ ଥିଲେ ।



ବରଗଡ଼ ଗାନ୍ଧୀଛକ କଲ୍ୟାଣ ମଣ୍ଡପରେ ମଥୁରା କଳାକାରଙ୍କ ପୂର୍ବାଭ୍ୟାସ ଚାଲିଛି ।

# ଗାଧୋଇବା ବେଳେ ପାଣିରେ ବୁଡ଼ି ବୃଦ୍ଧ ମୃତ

**ଧମା, ୧୭।୧୨ (ଡି.ଏନ.ଏ)**

ମହାନଦୀରେ ଗାଧୋଉଥିବା ବେଳେ ବୁଡିଯିବାରୁ ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ଦେଓଗାଁର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେଓଗାଁର ଗୋବିନ୍ଦ ମାଝୀ (୬୦)। ସେ ସୋମବାର ସନ୍ଧ୍ୟାରେ ନିକଟସ୍ଥ ମହାନଦୀର ଆମ୍ବଘାଟକୁ ଗାଧୋଇବା ପାଇଁ ଯାଇଥିଲେ । ମାତ୍ର ନ ଫେରିବାରୁ ପରିବାର ଲୋକେ ମଙ୍ଗଳବାର ସକାଳେ ଖୋଜାଖୋଜି କଲାବେଳେ ପାଣିରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ । ଏ ନେଇ ମୃତକଙ୍କ ଭାଇ ଲକ୍ଷ୍ମଣ ଧମା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୧/୧୯) ରୁଜୁ କରାଯାଇଥିବା ଏଏସଆଇ ଶ୍ୟାମ କୁମାର ଭୋଇ କହିଛନ୍ତି।




### ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟ- ୨୦୧୯

# ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ କାନ୍ଦୁଲଝର ବିଜୟୀ



ଅତିଥିଙ୍କ ଦ୍ୱାରା ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି ।

**ସିନାପାଲି,୧୭।୧୨(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକସ୍ଥିତ ସିଙ୍ଗଝର ରାଜିବ ନାଏକ ଖେଳ ପଡିଆଠାରେ ଚାଲିଥିବା ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ବରଗଡ ଜିଲା ବରପାଲି ଏକାଦଶକୁ ହରାଇ କଳାହାଣ୍ଡି ଜିଲା କାନ୍ଦୁଲଝର ଏକାଦଶ ବିଜୟୀ ଲାଭ କରିଛି । ମ୍ୟାଚରେ ବରପାଲି ଏକାଦଶ ଟସଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୮ ଓଭରରେ ୭ ଉଇକେଟ ବିନିମୟରେ ୧୨୨ ରନ ସଂଗ୍ରହ କରିଥିଲା । ଜବାବରେ କାନ୍ଦୁଲଝର ଏକାଦଶ ୧୩.୫ ଓଭରରେ ୭ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରି ବିଜୟୀ ଲାଭ କରିଥିଲା । କାନ୍ଦୁଲଝର ଏକାଦଶର ଅଲରାଉଣ୍ଡର କ୍ରିଷ୍ଣା କୁମାର ରାଉତ ୨୨ ବଲର ସମ୍ମୁଖିନ ହୋଇ ୬୫ ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚ ପରିଚାଳନା ଦାୟିତ୍ୱରେ ପିୟୋଜ କସ୍ୟପ ଓ ବଲୁ ଖାନ ଦାୟିତ୍ୱ ନିର୍ବାହ କରିଥିଲେ । ସ୍କୋରର ଭାବେ ମାନସରଞ୍ଜନ କଶ୍ୟପ ରହିଥିଲେ । ମ୍ୟାଚରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ସମ୍ମାନିତ ଅତିଥି ଭାବେ ସର୍ବଭାରତୀୟ ମଜଦୁର ସଂଘ ନୂଆପଡା କଳାହାଣ୍ଡି ଶାଖାର ସମ୍ପାଦକ ବିରଞ୍ଚି ନାରାୟଣ ପଣ୍ଡା, ଭରୁଆମୁଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରତିନିଧି ବିରଞ୍ଚିନାରାୟଣ ଜଗତ, ଟୁର୍ନାମେଣ୍ଟ ସମ୍ପାଦକ ଦେବେନ୍ଦ୍ର କଶ୍ୟପ, ସହସମ୍ପାଦକ ଶ୍ୟାମ ନିଆଲ, ଦେବେନ୍ଦ୍ର ନାଏକ ପ୍ରମୁଖ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅଞ୍ଚଳର କ୍ରୀଡାର ବିକାଶ ଦିଗରେ ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟ ଯେଉଁ ଭଳି ଉଦ୍ୟମ ଜାରି ରଖିଛି ତାହା ବେଶ ପ୍ରଶଂସନୀୟ ବୋଲି ଏହି ଅବସରରେ ମୁଖ୍ୟଅତିଥି କହିଥିଲେ।




# ଚିକିତ୍ସାଧୀନ ନାବାଳିକାଙ୍କୁ ଦୁର୍ବ୍ୟବହାର କରି ଯୁବକ ଗିରଫ

**ରେଢାଖୋଲ,୧୭।୧୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣେ ନାବଳିକା ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଚାରମାଳ ଥାନା ଅନ୍ତର୍ଗତ ଖୁବେଲ ଗ୍ରାମର ରବିନ୍ଦ୍ର ମାଝି(୨୪)। ପୋଲିସ ଏ ନେଇ ଦଫା ୩୫୪(କ) ଓ ପକ୍ସୋ ଆକ୍ଟର ଧାରା ୮ ରେ ଏକ ମାମଲା (ନଂ. ୨୯୩/୧୯) ରୁଜୁ କରି ମଙ୍ଗଳବାର ଅଭିଯୁକ୍ତ ଯୁବକଙ୍କୁ ସମ୍ବଲପୁର ସ୍ୱତନ୍ତ୍ର ଅଦାଲତକୁ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ପୋଲିସ ସୂଚନା ଅନୁସାରେ, ସ୍ଥାନୀୟ ହାଇସ୍କୁଲରେ ପଢୁଥିବା ଜଣେ ନାବାଳିକା ଛାତ୍ରୀ ଅସୁସ୍ଥ ହୋଇ ଡାକ୍ତରଖାନାରେ ଗତ ୩ଦିନ ହେବ ଚିକିତ୍ସିତ ହେଉଥିଲେ। ସୋମବାର ରାତିରେ ଛାତ୍ରୀ ଜଣକ ଶୌଚ ପାଇଁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଯୁବକ ଜଣକ ଶୌଚାଳୟ ଭିତରକୁ ପଶି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଛାତ୍ରୀ ଜଣକ ଭୟଭୀତ ହୋଇ ପାଟି କରିବାରୁ ଛାତ୍ରୀଙ୍କ ପରିବାର ଲୋକେ ଯୁବକଙ୍କୁ କାବୁ କରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ଡାକ୍ତରଖାନାକୁ ପହଞ୍ଚି ଯୁବକଙ୍କୁ ଗିରଫ କରିଥିଲା।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ବରପାଲି,୧୭।୧୨ (ଡି.ଏନ.ଏ.)**

ନିଖୋଜ ଥିବା ବରଗଡ଼ ଜିଲା ବରପାଲି ଦୁବେପଡ଼ାର ଭକ୍ତ ଦୀପ(୨୫) ନାମକ ଜଣେ ଯୁବକଙ୍କ ମୃତଦେହ ବୁଧବାର ଉଦ୍ଧାର ହୋଇଛି। ମିଳିଥିବା ସୂଚନା ମୁତାବକ, ଗତ ବୁଧବାର ଭକ୍ତ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କ କୌଣସି ପତ୍ତା ପାଇ ନ ଥିଲେ। ଏନେଇ ତାଙ୍କ ଭାଇ ନରେନ୍ଦ୍ର ଦୀପ ଥାନାରେ ଏକ ଏତଲା ଦେଇଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ହେଲେ ଘଟଣାର ସପ୍ତାହ ପରେ ମଙ୍ଗଳବାର ସକାଳେ ନିକଟସ୍ଥ ପଣ୍ଡା କଟା ହୁଡାରେ ଭକ୍ତଙ୍କ ମୃତଦେହ ପଡି ଦୁର୍ଗନ୍ଧ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ବରପାଲି ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପରିବାର ଲୋକେ ମୃତଦେହ ଚିହ୍ନଟ ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଥିଲା। ଏନେଇ ବରପାଲି ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୪/୨୦୧୯) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ଭକ୍ତଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ସନ୍ଦେହ ପ୍ରକାଶ ପାଇଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଆମକୁ ପାପ କାର୍ଯ୍ୟ କରିବାରେ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।
- ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ବଣିକ ସଂଘର କର୍ମକର୍ତ୍ତା ଚୟନ

ପଦ୍ମପୁର,୧୭।୧୨(ଡି.ଏନ.ଏ)- ସ୍ଥାନୀୟ ରାମୋଜୀ କଲ୍ୟାଣ ମଣ୍ଡପଠାରେ ପଦ୍ମପୁର ବଣିକ ସଂଘର କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରତାପ କୁମାର ମିଶ୍ର, ସମ୍ପାଦକ ନନ୍ଦକିଶୋର ଅଗ୍ରୱାଲ, କୋଷାଧ୍ୟକ୍ଷ ସୁଶିଲ କୁମାର ଅଗ୍ରୱାଲ, ଉପସଭାପତି ସୁନିଲ କୁମାର ଅଗ୍ରୱାଲ(୧), ସହସମ୍ପାଦକ ସୁନୀଲ କୁମାର ଅଗ୍ରୱାଲ(୨) ଓ ବାବୁଲୁ ଦୋରା ସର୍ବସମ୍ମତିକ୍ରମେ ମନୋନିତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ରାଧାମାଧବ ଦୋରା, ବେଣୁମାଧବ ଦୋରା, ଗଜାନନ ଶର୍ମା, କୈଳାସ ଚନ୍ଦ୍ର ଅଗ୍ରୱାଲ ରହିଛନ୍ତି ।

### ୧୯୯୯ ବ୍ୟାଚର ବନ୍ଧୁମିଳନ

ଜାମଟିକ୍ରା,୧୭।୧୨(ଡି.ଏନ.ଏ.): ଅତାବିରା ବ୍ଲକ ପତ୍ରାପାଲି ପଞ୍ଚାୟତ ହାଇସ୍କୁଲର ୧୯୯୯ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ପପଙ୍ଗା ପାହାଡ଼ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଛାତ୍ରୀଛାତ୍ର ଯୋଗଦେଇ ହାଇସ୍କୁଲ ଜୀବନର ସ୍ମୃତି ଚାରଣ କରିଥିଲେ। ଏପରି କି ଆଗକୁ ବିଭିନ୍ନ ଜନସେବା କାମ କରିବାକୁ ଆଲୋଚନା ହୋଇଥିଲା। ଆବାହକ ଅଧ୍ୟାପକ ରମେଶ ନନ୍ଦଙ୍କ ଆବାହକତ୍ୱରେ ଅନୁଷ୍ଠିତ ଆଲୋଚନାରେ ୧୯୯୯ ବ୍ୟାଚର ଏକ ୱେବସାଇଟ ଖୋଲିବାକୁ ନିଷ୍ପତ୍ତି ହୋଇଥିଲା। ଅନ୍ୟପକ୍ଷେ ଗରିବ ରୋଗୀଙ୍କୁ ଆର୍ଥିକ ସହଯୋଗ ପ୍ରଦାନ ସହ ରକ୍ତଦାନ ଶିବିର ଆୟୋଜନ କରିବାକୁ କୁହାଯାଇଥିଲା।

### ଆତ୍ମସୁରକ୍ଷା ଶିବିର ଉଦ୍‌ଘାଟିତ

ପାଇକମାଲ,୧୭।୧୨(ଡି.ଏନ.ଏ.): ବରଗଡ଼ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜ ଅଧକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଏକ ଆତ୍ମସୁରକ୍ଷା ଶିବିର ଉଦଘାଟିତ ହୋଇଯାଇଛି । ସଂଯୋଜିକା ଝୁମିନା ପ୍ରଧାନ ଆତ୍ମସୁରକ୍ଷା ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ନାରୀ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏପରି କି ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ ଉପାଦେୟତା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସଂଯୋଜିକା ଅନୁପମା ବାରିକ, ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା, ନିରାକାର ରାଉତ, ବିଜୟ କୁମାର ମେହେର, ଦେବକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷିକା ଝୁଲନା ସିଦାର ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରୁଛନ୍ତି।

# ଧାନ ବିକି ମିଳିନି ପ୍ରାପ୍ୟ

## କନ୍ଧମାଳରେ ଚାଷୀ ଅଶାନ୍ତି

କଣ୍ଟାମାଳ,୧୭।୧୨(ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକରେ ଧାନ ବିକି ୧୦ ଦିନ ହେଲା ଚାଷୀ ପ୍ରାପ୍ୟ ପାଇନାହାନ୍ତି। ସେହିପରି ସମସ୍ତ ମଣ୍ଡିରେ ବ୍ୟାପକ କଟନୀଛଟନୀ ହେଉଥିବା ବେଳ ଟୋକନ ପ୍ରଦାନରେ ମଧ୍ୟ ବିଳମ୍ବ ହେଉଛି । ଏ ନେଇ ବିଭିନ୍ନ ପ୍ୟାକ୍ସରେ ଚାଷୀ ଅସନ୍ତୋଷ ପ୍ରକାଶ ପାଇଛି ।

ସୂଚନା ଅନୁସାରେ, ଗତ ୫ ତାରିଖରେ ଚାଷୀ ତପସ୍ୱିନୀ ସାହୁ ରୁଣ୍ଡିମହୁଲ ପ୍ୟାକ୍ସରେ ୫୧ କୁଇଣ୍ଟାଲ ଧାନ ବିକିଥିଲେ । ସେହିପରି ୭ରେ ରବୀନ୍ଦ୍ର କର୍ଣ୍ଣ ୭୦କୁଇଣ୍ଟାଲ ଓ ୯ରେ କୁଳମଣି କର୍ଣ୍ଣ ୭୨ କୁଇଣ୍ଟାଲ ଧାନ ବିକିଥିଲେ । ଧାନ ବିକ୍ରିର ୧୦ ଦିନ ବିତିଯାଇଥିଲେ ମଧ୍ୟ ଏଯାଏ ପ୍ରାପ୍ୟ ପାଇନାହାନ୍ତି । ଏହି ପ୍ୟାକ୍ସର ଶିଶିର ଖଟୁଆ ଗତ ୬ ତାରିଖରେ ଧାନ ବିକ୍ରି କରିଥିଲେ। ସେ ମଧ୍ଯ ପ୍ରାପ୍ୟ ପାଇଁ ବ୍ୟାଙ୍କକୁ ଦୌଡୁଛନ୍ତି । ସେଭଳି ମନମୁଣ୍ଡା, ଯୋଗୀନ୍ଦ୍ରପୁର, ଲୋକାପଡା, ଘଣ୍ଟାପଡା, କୁଲତାଯୋର ପ୍ୟାକ୍ସରେ ଶତାଧିକ ଚାଷୀ ଠିକ ସମୟରେ ପ୍ରାପ୍ୟ ପାଇ ନାହାନ୍ତି । ସରକାର ଧାନ ବିକ୍ରିର ୨୪ ଘଣ୍ଟା ଭିତରେ ପ୍ରାପ୍ୟ ପାଇବା ପାଇଁ ନିଶ୍ଚିତ କରିଥିଲେ ମଧ୍ୟ ଏଥିରେ ବିଭାଗ ବିଫଳ ହୋଇଛି। ଅନ୍ୟପକ୍ଷେ ଶହ ଶହ ଚାଷୀ ଦରଖାସ୍ତ ଦେଇଥିଲେ ମଧ୍ୟ ଟୋକନ ମିଳିନାହିଁ । ପ୍ୟାକ୍ସ ସମ୍ପାଦକ ତାଙ୍କୁ ସୁହାଇଲା ଭଳି ଚାଷୀଙ୍କ ତାଲିକା ମୁଖ୍ୟ କାର୍ଯ୍ୟାଳୟକୁ ପଠାଉଛନ୍ତି । ସିମିଳିପଦର ପ୍ୟାକ୍ସରେ ଆନ୍ଦୋଳନ ଧମକ ପରେ ମଙ୍ଗଳବାର ୪ ଜଣ ଚାଷୀଙ୍କ ନୂତନ ଟୋକନ ଜେନେରେଟ ହୋଇଛି । ସବୁଠୁ ଆଶ୍ଚର୍ଯ୍ୟର ବିଷୟ ଖଟଖଟିଆ ମଣ୍ଡିରେ ଗଣ୍ଡଗୋଳ ହେବା ପରେ କ୍ରୟ ଦିବସ ନ ଥାଇ ଧାନ କିଣା ସୋମବାର ଯାଏଁ ଚାଲିଥିଲା। ସିମିଳିପଦର ପ୍ୟାକ୍ସରେ ୨ଟି ପଞ୍ଚାୟତ ପାଇଁ ଗୋଟିଏ ଦିନ ଧାନକିଣା ହେଉଥିବା ବେଳେ ଉକ୍ତ ପ୍ୟାକ୍ସ ପରିଚାଳିତ ମଣ୍ଡିରେ ୨ ଦିନ ଧାନ କ୍ରୟ ହେଉଛି । ଏଠାରେ ଅତିରିକ୍ତ ଆଉ ଗୋଟିଏ ଦିନ ଧାନ କ୍ରୟ ପାଇଁ ଦାବି ହେଉଛି । ଜିଲା ଯୋଗାଣ ବିଭାଗ ପ୍ରତ୍ୟହ ୧ହଜାର କୁଇଣ୍ଟାଲ ଧାନ କ୍ରୟ ନିମନ୍ତେ ନିର୍ଦ୍ଦେଶ ଦେଇଥିବା ସ୍ଥଳେ ଅନେକ ପ୍ୟାକ୍ସରେ ୫ରୁ ୬ ଶହ କୁଇଣ୍ଟାଲ ଧାନ କ୍ରୟ କରାଯାଉଛି। ବାଧ୍ୟତାମୂଳକ ଭାବେ ୩ କେଜି କଟନୀ ଛଟନୀ ହେଉଥିବା ବେଳେ ଏହା ଉପରେ ମଧ୍ୟ କୁଇଣ୍ଟାଲ ପିଛା ୫ରୁ ୬ କେଜି କଟା ହେଉଛି । ଫଳରେ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ନେଇ କୃଷକ ସଙ୍ଗଠକ କେଶବ ମାଝୀ କହିଛନ୍ତି, ଚଳିତ ଖରିଫ ଋତୁରେ ଧାନକିଣା ନେଇ ଘୋର ଅବ୍ୟବସ୍ଥା ଦେଖା ଦେଇଛି । ଏ ଦିଗରେ ପ୍ରଶାସନ ଶୀଘ୍ର ପଦକ୍ଷେପ ନେବା ଜରୁରୀ ହୋଇ ପଡିଛି । ଅପରପକ୍ଷେ ଭାରପ୍ରାପ୍ତ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନ କହିଛନ୍ତି, ଜିଲା ବାହାର ମିଲର୍ସ ଧାନ ଉଠେଇବା ଆରମ୍ଭ କଲେଣି । ଆଗକୁ ଦୈନିକ ୨ ହଜାର କୁଇଣ୍ଟାଲ କିଣାଯିବା ବ୍ୟବସ୍ଥା କରାଯିବ ।

## ଓଡ଼ିଶାକୁ ସ୍ୱତନ୍ତ୍ର ପ୍ୟାହା ଦାବି

# ପଦଯାତ୍ରୀଙ୍କୁ ସମ୍ବର୍ଦ୍ଧନା



ଭେଡ଼େନ ବ୍ଲକ ଅଫିସରେ ପଦଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଭେଡ଼େନ,୧୭।୧୨(ଡି.ଏନ୍.ଏ.)

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପ୍ୟାହା ଦାବି, ପୋଲାଭରମ ପ୍ରକଳ୍ପ ବନ୍ଦ, ମହାନଦୀ ଜଳବିବାଦର ସମାଧାନ ଦାବି ନେଇ ପଦଯାତ୍ରାରେ ବାହାରିଥିବା ସତ୍ୟବ୍ରତ ଦାସ ମଙ୍ଗଳବାର ବରଗଡ଼ ଜିଲା ଭେଡ଼େନ ବ୍ଲକରେ ପହଞ୍ଚିଥିଲେ। ଜଗତସିଂହପୁର ଜିଲା ବାଲିକୁଦା ବ୍ଲକର ସତ୍ୟବ୍ରତ ଗତ ଜୁଲାଇ ୧୦ ତାରିଖରୁ ପଦଯାତ୍ରା ଆରମ୍ଭ କରି ବର୍ତ୍ତମାନ ସୁଦ୍ଧା ୧୫୯ ଦିନ ଯାତ୍ରା ସମ୍ପୂର୍ଣ୍ଣ କରି ୧୧୩ଟି ବ୍ଲକ ପରିକ୍ରମା କରିଛନ୍ତି। ଭେଡ଼େନ ବ୍ଲକରେ ପହଞ୍ଚିବା ପରେ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ବିଡ଼ିଓ ମୁରଲୀଧର ନାୟକ,ସିଡ଼ିପିଓ ଝୁନୁ କୁମାରୀ ପାତ୍ର, ଜିପିଓ ଗିରିନ୍ଦ୍ର ସାହୁ, ସରପଞ୍ଚ ସୁଶାନ୍ତ ପ୍ରଧାନ, ପୁରୁଷୋତ୍ତମ ସାହୁ, ନିର୍ବାହୀ ଅଧିକାରୀ ଧିରେନ୍ଦ୍ର ସାହୁ, ରବି ମେହେର, ଯୁବନେତା ବଳରାମ ଛନ୍ଦ, ସୁରେନ୍ଦ୍ର କର୍ମୀ, ଜଗଦିଶ ସୁନା, ଜିଆରଏସ୍ ସୁରେନ୍ଦ୍ର ପଣ୍ଡା, ସୁଜିତ ଶତପଥୀ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ସତ୍ୟବ୍ରତ ଭେଡ଼େନରେ ରାତ୍ର ରହଣି ପରେ ବୁଧବାର ବରଗଡ଼ ବ୍ଲକ ଅଭିମୁଖେ ଯାତ୍ରା କରିବେ।

# ଛାତ୍ରୀଛାତ୍ରଙ୍କୁ ଫେରାଇନେଲେ ଅଭିଭାବକ

## ୨ ଦିନ ହେଲା ସ୍କୁଲରେ ଶିକ୍ଷକ ନାହାନ୍ତି

ଗଣ୍ଡତୁରୁମ/ଭେଡେନ, ୧୭।୧୨ (ଡି.ଏନ୍.ଏ)

ବରଗଡ଼ ଜିଲା ଭେଡେନ ବ୍ଲକ ମାନପୁର ପଞ୍ଚାୟତ ଅନ୍ତର୍ଗତ ମହଲାକଣ୍ଠା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ୨ ଦିନ ହେଲା ବିନା ଶିକ୍ଷକରେ ଚାଲିଛି । ଫଳରେ ଅଭିଭାବକମାନେ ମଙ୍ଗଳବାର ସ୍କୁଲରେ ପହଞ୍ଚି ଶିକ୍ଷୟିତ୍ରୀ, ଶିକଙ୍କୁ ନ ପାଇ ଛାତ୍ରୀଛାତ୍ରଙ୍କୁ ଘରକୁ ନେଇଯିବା ସହ କ୍ଲାସ ରୁମରେ ତାଲା ପକାଇ ଦେଇଥିଲେ। ଅଭିଯୋଗ ମୁତାବକ, ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୭ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ଅଶ୍ୱିନୀ ପଧାନ ଏବଂ ଶ୍ରଦ୍ଧାଞ୍ଜଳି ସିଂ ୨ଜଣ ଶିକ୍ଷକ ଶିକ୍ଷାଦାନ କରୁଥିଲେ। ଅନ୍ୟପକ୍ଷେ ଶିକ୍ଷା ବିଭାଗ ସ୍କୁଲର ପ୍ରଧାନ ଶିକ୍ଷକ ପଧାନଙ୍କୁ ଗତ ଅକ୍ଟୋବର ୨୭ତାରିଖରେ ନିଲମ୍ବିତ କରାଯାଇଛି। ତେବେ ଜଣେମାତ୍ର ଶିକ୍ଷୟିତ୍ରୀ ସ୍କୁଲରେ କାର୍ଯ୍ୟ ତୁଲାଉଥିଲେ । ସେ ସୋମବାରଠାରୁ ଛୁଟିରେ ଥିବାରୁ ୨ଦିନ ହେଲା ସ୍କୁଲରେ କୌଣସି ଶିକ୍ଷକ ନାହାନ୍ତି। ଏପରି କି ୨ଦିନ ହେଲା ସ୍କୁଲରେ ମଧ୍ୟାହ୍ନ ଭୋଜନ ବନ୍ଦ ରହିଛି । ଶିକ୍ଷକ ନିଯୁକ୍ତି ଦାବି କରିବା ସହିତ ଶିକ୍ଷାଦାନ ଅବ୍ୟାହତ ରଖିବାକୁ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ, ସ୍ଥାନୀୟ ବିଧାୟିକାଙ୍କ ଦ୍ୱାରସ୍ଥ ହୋଇଥିଲେ। ତୁରନ୍ତ ସମସ୍ୟାର ସମାଧାନ ଦାବି ପୂରଣ ପ୍ରତିଶ୍ରୁତି ଦେଇଥିଲେ । ଦାବି ପୂରଣ ନ ହେବାରୁ ଏହିଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସ୍କୁଲ ପରିଚାଳନା କମିଟି ସଭାପତି ମାନଭଞ୍ଜନ ବେହେରା ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ବ୍ଲକ ସହ ଶିକ୍ଷା ଅଧିକାରୀ ଅଭିମନ୍ୟୁ ଭୋଇଙ୍କୁ ଯୋଗାଯୋଗ କରିବାରୁ ଘଟଣା ସମ୍ପର୍କରେ ଅବଗତ ରହିଛି। ଜଣେ ଶିକ୍ଷୟିତ୍ରୀଙ୍କୁ ଡେପୁଟେଶନରେ ପଠାଇଯାଇଥିଲା। ହେଲେ ତାଙ୍କୁ ଫେରାଇ ଦିଆଯାଇଥିଲା। ଅନ୍ୟପକ୍ଷେ ଛୁଟିରେ ଥିବା ଶିକ୍ଷୟିତ୍ରୀ ମଧ୍ଯ ସ୍କୁଲରେ ଯୋଗଦାନ କରିବେ ବୋଲି କହିଥିଲେ।



ସ୍କୁଲରେ ଶିକ୍ଷକ ନ ଥିବାରୁ ଅଭିଭାବିକାମାନେ ପିଲାଙ୍କୁ ଘରକୁ ନେଇ ଯାଉଛନ୍ତି।

# ପୁତନା ନିଧନ, କଂସ ମର୍ମାହତ

## ଥୁଆପାଲି ଧନୁଯାତ୍ରା ନନ୍ଦୋତ୍ସବ

ଭେଡ଼େନ,୧୭।୧୨(ଡି.ଏନ୍.ଏ.): ବରଗଡ଼ର ଜିଲା ଭେଡ଼େନ ବ୍ଲକ ଥୁଆପାଲି ନିକଟସ୍ଥ କପାବାରି ପଡ଼ିଆରେ ଚାଲିଥିବା ଧନୁଯାତ୍ରା ମହୋତ୍ସବର ମଙ୍ଗଳବାର ଥିଲା ପଞ୍ଚମ ସନ୍ଧ୍ୟା। ସନ୍ଧ୍ୟାରେ ପରିବେଷିତ ହୋଇଥିଲା ଗୋପପୁରରେ ନନ୍ଦୋତ୍ସବ, ପୁତନା ନିହତ, ମଥୁରାପୁରରେ କଂସଙ୍କ ନଗର ପରିକ୍ରମା, ପୁତନା ମୃତ୍ୟୁରେ କଂସ ମର୍ମାହତ, ଅଷ୍ଟମଲ୍ଲ ଆବାହନ, ଗୋପପୁରକୁ ପ୍ରେରଣ ଆଦି ନଟ୍ୟାଭିନୟ ଅଭିନିତ ହୋଇଥିଲା। କଂସ ଭୂମିକାରେ ଗୋପାଳ ପଣ୍ଡାଙ୍କ ଅଭିନୟ ଆକର୍ଷଣର କେନ୍ଦ୍ର ହୋଇଥିବା ବେଳେ କୃଷ୍ଣ ସ୍ୱୟଂଶାନ୍ତ ଦାଶ, ବଳରାମ ଓମ ପ୍ରକାଶ ଖମାରୀ, ନନ୍ଦରାଜା କାର୍ତ୍ତିକ ପୋଢ, ନନ୍ଦରାଣୀ ରାଧିକା ପୋଢ଼ ପ୍ରମୁଖ ଅଭିନୟ କରୁଛନ୍ତି।

# ମକର ସଂକ୍ରାନ୍ତି ପାଳନ ପ୍ରସ୍ତୁତି ବୈଠକ

ଘଣ୍ଟାପଡା, ୧୭।୧୨ (ଡି.ଏନ.ଏ)

ବୌଦ୍ଧ ଜିଲା ଖୁଣ୍ଟିଗୋରା ଗ୍ରାମପଞ୍ଚାୟତ ବନ୍ଧଗୋରା ସ୍ଥିତ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଆସନ୍ତା ମକର ସଂକ୍ରାନ୍ତି ପାଇଁ ଶ୍ରୀ ଶ୍ରୀ ଧବଳେଶ୍ୱର ସଂକ୍ରାନ୍ତି ଜାଗରଣ କମିଟି ସଭାପତି ଗଙ୍ଗାଧର ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଛି । ଆସନ୍ତା ଜାନୁୟାରୀ ୧୫ ତାରିଖରେ ମକର ସଂକ୍ରାନ୍ତି ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ହେବାକୁ ସଭାରେ ସ୍ଥିର କରାଯାଇଥିଲା । ଉକ୍ତ ସଭାରେ ସମ୍ପାଦକ ଭକ୍ତ ସାହୁ ନାମଯଜ୍ଞର ବଜେଟ ଉପସ୍ଥାପନ କରିଥିଲେ। ଏହି ନାମଯଜ୍ଞରେ ପଣ୍ଡିତ ରାଜାରାମ ଦାଶ ପୂଜା ଏବଂ ଯଜ୍ଞକାର୍ଯ୍ୟ ତୁଲାଇବା ନେଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ନାଗର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଖୁଣ୍ଟିଗୋରା, ବନ୍ଧଗୋରା, ଗୋଛାଗୋରା, ମସିଣାଗୋରା, ଖଇରମାଳ, ଲଣ୍ଡାଗାଁର ସଦସ୍ୟ ଉପସ୍ଥିତ ଥିଲେ ।

## ଭାରତୀୟ ଜୀବନ ବୀମା ନିଗମ ପଦ୍ମପୁର ଶାଖା

# ନୂତନ ଅଫିସ ଗୃହ ଶିଳାନ୍ୟାସ ଉତ୍ସବ




ପଦ୍ମପୁର ଶାଖାର ନୂତନ ଅଫିସ ଗୃହର ଶିଳାନ୍ୟାସ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ପଦ୍ମପୁର,୧୭।୧୨(ଡି.ଏନ.ଏ):

ଭାରତୀୟ ଜୀବନ ବୀମା ନିଗମ ପଦ୍ମପୁର ଶାଖାର ନୂତନ ଅଫିସ ଗୃହର ଶିଳାନ୍ୟାସ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବ କେନ୍ଦ୍ରୀୟ ପ୍ରବନ୍ଧକ ମହେନ୍ଦ୍ର କୁମାର ଏହାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ପଦ୍ମପୁର ଶାଖାର କର୍ମକର୍ତ୍ତା ତଥା କର୍ମଚାରୀ ପୂର୍ବ କେନ୍ଦ୍ରୀୟ ପ୍ରବନ୍ଧକ ମହେନ୍ଦ୍ରଙ୍କୁ ସ୍ୱାଗତ କରି ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ପାଟଣାଗଡ ରାସ୍ତାରେ ଥିବା ନୂତନ ଅଫିସ ଗୃହକୁ ପାଛୋଟି ଅଣାଯାଇଥିଲା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମୁଖ୍ୟଯନ୍ତ୍ରୀ ଅଶୋକ କୁମାର, ସମ୍ବଲପୁର ମଣ୍ଡଳ ପ୍ରବନ୍ଧକ ମନୋଜ କୁମାର ପଣ୍ଡା, ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନୁରେ ବତନ, ମଣ୍ଡଳ ପ୍ରବନ୍ଧକ(ବିକ୍ରୟ) ଅମୂଲ୍ୟ କୁମାର, ବୈଦ୍ୟନାଥ ହାତୀ, ମଣ୍ଡଳ ପ୍ରବନ୍ଧକ(ମୁଖ୍ୟ ବୀମା ପରାମର୍ଶଦାତା) ଭକ୍ତଚରଣ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ । ଏପରି କି ଶିଳାନ୍ୟାସ ଉତ୍ସବରେ କବି ପଦ୍ମଶ୍ରୀ ହଳଧର ନାଗ, ବରିଷ୍ଠ ନାଟ୍ୟକାର ତଥା ପ୍ରଫେସର କେଶରଞ୍ଜନ ପ୍ରଧାନ, ଶଙ୍କର ରାମଚନ୍ଦାନୀ, ସୁଶିଲ କୁମାର ସାହୁ, ପୁରନ୍ଦର ଦୋରା ଏବଂ ଦେବେନ୍ଦ୍ର କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା । ପଦ୍ମପୁର ଶାଖା ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଏମ୍‌ଡିଆର୍‌ଟି ଶାନ୍ତନୁ କୁମାର ମିଶ୍ର, ଦେବେନ୍ଦ୍ର ସାହୁ, ଭରତ ସାହୁ, ଜଗଦୀଶ ନାଗ ଏବଂ ଦିଲୀପ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ପଦ୍ମପୁର ଶାଖାର ବିଭୂତିଭୂଷଣ ମହାପାତ୍ର, ମନୋରଞ୍ଜନ ପ୍ରଧାନ, ପୀତାମ୍ବର ବାଗ, ବିନୀତ ଜୈନ, ନୀଳମଣି ଦାଶ, ନିରଞ୍ଜନ ଦାଶ, ଓକିଲ ଶତପଥୀ ଦୁର୍ଗାଚରଣ ଛନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଣ୍ଡଳ ପ୍ରବନ୍ଧକ(ବିକ୍ରୟ)ଅମୂଲ୍ୟ କୁମାର ପାଢ଼ୀଯୋଶୀ ସଭା ପରିଚାଳନା କରିଥିବାବେଳେ ସମ୍ବଲପୁର ମଣ୍ଡଳ ପ୍ରଶାସନିକ ଅଧିକାରୀ ମନୋଜ ବାରିକ ସଭା ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଶାଖା ପରିଚାଳକ ଝସକେତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ

## ନୂତନ ଅଙ୍ଗନୱାଡି କର୍ମୀ ନିଯୁକ୍ତି ଦାବି

ଗୁଡଭେଲିପଦର, ୧୭।୧୨ (ଡି.ଏନ.ଏ)

କଣ୍ଟାମାଳ ବ୍ଲକ ଗୁଡଭେଲିପଦର ଗ୍ରାମପଞ୍ଚାୟତ ଉଛବାହାଲି ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ସ୍ଥାୟୀ କର୍ମୀ ନ ଥିବାରୁ ହିତାଧିକାରୀ ସରକାରୀ ଯୋଜନାର ସୁଫଳ ପାଇପାରୁନାହାନ୍ତି। ସେହିପରି ଶିଶୁମାନଙ୍କ ପାଠପଢାରେ ବାଧା ଉପୁଜୁଛି। ଫଳରେ ନୂତନ କର୍ମୀ ନିଯୁକ୍ତି ଦାବି କରି ଗ୍ରାମବାସୀ ମଙ୍ଗଳବାର ଉକ୍ତ କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି। ସୂଚନା ଅନୁସାରେ, ଏହି ଅଙ୍ଗନୱାଡି କେନ୍ଦ୍ରରେ ସଞ୍ଜୁଲତା ଭୋଇ ନିଯୁକ୍ତି ପାଇଥିଲେ । କିନ୍ତୁ ତାଙ୍କ କାର୍ଯ୍ୟରେ ଗ୍ରାମବାସୀ ଅସନ୍ତୁଷ୍ଟ ହୋଇ ତାଙ୍କୁ ବିରୋଧ କରିଥିଲେ । ଫଳରେ ସିଡିପିଓଙ୍କ ହସ୍ତକ୍ଷେପରେ ତାଙ୍କ ସ୍ଥାନରେ ଅଙ୍ଗନୱାଡି କର୍ମୀ ମାଧବୀ ବାରିକଙ୍କୁ ୨୦୧୬ ଜୁନ ୨୩ରେ ଦାୟିତ୍ୱ ଦିଆଯାଇଥିଲା । କିନ୍ତୁ ଉକ୍ତ କର୍ମୀ ଦୁଇଟି କେନ୍ଦ୍ର ଦାୟିତ୍ୱରେ ଥିବାରୁ ଶିଶୁମାନଙ୍କ ପାଠପଢ଼ାରେ ଅସୁବିଧା ହେଉଛି । ସେଥିପାଇଁ ନୂତନ କର୍ମୀ ନିଯୁକ୍ତି କରିବା ପାଇଁ ଦାବି କରି ଗ୍ରାମବାସୀ ବହୁବାର ସିଡିପିଓ, ଜିଲାପାଳଙ୍କୁ ଅଭିଯୋଗ କରିଥିଲେ । ଏ ଦିଗରେ ସୁଫଳ ନ ମିଳିବାରୁ ଶେଷରେ କେନ୍ଦ୍ରରେ ତାଲା ପକାଇଛନ୍ତି । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଦାବି ହେଉଛି ।



# ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ପଦ୍ମପୁର,୧୭।୧୨(ଡି.ଏନ.ଏ.)

ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ମଙ୍ଗଳାବର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ସେବାଶ୍ରୀ ଭୋଇ ଏଥିରେ ଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ସରସ୍ୱତୀ ଭୋଇ, ସିଆରସିସି ଶେଷଦେବ ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୃନ୍ଦାବନ ଦାଶ ସଭା କାର୍ଯ୍ୟ ସଂଯୋଜନା କରିଥିବା ବେଳେ ହିନ୍ଦୀ ଶିକ୍ଷକ ସୁରେନ୍ଦ୍ର କୁମାର ଭୋଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ପ୍ରେମାନନ୍ଦ ବେହେରା ପୁରସ୍କାର ବିତରଣରେ ସହାୟତା କରିଥିବା ବେଳେ ବାଦଲ କୁମାର ସେଠୀ, ସୁରେଶ ଚନ୍ଦ୍ର ଚୌହାନ ଓ ଜ୍ୟୋତିରେଖା ମହାନନ୍ଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାରିରୀକ ଶିକ୍ଷା ଶିକ୍ଷୟିତ୍ରୀ ନିଳିମାରାଣୀ ମହାନ୍ତି, କ୍ଷୀରୋଦ୍ର କୁମାର ଦାଶ ପବିତ୍ର ମୋହନ ପ୍ରଧାନ ସମସ୍ତ ପ୍ରତିଯୋଗୀତା ପରିଚାଳନା କରିଥିଲେ । ସୁଷମା ଦାଶ, ବସନ୍ତ ବାଗ, ଦୁଷ୍ମନ୍ତ ଛତର, ନନ୍ଦିନୀ ବାଗ କାର୍ଯ୍ୟକ୍ରମରେ ସହଯୋଗ କରିଥିଲ। ବରିଷ୍ଠ ବର୍ଗରୁ ନବମ ଶ୍ରେଣୀ ଛାତ୍ରୀ ମିଲି ବେହେରା ଓ କନିଷ୍ଠ ବର୍ଗରୁ ପଦ୍ମିନୀ ତାଣ୍ଡିଙ୍କୁ ଚାମ୍ପିୟାନ ଭାବେ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ମୀନତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲ ପରିଚାଳନା କମିଟି ଉପାଧ୍ୟକ୍ଷ ବିଶ୍ୱନାଥ ଦାଶ, ସଦସ୍ୟ ଅଭିମନ୍ୟୁ ପୃଷ୍ଟି ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ନାଟକ, ଲୋକକଳା ମହୋତ୍ସବ ଉଦ୍‌ଯାପିତ

କଣ୍ଟାମାଳ/ଗୁଡଭେଲିପଦର, ୧୭।୧୨ (ଡି.ଏନ.ଏ)

କଣ୍ଟାମାଳ ବ୍ଲକ ଖଟଖଟିଆ ସ୍ଥିତ ଶ୍ରୀ ଜଗନ୍ନାଥ କଳା ମଣ୍ଡପରେ ଷଷ୍ଠ ରାଜ୍ୟସ୍ତରୀୟ ନାଟକ ଓ ଲୋକକଳା ମହୋତ୍ସବ ଉଷତ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଣ୍ଟାମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି, ନାଟ୍ୟକାର ନାଟ୍ୟଭୂଷଣ ପ୍ରଦୀପ ମାଝୀ ମୁଖ୍ୟବକ୍ତା, ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଡବ୍ଲୁଓଡିସି ସଦସ୍ୟ ପ୍ରକାଶ ସାହୁ, କୋରାପୁଟ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ରାଧାଚରଣ ବସ୍ତିଆ ବାର୍ଷିକ ବିବରଣୀ ପଠନ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ଲୋଇସିଂହା, ମୟୁରି ସାଂସ୍କୃତିକ ଅନୁଷ୍ଠାନ ସୁନ୍ଦରଗଡ କଳାକାରଙ୍କ ଲୋକ ନୃତ୍ୟ ଓ ଅଞ୍ଚଳର ଅନ୍ୟକଳାକାରଙ୍କ ଲୋକନୃତ୍ୟକୁ ଦର୍ଶକ ଉପଭୋଗ କରିଥିଲେ। ସକାଳେ ହରଭଙ୍ଗା, କଣ୍ଟାମାଳ ଏବଂ ବୌଦ୍ଧରୁ ଆସିଥିବା କଳାକାରଙ୍କ ଦ୍ୱାରା ସାଂସ୍କୃତିକ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା । ପରେ ସମାଜସେବୀ ଶଙ୍କର୍ଷଣ ପଧାନ ଓ ଶ୍ରୀକାନ୍ତ ମିଶ୍ର ଏହାକୁ ଉଦଘାଟନ କରିଥିଲେ । ସନ୍ଧ୍ୟାରେ ବରଗଡର କଳାକାରଙ୍କ ନାଟକ 'ମୋର କାଁଏ ଦୋଷ' ଓ ବୀଣାପାଣି ସାହିତ୍ୟ ସଂସଦ ବଡକର୍ଲେ ସୋନପୁର କଳାକାରଙ୍କ ନାଟକ 'ନାଇଟ ହସ୍‌ପିଟାଲ' ପରିବେଷିତ ହୋଇଥିଲା । ଉଦଘୋଷିକା ରିମା ମଞ୍ଚ ପରିଚାଳନା କରିଥିଲେ । ଉଷତ୍ କମିଟି ସଭାପତି ଶୈଳେନ୍ଦ୍ର ବସ୍ତିଆ, ସୁଜିତ ପଧାନ, ପ୍ରଭାଂଶୁ ବାରିକଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।






ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି (ବାମ)। ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।



"ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ମା' ମେଟାକାନୀଙ୍କ ବାର୍ଷିକ ପୂଜନୋତ୍ସବ

**ବିନିକା,୧୭।୧୨(ଡି.ଏନ୍.ଏ.):** ବିନିକା ବ୍ଲକ ମହଦାସ୍ଥିତ ମା' ମେଟାକନୀଙ୍କ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ପୂଜକଭାବେ ରସିକ ସାହୁ ଏବଂ କିଶୋର ମାହାର ଦାୟିତ୍ୱ ତୁଲାଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଜୁଲୁଣ୍ଡା ସଂକୀର୍ତ୍ତନ୍ୟ ଦଳ, କଦଳିପାଲିର ଦଣ୍ଡନୃତ୍ୟ ଓ ବଉଦର କୃଷ୍ଣଗୁରୁ ଦଳ ଯୋଗଦେଇଥିଲେ । ଏହାପରେ ଗ୍ରାମରେ ମା'ଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ଏକ ସଭା ଆୟୋଜନ ହୋଇଥିଲା । ଅତିଥିଭାବେ ବୀରେନ୍ଦ୍ର ଶର୍ମା ଯୋଗଦେଇ ସୁଶୀଲ ମହାଲିଙ୍ଗଙ୍କୁ ଜିଲା ଭଜନରତ୍ନ ସମ୍ମାନରେ ସମ୍ମାନୀତ କରିବା ସହିତ ମାନପତ୍ର ପ୍ରଦାନ କରିଥିଲେ ।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ୪୨୦ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

**ବିନିକା,୧୭।୧୨(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଥିବା ଅରବିନ୍ଦ ବିଦ୍ୟାଳୟର ବାର୍ଷିକ କ୍ରୀଡା ମଙ୍ଗଳବାର ଆରମ୍ଭ ହୋଇଛି । ମୁଖ୍ୟ ଅତିଥିଭାବେ ଏନ୍ଏସି ନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକ ଯୋଗଦେଇ ପ୍ରତିଯୋଗୀତାର ଶୁଭାରମ୍ଭ କରିଥିଲେ । କ୍ରୀଡା ପ୍ରତିଯୋଗିତାରେ ୪୨୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଏଥିରେ ଜୁନିୟର ବର୍ଗରେ ୨୩୦ ଓ ସିନିୟର ବର୍ଗରେ ୧୯୦ଜଣ ବିଦ୍ୟାର୍ଥୀ ଅନ୍ତର୍ଭୁକ୍ତ। ସିଦ୍ଧାର୍ଥ ଡିଗ୍ରୀ କଲେଜ ଖେଳପଡିଆରେ ଚାଲିଥିବା ଏହି କ୍ରୀଡା ପ୍ରତିଯୋଗିତାରେ ସିନିୟର ବର୍ଗରେ ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ ଓ ଜୁନିୟରରେ ବେଙ୍ଗଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍କୁଲ ଅଧକ୍ଷ ଅଗସ୍ତି ଚରଣ ଦାଶଙ୍କ ଅଧକ୍ଷତା, ସଭାପତି ବାଂଛାନିଧି ପାତ୍ର, ସମ୍ପାଦକ ଅଜିତ୍ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ କ୍ରୀଡା ଅନୁଷ୍ଠିତ ହୋଇଥିଲା ।

# ମିଲର୍ସ ନ ଆସିଲେ ଧାନ କିଣୁନି ପ୍ୟାକ୍ସ

**ସୋନପୁର,୧୭।୧୨(ନି.ପ୍ର.)**

**ସୁବର୍ଣ୍ଣପୁର ଜିଲା**
- ଶୋଷଣର ଶିକାର ହେଉଛି ଚାଷୀ
- ଚାଷୀ ଫେରି ପାଉନି ଅଖାବସ୍ତା
- ବସ୍ତା ଫେରାଇବାକୁ ପ୍ୟାକ୍ସ ସମ୍ପାଦକଙ୍କୁ ଚିଠି କରାଯିବ: ଯୋଗାଣ ଅଧିକାରୀ

ସୁବର୍ଣ୍ଣପୁର ଜିଲାର ଚାଷୀ ଶୋଷଣର ଶିକାର ହେଉଛି। ଉତ୍ପାଦିତ ଧାନବିକ୍ରି ସମୟରେ ଚାଷୀଙ୍କୁ ଠକିବାକୁ ରୀତିମତ ଷଡଯନ୍ତ୍ର ଚାଲିଛି । ପ୍ରଶାସନ ସବୁ ଦେଖି ଆଖି ବୁଜିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିୟମ ଏଠାରେ କାର୍ଯ୍ୟକାରୀ ହୋଇପାରୁନି। ସରକାରଙ୍କ ଧାନ ସଂଗ୍ରହ ନିୟମ ଅନୁଯାୟୀ ଚାଷୀ ନିଜ ଖର୍ଚ୍ଚରେ ମଣ୍ଡିକୁ ଧାନ ଆଣିବ। ମଣ୍ଡିରେ ଧାନର ମାନ ପରୀକ୍ଷା କରାଯିବ। ଏଫଏକ୍ୟୁ ମାନର ଧାନକୁ ପ୍ୟାକ୍ସ ଓଜନ କଲା ପରେ ଚାଷୀଙ୍କୁ ଅଖା ବସ୍ତା ଫେରସ୍ତ କରାଯିବାର ବ୍ୟବସ୍ଥା ରହିଛି। ଶ୍ରମିକ ଲଗାଇ ବସ୍ତାରେ ଧାନ ଭର୍ତ୍ତି, ବସ୍ତା ସିଲାଇ ଓ ଓଜନ ପରେ ମିଲର୍ସ ମିଲ୍କୁ ଧାନ ନେବ। ମାତ୍ର ଜିଲାର କୌଣସିଠାରେ ଏହା କାର୍ଯ୍ୟକାରୀ ହେଉନି। ମିଲର୍ସ ମଣ୍ଡିକୁ ନ ଆସିଲେ ଚାଷୀଙ୍କ ଧାନ ପ୍ୟାକ୍ସ କ୍ରୟ କରୁନି । ଚାଷୀ କଟ୍ନି ଛଟ୍ନିର ଶିକାର ହେଉଛି। ଚାଷୀକୁ ତାର ଧାନ ବସ୍ତା ଫେରସ୍ତ ଦିଆଯାଉନି । ମିଲର୍ସ ସେହି ବସ୍ତାରେ ଧାନ ନିଜ ମିଲ୍କୁ ନେଇଯାଉଛି । ଅନ୍ୟପକ୍ଷେ ଅଖା ବସ୍ତା ସହିତ ଓଜନ କରାଯିବା ଆଳରେ ୫୦୦ଗ୍ରାମ ଲେଖାଏଁ ଧାନ କଟାଯାଉଛି । ସବୁ ମଣ୍ଡିରେ ଏହା ଖୁଲମଖୁଲା ଚାଲୁଛି । ଚାଷୀ ଏ ବାବଦରେ କ୍ଷତି ସହୁଛି । ଏ କ୍ଷେତ୍ରରେ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଛି । ନିର୍ବାଚିତ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ମଣ୍ଡି ପରିଦର୍ଶନରେ ଯାଉ ନ ଥିବାରୁ ଏଥିରେ ରୋକ ଲାଗୁନି। ପ୍ରକାଶ ଯେ, ଧାନକ୍ରୟ ପାଇଁ ଅଖା ବସ୍ତା କ୍ଷୟ ବାବଦରେ ସରକାର ମିଲର୍ସଙ୍କୁ କୁଇଣ୍ଟାଲ ପ୍ରତି ୧୨ ଟଙ୍କା ପ୍ରଦାନ କରୁଛନ୍ତି । ସେହିପରି ମଣ୍ଡିରେ ଧାନ ଓଜନ, ବସ୍ତାରେ ପ୍ୟାକିଂ ଓ ଶ୍ରମିକଙ୍କ ଦ୍ୱାରା ଲୋଡିଂ ପାଇଁ ସରକାର ମଣ୍ଡି ହ୍ୟାଣ୍ଡଲିଂ ଚାର୍ଜ ଦେଉଛନ୍ତି। ପୂର୍ବରୁ ପ୍ୟାକ୍ସଗୁଡିକୁ ଏହି ଅର୍ଥ ମିଳୁଥିଲା। ଗତ ୩ ବର୍ଷ ହେଲା ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକର ନିଷ୍ପତ୍ତି ଅନୁଯାୟୀ ମିଲର୍ସଙ୍କୁ ମଣ୍ଡି ହ୍ୟାଣ୍ଡଲିଂ ଚାର୍ଜ ଦେବା ପାଇଁ ପ୍ରସ୍ତାବ ଗୃହୀତ ହେଉଛି । ଚଳିତ ବର୍ଷ ମଧ ଏଭଳି ପ୍ରସ୍ତାବ ଗୃହୀତ ହୋଇ କାର୍ଯ୍ୟକାରୀ ପାଇଁ ସରକାରଙ୍କୁ ପଠାଯାଇଛି। କିନ୍ତୁ ଜିଲାର ସମସ୍ତ ମଣ୍ଡିରେ ଚାଷୀଙ୍କ ବସ୍ତାରେ ଭର୍ତ୍ତି ହୋଇଥିବା ଧାନକୁ ମିଲର୍ସ ସିଧାସଳଖ ନେଇଯାଉଛି। ସେହିପରି ବ୍ୟବସାୟୀମାନେ ଚାଷୀଙ୍କଠାରୁ ଅଣ୍ଡରରେଟ୍‌ରେ କିଣିଥିବା ଧାନକୁ ନିଜ ଖର୍ଚ୍ଚରେ ଟ୍ରକ୍ ଯୋଗେ ସିଧାସଳଖ ମିଲକୁ ପଠାଉଛନ୍ତି। ପ୍ୟାକ୍ସ କେବଳ କାଗଜପତ୍ର ପ୍ରସ୍ତୁତ କରୁଛି । ତେଣୁ ସରକାର ପ୍ରଦାନ କରୁଥିବା ମଣ୍ଡି ହ୍ୟାଣ୍ଡଲିଂ ଚାର୍ଜ ବାବଦ ଅର୍ଥର ଠିକ୍ ବିନିଯୋଗ ହେଉନି । ଏ ବାବଦରେ ରାଜ୍ୟ ଯୋଗାଣ ନିଗମର କୋଟି କୋଟି ଟଙ୍କା ବରବାଦ ହେଉଛି । କେବଳ କିଛି ମୁଷ୍ଟିମେୟ ଲୋକ ଏହାର ଫାଇଦା ଉଠାଉଛନ୍ତି । ମିଲର୍ସ, ପ୍ୟାକ୍ସ ଓ ଯୋଗାଣ ବିଭାଗର ମଧୁଚନ୍ଦ୍ରିକାରେ ଚାଷୀ ଶୋଷିତ ହେଉଛି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା କୁହନ୍ତି ଚାଷୀଙ୍କୁ ସେମାନଙ୍କ ବସ୍ତା ଫେରାଇବା କଥା । ମାତ୍ର ଏଭଳି ହେଉ ନଥିବା ଶୁଣିବାକୁ ମିଳୁଛି । ଚାଷୀଙ୍କ ବସ୍ତା ଫେରାଇବା ପାଇଁ ସମସ୍ତ ପ୍ୟାକ୍ସ ସମ୍ପାଦକଙ୍କୁ ସେ ଚିଠି କରିବେ ବୋଲି କହିଛନ୍ତି ।


ଚାଷୀ ନେତା ଜିଲା ଯୋଗାଣ ଅଧିକାରୀଙ୍କ ସହିତ ଆଲୋଚନା କରୁଛନ୍ତି ।

## ସିଏସ୍ଓଙ୍କ ସହ ଆଲୋଚନା କଲେ ଚାଷୀ ନେତା

**ସୋନପୁର,୧୭।୧୨(ନି.ପ୍ର.)**

ଧାନ ବିକ୍ରି ସମୟରେ ସୁବର୍ଣ୍ଣପୁର ଜିଲାର ଚାଷୀ କଟ୍ନି ଛଟ୍ନିର ଶିକାର ହେଉଛି। ମାନ ଠିକ ନ ଥବା ଦର୍ଶାଇ ମଣ୍ଡିରୁ ଧାନ ଉଠୁନି। ରାତି ଉଜାଗର ରହି ଚାଷୀଙ୍କୁ ଧାନ ଜଗିବାକୁ ପଡୁଛି। ଏଥିପାଇଁ ଚାଷୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ସୁବର୍ଣ୍ଣପୁର ଜିଲା କୃଷକ ସଂଗଠନ ସମନ୍ୱୟ ସମିତିର ସଭାପତି ରାଜେନ୍ଦ୍ର ପ୍ରସାଦ ନାୟକଙ୍କ ନେତୃତ୍ୱରେ ଚାଷୀ ନେତାମାନେ ସିଏସଓ(ଜିଲା ଯୋଗାଣ ଅଧିକାରୀ) ବିବେକାନନ୍ଦ କୋରକୋରାଙ୍କୁ ଭେଟିଥିଲେ । ମଣ୍ଡିରେ କଟ୍ନି ଛଟ୍ନି ଚାଲିଥିବା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ମିଲର୍ସ ନ ଆସିଲେ ପ୍ୟାକ୍ସଗୁଡିକ ଧାନ କିଣୁ ନ ଥିବା କହିଥିଲେ। ଚାଷୀ ଜରି ବସ୍ତାରେ ମଣ୍ଡିକୁ ଧାନ ଆଣୁଛନ୍ତି । ମଣ୍ଡିରେ ବସ୍ତା ବାବଦରେ ୪୦୦ ଗ୍ରାମ ଧାନ କଟାଯାଉଛି । ପୁଣି ମିଲର୍ସ ଚାଷୀଙ୍କ ଜରି ବସ୍ତାକୁ ନେଇ ଯାଉଥିବା ଚାଷୀ ନେତା ଅଭିଯୋଗ କରିଥିଲେ। ସେହିଭଳି ମନ୍ଥର ଗତିରେ ଧାନ କିଣା ଚାଲିଥିବାରୁ ଚାଷୀ ନେତା ଉଦ୍‌ବେଗ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସମବାୟ ନିବନ୍ଧକଙ୍କ ସହିତ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ଜିଲା ଯୋଗଣା ଅଧିକାରୀ ପ୍ରତିଶୃତି ଦେଇଛନ୍ତି। କୃଷକ ସଂଗଠନର ଉପସଭାପତି ବୈକୁଣ୍ଠ ନାଥ ଶତପଥୀ, ସଦାନନ୍ଦ ପାଣିଗ୍ରାହୀ, କୈଳାଶ ମହାପାତ୍ର, ସୁଧୀର ବମାନବେନ୍ଦ୍ର ନାୟକ, ଶମ୍ଭୁଭୂଷଣ ବେହେରା, ସଞ୍ଜିବ କୁମାର ନାୟକ, ନରସିଂହ ପ୍ରଧାନ, ନିଳାଦ୍ରୀ ମେହେର, ରଜେନ କୁମାର ପ୍ରଧାନ, ପଦ୍ମଲୋଚନ ମିଶ୍ର, ରାଜେନ୍ଦ୍ର ପ୍ରଧାନ ଓ ସୁରେଶ କୁମାର ସାହୁ ପ୍ରମୁଖ ଚାଷୀଙ୍କ ସମସ୍ୟା ଓ ମଣ୍ଡିରେ ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ଯୋଗାଣ ଅଧିକାରୀ ସୁବୋଧ ହୋତା ଉପସ୍ଥିତ ଥିଲେ ।

## ମମତା ହିତାଧିକାରୀ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି, ୧୭।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତର ମାଣିକପୁର ଗାଁ କଲ୍ୟାଣ ସମିତି ପକ୍ଷରୁ ଗ୍ରାମର ମହିଳା ହିତାଧିକାରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ଅକ୍ରୁର ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କ୍ଷେତ୍ର ପରିଦର୍ଶିକା ତୁଳସୀ ମଞ୍ଜୁରୀ ମିଶ୍ର, ସ୍ୱାସ୍ଥ୍ୟକର୍ମୀ ସରୋଜ କୁମାର ସାହୁ, ଆଶାକର୍ମୀ ସୁଲୋଚନା ଡାଙ୍ଗ, ଆବାହିକା ବନିତା ଦେହୁରୀ, ମହିଳା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମମତା ଯୋଜନାରୁ ମିଳୁଥିବା ଗର୍ଭବତୀ ମାଆମାନଙ୍କ ଅର୍ଥରାଶିକୁ ନିଜର ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ କରି ମା' ଓ ଶିଶୁ ମୃତ୍ୟୁକୁ ହ୍ରାସ କରିବା ସହିତ ଯୋଗାଣ ହେଉଥିବା ଛତୁଆ, ଅଣ୍ଡା, ବାଦମ ଲଡୁକୁ ନିଜେ ସେବନ କରିବାକୁ ସୂଚନା ପ୍ରଦାନ କରିଥିଲେ। ଖାଦ୍ୟାଭାବରୁ ଯେମିତି ଅପପୃଷ୍ଟିକର ଶିକାର ନହେବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ଶେଷରେ ଉପସ୍ଥିତ ମହିଳାମାନଙ୍କୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମମତା ହିତାଧିକାରୀ ମା' ରୂପକାନ୍ତି ପଧାନ ପ୍ରଥମ, ନିରୂପମା ଭୋଇ ଦ୍ୱିତୀୟ ଓ ରଶ୍ମିତା ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶେଷରେ ଅଙ୍ଗନୱାଡି କର୍ମୀ କ୍ଷୀର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।


ମୋ ସରକାର ପ୍ରକୋଷ୍ଠ ଉଦ୍‌ଘାଟନ ଅବସରରେ ଏନଏସି କର୍ମଚାରୀମାନେ।

## ମୋ ସରକାର ପ୍ରକୋଷ୍ଠ ଉଦ୍‌ଘାଟିତ

**ବିନିକା,୧୭।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍ଏସି କାର୍ଯ୍ୟାଳୟରେ ମଙ୍ଗଳବାର ମୋ ସରକାର ପ୍ରକୋଷ୍ଠ ନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏଥି ସହିତ ପ୍ରକୋଷ୍ଠ ଅଧିକାରୀଭାବେ ଯୋଗେଶ୍ୱର ନାୟକଙ୍କୁ ନିଯୁକ୍ତି ମିଳିଛି। ପ୍ରଥମ ପର୍ଯ୍ୟାୟରେ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ, ଟ୍ରେଡ୍ ଲାଇସେନ୍ସ ଓ ହୋଲଡିଙ୍ଗ୍ ଟିକସକୁ ବିନିକା ପରିଷଦ ପକ୍ଷରୁ ଏଥିରେ ସାମିଲ କରାଯାଇଛି। ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ଯୋଜନାଗୁଡିକ ଉପରେ ଗୁରୁତ୍ୱ ଦିଆଯିବ । ମୋ ସରକାର ଅନ୍ତର୍ଭୁକ୍ତ ରହିଥିବା ନିୟମାବଳୀ ଓ କାର୍ଯ୍ୟକ୍ରମ ଉପରେ ଯତ୍ନବାନ ହୋଇ ବିନିକା ପରିଷଦର ସମସ୍ତ କର୍ମଚାରୀ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା।

# କାଳିଆ ସହାୟତା ପାଇଁ ଦାବିପତ୍ର

**ଅମରପାଲି, ୧୭।୧୨ (ଡି.ଏନ.ଏ)**

- ବିଭାଗୀୟ ଅବହେଳା ଯୋଗୁ ବାଦ୍ ପଡିଥିବା ଅଭିଯୋଗ
- ବୀରମହାରାଜପୁର ବ୍ଲକ ବଡବର୍ଡାକଟା ଗ୍ରାମର ଚାଷୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ବଡବର୍ଡାକଟା ଗ୍ରାମର ଚାଷୀମାନେ କାଳିଆ ଯୋଜନାରୁ ସହାୟତା ପାଇବା ପାଇଁ କୃଷିମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମର ୧୬ଜଣ ଚାଷୀ ଏହି ଯୋଜନାରୁ ବାଦ୍ ପଡିଛନ୍ତି । ଏନେଇ ଗ୍ରାମର ପଦ୍ମଲୋଚନ ଗାଇଗରିଆ, ମଚାନ ଦେହେରୀ, ଖତ ରଣା, ଦୁର୍ଯ୍ୟୋଧନ ମିଶ୍ର, ରଘୁ ଭୋଇ, ରାଧେଶ୍ୟାମ ମିଶ୍ର, ସୋମନାଥ ପଧାନ, ଚକ୍ର ବେଲଘରିଆ, ଅଖୁଜ କର୍ଣ୍ଣ, ସଂଯୁକ୍ତା ସାହୁ, ଗଣେଶ କର୍ଣ୍ଣ, ଗୌରଚରଣ ସାହୁ, ଶୁକ୍ରୁ ଶଙ୍ଖୁଆ, ମମତା ପଧାନ, ହିମାଂଶୁ ପଧାନ, ପଙ୍କଜିନୀ ହୋତା ଓ ଶ୍ରୀନିବାସ ପୁରୋହିତ ପ୍ରମୁଖ ଯୋଗ୍ୟ ହୋଇଥିଲେ ମଧ ଏହି ଯୋଜନାରୁ ବାଦ୍ ପଡିଛନ୍ତି। କାଳିଆ ଯୋଜନାରେ ସାମିଲ ହେବା ପାଇଁ ଯେଉଁ ସବୁ ମାନଦଣ୍ଡ ଆବଶ୍ୟକ ସେମାନେ ମଧ ଏଥିରେ ଆସୁଛନ୍ତି। ଯୋଜନାରେ ସାମିଲ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ମଧ ଦେଇଥିଲେ । ମାତ୍ର ଏମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି । ଉକ୍ତ ପରିବାର ନାମମାତ୍ର ଚାଷୀ ଅଟନ୍ତି। ଧାରକରଜ କରି ଚାଷୀ କରିବା ସହିତ ସ୍ଥାନୀୟ ସେବା ସମବାୟ ସମିତିରୁ ଋଣ ମଧ କରିଛନ୍ତି । ଯୋଜନାରେ ଅନେକ ଅଯୋଗ୍ୟ ବ୍ୟକ୍ତି ସାମିଲ ହୋଇଥିଲେ ମଧ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇ ନଥିବା ଏମାନେ ପ୍ରକାଶ କରୁଛନ୍ତି । ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଯୋଜନାରୁ ବାଦ ପଡିଥିବା ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ଜିଲାପାଳଙ୍କ ମାଧ୍ୟମରେ କୃଷିମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ବଲାଙ୍ଗୀର ଏମପି ସଙ୍ଗୀତା ସିଂଦେଓ, ବୀରମହାରାଜପୁର ଜୋନ-୨ ଜିଲାପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ ଓ ସୁବର୍ଣ୍ଣପୁର ଉପକୃଷି ନିର୍ଦ୍ଦେଶକ ଓ ବୀରମହାରାଜପୁର ବିଧାୟକ ତଥା ବାଣିଜ୍ୟ ପରିବହନ ଓ ଯୋଜନା ସଂଯୋଜକ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ମଧ ଡାକଯୋଗେ ଅଭିଯୋଗ କରାଯାଇଛି। ଏଣୁ ଏହି ଯୋଜନାରୁ ବାଦ ପଡିଥିବା ଉକ୍ତ ହିତାଧିକାରୀଙ୍କୁ ସାମିଲ କରି କାଳିଆ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି ।

## ସୋନପୁର କଲେଜ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଏସ୍‌ପି ଦେବୀପ୍ରସାଦ ଦାଶ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ।

**ସୋନପୁର,୧୭।୧୨(ନି.ପ୍ର.)**

ସୋନପୁର କଲେଜ ପଡିଆରେ ଆନ୍ତଃବିଭାଗୀୟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କ୍ରୀଡାବିତ୍ ଆଶିଷ ବାବୁ, ବଳରାମ ପଟ୍ଟନାୟକ ଓ ଛାତ୍ରନେତା ଶାଶ୍ୱତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। କଲେଜ ଅଧକ୍ଷ ତରୁଣ ମିଶ୍ର ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ମଙ୍ଗଳବାର ଉଦ୍‌ଘାଟନ ମ୍ୟାଚ୍ ଇତିହାସ ଓ ରାଜନୀତି ବିଜ୍ଞାନ ବିଭାଗ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଗଣିତ ଓ ଦର୍ଶନଶାସ୍ତ୍ର ବିଭାଗ, ତୃତୀୟ ମ୍ୟାଚ୍ ଇଂରାଜୀ ଓ ବି କମ୍ ଏବଂ ଚୁତୁର୍ଥ ମ୍ୟାଚ୍ ଅର୍ଥନୀତି ଓ ଏନସିସି ମଧରେ ଆୟୋଜିତ ହୋଇଥିଲା ।

## ଝାରବାହାଲି ଓଏଭିର ବାର୍ଷିକ କ୍ରୀଡ଼ା

**ଉଲୁଣ୍ଡା, ୧୭।୧୨ (ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ଝାରବାହାଲି ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଭାରାପ୍ରାପ୍ତ ଅଧକ୍ଷ ରାଧାମୋହନ ପୁଜାହାରିଙ୍କ ଅଧକ୍ଷତାରେ ହୋଇଥିବା ଉଦଘାଟନୀ ଉତ୍ସବରେ ଉଲୁଣ୍ଡା ଆଇଆଇସି ବିଦୁଭୂଷଣ ପୁଟା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବକ୍ତା ଭାବେ ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନଶିକ୍ଷକ ଦେବରାଜ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଅଭିଭାବକ ଓ ଶିକ୍ଷକ ସଂଘ ସଭାପତି ରାମଗୋପାଳ ମହାପାତ୍ର ଯୋଗଦେଇଥିଲେ। ଏଥିରେ ୧୬୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ସଂସ୍କୃତ ଶିକ୍ଷକ ପୃଥ୍ୱୀରାଜ ପଧାନଙ୍କ ସଂଯୋଜନାରେ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ଅଗ୍ନିଶମ ବିଭାଗର ଅଧିକାରୀ ଭରତଲାଲ ଏକ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଦେବାଶିଷ ପାଣ୍ଡିଆ ବକ୍ତାଭାବେ ଯୋଗଦେଇଥିଲେ। ଏଥିରେ ଚାମ୍ପିୟନ ହୋଇଥିବା ବରିଷ୍ଠ ବିଭାଗର ଛାତ୍ର ଅରବିନ୍ଦ ଭୁଏ, ଛାତ୍ରୀ ବିଷ୍ଣୁପ୍ରିୟା ସାହୁ ଏବଂ କନିଷ୍ଠ ବିଭାଗର ଛାତ୍ର ଅନ୍ନେଜୟ କିଷାନ, ଛାତ୍ରୀ ପ୍ରାଚିମୟୀ ଜୁଆଡିଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ।



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।

ଉଲୁଣ୍ଡା ଧନୁଯାତ୍ରାର ଚତୁର୍ଥ ରଜନୀ

# ଶୂନ୍ୟବାଣୀ, କଂସ ଭୟଭୀତ


ବିଜୁଳି କନ୍ୟାର ଚେତାବନୀ ପରେ ମହାରାଜା କଂସ ମର୍ମାହତ ହୋଇ ପଡିଛନ୍ତି।

**ଉଲୁଣ୍ଡା, ୧୭।୧୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ସଭାପତି ହିମାଂଶୁ ଶେଖର ତ୍ରିପାଠୀଙ୍କ ଅଧକ୍ଷତା ଏବଂ କାର୍ଯ୍ୟକାରୀ ସଭାପତି ରଷିକୁମାର ପଟେଲଙ୍କ ସଂଯୋଜନାରେ ହେଉଥିବା ଧନୁଯାତ୍ରା ମହୋତ୍ସବର ମଙ୍ଗଳବାର ଥିଲା ଚତୁର୍ଥ ରଜନୀ। ରାଜ ସିଂହାସନ ଆରୋହଣ କଲାପରେ କଂସ ହାତୀ ପିଠିରେ ନଗର ପରିକ୍ରମା କର ରାତ୍ର ପ୍ରାୟ ୯ଟାରେ ରାଜ ଦରବାରରେ ପହଞ୍ଚିଥିଲେ। ପୌରାଣିକ ଲୀଳାକ୍ରମରେ ମୃଦୁସୁଲୀଠାରୁ ଖବର ପାଇ ଦେବକୀର ପ୍ରଥମ ଗର୍ଭ ସନ୍ତାନକୁ କଂସାସୁର ଦର୍ପଣଶିଳାରେ କଚାଡି ହତ୍ୟା କରେ। ଏହାପରେ ଗୋଟେ ପରେ ଗୋଟେ ଦେବକୀର ଷଷ୍ଠଗୋଟି ପୁତ୍ରକୁ ଦର୍ପଣଶିଳାରେ କଚାଡି ହତ୍ୟାକରେ କଂସାସୁର। ମାତ୍ର ଦେବକୀର ସପ୍ତମ ଗର୍ଭ ଅଦୃଶ୍ୟ ହୋଇ ରୋହିଣୀ ଗର୍ଭରେ ବଳରାମ ରୂପେ ଜାତହୁଏ। ଏହି ସନ୍ତାନକୁ ପ୍ରଳମ୍ବାସୁର ନିଧନ କରିବା ସକାଶେ ଫୋପାଡି ଦେବାରୁ ଗୋପପୁରେ ଗୋପପତୀ ନନ୍ଦ ନବଜାତ ଶିଶୁକୁ ପୌଷ୍ୟ ସନ୍ତାନ ଭାବରେ ଗ୍ରହଣ କରନ୍ତି। ଅଷ୍ଟମ ଗର୍ଭରେ ସ୍ୱୟଂ ବିଷ୍ଣୁ କୃଷ୍ଣ ରୂପେ ଜାତହୋଇ ମଥୁରା କାରାଗାରରୁ ବସୁଦେବଙ୍କ ସହ ଗୋପପୁରେ ଜଶୋଦା ଦେବୀଙ୍କ କୋଳରେ ପହଞ୍ଚିଛନ୍ତି। ସେହିପରି ଯସୋଦା ଜାତ କରିଥିବା ବିଜୁଳୀ କନ୍ୟାକୁ କଂସ ଦେବକୀର ଅଷ୍ଟମଗର୍ଭ ସନ୍ତନ ଭାବି ଦର୍ପଣ ଶିଳାରେ କଚାଡି ମାରିବା ପାଇଁ ଉଦ୍ୟମ ବେଳେ ହଠାତ ଯୋଗମାୟା ଶୂନ୍ୟମାର୍ଗେ ଉଡିଯାଇ କଂସକୁ ଚେତାବନୀ ଦିଅନ୍ତି। 'ରେ ରେ କଂସ ତୋତେ ବଧିବ ଜିଏ ସିଏ ବଢୁଛି ଗୋପରେ, ଅଷ୍ଟ ବର୍ଷେ ବିନାଶିବ ଆସି ମଥୁରାରେ'। ଏହି ଶୂନ୍ୟବାଣୀରେ ବ୍ୟସ୍ତବିବ୍ରତ ହୋଇ କଂସ ମନ୍ତ୍ରୀ ପାରିଷଦଙ୍କ ସହିତ କରେ ଆପାତ ଆଲୋଚନା କରନ୍ତି। କଳେ ବଳେ ଅବା ଛଳେ ଦେବକୀର ଅଷ୍ଟମ ଗର୍ଭ ସନ୍ତାନକୁ ନିହତ କରିବା ପାଇଁ ଉଦ୍ୟମ ଜାରି ରଖନ୍ତି। ଏହାସହିତ ମଥୁରା ରାଜ ଦରବାରରେ ବିଭିନ୍ନ ଆଲବାମ କଳାକାରଙ୍କ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସେହିପରି ଗୋପପୁରରେ ବଳରାମ ଓ କୃଷ୍ଣ ଜନ୍ମରେ ଗୋପପତୀ ନନ୍ଦ ନନ୍ଦୋତ୍ସବର ଆୟୋଜନ କରନ୍ତି।

ବିଶ୍ୱଭାରତୀ ବିଦ୍ୟାଳୟରେ ବିଜ୍ଞାନ ଆଲୋଚନାଚକ୍ର

## ବିଜ୍ଞାନ ଜୀବନ ବଞ୍ଚିବାର କଳା ପ୍ରଦାନ କରେ

**ସୋନପୁର,୧୭।୧୨(ନି.ପ୍ର.)**

ସୋନପୁର ବ୍ଲକ ପିପିଲିପାଲି ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନରେ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସାହୁ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ବୌଦ୍ଧ ଜିଲା ଖଟଖଟିଆର ବିଜ୍ଞାନ ଶିକ୍ଷକ ତ୍ରିଲୋଚନ ସାହୁ ଯୋଗଦେଇ ବିଜ୍ଞାନ ମଣିଷ ଜୀବନରେ ବଞ୍ଚିବାର କଳା ଶିକ୍ଷା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପର୍ଶୁରାମ ମେହେର ଯୋଗଦେଇ ବିଜ୍ଞାନ ହିଁ ଛାତ୍ରୀଛାତ୍ରଙ୍କ ମଧରେ ନୂତନ ଜିଜ୍ଞାସା ସୃଷ୍ଟି କରେ ବୋଲି କହିଥିଲେ। ବିଦ୍ୟାଳୟର ୫୨ଜଣ ବରିଷ୍ଠ ଓ କନିଷ୍ଠ ବିଭାଗର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥଲେ। ବରିଷ୍ଠ ବିଭାଗର ଲକ୍ଷ୍ମୀପ୍ରିୟା ବାରିକ ପ୍ରଥମ, ପ୍ରୀତି ମେହେର ଦ୍ୱିତୀୟ ଓ ଜିତେନ୍ଦ୍ରାଣୀ ମେହେର ତୃତୀୟ ଏବଂ କନିଷ୍ଠ ବିଭାଗରେ ନୋଭନା ସାହୁ ପ୍ରଥମ, ଜୋତିଶ ମହାନନ୍ଦ ଦ୍ୱିତୀୟ ଓ ସ୍ନେହମୟୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ଛାତ୍ରୀଛାତ୍ର ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ବିଦ୍ୟାଳୟର ଶିକ୍ଷକ ରିଙ୍କୁ ଭୋଇ, ସୁଶାନ୍ତ ମଲ୍ଲିକ, ଚିତ୍ତରଞ୍ଜନ ଭୋଇ, ପଦ୍ମନାଭ ନନ୍ଦ, କ୍ଷୀରେନ୍ଦ୍ର ନନ୍ଦ ଓ ଅନ୍ୟ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁନିଲ କୁମାର ଗାଇଗରିଆ ଧନ୍ୟବାଦ ପ୍ରଦାନ କରିଥିଲେ ।



ଜଣେ କୃତୀ ଛାତ୍ରୀ ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ଶକ୍ତି ସଂରକ୍ଷଣ ଦିବସ

**ନାକଟିଦେଉଳ,୧୭।୧୨(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡଇଁଚା ବାପୁଜୀ ସରକାରୀ ହାଇସ୍କୁଲରେ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରଣାଳୟ ପକ୍ଷରୁ ଏହି ଦିବସ ପାଳିତ ହୋଇଥିଲା। କାଦୋବାହାଲ ପଞ୍ଚଖଣ୍ଡା ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଘନଶ୍ୟାମ ପ୍ରଧାନ, ଜଗନ୍ନାଥ ପ୍ରସାଦ ପବିତ୍ର ମୋହନ ହାଇସ୍କୁଲର ସୁମନ କଲ୍ୟାଣ ମାଝି, ଡଇଁଚା ବାପୁଜୀ ସରକାରୀ ହାଇସ୍କୁଲର ଛାତ୍ରୀ ଅଳକା ସାହୁ ପ୍ରମୁଖ ପୁରସ୍କୃତ ହୋଇଥିଲେ। ବାପୁଜୀ ହାଇସ୍କୁଲର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାକଟିଦେଉଳ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଆଲୋକ କୁମାର ନାଏକ, ସରାପାଲି ହାଇସ୍କୁଲର ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଭୀମସେନ ବେହେରା, ଡଇଁଚା ସରପଞ୍ଚ ପ୍ରବୀଣ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶକ୍ତି ସଂରକ୍ଷଣ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

■ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଭେଟିଲା ଗୋଚର ସୁରକ୍ଷା ପରିଷଦ

# ଗୋଚର ଜମି ଜବରଦଖଲମୁକ୍ତ ପାଇଁ ସ୍ମାରକପତ୍ର

**ଭବାନୀପାଟଣା,୧୭।୧୨(ଡି.ଏନ.ଏ.)**

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ୱାପାଙ୍ଗ ଆଓ ମଙ୍ଗଳବାର ଦିନିକିଆ କଳାହାଣ୍ଡି ଗସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ରେତ୍ ପ୍ରକଳ୍ପର ୭ମ ଥଇଥାନ୍ ଓ ପାରିପାର୍ଶ୍ୱିକ ବିକାଶ ଉପଦେଷ୍ଟା କମିଟି ବୈଠକରେ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଗୋଚର ସୁରକ୍ଷା ଅଭିଯାନ କଳାହାଣ୍ଡି ଶାଖା ପକ୍ଷରୁ ତାଙ୍କୁ ସାକ୍ଷାତ କରି ଗୋଚର ଜବରଦଖଲ ମୁକ୍ତ କରିବା ନିମନ୍ତେ ରାଜସ୍ୱ ଆଇନ ଅନୁଯାୟୀ କଡା ପଦକ୍ଷେପ ଗ୍ରହଣ କରିବାକୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କମିଶନର୍ ଆଓ ଏହି ବିଷୟକୁ ଗୁରୁତର ସହ ବିଚାରକୁ ନେଇ ଏଥିପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୋଚର ସୁରକ୍ଷା ପରିଷଦ କଳାହାଣ୍ଡି ଆବାହକ କିର୍ତ୍ତନ ନାଏକଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ସୂଚନା ଯେ, କଳାହାଣ୍ଡି ଜିଲାର ୮୦ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରୁଥିବା ବେଳେ ସେମାନଙ୍କ ମୁଖ୍ୟ ଜୀବନ ଜୀବିକା କୃଷି ଓ ଗୋପାଳନ ଅଟେ। ଜିଲାର ଆଦିବାସୀ, ଦଳିତ, ପଛୁଆବର୍ଗ ଶ୍ରେଣୀର ଗରିବ ପରିବାର ତଥା କୃଷି ଓ କୃଷି ଶ୍ରମିକମାନେ ଗୋପାଳନ, ଛେଳି ଓ ମେଣ୍ଢା ପାଳନ କରି ସାମାଜିକ ଏବଂ ଅର୍ଥନୈତିକ ବିକାଶକୁ ସୁଦୃଢ କରିଥାନ୍ତି। ତେବେ ଧନୀ, ବ୍ୟବସାୟୀ ଓ ପ୍ରଭାବଶାଳୀ ବ୍ୟକ୍ତିମାନେ ଏହି ସବୁ ଗୋଚର ଜମିକୁ ଜବରଦଖଲ କରି ନେଇ ନିଜ ଅଧୀନରେ ରଖିଥିବା ବେଳେ ଗାଈ, ଗୋରୁ, ଛେଳି, ମେଣ୍ଢା ଛିଡା ହେବା ପାଇଁ ଜାଗା ଖଣ୍ଡିକ ବି ନାହିଁ। ଏହା ଦ୍ୱାରା ଗୋପାଳକ ଓ ମେଣ୍ଢା, ଛେଳିପାଳକମାନେ ହଇରାଣ ହେଉଥିବା ଏବଂ ବାଧ୍ୟ ହୋଇ ଛେଳି, ମେଣ୍ଢା, ଗାଈ, ଗୋରୁଙ୍କୁ ବଜାରକୁ ନେଇ ଶାଗମାଛ ଦରରେ ବିକିଦେଇ ଦାଦନ ଖଟିବା ପାଇଁ ଅନ୍ୟ ରାଜ୍ୟକୁ ଯାଉଥିବା ଦେଖାଯାଉଛି। ସରକାର ରାସାୟନୀକ ସାର ଓ ବିଷାକ୍ତ କୀଟନାଶକ ଔଷଧ ବ୍ୟବହାର ନ କରିବାକୁ ସଚେତନତା ସୃଷ୍ଟି କରୁଥିଲେ ମଧ୍ୟ ଚାଷୀ ବାଧ୍ୟ ହୋଇ ଏହି ସବୁ ବ୍ୟବହାର କରୁଛି। ପୁଣି ଗାଈ ଗୋରୁର ଅଭାବ ଯୋଗୁ ଛୋଟ ଚାଷୀ ଓ ନାମମାତ୍ର ଚାଷୀ କୃଷି ଯନ୍ତ୍ରପାତି ବ୍ୟବହାର କରିବାକୁ ସମର୍ଥ ହେଉନାହାନ୍ତି ଏବଂ ଚାଷ କାର୍ଯ୍ୟରୁ ଦୂରେଇ ରହୁଛନ୍ତି। ଜବରଦଖଲ ହୋଇଥିବା ଗୋଚର ଜମିକୁ ମୁକ୍ତ କରାଯିବା ସହ ଗାଈପାଳନ ଓ ଛେଳି, ମେଣ୍ଢା ପାଳନ କରୁଥିବା ପରିବାରମାନଙ୍କୁ ଚିହ୍ନଟ କରି ମାଗଣାରେ ଗୁହାଳ ଯୋଗାଇ ଦେବା ସହ ଅନ୍ୟାନ୍ୟ କ୍ଷେତ୍ରରେ ସାହାଯ୍ୟ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ଯେ, ଗୋଚର ଓ ସରକାରୀ ଜମିରେ ପ୍ରଭାବଶାଳି ବ୍ୟକ୍ତିମାନେ ଚାଷ କାର୍ଯ୍ୟ କରିବା ସହ କୋଠାବାଡି ନିର୍ମାଣ କରି ବ୍ୟବସାୟ କରୁଥିବା ବେଳେ ଗୋଚର ଜମି ଆଉ ଦେଖିବାକୁ ମିଳୁ ନାହିଁ। ଏଥି ଯୋଗୁ ଚାଷୀ ମହଲରେ ଅସନ୍ତୋଷ ଦେଖିବାକୁ ମିଳୁଛି।



ଅତିଥିଙ୍କ ଗହଣରେ ହୁଇଲ ଚେୟାର ପାଇଥିବା ୩ ଦିବ୍ୟାଙ୍ଗ ଶିଶୁ ।

# ଦିବ୍ୟାଙ୍ଗ ୩ ଶିଶୁଙ୍କୁ ହୁଇଲ ଚେୟାର ପ୍ରଦାନ

**ଲାଞ୍ଜିଗଡ଼,୧୭।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜି ପଞ୍ଚାୟତ କୁଲାନାଳ ଗ୍ରାମର ଗୌରା ମାଝିଙ୍କ ୫ବର୍ଷର ଶିଶୁପୁତ୍ର ଦେବ ମାଝି, କେନ୍ଦୁଗୁଡା ଗ୍ରାମର ରାଧେଶ୍ୟାମ ମାଝିଙ୍କ ଶିଶୁପୁତ୍ର ଅଶ୍ୱିନୀ ମାଝି ଓ ବନ୍ଧପାରୀ ପଞ୍ଚାୟତ ବାଲସରା ଗ୍ରାମର ସାଧୁ ମାଝିଙ୍କ ଶିଶୁକନ୍ୟା ମାମି ମାଝିଙ୍କୁ ବ୍ଲକ ପ୍ରଶାସନ ତରଫରୁ ହୁଇଲ ଚେୟାର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ୩ ଶିଶୁ ଜନ୍ମରୁ ୮୦ ପ୍ରତିଶତ ଭିନ୍ନକ୍ଷମ ଅଟନ୍ତି। ସରକାରଙ୍କ ସହାୟତା କହିଲେ ବର୍ତ୍ତମାନ ହୁଇଲ ଚେୟାର ମିଳିଛି । ଭିନ୍ନକ୍ଷମ ଭତ୍ତା କିମ୍ବା ମମତା ଯୋଜନାରେ ସାମିଲ କରାଯାଇନାହିଁ। ଜଣେ ମାତ୍ର କୁଲାନାଳ ଗ୍ରାମର ଗୌରା ମାଝିଙ୍କ ପୁତ୍ର ଦେବ ମାଝି ମମତା ଯୋଜନାରେ ୫ ହଜାର ଟଙ୍କାରୁ ୩ ହଜାର ଟଙ୍କା ପାଇଛି। ଫଳରେ ପଞ୍ଚାୟତ ଓ ବ୍ଲକ ଅଫିସରେ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବା ଯୋଗୁ ଗତ ଅକ୍ଟୋବର ୨୨ ତାରିଖରେ ମୁଷାନାଳର ସାମାଜିକ କର୍ମୀ ଧର୍ମେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଏହି ଶିଶୁମାନେ ଭବାନୀପାଟଣାଠାରେ ଦିଲ୍ଲୀରୁ ଆସିଥିବା ଶିଶୁ ସୁରକ୍ଷା କମିଶନରଙ୍କୁ ସାକ୍ଷାତ କରିଥିଲେ। ତାଙ୍କର ନିର୍ଦ୍ଦେଶକ୍ରମେ ୧୫ଦିନ ମଧ୍ୟରେ ଏମାନଙ୍କୁ ଭତ୍ତା ଓ ହଇଲ ଚେୟାର ଯୋଗଇ ଦେବାକୁ କହିଥିଲେ। ଫଳରେ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ଓ ବ୍ଲକ ଅଧକ୍ଷ ଇଂ.ଫକୀର ମୋହନ ମାଝି ୩ ଶିଶୁଙ୍କୁ ହୁଇଲ ଚେୟାର ପ୍ରଦାନ କରିଛନ୍ତି। ହେଲେ ଆଜକୁ ୫ବର୍ଷ ହେଲା ଏମାନେ ଦିବ୍ୟାଙ୍ଗ ଭତ୍ତା ଓ ମମତା ଯୋଜନାରୁ ବଞ୍ଚିତ ଅଛନ୍ତି।

**ଭତ୍ତା, ମମତା ଯୋଜନାରୁ ବଞ୍ଚିତ**

■ ମାଟ୍ରିକ ପାସ୍‌ହାର ବୃଦ୍ଧି ପାଇଁ ଅଭିନବ ପ୍ରୟାସ 'ମିଶନ ଶହେ'

# ଚଳିତବର୍ଷ ପାସ୍ ହାର ଅନ୍ୟୂନ ୨୦% ବୃଦ୍ଧି ଉଦ୍ୟମ

**ଭବାନୀପାଟଣା,୧୭।୧୨(ଡି.ଏନ.ଏ.)**

■ କଳାହାଣ୍ଡି ଜିଲାରେ ଏକ୍ସ-ମାସ୍ ଛୁଟି ବାତିଲ

■ ଲକ୍ଷ୍ୟ ପୂରଣ ପାଇଁ ଶିକ୍ଷକଙ୍କୁ ତ୍ୟାଗ କରିବାକୁ ଜିଲାପାଳଙ୍କ ଆହ୍ୱାନ

କଳାହାଣ୍ଡିରେ ମାଟ୍ରିକ ପାସ୍ ହାର ବୃଦ୍ଧି କରିବା ପାଇଁ ଅଭିନବ ପ୍ରୟାସ ଆରମ୍ଭ କରିଛି ଜିଲା ପ୍ରଶାସନ। କଳାହାଣ୍ଡି ଜିଲାରେ ଏକ୍ସମାସ ଛୁଟିକୁ ବାତିଲ କରାଯାଇଛି। କେବଳ ଗୋଟିଏ ଦିନ ଅର୍ଥାତ୍ ଡିସେମ୍ବର ୨୫ରେ ସ୍କୁଲ ଛୁଟି ରହିବ। ହେଲେ ଅନ୍ୟ ସମସ୍ତ ଦିନ କେବଳ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢା ହେବ। ଡିଇଓ ଗତ ୧୩ ତାରିଖରେ ଜାରି କରିଥିବା ବିଜ୍ଞପ୍ତି ଜାରି କହିଛନ୍ତି ଯେ, କଳାହାଣ୍ଡି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବଡଦିନ ଛୁଟିରେ ଜିଲାର ସମସ୍ତ ଉଚ୍ଚ ବିଦ୍ୟାଳୟର କେବଳ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଖୋଲା ରହିବ। ପାସ୍ ପ୍ରତିଶତ ବୃଦ୍ଧି ସହ ଶହେ ପ୍ରତିଶତ ସଫଳତା ଲକ୍ଷ୍ୟ ରଖାଯାଇଛି। ତେଣୁ ଏହା ପୂର୍ବରୁ ବିଦ୍ୟାଳୟ ପ୍ରଧାନଶିକ୍ଷକମାନେ ଅଭିଭାବକଙ୍କ ସହ ବୈଠକ କରିବେ। ପିଲାମାନେ ଯେପରି ବଡଦିନ ଛୁଟିରେ ନିୟମିତ ଭାବେ ବିଦ୍ୟାଳୟକୁ ଆସିବେ ସେ ନେଇ ଅଭିଭାବକଙ୍କୁ କହିବେ। ବିଦ୍ୟାଳୟ ସମସ୍ତ ଶିକ୍ଷକ ଛୁଟି ଦିନରେ ବିଦ୍ୟାଳୟକୁ ଆସିବେ। ପିଲାଙ୍କୁ ପାଠପଢାଇବା ସହ ସେମାନଙ୍କ ପରୀକ୍ଷା କରାଇବେ। ଏହି ନିଷ୍ପତ୍ତିକୁ ଗୁରୁତ୍ୱର ନେବାକୁ ବିଜ୍ଞପ୍ତିରେ କୁହାଯାଇଛି। ଛୁଟିରେ ବି ସ୍କୁଲ ଖୋଲା ରହିବ ଏବଂ ସମସ୍ତ ଶିକ୍ଷକ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ପାଠ ପଢାଇବେ। କେବଳ ସେତିକି ନୁହେଁ ଡିସେମ୍ବର ୧୭ରୁ ଆରମ୍ଭ କରି ଫେବୃୟାରୀ ୭ ତାରିଖ ପର୍ଯ୍ୟନ୍ତ ପ୍ରତି ହାଇସ୍କୁଲରେ ସପ୍ତାହକୁ ୩ ଦିନ ଲେଖାଏଁ ପରୀକ୍ଷା ମଧ୍ୟ କରାଯିବ। କଳାହାଣ୍ଡି ଜିଲା ପ୍ରଶାସନର ଏଭଳି ଏକ ପରିକଳ୍ପନା ଆରମ୍ଭ ହେବାକୁ ଯାଉଛି । ଜିଲାରେ ପାସ୍ ହାର ବୃଦ୍ଧି କରିବା ପାଇଁ ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦଙ୍କ ଏଭଳି ଏକ ପ୍ରୟାସ ସବୁବର୍ଗରେ ସ୍ୱାଗତ କରାଯାଇଛି। ସୂଚନା ମୁତାବକ, ଗତ ୨୦୧୮ ମାଟ୍ରିକ ପରୀକ୍ଷାରେ ଜିଲାର ମାଟ୍ରିକ ପାସ ହାର ୬୦ ପ୍ରତିଶତ ଥିଲା। ଜିଲାରେ ମାଟ୍ରିକ ପାସ ହାର ବୃଦ୍ଧି କରିବା ପାଇଁ ୪ ଦିନ ତଳେ ଜିଲାର ବିଭିନ୍ନ ହାଇସ୍କୁଲର ୮୦ ଜଣ ଶିକ୍ଷକଙ୍କୁ ଡକାଇ ଜିଲାପାଳ ଏକ ବୈଠକ କରିଥିଲେ। ଏ ଦିଗରେ ସେମାନଙ୍କଠାରୁ ମତାମତ ଲୋଡିଥିଲେ। ଚଳିତବର୍ଷ ପାସ୍ ହାରକୁ ଅନ୍ୟୂନ ୨୦ ପ୍ରତିଶତ ବୃଦ୍ଧି କରିବା ପାଇଁ ଏହି ଅବସରରେ ମତ ପ୍ରକାଶ ପାଇଥିଲା। ଏହି ଲକ୍ଷ୍ୟ ପୂରଣ ପାଇଁ ଶିକ୍ଷକମାନେ କିଛି ତ୍ୟାଗ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଏହା ପରେ ଏକ୍ସମାସ ଛୁଟି ବାତିଲ କରି ଶିକ୍ଷକମାନେ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଆଗାମୀ ପରୀକ୍ଷା ଲାଗି ପ୍ରସ୍ତୁତ କରିବାକୁ ଏହି ଅବସରରେ ପ୍ରସ୍ତାବ ହୋଇଥିଲା। ଏହି ପ୍ରସ୍ତାବରେ ଜିଲା ଶିକ୍ଷାଧିକାରୀଠାରୁ ଆରମ୍ଭ କରି ବୈଠକରେ ଉପସ୍ଥିତ ସମସ୍ତ ଶିକ୍ଷକ ସହମତି ପ୍ରକାଶ କରିଥିଲେ। ରାଜ୍ୟରେ ଡିସେମ୍ବର ୨୨ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଖ୍ରୀଷ୍ଟ ମାସ ଛୁଟି ହେଉଥିବା ବେଳେ କଳାହାଣ୍ଡି ଜିଲାରେ ସମସ୍ତ ହାଇସ୍କୁଲରେ ପାଠ ପଢା ଚାଲିବ। ବୈଠକ ନିଷ୍ପତ୍ତିକ୍ରମେ ଜିଲା ଶିକ୍ଷାଧିକାରୀ ଜିଲାର ସମସ୍ତ ୨୯୪ଟି ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଖ୍ରୀଷ୍ଟ ମାସ ଛୁଟି ବାତିଲ ସମ୍ପର୍କରେ ପତ୍ର ଲେଖିବା ସହ ସମସ୍ତ ସ୍କୁଲରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବା ସହ ଡିସେମ୍ବର ୧୭ରୁ ଫେବୃୟାରୀ ୭ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ଦିନଗୁଡିକରେ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର, ଗୁରୁବାର ଓ ଶନିବାର ଶିକ୍ଷକମାନେ ପ୍ରଶ୍ନପତ୍ର ଜାରି କରି ପିଲାଙ୍କୁ ପରୀକ୍ଷା କରାଇବେ। ତାପୂର୍ବ ଦିନ ଛାତ୍ରୀଛାତ୍ରଙ୍କୁ କେଉଁ ବିଷୟର କେଉଁ କେଉଁ ୟୁନିଟ ପରୀକ୍ଷା କରାଯିବ ସେ ସମ୍ପର୍କରେ କରାଇବେ। ଫେବୃୟାରୀ ୭ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ମାଟ୍ରିକ ଛାତ୍ରୀଛାତ୍ରଙ୍କ ମୋଟ ୨୪ଟି ପରୀକ୍ଷା କରାଯିବ। ଫେବୃୟାରୀ ପହିଲାରୁ ୭ ତାରିଖ ଯାଏ ପ୍ରତ୍ୟେକ ବିଷୟର ସମ୍ପୂର୍ଣ୍ଣ ପ୍ରଶ୍ନପତ୍ର ପରୀକ୍ଷା କରାଯିବ। ଜିଲାପାଳଙ୍କ ଏହି ପରିକଳ୍ପନାକୁ ସାକାର କରିବା ପାଇଁ ପ୍ରତ୍ୟେକ ହାଇସ୍କୁଲରେ ପ୍ରଧାନ ଶିକ୍ଷକମାନେ ଅଭିଭାବଙ୍କୁ ଡକାଇ ସଭା କରିବେ। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇ ସେମାନଙ୍କ ପିଲାଙ୍କୁ ଖ୍ରୀଷ୍ଟମାସ ଛୁଟିରେ ସ୍କୁଲକୁ ପଠାଇବାକୁ ବ୍ୟବସ୍ଥା କରିବାକୁ କୁହାଯାଇଛି। ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ପାଇବା ପରେ ଜିଲାରେ ସ୍କୁଲଗୁଡିକରେ ଅଭିଭାବକ ବୈଠକ ହୋଇଛି। ଅଭିଭାବକମାନେ ଜିଲାପାଳଙ୍କ ଏଭଳି ପ୍ରୟାସକୁ ସ୍ୱାଗତ କରିବା ସହ ସେମାନଙ୍କ ପୁଅଝିଅଙ୍କୁ ଛୁଟି ସମୟରେ ସ୍କୁଲ ପଠାଇବାକୁ ସହମତି ପ୍ରକାଶ କରିଥିବା ଜଣାପଡିଛି ।


## JAWAHAR NAVODAYA VIDYALAYA
BURJUGUDA, THERUBALI, DIST.- RAYAGADA (ODISHA)
**TENDER CALL NOTICE - 03/2019-20**

Sealed tenders are invited from the reputed registered Firms/Dealers/ Distributers having Sales/Income Tax & GST Clearance upto **4.00 P.M. of dated 31.12.2019 & will be opened on 07.01.2020 at 11.00 A.M.** before the Purchase Advisory Committee & Tenderers presence. The tender form & related information can be had from the Office of the Jawahar Navodaya Vidyalaya, At- Burjuguda, P.O.- Therubali, Dist.- Rayagada, Odisha from **17.12.2019** during office hours on cash payment of Rs.100/- by hand & Rs.150/- by Post **(Non-refundable) upto 2.00 P.M. of dated 30.12.2019**. The E.M.D. should be enclosed in shape of Bank Draft in favour of **Principal, JNV, Rayagada, payable at State Bank of India, Bissam Cuttack. The Vidyalaya Purchase Advisory Committee reserves the right to accept or reject any or all the tenders without assigning any reason thereof.** For details please visit our website **www.jnvrayagada.nic.in**.

| Sl. No. | Units / Items | E.M.D |
|---|---|---|
| 1 | Laboratory Items | 2000.00 |
| 2 | Junior Science Lab Items | 1000.00 |
| 3 | Junior Math Lab Items | 1000.00 |
| 4 | Furniture | 5000.00 |
| 5 | Other Equipment | 5000.00 |
| 6 | Bedding Items | NIL |
| 7 | Utensil | NIL |

**Sd./- Principal**


ଶାଗୁଆନ କାଠ ଚାଲାଣ ଘଟଣା

### ଆଇଆରବି ପୋଲିସ କମାଣ୍ଡାଣ୍ଟ ଫେରାର

**ଜୁନାଗଡ,୧୭।୧୨(ସ୍ୱ.ପ୍ର.)**

ଆଇଆରବି ୯ ବାଟାଲିୟନର କମାଣ୍ଡାଣ୍ଟ ଶାଗୁଆନ କାଠ ଚାଲାଣରେ ସମ୍ପୃକ୍ତ ରହି ଫେରାର ଥିବା ଅଞ୍ଚଳରେ ଆଲୋଚ୍ୟ ବିଷୟ ହୋଇଛି। ଗତ ନଭେମ୍ବର ୩୦ରେ ବାଟାଲିୟନର ଏକ ଭ୍ୟାନରେ ୩୪ ଖଣ୍ଡ ଶାଗୁଆନ କାଠ ବାହାର ଜିଲାକୁ ଚାଲାଣ ବେଳେ କେସିଙ୍ଗାଠାରେ ଧରା ପଡିବା ବାଟାଲିୟନ କାର୍ଯ୍ୟକଳାପ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଗତ ନଭେମ୍ବର ୩୦ ରାତିରେ ଜଙ୍ଗଲ ବିଭାଗ କେସିଙ୍ଗାଠାରେ ଯାଞ୍ଚ ବେଳେ ଓଡି୦୫ଏଡି୦୯୫୪ ନମ୍ବର ଭ୍ୟାନରୁ ୩୪ଖଣ୍ଡ ଶାଗୁଆନ କାଠ ଜବତ କରିଥିଲା। ଭ୍ୟାନ ଜାରିଙ୍ଗ ଆଇଆରବିର ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଡ୍ରାଇଭର ବଂଶୀ ନାହକ ଓ ନବିନ ସାହୁଙ୍କ ସମେତ ଆଇଆରବି କନଷ୍ଟେବଲ ତନ୍ମୟ ଗର୍ଡିଆଙ୍କୁ ଗିରଫ କରାଯାଇଥିଲା। ସେମାନେ ଏଥିରେ ନବମ ବାଟାଲିୟନର କମାଣ୍ଡାଣ୍ଟ ଦେବେନ୍ଦ୍ର ନାଥ ବେହେରାଙ୍କ ହାତ ଥିବା କହିଥିଲେ । ମ.ରାମପୁର ଜେଏମଏଫସି କୋର୍ଟରେ କମାଣ୍ଡାଣ୍ଟ ବେହେରାଙ୍କୁ ହାଜର ପାଇଁ ଜଙ୍ଗଲ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କେସିଙ୍ଗା ରେଞ୍ଜର ଦିନବନ୍ଧୁ ମେହେରଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ବିଭାଗ ପକ୍ଷରୁ କମାଣ୍ଡାଣ୍ଟଙ୍କୁ ଗିରଫ ପାଇଁ ଗତ ୫ ତାରିଖରେ ଆଇଆରବି କ୍ୟାମ୍ପକୁ ଆସିଥିବା ବେଳେ ସେ ଫେରାର ଥିବା ଜଣାପଡିଥିଲା। ଏହାର କିଛିଦିନ ପରେ କେସିଙ୍ଗା ରେଞ୍ଜର ଦିନବନ୍ଧୁ ମେହେରଙ୍କ ବାଲଙ୍ଗୀର ଓ କେସିଙ୍ଗା ଘରେ ଭିଜିଲାନ୍ସ ଚଢାଉ ହୋଇଥିଲା। କେସିଙ୍ଗା ରେଞ୍ଜର ମେହେରଙ୍କ କହିବାନୁସାରେ କମାଣ୍ଡେଣ୍ଟ ଫନ୍ଦିଫିକର କରି ତାଙ୍କ ବିରୋଧରେ ଭିଜିଲାନ୍ସ ଆଲ କରିଛନ୍ତି। ଏହି ଘଟଣା ପରେ ବନ ବିଭାଗର ଅନ୍ୟ କର୍ମଚାରୀ ମଧ୍ୟ ଭୟଭିତ ଥିବା ବେଳେ ସତ୍ୟର ଜୟ ହେବ ଓ କମାଣ୍ଡାଣ୍ଟ ନିଶ୍ଚୟ ଧରା ପଡି ଜେଲ ଯିବେ ବୋଲି କେସିଙ୍ଗା ରେଞ୍ଜର ମେହେର କହିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

NEW YEAR DHAMAKA
ହର୍ କଦମ ଆପକେ ସାଥ୍
ବଂନ୍ଧନ ଋଣ 1993ରୁ ଆପଣଙ୍କର ସେବାରେ (NBFC Registered) କମ୍ପାନୀ ଦ୍ୱାରା ଏଜୁକେଶନ୍, ସମ୍ପତି, ପେ-ସ୍ଲିପ୍ ଗ୍ରୁପ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। (ଖର୍ଚ୍ଚ ଲୋନ ପାସ୍ ହେଲା ପରେ) 2% ସୁଧ 40% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
9520405151
9520334141

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BUSINESS BUSINESS

INDUS TOWER
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ 4G ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/ +୨୦ ବର୍ଷର ଏଗ୍ରୀମେଣ୍ଟ
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7752975969

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

FRANCHISE
The Chocolate house Cafe — A sweet taste of House
The Chocolate House
Invites Café / Restaurant Franchise Opportunity in BHUBANESWAR
Ready to Buy Outlet
Contact - 9150934567, 8249600323
E-mail : chocolatehouse@oberai.com

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଷ୍ଟିନ



# ବାଇପାସ୍ ରାସ୍ତା ପାଇଁ ବାଟ ଫିଟିଲା

- ଷ୍ଟେଟ୍ ଫାଇନାନ୍ସ କମିଟିରେ ୧୯୦ କୋଟି ମଞ୍ଜୁର
- କୃତଜ୍ଞତା ଜଣାଇଲେ ଏମପି ସଙ୍ଗୀତା ସିଂଦେଓ

**ବଲାଙ୍ଗୀର ଅଫିସ, ୧୭।୧୨**

ବହୁପ୍ରତୀକ୍ଷିତ ବଲାଙ୍ଗୀର ବାଇପାସ୍ ରାସ୍ତା ନର୍ମାଣ ପାଇଁ ଶେଷରେ ବାଟ ଫିଟିଛି । ନିର୍ମାଣ ପାଇଁ ଆବଶ୍ୟକ ପଡୁଥିବା ୧୯୦ କୋଟିର ଅନୁଦାନକୁ ଷ୍ଟେଟ୍ ଫାଇନାନ୍ସ କମିଟିରେ ମଙ୍ଗଳବାର ମଞ୍ଜୁରୀ ମିଳିଛି । ଏଭଳି ଏକ ଖବର ଜଣାପଡିବା ପରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନିତିନ ଗଡକରି ଓ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ବହୁ ପ୍ରତୀକ୍ଷିତ ବାଇପାସ୍ ରାସ୍ତା ପ୍ରକଳ୍ପ ପାଇଁ ୧୯୦କୋଟି ଟଙ୍କାର ଅନୁଦାନ ମିଳିବା ପରେ ଖୁବ୍‌ଶୀଘ୍ର ନିର୍ମାଣ ହେବ ବୋଲି ଜଣାପଡିଛି।

ପ୍ରାୟ ୧୨ କିଲୋମିଟର ଜାତୀୟ ରାଜପଥ ବଲାଙ୍ଗୀର ବାଇପାସ୍ ରାସ୍ତା ତିଆରି ପାଇଁ ଦୀର୍ଘବର୍ଷ ତଳେ ସର୍ଭେ କରାଯାଇଥିଲା । ତେବେ ୨୦୧୩-୧୪ ମସିହାରେ ଏହି ବାଇପାସ୍ ପ୍ରକଳ୍ପ ପାଇଁ ପ୍ରାୟ ୪୧ କୋଟି ଟଙ୍କା ମଞ୍ଜୁରୀ ହୋଇଥିଲା । ୨୦୧୩ ଭୂମି ଅଧିଗ୍ରହଣ ଆଇନ୍ କାର୍ଯ୍ୟକାରୀ ହେବା ପରେ ଏହି ବାଇପାସ୍ ରାସ୍ତା ପ୍ରକଳ୍ପ ପାଇଁ ୨୪୧ କୋଟି ଟଙ୍କା ଆବଶ୍ୟକ ବୋଲି ବିଭାଗ ପକ୍ଷରୁ ଏଷ୍ଟିମେଟ୍ କରି କେନ୍ଦ୍ରୀୟ ଅନୁମୋଦନ ସକାଶେ ପଠାଯାଇଥିଲା । ତେବେ ଉକ୍ତ ଏଷ୍ଟିମେଟ୍‌ରେ ଅନେକଗୁଡିଏ ବିସଙ୍ଗତି ଥିବା ଦର୍ଶାଇ ଷ୍ଟେଟ୍ ଫାଇନାନ୍ସ କମିଟି (ଏସ୍‌ଏଫ୍‌ସି)ଏହାକୁ ଫେରାଇ ଦେଇଥିଲେ । ସେହିଦିନରୁ ଏହି ପ୍ରକଳ୍ପ ବିବାଦୀୟ ହୋଇପଡିଥିଲା । ପ୍ରାୟ ୧୨କିଲୋମିଟର ଲମ୍ବ ବାଇପାସ୍ ପ୍ରକଳ୍ପର କିଛି ସ୍ଥାନରେ ଅହେତୁକ ଭାବେ ଜମି ମୂଲ୍ୟବୃଦ୍ଧି କରାଯାଇଥିବାରୁ ଏହାକୁ ନେଇ ଏସ୍‌ଏଫ୍‌ସି ଆପତ୍ତି ଉଠାଇଥିବା କୁହାଯାଇଥିଲା । କେତେକ ଅଧିକାରୀ ଓ ଜମି ମାଲିକ ସବ୍-ରେଜିଷ୍ଟ୍ରି ଓ ତହସିଲ ଅଫିସରେ ହାତକରି ଜମି ମୂଲ୍ୟାୟନ ବେଳେ ଏକାଧିକ ପ୍ଲଟ୍‌ରେ ଜମି ମୂଲ୍ୟ ବୃଦ୍ଧି କରିଥିବା ଚର୍ଚ୍ଚା ଜୋର ଧରିଥିଲା । ଫଳରେ ଏକାଧିକ ଥର ଏସ୍‌ଏଫ୍‌ସିରେ ଏହି ପ୍ରକଳ୍ପର ଅନୁମୋଦନ ହୋଇପାରି ନ ଥିଲା । ଏହାକୁ ନେଇ ଭାଜପା, ବିଜେଡି ଓ କଂଗ୍ରେସ ଦଳ ତରଫରୁ ମଧ୍ୟ ରାଜନୀତି ସରଗରମ ରହିଥିଲା। ତେବେ ଶେଷରେ ମଙ୍ଗଳବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏସ୍‌ଏଫ୍‌ସି ବୈଠକରେ ବଲାଙ୍ଗୀର ବାଇପାସ୍ ରାସ୍ତା ପ୍ରକଳ୍ପ ପାଇଁ ୧୯୦ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଏହି ମଞ୍ଜୁରୀ ପରେ ଖୁବ୍ ଶୀଘ୍ର ବାଇପାସ୍ ରାସ୍ତା ସକାଶେ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପ ଅନୁମୋଦନ ଲାଭ କରିଥିବା ଜଣାପଡିବା ପରେ ବଲାଙ୍ଗୀର ସହରରେ ଖୁସିର ଲହରି ଖେଳିଯାଇଛି । ଏହି ବାଇପାସ୍ ରାସ୍ତା ନଥିବା କାରଣରୁ ଦୁର୍ଘଟଣାରେ ଅନେକ ଧନଜୀବନ ନଷ୍ଟ ହୋଇଛି ଏବଂ ଲୋକେ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ବାଇପାସ୍ ରାସ୍ତା ନଥିବାରୁ ସକାଳ ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ସହର ମଧ୍ୟଦେଇ ଭାରୀଯାନ ଚଳାଚଳ ବନ୍ଦ ରହିଛି । ଏହା ଫଳରେ ସହର ଉପକଣ୍ଠ ବିଭିନ୍ନ ରାସ୍ତାରେ ଶତାଧିକ ଭାରୀଯାନ ଦୀର୍ଘ ୧୮ ଘଣ୍ଟା ଅଟକି ରହୁଛନ୍ତି ଓ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜଣାଇଲେ ବିଧାୟକ

**ବଲାଙ୍ଗୀର ଅଫିସ, ୧୭।୧୨**

ବହୁପ୍ରତୀକ୍ଷିତ ବଲାଙ୍ଗୀର ବାଇପାସ ରାସ୍ତାର ଅର୍ଥ ମଞ୍ଜୁରୀ ମଙ୍ଗଳବାର ଅନୁଷ୍ଠିତ ଷ୍ଟେଟ ଫାଇନାନ୍ସ କମିଟିରେ ହୋଇଥିବା ଜଣାପଡିବା ପରେ ବିଧାୟକ ନରସିଂହ ମିଶ୍ର କେନ୍ଦ୍ର ସରକାର ଏବଂ ତାଙ୍କ ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଅନେକ ଦିନରୁ ପଡି ରହିଥିବା ଏହି ବାଇପାସ ପାଇଁ ଅର୍ଥ ମଞ୍ଜୁରୀ ହେବା ପରେ ଅଧିକାରୀମାନେ ତତ୍ପରତା ଦେଖାଇ ରାସ୍ତା କାମକୁ ତ୍ୱରାନ୍ୱିତ କଲେ ବଲାଙ୍ଗୀରବାସୀ ଉପକୃତ ହେବେ ବୋଲି କହିଛନ୍ତି । କିଛିଦିନ ପୂର୍ବରୁ ବିଧାୟକ ମିଶ୍ର ତାଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ବାଇପାସ ସମ୍ପର୍କିତ ଜାତୀୟ ରାଜପଥ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ମଙ୍ଗଳବାର ନୂଆଦିଲ୍ଲୀ ଠାରେ ହୋଇଥିବା ବୈଠକରେ ଉପସ୍ଥିତ ଥିବା ଏନ୍‌ଏଚ୍ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଇଂ. ଲକ୍ଷ୍ମୀକାନ୍ତ ପାଢୀ ବାଇପାସ୍ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁରୀ ନେଇ ବିଧାୟକ ମିଶ୍ରଙ୍କୁ ସୂଚନା ଦେଇଥିଲେ । ଏଥିଯୋଗୁଁ ବିଧାୟକ ମିଶ୍ର କେନ୍ଦ୍ର ସରକାର, ବିଭାଗୀୟ ଅଧିକାରୀ ଓ ବଲାଙ୍ଗୀରବାସୀଙ୍କୁ ଧନ୍ୟବାଦ ଦେବା ସହ ଏହି କାମ ଶୀଘ୍ର ସମାପ୍ତ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ୪୨୦ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

**ବିନିକା, ୧୭।୧୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଥିବା ଅରବିନ୍ଦ ବିଦ୍ୟାଳୟର ବାର୍ଷିକ କ୍ରୀଡା ମଙ୍ଗଳବାର ଆରମ୍ଭ ହୋଇଛି । ମୁଖ୍ୟ ଅତିଥିଭାବେ ବିନିକା ଏନ୍‌ଏସି ନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକ ଯୋଗଦେଇ ପ୍ରତିଯୋଗୀତାର ଶୁଭାରମ୍ଭ କରିଥିଲେ । କ୍ରୀଡା ପ୍ରତିଯୋଗୀତାରେ ୪୨୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଏଥିରେ ଜୁନିୟର ବର୍ଗରେ ୨୩୦ ଓ ସିନିୟର ବର୍ଗରେ ୧୯୦ଜଣ ବିଦ୍ୟାର୍ଥୀ ଅନ୍ତର୍ଭୁକ୍ତ। ସିଦ୍ଧାର୍ଥ ଡିଗ୍ରୀ କଲେଜ ଖେଳପଡିଆରେ ଚାଲିଥିବା ଏହି କ୍ରୀଡା ପ୍ରତିଯୋଗିତାରେ ସିନିୟର ବର୍ଗରେ ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ ଓ ଜୁନିୟରରେ ବେଙ୍ଗଡିଆଁ, ସ୍ବ ରେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍କୁଲ ଅଧ୍ୟକ୍ଷ ଅଗସ୍ତି ଚରଣ ଦାଶଙ୍କ ଅଧ୍ୟକ୍ଷତା, ସଭାପତି ବାଂଛାନିଧି ପାତ୍ର, ସମ୍ପାଦକ ଅଜିତ୍ ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଖେଳ ଶିକ୍ଷକ ସରୋଜ ପଟେଲ, ଦେବାଶିଷ ପ୍ରତିଯୋଗିତାର ପରିଚାଳନା କରିଥିଲେ ।

## ସଂକ୍ଷେପରେ



### ପାଣି ଟାଙ୍କି କାର୍ଯ୍ୟକ୍ଷମ ଦାବି

**ଟିକ୍ରାପଡା, ୧୭।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା ଗ୍ରାମକୁ ନିକଟସ୍ଥ ଲାନ୍ଥ ନଦୀରୁ ପାଇପ ଯୋଗେ ପାନୀୟ ଜଳଯୋଗାଣ ହୋଇଥାଏ। ପାନୀୟ ଜଳକୁ ମହଜୁଦ ରଖିବା ପାଇଁ ଗ୍ରାମର ବାଗପଡାଠାରେ ଏକ ପାଣି ଟାଙ୍କି ରହିଛି । ପାଣି ଟାଙ୍କିରୁ ସ୍ଥାନୀୟ ଲୋକେ ଜଳ ସଂଗ୍ରହ କରିଥାନ୍ତି। ତେବେ ମାସେ ତଳେ ରାସ୍ତା ପ୍ରଶସ୍ତିକରଣ ସମୟରେ ଟାଙ୍କିକୁ ସଂଯୋଗ ହୋଇଥିବା ଭୂମି ତଳ ପାଇପ ଫାଟି ଯାଇଥିଲା । ସେହି ସମୟରୁ ଉକ୍ତ ଟାଙ୍କିରେ ପାନୀୟ ଜଳ ଆଉ ମହଜୁଦ ହୋଇ ପାରୁନାହିଁ। ଫଳରେ ଲୋକେ ପାଣି ପାଇଁ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପାଇପ ମରାମତି କରାଯାଇ ପାଣି ଟାଙ୍କିକୁ କାର୍ଯ୍ୟକ୍ଷମ କରାଯିବାକୁ ସଧାରଣରେ ଦାବି ହେଉଛି ।

### ପୁଟୁପଡ଼ାରେ ମହିମା ମେଳା ପ୍ରସ୍ତୁତି

**ବଙ୍ଗୋମୁଣ୍ଡା, ୧୭।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ପୁଟୁପଡା ଗ୍ରାମରେ ପୌଷ ପୂର୍ଣ୍ଣିମା ଅବସରରେ ହେବାକୁ ଥିବା ମହିମା ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଠାଧୀଶ ବାବା କିଶୋର ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜାନୟାରୀ ୭ ତାରିଖରେ ହେବାକୁ ଥିବା ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବ୍ୟପକ ଆଲୋଚନା ହୋଇଥିଲା। ଏହି ଅବସରରେ ପ୍ରବଚନ, ନାଟକ ବାହାକ, ସାଂସ୍କୃତିକ କାର୍ଯକ୍ରମ ଆୟୋଜନ ନେଇ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧରେ କମିଟିର କୋଷାଧ୍ୟକ୍ଷ ସରୋଜ ଜୈନ, ମାରଓାଡି ଯୁବାମଞ୍ଚର ପୂର୍ବତନ ସଭାପତି ମନୋଜ ଜୈନ, ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଭୋଳାନାଥ ବେହେରା, ବିଜେଡି ନେତା ବାବୁଲାଲ ଅଦା, ସରୋଜ ସୁବୁଦ୍ଧି, ସୁରେଶ ପୁଟେଲ, ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ସଇଁତଲା, ୧୭।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ ଉପାଧ୍ୟକ୍ଷା ଅହଲ୍ୟା ମଲ୍ଲିକ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ବିଡିଓ ପ୍ରଦୀପ ପଟ୍ଟନାୟକ, ଏମପିଙ୍କ ବ୍ଲକ ପ୍ରତିନିଧି ଅକ୍ଷୟ ରଣା, ଭିଜିଲାନ୍ସ ମନିଟରିଂ କମିଟିର ସଦସ୍ୟ ଅଖିଳେଶ ରଣା, ସହକାରୀ ଯନ୍ତ୍ରୀ ହେମେନ୍ଦ୍ରନାଥ ମଲ୍ଲିକ, ଏପିଓ ସୁବାଷ ବେହେରା, ବ୍ଲକ ସାମାଜିକ ସମୀକ୍ଷକ ସୁନୀଲ ପୋଢ଼ ପ୍ରମୁଖ ଯୋଗ ଦେଇଥିଲେ। ଏମଜିଏନଆରଇଜିଏସ୍‌ରେ ବହୁ ପଞ୍ଚାୟତରେ ମୃତ ବ୍ୟକ୍ତିଙ୍କ ନାମରେ ଟଙ୍କା ଉଠାଣ ହୋଇଥିବା ଅଭିଯୋଗ ହୋଇଥିଲା । ଏହାସହ ପଞ୍ଚାୟତମାନଙ୍କରେ ମୃତ ବ୍ୟକ୍ତିଙ୍କ ନାମରେ ଟଙ୍କା ଉଠାଯାଇଥିବା ଭଳି ଗୁରୁତର ଅଭିଯୋଗ ଗ୍ରାମ୍ୟ ସାଧନା କର୍ମୀମାନେ କରିଥିଲେ । ଶିବିରରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଉଦ୍ୟାନ ବିଭାଗରେ ହୋଇଥିବା ଖର୍ଚ୍ଚ ବିଷୟରେ ଗ୍ରାମ୍ୟ ସାଧନା କର୍ମୀମାନେ ବିଭାଗର ଅଧିକାରୀ ଯୁଗଳ କିଶୋର ବାର୍ଲାଙ୍କୁ ପଚାରିବାରେ ସେ କୌଣସି କାଗଜପତ୍ର ଆଣି ନ ଥିବା କହି ଶିବିରରୁ ଚାଲିଯାଇଥିଲେ। ଡୁଙ୍ଗୁରିପାଲି ପଞ୍ଚାୟତରେ ଏମଜିଏନଆରଇଜିଏସରେ ମଷ୍ଟର ରୋଲ ନ କରି ଟଙ୍କା ଉଠାଣ କରାଯାଇଥିବା ଗ୍ରାମ୍ୟ ସାଧନା କର୍ମୀ ଅଭିଯୋଗ କରିଥିଲେ । ଗଣ୍ଡପତ୍ରାପାଲି ପଞ୍ଚାୟତର ଫପସି ଗ୍ରାମର ଜଣେ ବ୍ୟକ୍ତିଙ୍କ ୨୦୧୮ ମେ ମାସରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ନାମରେ ୧ ବର୍ଷଧରି ଭତ୍ତା ଟଙ୍କା ଉଠାଣ ହୋଇଥିବା ଅଭିଯୋଗ ହୋଇଥିଲା। ଜଙ୍ଗଲ ବିଭାଗର କୌଣସି ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ନ ଥିବାରୁ ଉପସ୍ଥିତ ଅତିଥିମାନେ କ୍ଷୋଭ ପ୍ରକାଶ କରିଥିଲେ ।



ଜନଶୁଣାଣି ଶିବିରରେ ମଞ୍ଚାସୀନ ଅଧିକାରୀ, ଜନ ପ୍ରତିନିଧି।

## କ୍ରିକେଟ ଧମାକା: ବୁର୍ଡା ଚାମ୍ପିୟନ

**ଲୋଇସିଂହା, ୧୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ହାଇସ୍କୁଲ ଖେଳପଡିଆରେ ଏକଦିବସୀୟ କ୍ରିକେଟ ଧମାକା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ଖେଳରେ ଦୁମଦୁମିକୁ ହରାଇ ବୁର୍ଡା ଚାମ୍ପିୟନ ହୋଇଛି । ଜୟମା'ଦୁର୍ଗା କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟ ୬ ଓଭର ବିଶିଷ୍ଟ ହୋଇଥିଲା । ବୁର୍ଡା ଓ ଦୁମଦୁମି ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ବୁର୍ଡା ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ ବିନିମୟରେ ୪୦ ରନ ସଂଗ୍ରହ କରଥିଲା । ୪୧ ରନର ବିଜୟ ଲକ୍ଷ୍ୟ ନେଇ ଦୁମଦୁମି ଦଳ ବ୍ୟାଟି କରିବାକୁ ଯାଇ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୩୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ବୁର୍ଡାର ଜୟପ୍ରକାଶ ସାହୁ ୭ ବଲରେ ୨୪ ରନ ଓ ଗୋଟିଏ ଓଭରରେ ୨ ରନ ଦେଇ ୪ ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରଷ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଯୁବନେତା ସୁଦୀପ ସା, ସୁଶାନ୍ତ ବାରିକ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ । ଚନ୍ଦନ ରଣା, ସରୋଜ ବାରିକ, ଅମିତ ସାହୁ, ମାନସ ବାଗ ଖେଳ ପରିଚାଳନା କରିଥିଲେ ।



ବୁରୋଭାଡି ମଣ୍ଡିରେ ଧାନକ୍ରୟର ଶୁଭାରମ୍ଭ କରାଯାଉଛି।

## ବୁରୋଭାଡ଼ି ମଣ୍ଡିରେ ଧାନକିଣାର ଶୁଭାରମ୍ଭ

**ଲୋଇସିଂହା, ୧୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବୁରୋଭାଡି ଧାନ ମଣ୍ଡି(ପ୍ୟାକ୍ସ)ରେ ବୁଧବାର ଧାନକିଣା ଶୁଭାରମ୍ଭ ହୋଇଛି। ପ୍ରଥମ ଦିନରେ ୧୨ଜଣ ଚାଷୀଙ୍କଠାରୁ ୪୬୧କୁଇଣ୍ଟାଲ ୨୫ କେଜି ଧାନ କିଣଯାଇଛି। ପ୍ୟାକ୍ସସମ୍ପାଦକ ପ୍ରୀତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା ସମିତି ସଭାପତି ଫକିର ବିଶ୍ୱାଳ ଅତିଥିଭାବେ ଯୋଗଦେଇ ଧାନକିଣା ଶୁଭାରାମ୍ଭ କରିଥିଲେ । ପ୍ୟାକ୍ସ ଅଧୀନ ବୁରୋଭାଡି, ସାନକିଁକା ଓ ନଅଗାଁ(ଖ) ଗ୍ରାମର ୨୬୦ ଚାଷୀ ଧାନ ବକ୍ରିପାଇଁ ପଞ୍ଜୀକୃତ ହୋଇଛନ୍ତି। ପ୍ୟାକ୍ସକୁ ଚଳିତବର୍ଷ ୧୨ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦିଆଯାଇଥିବା ସମ୍ପାଦକ ଶ୍ରୀମିଶ୍ର ସୂଚନା ଦେଇଛନ୍ତି। ବନ୍ୟା ଯୋଗୁ ବୁର୍ଡା-ନଅଗାଁ ରାସ୍ତା ଶୋଚନୀୟ ହୋଇ ପଡିଥିଲା। ରାସ୍ତା ମରାମତି କରି ଧାନ ବୋଝେଇ ଗାଡି ଯାତାୟାତ ଉପଯୋଗୀ କଲାପରେ ଧାନକ୍ରାୟ ଆରମ୍ଭ ହୋଇଛି।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

## ମୁଖ୍ୟ ବିଚାରପତିଙ୍କୁ ଭେଟି ଦାବି ଜଣାଇଲେ ନରସିଂହ

**ବଲାଙ୍ଗୀର ସପକ୍ଷ ଯୁକ୍ତି ଓ ପ୍ରମାଣ ଦେଖାଇଲେ**

**ବଲାଙ୍ଗୀର ଅଫିସ, ୧୭।୧୨**

ହାଇକୋର୍ଟ ସ୍ଥାୟୀ ବେଞ୍ଚ ବଲାଙ୍ଗୀରଠାରେ ହିଁ ପ୍ରତିଷ୍ଠା କରାଯାଉ ବୋଲି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମଙ୍ଗଳବାର ସନ୍ଧ୍ୟାରେ ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍.ଜାଭେରୀଙ୍କୁ ସାକ୍ଷାତ୍ କରି ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି । ଏହି ଅବସରରେ ବିଧାୟକ ମିଶ୍ର ବଲାଙ୍ଗୀରବାସୀଙ୍କ ଦୀର୍ଘକାଳୀନ ଦାବି ସପକ୍ଷରେ ଥିବା ଯୁକ୍ତି ଓ ପ୍ରମାଣକୁ ମଧ୍ୟ ଜାଭେରୀଙ୍କୁ ଅବଗତ କରିଛନ୍ତି। ଭୌଗୋଳିକ ସ୍ଥିତି, ଏହି ଅଞ୍ଚଳର ଆର୍ଥିକ ମାନଦଣ୍ଡ ଏବଂ ଐତିହାସିକ ଭିତ୍ତିଭୂମି ଦୃଷ୍ଟିରୁ ବଲାଙ୍ଗୀର ସପକ୍ଷରେ ଅନେକ ବଳିଷ୍ଠ ଯୁକ୍ତି ରହିଛି । ଆହୁରି ମଧ୍ୟ ହାଇକୋର୍ଟ ବେଞ୍ଚ ପାଇଁ ସ୍ଥାନ ନିରୂପଣ ସକାଶେ କାର୍ଯ୍ୟକାରୀ ବିଭିନ୍ନ କମିଶନଙ୍କ ମାନଦଣ୍ଡ ଓ ସୁପାରିଶ ମଧ୍ୟ ବଲାଙ୍ଗୀର ସପକ୍ଷରେ ରହିଛି । ତେଣୁ ବଲାଙ୍ଗୀରର ନ୍ୟାଯ୍ୟ ଦାବିକୁ ଆଉ ଅଣଦେଖା ନକରି ହାଇକୋର୍ଟ ପକ୍ଷରୁ ତୁରନ୍ତ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ସପକ୍ଷରେ ମତ ଦିଅନ୍ତୁ ବୋଲି ଜଷ୍ଟିସ୍ ଜାଭେରୀଙ୍କୁ ବିଧାୟକ ମିଶ୍ର ଦାବି ଜଣାଇଥିଲେ । ଏହି ବହୁପ୍ରତୀକ୍ଷିତ ଦାବିକୁ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କେବଳ ସମୟ ଗଡାଇ ଚାଲିଛନ୍ତି । ଏହି କାରଣରୁ ଓକିଲମାନେ ମଧ୍ୟ ବିଭିନ୍ନ ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ କରୁଛନ୍ତି । ଫଳରେ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଉଛି ଓ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଏନେଇ ଅନେକ ଲୋକ ସର୍ବୋଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ମଧ୍ୟ ହୋଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଆନ୍ଦୋଳନ ଯୋଗୁଁ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାରୁ କଡା ନିର୍ଦ୍ଦେଶନାମା ଜାରି କରିଛନ୍ତି । ତେଣୁ ଆଉ ଅଧିକ ବିଳମ୍ବ ନକରି ହାଇକୋର୍ଟ ବେଞ୍ଚ ବଲାଙ୍ଗୀରରେ ପ୍ରତିଷ୍ଠା କରାଯାଉ ବୋଲି ବିଧାୟକ ମିଶ୍ର ଦାବି କରିଛନ୍ତି ।

## ସିଏସ୍‌ଓଙ୍କ ସହ ଆଲୋଚନା କଲେ ଚାଷୀ ନେତା

**ସୋନପୁର, ୧୭।୧୨(ନି.ପ୍ର.)**

ଧାନ ବିକ୍ରି ସମୟରେ ସୁବର୍ଣ୍ଣପୁର ଜିଲାର ଚାଷୀ କଟ୍‌ନି ଛଟ୍‌ନିର ଶିକାର ହେଉଛି। ମାନ ଠିକ ନ ଥବା ଦର୍ଶାଇ ମଣ୍ଡିରୁ ଧାନ ଉଠୁନି। ରାତି ଉଜାଗର ରହି ଚାଷୀଙ୍କୁ ଧାନ ଜଗିବାକୁ ପଡୁଛି। ଏଥିପାଇଁ ଚାଷୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ସୁବର୍ଣ୍ଣପୁର ଜିଲା କୃଷକ ସଂଗଠନ ସମନ୍ୱୟ ସମିତିର ସଭାପତି ରାଜେନ୍ଦ୍ର ପ୍ରସାଦ ନାୟକଙ୍କ ନେତୃତ୍ୱରେ ଚାଷୀ ନେତାମାନେ ସିଏସଓ(ଜିଲା ଯୋଗାଣ ଅଧିକାରୀ) ବିବେକାନନ୍ଦ କୋରକୋରାଙ୍କୁ ଭେଟିଥିଲେ । ମଣ୍ଡିରେ କଟ୍‌ନି ଛଟ୍‌ନି ଚାଲିଥିବା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ମିଲର୍ସ ନ ଆସିଲେ ପ୍ୟାକ୍ସ ଗୁଡିକ ଧାନ କିଣୁ ନ ଥିବା କହିଥିଲେ। ଚାଷୀ ଜରି ବସ୍ତାରେ ମଣ୍ଡିକୁ ଧାନ ଆଣୁଛନ୍ତି । ମଣ୍ଡିରେ ବସ୍ତା ବାବଦରେ ୪୦୦ ଗ୍ରାମ ଧାନ କଟାଯାଉଛି । ପୁଣି ମିଲର୍ସ ଚାଷୀଙ୍କ ଜରି ବସ୍ତାକୁ ନେଇ ଯାଉଥିବା ଚାଷୀ ନେତା ଅଭିଯୋଗ କରିଥିଲେ। ସେହିଭଳି ମନ୍ଥର ଗତିରେ ଧାନ କିଣା ଚାଲିଥିବାରୁ ଚାଷୀ ନେତା ଉଦ୍‌ବେଗ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସମବାୟ ନିବନ୍ଧକଙ୍କ ସହିତ ଆଲୋଚନା କରିପଦକ୍ଷେପ ନିଆଯିବ ବୋଲି ଜିଲା ଯୋଗଣା ଅଧିକାରୀ ପ୍ରତିଶୃତି ଦେଇଛନ୍ତି। କୃଷକ ସଂଗଠନର ଉପସଭାପତି ବୈକୁଣ୍ଠ ନାଥ ଶତପଥୀ, ସଦାନନ୍ଦ ପାଣିଗ୍ରାହୀ, କୈଳାଶ ମହାପାତ୍ର, ସୁଧୀର ବମାନବେନ୍ଦ୍ର ନାୟକ, ଶମ୍ଭୁଭୂଷଣ ବେହେରା, ସଞ୍ଜିବ କୁମାର ନାୟକ, ନରସିଂହ ପ୍ରଧାନ, ନିଳାଦ୍ରୀ ମେହେର, ରଜେନ କୁମାର ପ୍ରଧାନ, ପଦ୍ମଲୋଚନ ମିଶ୍ର, ରାଜେନ୍ଦ୍ର ପ୍ରଧାନ ଓ ସୁରେଶ କୁମାର ସାହୁ ପ୍ରମୁଖ ଚାଷୀଙ୍କ ସମସ୍ୟା ଓ ମଣ୍ଡିରେ ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ଯୋଗାଣ ଅଧିକାରୀ ସୁବୋଧ ହୋତା ଉପସ୍ଥିତ ଥିଲେ ।

ରାଜେନ୍ଦ୍ର କଲେଜ ଆଲୁମ୍‌ନି କମିଟି ପକ୍ଷରୁ ଆଥ୍‌ଲେଟିକ୍ ମିଟ୍

## ଯୋଗଦେଲେ ୫୧ କଲେଜର ୪୫୦ ପ୍ରତିଯୋଗୀ

**ବଲାଙ୍ଗୀର ଅଫିସ, ୧୭।୧୨**

ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂଶାସିତ କଲେଜର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ୍ ଜୁବିଲି ଆୟୋଜନ ପାଇଁ ବ୍ୟାପକ ପ୍ରସ୍ତୁତି ଓ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି । ଏହି ଅବସରରେ ପ୍ଲାଟିନମ୍ ଜୁବିଲି ପାଳନ କରୁଥିବା କଲେଜର ଆଲୁମ୍‌ନି କମିଟି ପକ୍ଷରୁ ରାଜେନ୍ଦ୍ର କଲେଜ ପଡିଆରେ ମଙ୍ଗଳବାର ଆଥ୍‌ଲେଟିକ୍ ମିଟ ଆୟୋଜନ କରାଯାଇଥିଲା । ଏଥିରେ ଘୋଷିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧିନ ୫୧ କଲେଜର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ । ଆଥ୍‌ଲେଟିକ୍ କମିଟି ଆବାହକ ଅସୀମ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାକୁ ଏସିଆନ୍ କ୍ରୀଡା ପ୍ରତିଯୋଗିତାର ବ୍ରୋଞ୍ଜ ପଦକ ବିଜେତା ପ୍ରଣତୀ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ରୀଡାବିତ୍ ଶରତ ଚନ୍ଦ୍ର ଦୀକ୍ଷିତ, ଆଲୁମ୍‌ନି ସଭାପତି ଲଳିତ କୁମାର ନାୟକ, ସମ୍ପାଦକ ଅରବିନ୍ଦ ଦାସ, ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ବଡେଇ, ଅଜୟ ଦାସ ମଞ୍ଚାସୀନ ଥିଲେ । ଏହି ପ୍ରତିଯୋଗିତାରେ ୧୦ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୫୧ଟି କଲେଜର ୪୭୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ । ମଙ୍ଗଳବାର ସକାଳେ ସମଲେଶ୍ୱରୀ ମନ୍ଦିରରୁ କଲେଜ ପଡିଆ ପର୍ଯ୍ୟନ୍ତ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ସୁମନ ନନ୍ଦ, ଅଙ୍କିତ ସାହୁ ଓ ରିପନ ମିଶ୍ରଙ୍କ ସହ ବହୁ କଲେଜ ଛାତ୍ର ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଆଲୁମ୍ନି ସଭାପତି ଲଳିତ ନାୟକ, କ୍ରୀଡା ପ୍ରତିଭା ପ୍ରଣତି ମିଶ୍ର, ଆଲୁମ୍ନି ଉପସଭାପତି ଅଭିମନ୍ୟୁ ମିଶ୍ର, ଭବାନୀ ଶଙ୍କର ଶତପଥୀ, ସତ୍ୟ ସୁନ୍ଦର ଭଞ୍ଜ, ଆଥ୍‌ଲେଟିକ୍ କମିଟି ଆବାହକ ଅସୀମ କୁମାର ଭୋଇ ମଞ୍ଚାସୀନ ହୋଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କ୍ରୀଡା ପତିଯୋଗିତାକୁ ପରିଚାଳନା କରିବାରେ ଅବତାବ ଖାନ, ପ୍ରେମ ମିଶ୍ର, ନୂତନ ଦାସ, ମନୀଷ ମିଶ୍ର, ବ୍ୟାସଦେବ ନନ୍ଦ, ସୁମିତ ପଟ୍ଟନାୟକ, ରୋଶନ ମିଶ୍ର, ବହୁ ହାଇସ୍କୁଲ ପିଇଟି ଓ କଲେଜ ଛାତ୍ରୀଛାତ୍ର ସହଯୋଗ କରିଥିଲେ । ଶେଷରେ ଅସୀମ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।




ଅତିଥିଙ୍କ ଗହଣରେ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଖବରଦାତାମାନଙ୍କ ସାମାଜିକ ସୁରକ୍ଷା ଦରକାର

ନୂଆପଡା ଅଫିସ/ତରବୋଡ,୧୭।୧୨- ନୂଆପଡା ଜିଲା ତରବୋଡସ୍ଥିତ ଅହୀର ସମାଜ ଭବନଠାରେ ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ ନୂଆପଡା ତରଫରୁ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ସଭାପତି ମାୟାଧର ସରାଫ ସଭାପତିତ୍ୱ କରିଥିବାବେଳେ ସଂଘ ସମସ୍ତ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ଜିଲାର ସମସ୍ତ ବ୍ଲକର ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିବାବେଳେ ସରକାରଙ୍କ ତରଫରୁ ଖବରଦାତାମାନଙ୍କ ସାମାଜିକ ସୁରକ୍ଷା ଉପରେ ଦୃଷ୍ଟି ଦେଇ ପଦକ୍ଷେପ ନେବା ଦରକାର ବୋଲି ଆଲୋଚନା ହୋଇଥିଲା। ଆଗାମୀ ଦିନରେ କିପରି ବାର୍ଷିକ ଉତ୍ସବକୁ ଭବ୍ୟ କରାଯିବ ସେଥିପାଇଁ ପ୍ରସ୍ତୁତି କରାଯାଇଥିଲା। ଖବରଦାତା ସୁଶାନ୍ତ କୁମାର କର ଧନ୍ୟବାଦ ଜ୍ଞାପନ କରିଥିଲେ।

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ବେଲପଡା, ୧୭।୧୨(ଡି.ଏନ.ଏ.) ବଲାଙ୍ଗୀର ଜିଲା ବେଲପଡା ଥାନା ସରମୁହାଣ ପଞ୍ଚାୟତ ଭଲୁଖାଇ ଗ୍ରାମରେ ଭାଲୁ ଆକ୍ରମଣରେ ଟଙ୍କଧର ସାହୁ(୬୦) ନାମକ ଜଣେ ବୃଦ୍ଧ ଆହତ ହୋଇଛନ୍ତି। ସେ ମଙ୍ଗଳବାର ୧୨ଟାରେ ନିଜ ଜମିରୁ କପା ତୋଳୁଥିବା ବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ଏଥିରେ ଟଙ୍କଧରଙ୍କ ଜଙ୍ଘ, ଆଣ୍ଠୁରେ ଗଭୀର କ୍ଷତ ହୋଇଥିଲା। ତାଙ୍କ ଚିତ୍କାର ଶୁଣି ପାଖରେ ଥିବା ଟଙ୍କଧରଙ୍କ ପୁଅ ବୃନ୍ଦାବନ ଓ ଅନ୍ୟମାନେ ଆସି ଯିବାରୁ ଭାଲୁ ସେଠାରୁ ପଳାଇଥିଲା।

■ ପରକୋଡ଼ ଧନୁଯାତ୍ରା ଦ୍ୱିତୀୟ ଦିନରେ

# ଦୁଲୁକୁଛି କଂସ ଦରବାର

ନୂଆପଡା ଅଫିସ,୧୭।୧୨

ଓଡ଼ିଶା ଛତିଶଗଡ଼ ସୀମାନ୍ତରେ ଓଡିଆ ଭାଷା ସଂସ୍କୃତି ଉପରେ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି। ଏହି ଅଞ୍ଚଳରେ ଦିନକୁ ଦିନ ଛତିଶଗଡି ଭାଷା, ଲୋକକଳା ଭାରି ହୋଇପଡୁଛି। ତେଣୁ ଏଠାରେ ଭାଷାକୁ ଏକ ଅଭିଯାନ ରୂପେ ନେଇ କାର୍ଯ୍ୟକ୍ରମସବୁ ହାତକୁ ନେବା ଦରକାର ବୋଲି ମତ ପ୍ରକାଶ ପାଇଛି। ଜିଲା ସଦର ମହକୁମାଠାରୁ ୨୦ କି.ମି. ଦୂର ଛତିଶଗଡ ସୀମାନ୍ତ ପରକୋଡରେ ଆୟୋଜିତ ଧନୁଯାତ୍ରା ମହୋତ୍ସବରେ ବକ୍ତାମାନେ ଏହି ମତ ପୋଷଣ କରିଛନ୍ତି। ସୋମବାର ରାତି ଥିଲା ଯାତ୍ରାର ଦ୍ୱିତୀୟ ରାତ୍ରି। ଏହି ଅବସରରେ ଆୟୋଜିତ କଂସ ଦରବାରରେ ଆୟୋଜକ କମିଟି ସଭାପତି ମୋଇନ ଖାନ ସଭାପତିତ୍ୱ କରିଥିବାବେଳେ ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ସରୋଜ କୁମାର ସାହୁ ମୁଖ୍ୟଅତିଥି, ନୂଆପଡା ଏନଏସିର ପୂର୍ବତନ ଉପାଧ୍ୟକ୍ଷ ମହେଶ କୁମାର ନିଆଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଏଭଳି ଏକ ମହୋତ୍ସବ ଜରିଆରେ ଓଡିଆ ଭାଷା ଏବଂ ସଂସ୍କୃତିକୁ ଉଦ୍‌ଜୀବିତ କରୁଥିବାରୁ ଅତିଥିମାନେ ଆୟୋଜକ କମିଟିକୁ ସାଧୁବାଦ ଜଣାଇଥିଲେ। ଏକ ନାଟକ ମାଧ୍ୟମରେ ଲୋକଙ୍କ ମଧ୍ୟରେ ଏକତା ଏବଂ ଭାଇଚାରା ସ୍ଥାପନ କରାଯାଉଛି । ଏଭଳି ଏକ ଉତ୍ସବରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସବୁ ଧର୍ମର ନେତୃବୃନ୍ଦଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ଦିନଯାକ କଂସ ପରକୋଡ ବସ୍ତି ପରିକ୍ରମା କରି ବିଭିନ୍ନ ସଚେତନତା ଧର୍ମୀ ବାର୍ତ୍ତା ବାଣ୍ଟିଥିଲେ । ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ସମସ୍ତ ଦର୍ଶକଙ୍କ ମନମୋହିଥିଲା । ବିଭିନ୍ନ ନୃତ୍ୟଗୀତରେ ଦରବାର ଦୁଲୁକିଥିଲା। କାର୍ଯ୍ୟକ୍ରମରେ କଂସ ଭୂମୀକାରେ ଝସକେତନ ପ୍ରଧାନ ଏବଂ ସେନାପତି ଭୂମୀକାରେ ରୁଦ୍ର ମେହେର ଅବତୀର୍ଣ୍ଣ ହେଉଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ କମିଟି ସମ୍ପାଦକ ନବୀନ ଦେୱାଙ୍ଗନ, ପଣ୍ଡା ଚନ୍ଦ୍ରକାର, ରାମେଶ୍ୱର ରାଉତ, ମହମ୍ମଦ ସଲିମ, ଦୟା ଦେୱାଙ୍ଗନ, ହେମନ୍ତ ଦେୱାଙ୍ଗନ, ଦେବେନ ଦଣ୍ଡସେନା ପ୍ରମୁଖ ଭୂମିକା ନେଉଥିବା ପ୍ରକାଶ । କାର୍ଯ୍ୟକ୍ରମରେ ଅଞ୍ଚଳର ୪/୫ଟି ଗ୍ରାମପଞ୍ଚାୟତ ସମେତ ଛତିଶଗଡ ରାଜ୍ୟର ବହୁ ଗ୍ରାମବାସୀ ଉପଭୋଗ କରୁଥିବା ଦେଖାଯାଇଛି । ଏହି କାର୍ଯ୍ୟକ୍ରମ ଆଗକୁ ୨୧ତାରିଖ ଯାଏଁ ଚାଲିବ ବୋଲି କମିଟି ସୂତ୍ରରୁ ପ୍ରକାଶ ।




କଂସଙ୍କ ଦରବାରରେ ମଞ୍ଚାସୀନ ଅତିଥିବୃନ୍ଦ।

**ସୀମାନ୍ତରେ ଭାଷା ସୁରକ୍ଷା ଜରୁରୀ**

## ଭାଜପା ଯୁବମୋର୍ଚ୍ଚା ସମ୍ପାଦକଙ୍କୁ ହତ୍ୟା ଅଭିଯୋଗ

ଖଡିଆଳ,୧୭।୧୨(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଥାନା ଅନ୍ତର୍ଗତ ଉପରପିଠା ଗାଁରେ ଭାଜପା ବ୍ଲକ ଯୁବମୋର୍ଚ୍ଚାର ସମ୍ପାଦକ କ୍ଷୀରସିନ୍ଧୁ ଶବରଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରିଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ ଉପରପିଠା ଗାଁର ଶେଷ ମୁଣ୍ଡରେ ଥିବା ଏକ ପଳାଶ ଗଛରେ କ୍ଷୀରସିନ୍ଧୁଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପରିବାର ଲୋକେ ଦେଖିବାକୁ ପାଇଥିଲେ। ଗତ ରବିବାର ରାତିରେ ଘରୁ ବାହାରି କ୍ଷୀରସିନ୍ଧୁ ଆଉ ଫେରି ନ ଥିଲେ। ଦୀର୍ଘ ସମୟ ଧରି କ୍ଷୀରସିନ୍ଧୁଙ୍କ କୌଣସି ଖୋଜଖବର ପାଇ ନ ଥିବା ବେଳେ ସୋମବାର ସକାଳେ ଗାଁ ମୁଣ୍ଡରେ ତାଙ୍କ ଝୁଲନ୍ତା ମୃଦେହ ପରିବାର ଲୋକେ ଦେଖିଥିଲେ। କ୍ଷୀରସିନ୍ଧୁଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ବେକକୁ ଗାମୁଛାରେ ଭିଡିଦେଇ ଗଛରେ ଝୁଲାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏ ନେଇ ପରିବାର ପକ୍ଷରୁ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରିବାକୁ ଦାବି କରିଛନ୍ତି। ନୂଆପଡା ଅତିରିକ୍ତ ଏସପି ସୁନୀଲ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଖଡିଆଳ ପୋଲିସ ଏସଡିପିଓ ବିରଞ୍ଚି ନାରାୟଣ ଦେହୁରୀ, ଆଇଆଇସି କୌଳାଶ ଚନ୍ଦ୍ର ସେଠୀ, ଏସଆଇ ଜିତୁମୋହନ ବେଶ୍ରାଙ୍କ ସମେତ ସାଇନଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି । ଏ ନେଇ ଖଡିଆଳ ଥାନାରେ ଏକ ହତ୍ୟା ମାମଲା (ନଂ. ୩୪୯/୧୯) ରୁଜୁ ହୋଇଛି। କ୍ଷୀରସିନ୍ଧୁଙ୍କ ମୃତ୍ୟୁର କାରଣ ଏଯାଏଁ ସ୍ପଷ୍ଟ ହୋଇ ନ ଥିବା ବେଳେ ଶବ ବ୍ୟବେଚ୍ଛଦ ରିପୋର୍ଟ ଆସିବା ପରେ ହତ୍ୟାର କାରଣ ଜଣାପଡିବ ବୋଲି ନୂଆପଡା ଅତିରିକ୍ତ ଏସପି ସୁନୀଲ କୁମାର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

## ୨ ବାଇକ ମୁହାଁମୁହିଁ ଧକ୍କା: ୨ ଆରୋହୀ ଗୁରୁତର

ଖଡିଆଳ,୧୭।୧୨(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ-ଭବାନୀପାଟଣା ମୁଖ୍ୟ ରାସ୍ତାର ରିଷିଗାଁ ଛକଠାରେ ଦୁଇ ମୋଟରସାଇକେଲ ମୁହାଁମୁହିଁ ଧକ୍କାରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ୨ ଜଣ ହେଲେ ଖଡିଆଳ ବ୍ଲକ ଭୋଜପୁର ପଞ୍ଚାୟତ କୋଟିପଦର ଗ୍ରାମର ଅଭିନାଶ ଜଗତ ଓ ବୋଡେନ ବ୍ଲକ କ୍ଷୀରମାଲ ଗାଁର ନରେନ୍ଦ୍ର ଶଗରିଆ। ଖବର ପାଇ ଖଡିଆଳ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ଦୁଇ ମୋଟରସାଇକେଲ ଆରୋହୀଙ୍କୁ ଉଦ୍ଧାର କରିବା ସହ ଖଡିଆଳ ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି । ପ୍ରାଥମିକ ଚିକିତ୍ସା ପରେ ଦୁଇ ଗୁରୁତରଙ୍କୁ ଖଡିଆଳ ମିଶନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

■ ଧନୁ ପଞ୍ଚମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

ଭବାନୀପାଟଣା,୧୭।୧୨(ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ କର୍ଲାପଡାଠାରେ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଓ ସ୍ୱାଧୀନ କ୍ଲବ କର୍ଲାପଡା ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ଧନୁ ପଞ୍ଚମ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚରେ ଭବାନୀପାଟଣା ସ୍ପୋର୍ଟ୍ସ ହଷ୍ଟେଲ ମହାରାଜା କ୍ଲବ ବୋର୍ଡାକୁ ୧-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଖେଳ ଶିକ୍ଷକ ମନୋଜ ବିଶ୍ୱାଳ, ନିର୍ମଳ ପ୍ରଧାନ, ରଶ୍ମିରଞ୍ଜନ ପ୍ରଧାନ ଓ ଭୀଷ୍ମ ମାଝି ଖେଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ଧ୍ରୁବ ଚରଣ ପ୍ରଧାନ, ସମ୍ପାଦକ ଅଞ୍ଜନ କୁମାର ପଧାନ, ବଉଦ ମାଝି, କେତନ ଜୁଆଡ, ମହେନ୍ଦ୍ର କୁମାର, ବବଲୁ ପଧାନ, ବୁଲୁ ଜୁଆଡ, ଅଶୋକ ପଧାନ, ଜଗଦାନନ୍ଦ ପଧାନ ପ୍ରମୁଖ ସହଯୋଗ କରିଥିଲେ। ପୂର୍ବତନ ସରପଞ୍ଚ ଚାରୁଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭବାନୀପାଟଣା ବ୍ଲକ ଅଧ୍ୟକ୍ଷା ସନ୍ତୋଷୀ ଦାଶ ମୁଖ୍ୟଅତିଥି, କର୍ଲାପଡା ସରପଞ୍ଚ ମଧୁସ୍ମିତା ପ୍ରଧାନ, ପୂର୍ବତନ ସମିତି ସଭ୍ୟ ବୃନ୍ଦାମଣୀ ନାଏକ, ପୂର୍ଣ୍ଣଚନ୍ଦ୍ର ଯୁଆଡ, ପିମନ୍ତ ପଧାନ, ଦୂତୀବାହନ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ଉଦ୍‌ଘାଟନୀ ମ୍ୟାଚ୍ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

■ ଜିଲାସ୍ତରୀୟ ପ୍ରଦର୍ଶନୀ, ପ୍ରକଳ୍ପ ପ୍ରତିଯୋଗିତା

# ଶିଶୁଙ୍କ ପ୍ରତିଭା ବିକାଶ ପାଇଁ ପ୍ରଦର୍ଶନୀ ଏକ ପ୍ରକୃତ କ୍ଷେତ୍ର

ନୂଆପଡା ଅଫିସ,୧୭।୧୨

ସ୍ଥାନୀୟ ଡୁମେରପାଣିସ୍ଥିତ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞାନ ପ୍ରଦର୍ଶନୀ ଏବଂ ପ୍ରକଳ୍ପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଆଦିକନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବୃଷଭ ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ବ୍ଲକ ଶିକ୍ଷାଧିକାରୀ ଡ.ରେଶମଲାଲ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ସକାଶେ ଏହି ପ୍ରଦର୍ଶନୀ ଏକ କ୍ଷେତ୍ର ପ୍ରସ୍ତୁତ କରିଥାଏ ବୋଲି ଅତିଥିମାନେ କହିଥିଲେ। ପ୍ରତିଯୋଗୀତାର କୃତିପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା । ଏଥିରେ ଶରଧାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋହିତ କୁମାର ରାଉତ, କୋନାବିରା ଜଗନ୍ନାଥ ଉଚ୍ଚବିଦ୍ୟାଳୟର ରାଜାରାମ ଆଡବଙ୍ଗ, ଟାନୱାଟ ଉଚ୍ଚବିଦ୍ୟାଳୟ ଛାତ୍ର ରାଜେନ୍ଦ୍ର ପ୍ରସାଦ ଅଘରିଆଙ୍କ ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରତିଯୋଗୀତା ସକାଶେ ଯୋଗ୍ୟ ବିବେଚିତ ହୋଇଛି। ଏହି ଅବସରରେ ଜାତୀୟସ୍ତର ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଏହି ବିଦ୍ୟାଳୟର ନବିରାଜ ସାହୁ ଏବଂ ତାଙ୍କର ମାର୍ଗଦର୍ଶକ ଶିକ୍ଷକ ମନୋହର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ମନୋହର ସାହୁ ଏବଂ ପୂର୍ଣ୍ଣମାରାଣୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ।



ଅତିଥିଙ୍କ ଗହଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଥିବା ଛାତ୍ରୀଛାତ୍ର।

## ସ୍କୁଲ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କଲେ ଡାକ୍ତର

ନୂଆପଡା ଅଫିସ,୧୭।୧୨

**ସୁନାଦେଈ ହାଇସ୍କୁଲ ବିଶିବାହାଲ**

ନୂଆପଡା ଜିଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟତଳି ବିଶିବାହାଲ ଅଞ୍ଚଳରେ ସ୍କୁଲ ପିଲାଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ସକାଶେ ଜିଲା ପ୍ରଶାସନ ତରଫରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଥିବାବେଳେ ମଙ୍ଗଳବାର ସ୍ଥାନୀୟ ଭେଲା ଡାକ୍ତରଖାନାରୁ ଏକ ଡାକ୍ତରୀ ଦଳ ଆସି ପରୀକ୍ଷା କରିଛନ୍ତି। ଡାକ୍ତର ଅଜିତ କୁମାର ଭୋଇଙ୍କ ନେତୃତ୍ୱରେ ଏକ ଟିମ ଦୁଇଦିନ ଧରି ପିଲାଙ୍କ ଓଜନ, ଉଚ୍ଚତା, ନାକ, କାନ, ଜିଭର ବିଭିନ୍ନ ଲକ୍ଷଣ ପରୀକ୍ଷା କରିଛନ୍ତି। ଏଥିରେ ବିଦ୍ୟାଳୟର ୧୯୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମୋଟ ୧୨୯ଜଣଙ୍କ ପରୀକ୍ଷା କରାଯାଇଥିବା ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ଭୁୟାଁ ସୂଚନା ଦେଇଛନ୍ତି । ଏଥିରେ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହାୟତା କରିଥିଲେ। ଏହାକୁ ଗ୍ରାମବାସୀଙ୍କ ତରଫରୁ ସ୍ୱାଗତ କରାଯାଇଛି।



ଡାକ୍ତର ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

■ ୨ ବଛରରେ କିଡ୍‌ନୀ ରୋଗ୍ ନେଲାନ ୯ ଜୀବନ୍, ୧୫ ଆକ୍ରାଁତ

# ସ୍ୱାସ୍ଥ୍ୟ ବିଭାଗ ପାସେ ସୂଚନା ନାଇଁ

କେସିଙ୍ଗା, ୧୭।୧୨ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉକ୍ରେଲା ପଁଚେତ୍ କନ୍ଧେଇମାଲ ଗାଁରେ ଦୁଇ ବଛର ଭିତରେ କିଡ୍‌ନୀ ରୋଗ୍‌ରେ ୯ ଝନ୍ ମରିଥିଲାବେଳେ ୧୫ରୁ ଅଧିକା ଆକ୍ରାଁତ ହେଇଛନ୍। ହେଲେ ଚିକିଛା ସୁବିଧା ଆର ପରତିକାର ବେବସ୍ତା ଅଭାବୁ ଦିନୁଦିନ୍‌କେ ଗାଁରେ ରୁଗୀକର ସଂଖ୍ୟା ବଢ଼ତେଲ ଯାଉଥିବାର ଗାଁବାସୀ ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ କନ୍ଧେଇମାଲ ଗାଁରେ ପାଖାପାଖି ୭ଶହରୁ ଅଧିକା ଲୋକ୍ ବାସ୍ କରୁଛନ୍। ଗାଁବାସୀକର ପିଇଲା ପାଏନ୍ ସୁବିଧା ଲାଗି ଗାଁରେ ୫ଟା ନଲ୍‌ତୁଆଁ ରହିଛେ। ହେଲେ ସବୁ ନଲ୍‌ତୁଆଁରୁ ଲାଲ ଆର ହଳଦିଆ ପାଏନ୍ ବାହାରୁଛେ। ଇଆଡ଼େ ନଲ୍‌ତୁଆଁର ପାଏନ୍‌କେ ଛାଡ଼ିଦେଲେ ଗାଁରେ ପିଇଲା ପାଏନ୍‌ର ଅଲଗା କିଛି ସୁବିଧା ନାଁଇନ। ଏନ୍‌ତାଥି ଗାଁବାସୀ ଇ ଦୂଷିତ ପାଏନ୍ ପିଇ କିଡ୍‌ନୀ ରୋଗ୍‌ରେ ମରୁଥିବାର ଗାଁବାସୀ ଅଭିଯୋଗ କରିଛନ୍। ଗଲା ୨ ବଛ ଭିତରେ କିଡ୍‌ନୀ ରୋଗ୍‌ରେ ଗାଁର ଗୋମତୀ ଜାନୀ, ଭୁଜ ମାଝି, ଅଜିତ ଜାନୀ, ତ୍ରିନାଥ ଜାଲ, ପୂର୍ଣ୍ଣ ଜାଲ, ଲମ୍ବୋଦର ଜାଲ, ମୁରଲୀ ଜାଲ, ଭାର୍ଗବୀ ଜାନୀ, ଦାମୋଦର ଜାନୀ ପରମୁଖ ୯ ଝନ୍‌କର ମୁର୍‌ତୁ ହେଇଥିଲାବେଳେ ପଦ୍ମଲୋଚନ ପ୍ରଧାନ (୭୫), ଗୋବର୍ଦ୍ଧନ ଜାନୀ (୭୭), ଚନ୍ଦ୍ରା ଜାନୀ (୩୨), ମଞ୍ଜୁରୀ ପ୍ରଧାନ (୫୦), ଜମୁନା ମାଝୀ (୫୧) ପରମୁଖ ୧୫ରୁ ଅଧିକା ଲୋକ୍ ରୋଗ୍‌ରେ ଆକ୍ରାଁତ ହେଇ ବଡ଼ା ଗୁଲ୍‌ଗୁଲାରେ ଜୀବନ୍ ବିତଉଛନ୍। ସେନ୍‌ତା ପାସର ଚାଞ୍ଚେର ପଁଚେତ୍‌ର କନ୍ଧାଖାଲ ଗାଁର ବି ଅନେକ୍ ଲୋକ୍ କିଡ୍‌ନୀ ରୋଗ୍‌ରେ ଆକ୍ରାଁତ ହେଇ ଚିକିଛିତ ହେଉଥିବାର ଜନାପଡ଼ିଛେ। ଗାଁବାସୀ ଜିଲା ପରଶାସନକେ ପିଇଲା ପାଏନ୍ ଆର ଚିକିଛା ସୁବିଧା ଯୁଗେଇ ଦେବାକେ ବାରବାର ଗୁହାରି କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ସେନ୍‌ତା ପିଇଲା ପାଏନ୍ ଲାଗି ଗାଁବାସୀ ଉକ୍ରେଲା ପଁଚେତ୍ ଆର ଆରଡବ୍ଲ୍ୟୁଏସ୍‌ଏସ୍‌ରେ ବି ଲିଖିତ ଅଭିଯୋଗ କରି ନିରାଶ ହେଇଥିବାର କହିଛନ୍। ଇଆଡ଼େ କିଡ୍‌ନୀ ରୋଗ୍‌ରେ ଆକ୍ରାଁତ ରୁଗୀମାନେ ଜମିବାଡ଼ି, ସୁନାରୂପା ଗହନା କରି ରାଏଜ୍ ବାହାରକେ ଚିକିଛା ଲାଗି ଯାଇ ସରବ୍‌ସୁଆଁତ ହେଉଛେନ୍। ହେଲେ ଜିଲା ପରଶାସନ ଆର ସ୍ୱାସ୍ଥ୍ୟ ବିଭାଗ ଇତାର ପରତିକାର ବେବସ୍ତା ସଂଗେ ରୁଗୀକୁ ଚିକିଛା ସୁବିଧା ଯୁଗେଇ ଦେବାରେ ବିଫଳ ହେଇଛନ୍। ଇ ଘଟନାକେ ନେଇ ଗାଁବାସୀକର ଭିତରେ ଅସନ୍‌ତୋଷ ଦେଖାଦେଇଛେ। ଯେତେ ଜଲଦି ହେବା ସମସିଆର ସମାଧାନ କରାଯାଉ ନାଇଁହେଲେ ଆଏବାର ଦିନେ ଗାଁବାସୀ ରାସ୍‌ତାକେ ଉତିରମୁ ବଲି କନ୍ଧେଇମାଲବାସୀ ଗଣମାଧ୍ୟମ ଜରିଆରେ ଜିଲାପାଳ, ସିଡିଏମକୁଁ ଜନେଇଛନ୍। ଇ ବାବ୍‌ଦେ ଉକ୍ରେଲା ସରପଁଚ୍ ସଂଯୁକ୍ତା ବାଗକୁଁ ପଚ୍‌ରାଲାରୁ ମୁଇଁ ବିଡିଓକଁର ସଂଗେ ଆଲୋଚନା କରି ବେବସ୍‌ତା କରମି ବଲି ସେ କହିଥିଲେ। ସେନ୍‌ତା କଳାହାଣ୍ଡି ଜିଲା ମୁଖିଆ ଚିକିଛା ଅଧିକାରୀ ବନଲତା ଦେବୀକୁଁ ପଚ୍‌ରାଲାରୁ ଘଟନା ବାବ୍‌ଦେ ମୋତେ କେହି ଲିଖିତ ଅଭିଯୋଗ ନାଇଁ କରି। ହେଲେ ମୁଇଁ ଘଟନାର ତଦଁତ୍ କରି ପଦକ୍ଷେପ ନେମି ବଲି ସେ କହିଥିଲେ।



କିଡ୍‌ନୀ ରୋଗ୍‌ରେ ଆକ୍ରାଁତ ଝନେ ବୁରୁଧ୍ ।



କନ୍ଧେଇମାଲ ଗାଁରେ ଥିବାର ନଲ୍‌ତୁଆଁର ଅବସ୍‌ତା।



ନଲ୍‌ତୁଆଁର ଦୁଷିତ୍ ପାଏନ୍



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ବଦଳିଲେ ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର

**ପାଟଣାଗଡ, ୧୭।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବେଆଇନ କ୍ଲିନିକ ଏବଂ ନିରାମୟ ଔଷଧକୁ ବିକ୍ରୟ ହେଉଥିବା ନେଇ ଗଣମାଧମରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ବେଆଇନ କ୍ଲିନିକ କରିଥିବା ଡାକ୍ତରମାନେ ଗଣମାଧମ ପ୍ରତିନିଧିଙ୍କ ଉପରେ ଜାତିଆଣ ଆକ୍ଷେପ ନେଇ ମିଥ୍ୟା କେଶ ଦାୟାର କରିବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ବେଲପଡା ଏବଂ ପାଟଣାଗଡ ପୋଲିସ ଗଣମାଧମ ପ୍ରତିନିଧିଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରିଥିଲେ। ଏନେଇ ବେଲପଡା ଥାନାରେ ଉଭୟ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ପରେ ପାଟଣାଗଡ ଉପଜିଲାପାଳ ଏବଂ ପାଟଣାଗଡ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ଦିଲିପ ବିଶ୍ୱାଳ ଏହାର ତଦନ୍ତ କରିଥିଲେ। ବିଭାଗୀୟ ତଦନ୍ତ ତଦନ୍ତ ରିପୋର୍ଟ ସିଡିଏମଓଙ୍କୁ ପ୍ରଦାନ କରାଯାଇଥିଲା। ଗତ ନଭେମ୍ବର ୪ ତାରିଖ ଦିନ ପାଟଣାଗଡକୁ ସ୍ୱାସ୍ଥ୍ୟ ସଚିବ ଡ. ପ୍ରମୋଦ କୁମାର ମେହେର୍ଦ୍ଧାଙ୍କ ଗସ୍ତ କରିଥିଲେ। ଏ ନେଇ ଗଣମାଧମ ପ୍ରତିନିଧିମାନେ ତଦନ୍ତ ରିପୋର୍ଟକୁ ନେଇ ପ୍ରଶ୍ନ କରିଥିଲେ। ଡ. ମେହେର୍ଦ୍ଧା ଜିଲାପାଳଙ୍କୁ ତାହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସିଡିଏମଓ ଗତ ତା ୧୧/୪୬୨୨/ଏନଏଚଏମ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ମଳୟ କୁମାର ତାଣ୍ଡିଙ୍କୁ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରିଛନ୍ତି। ଅନ୍ୟପକ୍ଷରେ ଡ. ତାଣ୍ଡି ୧୨ ତାରିଖରୁ ଛୁଟି ନେଇଥିବା ବେଳେ ତାଙ୍କୁ ରିଲିଭ୍ କରାଯାଇ ପାରିନାହିଁ ବୋଲି ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ରବିନ୍ଦ୍ର ମେହେର କହିଛନ୍ତି।

### ଦେଓଗାଁ ଅନାଥାଶ୍ରମର ବାର୍ଷିକ ଉତ୍ସବ

**ଟିକ୍ରାପଡା, ୧୭।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଦେଓଗାଁସ୍ଥିତ ସପ୍ତର୍ଷି ସେବାଶ୍ରମର ୧୯ତମ ବାର୍ଷିକ ଉତ୍ସବ ସମ୍ପନ୍ନ ହୋଇଯାଇଛି । ଏହା ଦୁଇଦିନ ଧରି ଚାଲିଥିଲା । ଏହି ଅବସରରେ ସପ୍ତକୁଣ୍ଡୀୟ ବେଦ ପାରାୟଣ ମହାଯଜ୍ଞ, ଭଜନ, ପ୍ରବଚନ, ରକ୍ତଦାନ, ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଅଧିବେଶନରେ ବୈଦିକ ବିଦ୍ୱାନ ଡ.ଦେବବ୍ରତ ଆଚାର୍ଯ୍ୟ, ଡା.ବୀରେନ୍ଦ୍ର କୁମାର ପଣ୍ଡା, ଶିଶୁ ସୁରକ୍ଷା ସମିତି ଅଧକ୍ଷ ଯୋଗେଶ୍ୱର ମହାନ୍ତି, ସଇଁତଲା ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ, ସାମାଜିକ କର୍ମୀ ବଳରାମ ସିଂ ଯାଦବ, କେଶବ ମେହେର, ଶଙ୍କର ପଧାନ, ଇନ୍ଦୁଭୂଷଣ ଠାକୁର, ମୋହନ ଗୁପ୍ତା, କିଶୋର ଗୁପ୍ତା, କାହ୍ନା ମେହେର, ଗଙ୍ଗା ମେହେର ଅତିଥିଭାବେ ମଞ୍ଚାସୀନ ଥିଲେ। ଡ. ହରିଭାଇ ଆର୍ଯ୍ୟନ୍ ମଞ୍ଚ ପରିଚାଳନା କରିଥିଲେ । ଆଇନଜୀବୀ ଗୌରଚନ୍ଦ୍ର ରାଜପଲିଆ, ରାଘୁରାଜ ବେଣ୍ଟକାର, ଚିନ୍ତାମଣି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ସେବାଶ୍ରମ ପ୍ରତିଷ୍ଠାତା ପଣ୍ଡିତ ସହଦେବ ଶାସ୍ତ୍ରୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ସେବାଶ୍ରମ ଅନ୍ତେବାସୀ ଯୋଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ ।



### ଭାଗବତ ମନ୍ଦିର ପ୍ରତିଷ୍ଠାତାଙ୍କ ପରଲୋକ

**ଦେଓଗାଁ, ୧୭।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ଭାଗବତ ମନ୍ଦିର ପ୍ରତିଷ୍ଠାତା ତଥା ଘରୋଇ ଆୟୁର୍ବେଦିକ ଚିକିତ୍ସକଭାବେ ପରିଚିତ ଗୌତମ ପ୍ରସାଦ ମେହେର (୮୧)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୋନଗଡ ନଦୀକୂଳରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ଡ. ସୁଧାଂଶୁ ଭୂଷଣ ମେହେର ମୁଖାଗ୍ନି ଦେଇଥିଲେ। ମୃତ୍ୟୁବେଳକୁ ପୁଅ ଶୁଭ୍ରାଂଶୁ, ସୀତାଂଶୁ, ମାନସ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ମେହେର ବିଶିଷ୍ଟ ସାମାଜିକ କର୍ମୀ ତଥା ଜଗତବନ୍ଧୁ ବିଶ୍ୱଭାରତୀ ଶିକ୍ଷାନିକେତନ ଓ ଜରାନିବାସର ପ୍ରତିଷ୍ଠାତା ସ୍ୱର୍ଗତ ଗାର୍ଗବ ପ୍ରସାଦ ମେହେରଙ୍କ ବଡଭାଇ ।

ନିର୍ମାଣାଧୀନ ରାସ୍ତାରେ ବାଇକ୍ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ବେଲପଡା, ୧୭।୧୨(ଡି.ଏନ.ଏ.)**



କ୍ଷତିପୂରଣ ଦାବିରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ବଲାଙ୍ଗୀର ଜିଲା ବେଲପଡା ଥାନା ବରିଆପାଲି ଗ୍ରାମ ନିକଟ ନିର୍ମାଣଧୀନ ରାସ୍ତାରେ ସୋମବାର ବିଳମ୍ବିତ ରାତିରେ ପାଟଣାଗଡ ଅଭିମୁଖେ ଯାଉଥିବା ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇବ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ଦନ୍ଦରା ଗ୍ରାମର ପ୍ରବୀର ମାଝି(୩୫)। ବାଇକ ପଛରେ ବସିଥିବା ପ୍ରବୀରଙ୍କ ଶାଳକ ବେଲପଡା ଥାନା ଖଲିଆପାଲି ଗ୍ରାମର ହରିବନ୍ଧୁ ମାଝୀ(୪୫)ଙ୍କୁ ବଲାଙ୍ଗୀର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପ୍ରବୀର ସୋମବାର ଶଶୁର ଘର ଖଲିପଥରକୁ ସ୍ତ୍ରୀ ପିଲାଙ୍କୁ ନେଇ ଆସିଥିଲେ। ତେବେ କୌଣସି ଏକ କାମରେ ସେ ହରିବନ୍ଧୁଙ୍କ ସହ ରାତି ପ୍ରାୟ ୧୦ଟାରେ ପାଟଣାଗଡ ଅଭିମୁଖେ ବାଇକ ଯୋଗେ ବାହାରିଥିଲେ। ତେବେ ଭରଦ୍ୱାଜ ଆଶ୍ରମ ନିକଟ ବରିଆପାଲିଠାରେ ନିର୍ମାଣାଧୀନ ରାସ୍ତାର ଏକ ପୋଲ ନିକଟରେ ସେମାନଙ୍କ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କାମ କରୁଥିବା ଠିକାଦାର ରାସ୍ତାପାର୍ଶ୍ୱସ୍ଥ ପୋଲ ନିକଟରେ ୨ଟି ବଡଗଛ ଦ୍ୱାରା ଅବରୋଧ କରିଥିବାରୁ ସେଥିରେ ଦୁଇ ବାଇକ ଆରୋହୀ ପିଟି ହୋଇଯାଇଥିଲେ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଦୁର୍ଘଟଣା ଏତେ ଯୋରରେ ହୋଇଥିଲା ଯେ, ବାଇକର ଚକ ଓ ରିମ ଅଲଗା ହୋଇଯାଇଥିଲା। ସ୍ଥାନୀୟ ଜନସାଧାରଣ ରାସ୍ତା କାମ କରୁଥିବା ଠିକାଦାରଙ୍କୁ ଏହି ଦୁର୍ଘଟଣା ପାଇଁ ଦାୟୀ କରି ମଙ୍ଗଳବାର ସକାଳ ୭ଟାରୁ ରାସ୍ତା ଅବରୋଧ କରିଥିଲେ। ଖବରପାଇ ତହସିଲଦାର ପ୍ରିୟ ରଞ୍ଜନ କୁମାର, ଏବିଡିଓ ରାମବିଳାସ ମଙ୍ଗରାଜ ରାସ୍ତା ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ। ରେଡକ୍ରସ ଫଣ୍ଡରୁ ୧୦ହଜାର, ହରିଶ୍ଚନ୍ଦ୍ର ଯୋଜନାରେ ୨୦୦୦ଟଙ୍କା ଓ ବିଧବା ଭତ୍ତା ସହ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ହଜାର ଟଙ୍କା ସାହାଯ୍ୟର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ଓ ବାଇକ ଜବତ କରିଛି। ଏ ନେଇ ବେଲପଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ।

**ତହସିଲଦାରଙ୍କ ହସ୍ତକ୍ଷେପ ପରେ ରାସ୍ତାରୋକୋ ହଟିଲା**

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

**ବେଲପଡା, ୧୭।୧୨(ଡି.ଏନ.ଏ.)**



ଆହତ ଟଙ୍କଧର ସାହୁ।

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ଭଲୁଖାଇ ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଆହତ ହୋଇଛନ୍ତି। ସେ ହେଲେ ଟଙ୍କଧର ସାହୁ(୬୦)। ନିଜ କପା କିଆରିରେ ମଙ୍ଗଳବାର ମଧ୍ୟାହ୍ନରେ ସେ କପା ତୋଳୁଥିବା ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ଟଙ୍କଧରଙ୍କ ଜଙ୍ଘ, ଆଣ୍ଠୁରେ ଗଭୀର କ୍ଷତ ହୋଇଥିଲା। ଚିତ୍କାର ଶୁଣି ପାଖରେ ଥିବା ଟଙ୍କଧରଙ୍କ ପୁଅ ବୃନ୍ଦାବନ ଓ ଅନ୍ୟମାନେ ଆସି ଯିବାରୁ ଭାଲୁ ସେଠାରୁ ଖସି ପଳାଇଥିଲା। ଆହତ ଟଙ୍କଧରଙ୍କୁ ବେଲପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲଥିବା ଚିକିତ୍ସା କରୁଥିବା ଡାକ୍ତର ରବିନ୍ଦ୍ର ମହେର କହିଛନ୍ତି। ଆହତ ପରିବାରକୁ ବନବିଭାଗ କ୍ଷତିପୂରଣ ଦେବା ପାଇଁ ବାଦି ହେଉଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଟିକ୍ରାପଡା, ୧୭।୧୨(ଡି.ଏନ୍.ଏ.)**

ମୁରିବାହାଲ ବ୍ଲକ ଅନ୍ତର୍ଲାରେ ମଙ୍ଗଳବାର ଘଟିଥିବା ବାଇକ୍ ଦୁର୍ଘଟଣାରେ ସଇଁତଲା ବ୍ଲକ୍ ଟିକ୍ରାପଡାର ଗରୁଡ ବଗର୍ତ୍ତୀ (୩୯)ଙ୍କ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ମୃତ୍ୟୁ ଘଟିଛି । ନିକଟସ୍ଥ ମଙ୍ଗଳବାର ହାଟରୁ ପରିବା ବିକି ସାରି ଘରକୁ ଫେରିବା ବେଳେ ସାମ୍ନା ପଟରୁ ଆସୁଥିବା ଏକ ବାଇକ୍ ତାଙ୍କ ଲୁନାକୁ ଧକ୍କା ଦେଇଥିଲା । ବଲାଙ୍ଗୀର ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମତକଙ୍କ ୫ ବର୍ଷର ପୁଅ ଓ ବର୍ଷକର ଜଣେ ଝିଅ ଅଛନ୍ତି । ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଫେରାର ହୋଇଯାଇଛନ୍ତି।

ମାସିକ ରଚନା ସନ୍ଧ୍ୟା

## ଆଧୁନିକତା ସଙ୍ଗୀତର ମୌଳିକତା ନଷ୍ଟ କରିପାରେ ନାହିଁ

**ବଲାଙ୍ଗୀର ଅଫିସ, ୧୭।୧୨**




ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବକ୍ତା ।

ବଲାଙ୍ଗୀର ଗାନ୍ଧୀଭବନଠାରେ ସାହିତ୍ୟ, ସଂସ୍କୃତି ଅନୁଷ୍ଠାନ ରଚନା ପକ୍ଷରୁ ଆଧୁନିକତା ପରିପ୍ରେକ୍ଷୀରେ ଆମ ଲୋକଗୀତ ଓ ପାରମ୍ପରିକ ସଙ୍ଗୀତ ଶୀର୍ଷକ ଆଲୋଚନାଚକ୍ର ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା । ଡ. ସନ୍ତୋଷ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ବକ୍ତାଭାବେ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ଓ ସଙ୍ଗୀତ ବିଶାରଦ ଡ ଘାସିରାମ ମିଶ୍ର ଯୋଗଦାନ କରିଥିଲେ। ଯୁଗରୁଚି ସହିତ ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନ ଏକ ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ଆଧୁନିକତାର ଆକର୍ଷଣରେ ପରମ୍ପରାକୁ ଭୁଲିଯିବା ଏକ ସଂସ୍କୃତିସମ୍ପନ୍ନ ସମାଜ ପାଇଁ ଶୁଭଙ୍କର ନୁହେଁ । ଆମ ଲୋକଗୀତରେ ମଧ ବିରଳ ବିଭବ ରହିଛି ଯାହା ଅଧ୍ୟୟନ ସାପେକ୍ଷ । ଜଣେ ସଙ୍ଗୀତପ୍ରେମୀ ପାଇଁ ଉଭୟ ଲୋକଗୀତ ଓ ପାରମ୍ପରିକ ସଙ୍ଗୀତର ଆବେଦନ ଚିରକାଳ ରହେ । ବାସ୍ତବରେ ଆଧୁନିକତା ସଙ୍ଗୀତର ମୌଳିକତାକୁ ନଷ୍ଟ କରିପାରେନାହିଁ ବୋଲି ଉଭୟ ବକ୍ତା ମତବ୍ୟକ୍ତ କରିଥିଲେ । ଏହି ଆଲୋଚନାଚକ୍ରରେ ଅତିଥି ଆଲୋଚକଭାବେ ସଙ୍ଗୀତଜ୍ଞ ଦିଲୀପ କୁମାର ସିଂଦେଓ, ଶୁଭ୍ରାଂଶୁ ଶେଖର ମିଶ୍ର, ନିରଞ୍ଜନ ବେହେରା, ମୁରଲୀଧାରୀ ପତି ଓ ବିବେକାନନ୍ଦ ମିଶ୍ର ମଧ ଯୋଗଦାନ କରି ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ । ଆଧୁନିକତା ନାଁରେ ସଙ୍ଗୀତକୁ ନେଇ ଅବାନ୍ତର ପରୀକ୍ଷାନିରୀକ୍ଷା ବିପଜ୍ଜନକ ଓ ସଙ୍ଗୀତପ୍ରେମୀଙ୍କ ପାଇଁ ଚିନ୍ତାଜନକ ବୋଲି ସଙ୍ଗୀତଜ୍ଞ ସିଂଦେଓ କହିଥିଲେ। ଅନ୍ୟ ବକ୍ତାମାନେ ମଧ ସଙ୍ଗୀତର ପବିତ୍ରତା ହିଁ ଆକର୍ଷଣର କେନ୍ଦ୍ରବିନ୍ଦୁ ବୋଲି କହିଥିଲେ। ସହସମ୍ପାଦକ ଲକ୍ଷ୍ମଣ କୁମାର ମେହେର ସଭା ପ୍ରାରମ୍ଭରେ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଶେଷରେ କବୟିତ୍ରୀ ସସ୍ମିତା ମହାପାତ୍ର ଧନ୍ୟବାଦ୍ ଦେଇଥିଲେ । ସଭାରେ ସହରର ବହୁ ବୁଦ୍ଧିଜୀବୀ, ସଙ୍ଗୀତପ୍ରେମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ : ଧଣ୍ଡାମୁଣ୍ଡା, ମୁରିବାହାଲ ବିଜୟୀ

**ଲାଠୋର, ୧୭।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଖେଳ ପଡିଆରେ ମଙ୍ଗଳବାର ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଖେଳାଳି ଗଙ୍ଗାଧର ଭଇଁଷାଲ, ମିଠାଲାଲ ସୁନା, ଶେଷଦେବ ଭଇଁଷାଲ, ନାରାୟଣ କିଷାନ, ଅଷ୍ଟମୁ ମାଝୀ ଯୋଗଦେଇଥିଲେ। ୮ଟି ଦଳକୁ ନେଇ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଭେଲା ବନାମ ଧଣ୍ଡାମୁଣ୍ଡା ଏବଂ ମୁରିବାହାଲ ଓ ପାଇକମାଲ ମଧରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ପେନାଲଟିକ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଧଣ୍ଡାମୁଣ୍ଡା ୪-୩ ଗୋଲରେ ଓ ମୁରିବାହାଲ ୫-୪ ଗୋଲରେ ବିଜୟୀ ହୋଇଥିଲା। ଦଳଗୋବିନ୍ଦ ମୁଣ୍ଡା ଖେଳ ପରିଚାଳନା କରିଥିବା ବେଳେ ତାଙ୍କୁ ସହଯୋଗ କରିଥିଲେ କିଶୋର ଧରୁଆ ଏବଂ ମକସିର ବନଛୋର। ଗୋଲ ଜଜଭାବେ ଗଜିନ୍ଦ୍ର ବେହେରା ଏବଂ ମୁକେଶ ଚିତକୁଡିଆ ଦାୟିତ୍ୱ ତୁଲାଇଥିଲେ। ବମ୍ବେନ ଟାଉନ ଫୁଟବଲ କ୍ଲବର ସଭାପତି ଲାଏବାନ ସୁନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଆୟୋଜିତ ହେଉଛି।

## ଉଦ୍ଧାର ବାର୍‌ହାକୁ ଜଙ୍ଗଲରେ ଛାଡ଼ିଲା ମୋବାଇଲ ସ୍କ୍ୱାଡ୍



ଜବତ ହୋଇଥିବା ବାର୍‌ହା ।

**ସଇଁତଲା/ଦେଓଗାଁ, ୧୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା, ଦେଓଗାଁ ବନ ବିଭାଗ ଓ ତୁଷୁରା ଅବକାରୀ ବିଭାଗର ମିଳିତ ଚଢ଼ାଉରେ ସୋମବାର ଦେଓଗାଁ ମୁରସିଂ ଅଞ୍ଚଳରୁ ଗୋଟିଏ ବାର୍‌ହା ଜବତ କରାଯାଇଥିଲା। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସଇଁତଲା ରେଞ୍ଜର ରାଜ କିଶୋର ହରପାଲଙ୍କ ସୂଚନା ଅନୁସାରେ ବଲାଙ୍ଗୀର ମୋବାଇଲ ସ୍କାଡ଼, ସଇଁତଲା ଫରେଷ୍ଟ କାର୍ଯ୍ୟାଳୟର ପ୍ରୋଟେକ୍ସନ ଫୋର୍ସ, ଦେଓଗାଁ ଫରେଷ୍ଟ କାର୍ଯ୍ୟାଳୟର କେତେକ ଅଧିକାରୀଙ୍କ ସହ ଅବକାରୀ ବିଭାଗ କର୍ମଚାରୀ ଦେଓଗାଁର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ମୁରସିଂ ଗ୍ରାମରେ ଜଣଙ୍କ ଖଳାରେ ରଖାଯାଇଥିବା ୨୫ ଲିଟର ମଦ, କିଛି କଟାଯାଇଥିବା ଗଛ ଏବଂ ସୁବର୍ଣ୍ଣ ପ୍ରଧାନୀ ନାମକ ଜନୈକ ସ୍ତ୍ରୀ ଲୋକ ଏକ ବାର୍‌ହାକୁ ନେଇ ପଳାଉଥିବା ଦେଖାଯାଇଥିଲା। କର୍ମଚାରୀମାନେ ତାଙ୍କୁ ପିଛା କରି ଧରିଥିଲେ। ଧରାପଡ଼ିବା ପରେ ସୁବର୍ଣ୍ଣ ଉକ୍ତ ବାର୍‌ହା ମାଧବ ପ୍ରଧାନଙ୍କର ବୋଲି କହିଥିଲେ। ଅବକାରୀ ବିଭାଗ ମାଧବ ଓ ଚୂଡ଼ାମଣୀ ପଧାନଙ୍କୁ ମଦ ଲୁଚାଇଥିବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରି ସାରିଛି। ଜାମିନ ନାମଞ୍ଜୁର ହେବାରୁ ଦୁଇଜଣଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ସଇଁତଲା ଫରେଷ୍ଟ ବିଭାଗ ତରଫରୁ ମଧ୍ୟ ଏକ ମାମଲା ମାଧବ ପ୍ରଧାନଙ୍କ ନାମରେ ରୁଜୁ ହୋଇଛି। ଜେଲରୁ ଆସିବା ପରେ ମାଧବଙ୍କୁ ଗିରଫ କରାଯାଇ ଅଧିକ ତଦନ୍ତ କରାଯିବ ବୋଲି ରେଞ୍ଜର ହରପାଲ କହିଛନ୍ତି। ଜବତ ହୋଇଥିବା ବାରହାକୁ ବଡ଼ମାଳ ଗୋଳାବାରୁଦ କାରଖାନା ଅଞ୍ଚଳରେ ଥିବା ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଚଢ଼ାଉ ସମୟରେ ସଇଁତଲା ରେଞ୍ଜର, ଫରେଷ୍ଟର ଅଶ୍ୱିନୀ ଥନାପତି, ମୋବାଇଲ ସ୍କାଡ଼ର ଅଜିତ ବିଶି, ଫରେଷ୍ଟ ପ୍ରୋଟେକ୍ସନ ଫୋର୍ସ, ତୁଷୁରା ଅବକାରୀ ବିଭାଗର କର୍ମଚାରୀ, ଦେଓଗାଁ ଫରେଷ୍ଟ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ତମାଖୁ ନିୟନ୍ତ୍ରଣ ସଚେତନତା ଶିବିର

**ଦେଓଗାଁ, ୧୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ମଙ୍ଗଳବାର ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ତମାଖୁ ନିୟନ୍ତ୍ରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ଅଧକ୍ଷତା ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ଡ.ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ସଂଯୋଜନାରେ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲା ତମାଖୁ ପରାମର୍ଶଦାତା ସନ୍ତୋଷ କୁମାର ପଟ୍ଟନାୟକ ଓ ଅର୍ଚ୍ଚନା ପ୍ରଧାନ ଯୋଗଦେଇ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ତମାଖୁମୁକ୍ତ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ଶେଷରେ ଯୁଥ ରେଡକ୍ରସ ସଂଯୋଜକ ମଳୟ ରଞ୍ଜନ ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## ବେଆଇନ ଇଟାଭାଟି ଲାଗି ବିଦ୍ୟୁତ୍ ଚୋରି

**ଦେଓଗାଁ,୧୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ତହସିଲ ଅଞ୍ଚଳରେ ବେଆଇନଭାବେ ଇଟାଭାଟି ଗଢି ଉଠିଛି। ଏଥିପାଇଁ ବିପଦପୂର୍ଣ୍ଣଭାବେ ବିଦ୍ୟୁତ୍ ଚୋରି ହେଉଛି । ଜରାସିଂହା ଆରଆଇ ସର୍କଲର କଛାରପାଲି ରେଳବ୍ରିଜ ନିକଟ ସୋନଗଡ ନଦୀରେ ଦେଓଗାଁ ପଟରୁ ହାତୀସରାକୁ ନଦୀରେ ବାଉଁଶ ଖୁଣ୍ଟ ପୋତି ତାର ଟଣାଯାଇଛି। ସେଠାରୁ ବିଦ୍ୟୁତ୍ ସଂଯୋଗ କରାଯାଇ ଇଟାଭାଟି ଚାଲିଥିବା ଦେଖିବାକୁ ମିଳିଛି। ତେବେ ଖୁଲମଖୁଲା ଭାବେ ଏଭଳି ବେଆଇନ କାର୍ଯ୍ୟ ଚାଲିଥିବା ବେଳେ ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି। ଏଥିସହିତ ବାଳଶ୍ରମିକ ମାନଙ୍କୁ ଇଟା ନିର୍ମାଣରେ ନିୟୋଜିତ କରାଯାଉଥିବା ଅଭିଯୋଗ ହେଉଛି। ତହସିଲଦାର ସୋନାଲି ପାତ୍ରଙ୍କୁ ପଚାରିବାରୁ ଏ ନେଇ ଅଭିଯୋଗ ପାଇନାହିଁ ବୋଲି କହିଛନ୍ତି।



ବାଉଁଶ ଖୁଣ୍ଟ ପୋତି ବେଆଇନଭାବେ ବିଦ୍ୟୁତ୍ ତାର ଟଣାଯାଇଛି।




ଲୋକ ଉତ୍ସବ ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥିମାନେ।

ଉପଖଣ୍ଡସ୍ତରୀୟ ଲୋକ ଉତ୍ସବ ଉଦ୍‌ଘାଟିତ

## ଲୋକକଳା ବଞ୍ଚାଇବାର ମାଧ୍ୟମ ଲୋକ ଉତ୍ସବ

**ପାଟଣାଗଡ, ୧୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ରମାଇ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ପାଟଣାଗଡ ଉପଖଣ୍ଡସ୍ତରୀୟ ଲୋକ ଉତ୍ସବକୁ ପାଟଣାଗଡ ବ୍ଲକ ଅଧକ୍ଷ ଭକ୍ତବନ୍ଧୁ ନାଏକ ଉଦ୍‌ଘାଟନ କରିଛନ୍ତି। ପାଟଣାଗଡ ଉପଜିଲାପାଳ ସୋମନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବେଲପଡା ବ୍ଲକ ଅଧକ୍ଷା ବୈଜୟନ୍ତୀ ପାଣିଗ୍ରାହୀ, ଖପ୍ରାଖୋଲ ବ୍ଲକ ଅଧକ୍ଷା ପୂର୍ଣ୍ଣମାସୀ ବରିହା, ପାଟଣାଗଡ ସହକାରୀ ଜିଲାପାଳ ପଦ୍ମନାଭ ପୁରୋହିତ, ତହସିଲଦାର ଡ. ପୁଷ୍ପାଞ୍ଜଳୀ ପଣ୍ଡା, ବେଲପଡା ବିଡିଓ ଭିକ୍ଟର ସୋରେନ, ତହସିଲଦାର ପ୍ରିୟରଞ୍ଜନ କୁମ୍ଭାର, ଖପ୍ରାଖୋଲ ବିଡିଓ ତରଣୀ ସୁନା, ପାଟଣାଗଡର ବରିଷ୍ଠ କଳାକାର ସରୋଜ ଖମାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଲୋକ ଉତ୍ସବ ଲୁଚି ଯାଉଥିବା ଲୋକକଳାକୁ ବଞ୍ଚାଇବାର ଏକ ମାଧମ। ଏଥିପାଇଁ କଳାକାରମାନଙ୍କୁ ଉତ୍ସାହିତ କରିବା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଶିଷ୍ଟ କଳାକାର ନବୀନ ମେହେର, ଦେବରାଜ ଦଣ୍ଡସେନା ଏବଂ ରମା ବିଶିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଲକ୍ଷ୍ମୀକାନ୍ତ ମିଶ୍ର, ଅମିତାଭ ଠାକୁର, ଅର୍ଜୁନ ସାହୁ ଓ ମନୋଜ ବାଗ । ଉପଖଣ୍ଡର ବିଭିନ୍ନ ଏସଏଚଜି ନିଜ ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନୀ କରିଛନ୍ତି। ଦୁଇଦିନ ଧରି ହେବାକୁ ଥିବା ଏହି ଲୋକଉତ୍ସବରେ ଅଞ୍ଚଳର ଅନେକ କଳାକାର ସାମିଲ ହୋଇଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ମାନ ରଖାଯାଇଛି।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

**ସଂକ୍ଷେପରେ**

## ସାମୟିକ ଶାରୀରିକ ପ୍ରଶିକ୍ଷକଙ୍କ ବୈଠକ

**ଜୁନାଗଡ,୧୭।୧୨(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମୟିକ ଶାରୀରିକ ଶିକ୍ଷକଙ୍କ ଏକ ବୈଠକ ଜୁନାଗଡ ସହରସ୍ଥିତ ହାଇସ୍କୁଲ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କ ଦ୍ୱାରା ପ୍ରଚଳିତ ଦରମା ନିତୀରେ ପାତରଅନ୍ତର ଉପରେ ଆଲୋଚନା ହୋଇଥିଲା। ସଂଘ ସଭାପତି ଚନ୍ଦ୍ରଭାନୁ ସୁନାଙ୍କ ଅଧକ୍ଷତାରେ ଜିଲା କମିଟି ସଦସ୍ୟ ପ୍ରମୋଦ ଦୋରା, ଅକ୍ଷୟ ମିଶ୍ର ସମେତ ସମସ୍ତ ବ୍ଲକ ସଭାପତି ଓ କାର୍ଯ୍ୟକର୍ତ୍ତା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବର୍ତ୍ତମାନ ସରକାର ପ୍ରତ୍ୟେକ ସ୍କୁଲରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦେବାରେ ବିଫଳ ହେଉଥିବା ବେଳେ ଶାରୀରିକ ଶିକ୍ଷକ ମଧ ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରୁଛନ୍ତି। ଅନ୍ୟପକ୍ଷରେ ସମସ୍ତ ଶିକ୍ଷକ ୧୨ ମାସର ଦରମା ପାଉଥିବା ବେଳେ ଗ୍ରୀଷ୍ମବକାଶ ସମୟରେ ଅର୍ଥାତ ମେ ମାସରେ ସାମୟିକ ଶାରୀରିକ ଶିକ୍ଷକମାନଙ୍କ ଦରମା ବନ୍ଦ କରାଯାଇଥାଏ। ସରକାରଙ୍କ 'କାମ ନାହିଁ ତ ଦରମା ନାହିଁ ନିତୀ'ରେ ଶାରୀରିକ ଶିକ୍ଷକମାନେ ଦରମା ପାଉଥିବାରୁ ଗ୍ରୀଷ୍ମବକାଶ ବଢିଗଲେ ଅନ୍ୟ ମାସରେ ମଧ ଦରମା କମି ଯାଇଥାଏ। ଏଥି ପାଇଁ ସରକାର 'କାମ ନାହିଁ ତ ଦରମା ନାହିଁ ନିତୀ'ରେ ଆପାତତଃ ଶାରୀରିକ ଶିକ୍ଷକଙ୍କୁ ସାମିଲ ନ କରନ୍ତୁ, ଅନ୍ୟପକ୍ଷରେ ସାମୟିକ ବ୍ୟବସ୍ଥାକୁ ଉଚ୍ଛେଦ କରି ସମ୍ପୂର୍ଣ୍ଣ ଶିକ୍ଷକର ମାନ୍ୟତା ଦେବା ଦାବି କରାଯିବା ସହିତ ଆଗାମୀ ଦିନରେ ଏହି ନିତୀ ବିରୋଧରେ ରାଜ୍ୟ ବ୍ୟାପୀ ଆନ୍ଦୋଳନ କରିବାକୁ ଆହ୍ୱାନ କରାଯାଇଥିଲା।

## ପ୍ରସନ୍ନ ପଟ୍ଟନାୟକ ରାଷ୍ଟ୍ରୀୟ ନ୍ୟାୟିକ କର୍ମଚାରୀ ମହାସଂଘ ଜୋନାଲ ସଭାପତି

**ଭବାନୀପାଟଣା,୧୭।୧୨(ଡି.ଏନ.ଏ.)** ରାଷ୍ଟ୍ରୀୟ ନ୍ୟାୟିକ କର୍ମଚାରୀ ମହାସଂଘ ଓଡିଶା ଶାଖାର ରାଜ୍ୟ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ପଟ୍ଟନାୟକ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରୀୟ ନ୍ୟାୟିକ କର୍ମଚାରୀ ମହାସଂଘର ଜୋନାଲ ସଭାପତି ଭାବେ ମନୋନୀତ ହୋଇଛନ୍ତି । ବିହାର ରାଜ୍ୟ ପଶ୍ଚିମ ସମ୍ପ୍ରାନ୍ ଜିଲାର ବାଲ୍ମିକି ନଗରଠାରେ ଅନୁଷ୍ଠିତ ରାଷ୍ଟ୍ରୀୟ ନ୍ୟାୟିକ କର୍ମଚାରୀ ମହାସଂଘ ରାଷ୍ଟ୍ରୀୟ ମହାସଭା ଗତ ୧୫ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ରାଷ୍ଟ୍ରୀୟ ନ୍ୟାୟିକ କର୍ମଚାରୀ ମହାସଂଘ ଓଡିଶା ଶାଖାର ରାଜ୍ୟ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ପଟ୍ଟନାୟକଙ୍କୁ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରୀୟ ନ୍ୟାୟିକ କର୍ମଚାରୀ ମହାସଂଘର ଜୋନାଲ ସଭାପତି ଭାବେ ମନୋନୀତ କରାଯାଇଥିଲା। ରାଷ୍ଟ୍ରୀୟ ସଭାପତି ଭାବେ ବୋଧା ଲଛମନ୍ ରେଡି, ସାଧାରଣ ସମ୍ପାଦକ ଏଚ୍.ଏ ନାଗେସ୍‌ଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ସମ୍ପ୍ରାନ୍ ଜିଲା ନ୍ୟାୟାଧିଷ ଏ.ଏଲ୍. ଶ୍ରୀବାସ୍ତୱା ଏବଂ ଜିଲା ଜଙ୍ଗଲ ଅଧିକାରୀ ଗୌରଭ ଝାଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରୀୟ ଜୋନାଲ ସଭାପତି ପ୍ରଶନ୍ନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଡିଶା ରାଜ୍ୟ ନ୍ୟାୟିକ କର୍ମଚାରୀ ମହାସଂଘ ରାଜ୍ୟ ଉପଦେଷ୍ଟା ଅଚଳ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା।

■ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଭେଟିଲେ ଗୋପାଳପୁର ଗ୍ରାମବାସୀ

# ରେତ୍ କେନାଲରୁ ପାଣି ଯୋଗାଇବାକୁ ନିବେଦନ

**ଭବାନୀପାଟଣା,୧୭।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ଉପଖଣ୍ଡ ମରୁଡି ପ୍ରପୀଡିତ ଅଞ୍ଚଳରେ ଜଳସେଚନର ସ୍ୱପ୍ନ ଦେଖାଇଥିବା ରେତ୍ ମଧ୍ୟମ ଜଳସେଚନ ପ୍ରକଳ୍ପ ବରଦାନ ସଦୃଶ୍ୟ ସାଜିଛି। ପ୍ରକଳ୍ପର ମୁଖ୍ୟ କେନାଲ ଓ ଶାଖା କେନାଲଗୁଡିକ କାର୍ଯ୍ୟ ଏକ ପ୍ରକାର ଶେଷ ହେବା ଉପରେ। ହେଲେ ଡାହାଣ ମୁଖ୍ୟ କେନାଲର କିଛି କି.ମି. ଦୂରତାରେ ଥିବା ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ଗୋପାଳପୁର, ଭାଲୁଚଞ୍ଚରା ଓ ପାଟଭାଲେର ଗାଁକୁ କେନାଲ ଦ୍ୱାରା କୌଣସି ଲାଭ ମିଳିବ ନାହିଁ। ପ୍ରକଳ୍ପର ନିକଟରେ ଥାଇ ଅଞ୍ଚଳର ଲୋକେ ପାଣି ନ ପାଇବାକୁ ନେଇ ଆଶଙ୍କା ପ୍ରକାଶ କରୁଥିବାବେଳେ ଅନେକ ଅଭିଯୋଗ ପରେ ବି ଆଜି ପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ହୋଇନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନ ଭବାନୀପାଟଣା ଆସିବା ସହ କଳାହାଣ୍ଡି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରେତ୍ ପ୍ରକଳ୍ପକୁ ନେଇ ମଙ୍ଗଳବାର ଆର୍‌ପିଡିଏସି ବୈଠକ କରିଥିଲେ। ଏଥିରେ ଗୋପାଳପୁର, ଭାଲୁଚଞ୍ଚରା ଓ ପାଟଭାଲେର ଗ୍ରାମବାସୀ ସାକ୍ଷାତ କରି ରେତ୍ କେନାଲରୁ ପାଣି ଯୋଗାଇବାକୁ ଦାବି କରିଥିଲେ। ଏପରି କି ଜିଲାର ଇନ୍ଦ୍ରାବତୀ ପ୍ରକଳ୍ପରୁ କୋକସରା ଅଞ୍ଚଳକୁ ଉଠାଜଳସେଚନ ଦ୍ୱାରା ପାଣି ଯୋଗାଇ ଦିଆଯାଉଥିବା ବେଳେ ଏହି ଅଞ୍ଚଳ ପାଇଁ ମଧ ସମାନ ବ୍ୟବସ୍ଥା ଲାଗୁ କରିବାକୁ ଅନୁରୋଧ କରିଥିଲେ। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନ ଗ୍ରାମବାସୀଙ୍କ ଅଭିଯୋଗ ଶୁଣି ରେତ୍ ମଧ୍ୟମ ଜଳସେଚନ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ଏହାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସାକ୍ଷାତ ବେଳେ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରି, ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷ ଇଂ ଫକୀର ମୋହନ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଚଳବାସୀଙ୍କ ପକ୍ଷରୁ ସୁଶୀଲ କୁମାର ବାଗ, ଅଶୋକ କୁମାର ପାଢୀ, ପୁରୁଷୋତ୍ତମ ପୁଟେଲ, ଧ୍ରୁବ ହରିଜନ, ନାଥ ବାଗ, ଲଖଣ ବାଗ, ଦ୍ୱିତୀୟା ମାଝି, ଅନି ହରିଜନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଭେଟି ଉକ୍ତ ଦାବି ଜଣାଇଥିଲେ। ଅଞ୍ଚଳବାସୀଙ୍କ ଦାବି ଖୁବ୍‌ଶୀଘ୍ର ସମାଧାନ ପାଇଁ କମିଶନର ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।



ଗୋପାଳପୁର ଗ୍ରାମବାସୀ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଭେଟୁଛନ୍ତି।

# ଜୁନାଗଡ଼ ଆରଏମ୍‌ସିର ପ୍ରଥମ କପା ମଣ୍ଡି ଉଦ୍‌ଘାଟିତ

**ଭବାନୀପାଟଣା,୧୭।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ଆରଏମ୍‌ସିର ପ୍ରଥମ କପା ମଣ୍ଡି ମଙ୍ଗଳବାର ଗୋଲାମୁଣ୍ଡା ବ୍ଲକ ଉଛଲା ଗ୍ରାମରେ ଉଦ୍‌ଘାଟିତ ହୋଇଯାଇଛି। ଯାହାକୁ ନେଇ ସ୍ଥାନୀୟ କପା ଚାଷୀଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ କପା ମଣ୍ଡି ସ୍ଥାପନ କରିବା ପାଇଁ ଦୀର୍ଘ ବର୍ଷ ହେଲା ସ୍ଥାନୀୟ କପା ଚାଷୀ ଦାବି କରି ଆସୁଥିଲେ। ଶେଷରେ ଚାଷୀଙ୍କ ଦାବିକୁ ଗୁରୁତ୍ୱ ଦିଆଯାଇ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଏଠାରେ ଏକ କପା ମଣ୍ଡିର ଶୁଭାରମ୍ଭ କରାଯାଇଛି। ପ୍ରଥମ ଦିନରେ ଭାରତ କପା ନିଗମ ପକ୍ଷରୁ ୨୫ଜଣ ଚାଷୀଙ୍କଠାରୁ ୭୯୭ କୁଇଣ୍ଟାଲ ୯୨ କିଗ୍ରା କପା କିଣା ଯାଇଛି। ଏହି ଅବସରରେ ଉଦ୍‌ଘାଟନୀ ସମାରୋହରେ ଜୁନାଗଡ ଆରଏମସି ସମ୍ପାଦକ ଟଙ୍କଧର ନାଏକ, ଆକାଉଣ୍ଟେଟେଡ୍ ବସନ୍ତ କୁମାର ସେଠି, ଆରଏମସି ଉପାଧକ୍ଷ ବିବେକ ରଞ୍ଜନ ମିଶ୍ର, ସଭ୍ୟ ବିଶ୍ୱନାଥ କର, ହେମନ୍ତ ପ୍ରଧାନ, ଦୁଷ୍ମନ୍ତ କୁମାର ପଣ୍ଡା, ଚାଷୀ ହୁକୁମ ଭୋଇ, ରାମଚନ୍ଦ୍ର ମହାପାତ୍ର, ଜନକ ବିଶ୍ୱାଳ ପ୍ରମୁଖଙ୍କ ସହ ଅନେକ ଚାଷୀ ଉପସ୍ଥିତ ଥିଲେ।


କପା ମଣ୍ଡି ଉଦ୍‌ଘାଟନୀରେ ଯୋଗଦେଇଥିବା ଅତିଥି ବୃନ୍ଦ।

# ବିନା ଟୋକନରେ ବାଲି ଚାଲାଣ, ହାଇୱା ଜବତ


ଜବତ ବାଲି ବୋଝେଇ ହାଇୱା।

**କେସିଙ୍ଗା,୧୭।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ତହସିଲ ଅନ୍ତର୍ଗତ ଛେନାଗାଁ ବାଲିଘାଟରୁ ବିନା ଟୋକନରେ ଏକ ହାଇୱା (ନଂ.ଓଡି୦୮ଏମ-୦୭୯୯) ଯୋଗେ ଭବାନୀପାଟଣାକୁ ଚାଲାଣ କରୁଥିବା ବେଳେ ମଙ୍ଗଳବାର ଉତକ୍ରେଲା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜବତ କରାଯାଇଛି। ବିନା ଟୋକନରେ ବାଲି ଚାଲାଣ ହେଉଥିବା ଖବର ପାଇ କେସିଙ୍ଗା ତହସିଲର ରେଭିନ୍ୟୁ ସୁପରଭାଇଜର ଅଜୟରାଜ ସିଖା, ଉତ୍କେଲା ରାଜସ୍ୱ ନିରୀକ୍ଷକ ଅଗ୍ନି କୁମାର ନାଏକଙ୍କ ମିଳିତ ଉଦ୍ୟମରେ ଉତ୍କେଲା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଜଗି ବସିଥିଲେ। ଅପରାହ୍ନ ୧ଟା ୧୫ ମିନିଟରେ ହଠାତ ହାଇୱା ପହଞ୍ଚି ଯିବାରୁ ଜବତ କରି କେସିଙ୍ଗା ତହସିଲଦାରଙ୍କୁ ଖବର ଦେଇଥିଲେ। କେସିଙ୍ଗା ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଗୋଟିଏ ହାଇୱାକୁ ୧୦ ହଜାର ୫୬୫ଟଙ୍କା ଜରିମାନା ରାଜସ୍ୱ ଆଦାୟ କରାଯାଇଥିଲା। କିନ୍ତୁ କେସିଙ୍ଗା ତହସିଲଦାର କେସିଙ୍ଗା ବ୍ଲକର ବହୁ ଟ୍ରାକ୍ଟରରେ ବାଲି ଚାଲାଣ ସମୟରେ ଧରିଲେ ଟ୍ରାକ୍ଟର ପିଛା ୩୦ ରୁ ୪୦ ହଜାର ଟଙ୍କା ରାଜସ୍ୱ ଆଦାୟ କରୁଥିଲେ। ଗୋଟିଏ ଟ୍ରାକ୍ଟରରେ ୨.୫ ସିଏମ ବାଲି ବୋଝେଇ କ୍ଷମତା ରହିଛି। ଗୋଟିଏ ହାଇୱାରେ ୧୫ ସିଏମ ବାଲି ବୋଝେଇ କ୍ଷମତା ଥିବା ହାଇୱାକୁ ଅତିକମରେ ୨ ଲକ୍ଷ ୧୦ ହଜାର ଟଙ୍କା ରାଜସ୍ୱ ଆଦାୟ କରିବା ପରିବର୍ତ୍ତେ ୧୦ ହଜାର ୫୬୫ ଟଙ୍କା କେଉଁ ଉଦ୍ଦେଶ୍ୟରେ ରସିଦ କାଟି ବିନା ଟୋକନରେ ଚାଲାଣ ହେଉଥିବା ହାଇୱେକୁ ଛାଡି ଦିଆଗଲା ବୋଲି ଟ୍ରାକ୍ଟର ସଂଘ ତଥା କେସିଙ୍ଗା ସହରର ବୁଦ୍ଧିଜୀବୀ ମହଲରେ ସନ୍ଦେହ ପ୍ରକାଶ ପାଉଛି। ଏ ନେଇ ଉତ୍କେଲା ରାଜସ୍ୱ ନିରୀକ୍ଷକ ଅଗ୍ନି କୁମାର ନାଏକଙ୍କୁ ପଚାରିବାରୁ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ମୁଁ ୧୦ ହଜାର ୫୬୫ ଟଙ୍କାର ରସିଦ କାଟିଲି ବୋଲି ପ୍ରକାଶ କରିଥିଲେ। କେସିଙ୍ଗା ତହସିଲଦାର ଗଣ୍ଡାରାମ ଖମାରୀଙ୍କୁ ପଚାରିବାରୁ ମୁଁ ଯାହା ଡିସିଜନ ଦେବି ସେ ପ୍ରକାରେ ରସିଦ କଟାଯାଇଛି ବୋଲି ପ୍ରକାଶ କରିଥିଲେ।

**କମ ରାଜସ୍ୱ ଆଦାୟ**

## ନାବାଳିକାଙ୍କୁ ପ୍ରେମ ନିବେଦନ କରି ଅଡୁଆରେ ନାବାଳକ

**ଜୁନାଗଡ,୧୭।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳର ଜଣେ ସପ୍ତମ ଶ୍ରେଣୀ ପଢୁଥିବା ନାବାଳିକାଙ୍କୁ ସେହି ଗ୍ରାମର ଜଣେ ନାବାଳକ ପ୍ରେମ ନିବେଦନ କରି ଅଡୁଆରେ ପଡିଛନ୍ତି। ଏ ନେଇ ନାବାଳିକାଙ୍କ ମା' ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ଏହି ଘଟଣାକୁ ଗୁରୁତ୍ୱ ଦେଇ ଏକ ମାମଲା (ନଂ.୩୨୦/୧୯)ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ନାବାଳିକା ଜଣକ ସ୍କୁଲରେ ପଢୁଥିବା ସମୟରେ ସେହି ଗ୍ରାମର ଜଣେ ନାବାଳକ ୧୦ ଟଙ୍କିଆ ନୋଟରେ ପ୍ରେମ ନିବେଦନ କରି ନାବାଳିକାଙ୍କ ବ୍ୟାଗରେ ଭରି ଦେଇଥିଲେ। ନାବାଳିକା ଜଣକ ଉକ୍ତ ନୋଟକୁ ଆସି ତାଙ୍କ ମା'ଙ୍କୁ ଦେଖାଇଥିଲେ। ତାଙ୍କ ମା' ପ୍ରେମ ନିବେଦନ କରିଥିବା ନାବାଳକଙ୍କ ଘରକୁ ଯାଇ ଏ ବିଷୟରେ ପଚାରିବାରୁ ନାବାଳକ ଜଣକ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତୋତେ ଓ ତୋ ଝିଅକୁ ମାରିଦେବି ବୋଲି ଧମକ ଦେଇଥିଲେ। ଏହାସହ ସ୍କୁଲ କଲାବେଳେ ତୋ ଝିଅଙ୍କୁ ଦିନ ଦ୍ୱିପ୍ରହରରେ ବଳାତ୍କାର କରିବି ବୋଲି ଧମକ ଦେଇଥିଲେ। ସେହିପରି ପୂର୍ବରୁ ମଧ ତାଙ୍କ ଝିଆରୀଙ୍କୁ ଉକ୍ତ ନାବାଳକଙ୍କ ସାଙ୍ଗମାନେ ବର ପତ୍ରରେ ପ୍ରେମ ପତ୍ର ଲେଖିବା ସହ ଆମ କଥା ନ ମାନିଲେ ତୋତେ ଟେକି ନେଇଯିବୁ ବୋଲି ଧମକ ଦେଇଥିଲେ। ଫଳରେ ତାଙ୍କ ଝିଆରୀ ସ୍କୁଲ ଯିବା ବନ୍ଦ କରିଦେଇଥିଲେ। ଯାହାକି ନାବାଳିକାଙ୍କ ମା' ଲିଖିତ ଅଭିଯୋଗରୁ ଜଣାପଡ଼ିଛି।

# ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ

**ଜୁନାଗଡ,୧୭।୧୨(ସ୍ୱ.ପ୍ର.)**

ସମ୍ପ୍ରତି ମହିଳାମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ବ୍ରହ୍ମପୁରର କରାଟେ କୋଚ ଅମ୍ବିକା ପ୍ରସାଦ ଦାଶ ବର୍ତ୍ତମାନ ମହିଳାଙ୍କ ସୁରକ୍ଷାକୁ ନେଇ ଚିନ୍ତିତ। ନିଜେ ଜଣେ କରାଟେ କୋଚ ହୋଇ ଥିବାରୁ ମହିଳାଙ୍କୁ ଆତ୍ମସୁରକ୍ଷା ପାଇଁ ସାମାନ୍ୟ ପ୍ରୟୋଗ ଶିକ୍ଷା ଦେଉଛନ୍ତି। ଏହାକୁ ମିଶନ ଲକ୍ଷ ନାମରେ ନାମିତ କରି ରାଜ୍ୟ ବ୍ୟାପି ବୁଲୁଛନ୍ତି। ଏହି ପରିପ୍ରେକ୍ଷୀରେ ଅମ୍ବିକା ୩ ଦିନିଆ କଳାହାଣ୍ଡି ଗସ୍ତରେ ଆସି ପ୍ରତିଦିନ ବିଭିନ୍ନ ସ୍କୁଲ ଓ ଅନୁଷ୍ଠାନ ଛାତ୍ରୀ ଓ ମହିଳାଙ୍କୁ ଆତ୍ମ ସୁରକ୍ଷାର ପ୍ରୟୋଗ ଶିଖାଉଛନ୍ତି। ମଙ୍ଗଳବାର ଆଦର୍ଶ ବିଦ୍ୟାଳୟ ଛାତ୍ରୀମାନଙ୍କୁ ତାଲିମ ଦେଇଥିବା ବେଳେ ସନ୍ଧ୍ୟାରେ ଇଣ୍ଟରନ୍ୟାଶନାଲ ଫିଟନେସ ସେଣ୍ଟର ମହିଳାମାନଙ୍କୁ ତାଲିମ ଦେଇଥିଲେ। ସେହିଭଳି ବୁଧବାର ଜୁନାଗଡ ଆବାସୀକ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ଥିବା କହିଛନ୍ତି। ଏହାକୁ ସ୍ଥାନୀୟ ଇଣ୍ଟରନ୍ୟଶନାଲ ଟାଇକୁଣ୍ଡୁ ଦୁଜାଙ୍ଗର ପ୍ରତିଷ୍ଠାତା ସନ୍ଦିପ ସାହୁଙ୍କ ପ୍ରଚେଷ୍ଟାରେ ପରିଚାଳିତ କରାଯାଉଛି। ତାଲିମ ସମୟରେ ଅମ୍ବିକାଙ୍କୁ ସୁନିଲ ପୁଝାରୀ, ଅବିନାଶ ପଟ୍ଟନାୟକ, ସ୍ୱୟଂଶିଭ ସାହୁ, ଡି. ବଳରାମ, ଶ୍ରୀବନ୍ତ ସାହୁ, ସଂଘମିତ୍ରା ସାହୁ, ଜଳି ପରାଭୋଏ, ଅଞ୍ଜନା ବିଶି, ଧନିକା ନାଏକ ପ୍ରମୁଖ ସହଯୋଗ କରୁଛନ୍ତି। ଜୁନାଗଡ ଆଦର୍ଶ ବିଦ୍ୟାଳୟରେ ତାଲିମ ସମୟରେ ସ୍କୁଲର ପ୍ରଧାନ ଶିକ୍ଷକ ସୁନିଲ କୁମାର ସାହୁ ଓ ଖେଳ ପ୍ରଶିକ୍ଷିକା ସ୍ମୃତିରେଖା ସାହୁ ଉପସ୍ଥିତ ଥିଲେ।


ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପ୍ରୟୋଗ ତାଲିମ ପ୍ରଦାନ କରାଯାଉଛି।

# ଭାରତୀୟ ମଜଦୁର ସଂଘ ପ୍ରତିଷ୍ଠାତା ଦତ୍ତୋପନ୍ତଙ୍କ ଜନ୍ମ ଶତାବ୍ଦୀ

**ଭବାନୀପାଟଣା,୧୭।୧୨(ଡି.ଏନ.ଏ.)**

ସର୍ବଭାରତୀୟ ବୃହତ୍ତ ଶ୍ରମିକ ସଙ୍ଗଠନ ଭାରତୀୟ ମଜଦୂର ସଂଘ ପ୍ରତିଷ୍ଠାତା ସ୍ୱର୍ଗତ ଦତ୍ତୋପନ୍ତ ଠେଙ୍ଗଡୀଙ୍କ ଜନ୍ମ ଶତାବ୍ଦୀ ସମାରୋହ ସ୍ଥାନୀୟ ବ୍ରହ୍ମବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବିଭାଗ ପ୍ରଭାରୀ ଜୟନାରାୟଣ ବାବୁ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ମଜଦୁର ସଂଘ ପୂର୍ବତନ ପ୍ରଦେଶ କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର କୁମାର ପଟ୍ଟଯୋଷୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା କଳାହାଣ୍ଡି ଓକିଲ ସଂଘ ସଭାପତି ଭବେନ୍ଦ୍ର ପଣ୍ଡା, ସ୍ୱଦେଶୀ ଜାଗରଣ ମଞ୍ଚର ରାଷ୍ଟ୍ରୀୟ ସଦସ୍ୟ କୌଶବ ବିହାରୀ, ଅଖିଳ ଭାରତୀୟ ନିର୍ମାଣ ମଜଦୂର ସଂଘ ଉପଦେଷ୍ଟା ବିରଞ୍ଚି ପଣ୍ଡା ପ୍ରମୁଖ ଉପସ୍ଥିତ ଥିବା ବେଳେ ଭାରତୀୟ ମଜଦୂର ସଂଘ କଳାହାଣ୍ଡି ଶାଖାର ସମ୍ପାଦକ ସୁରେନ୍ଦ୍ର ମୋହନ କର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ମଜଦୁର ସଂଘ କଳାହାଣ୍ଡି ଉପସଭାପତି ବିଶ୍ୱରଞ୍ଜନ ସା ସଭାପତିତ୍ୱ କରିଥିଲେ। ଜିଲାର ଶହ ଶହ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ମଣ୍ଡିର ହେମାଲ ସମିତିର କର୍ମକର୍ତ୍ତା ଓ ସଦସ୍ୟ, ରାଇସମିଲ ୱାର୍କସ ଏବଂ ନିର୍ମାଣ ଶ୍ରମିକମାନେ ଯୋଗଦେଇଥିଲେ। ଏହି ଅବସରରେ ମଣ୍ଡିରେ କାମ କରୁଥିବା ହେମାଲମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପୂର୍ବରୁ ଧାନ ମଣ୍ଡିରେ ଧାନ ପ୍ରକ୍ରୀୟାକରଣ ନିମନ୍ତେ ହେମାଲମାନଙ୍କୁ କୁଇଣ୍ଟାଲ ପିଛା ୧୦ ଟଙ୍କା ମିଳୁଥିଲା। ମାତ୍ର ଚଳିତବର୍ଷ ଏହା ୧୦ ଟଙ୍କା ବଦଳରେ ୮ ଟଙ୍କା ୪୭ ପଇସାକୁ କମାଇ ଦିଆଯାଇଥିବାରୁ ହେମାଲ ସମିତି ଅସନ୍ତୋଷ ପ୍ରକାଶ କରିଥିଲା। ଶ୍ରମିକମାନଙ୍କ ମଜୁରି ବୃଦ୍ଧି ପାଇଁ ସମସ୍ତେ ଦାବି କରିଥିବା ବେଳେ ଏହାକୁ ୧୦ ଟଙ୍କାରୁ କିଭଳି ୮ ଟଙ୍କା ୪୭ ପଇସା କରାଗଲା ତାହା ଶ୍ରମିକମାନେ ପ୍ରଶ୍ନ କରିଥିଲେ। ଆଗାମୀ ଦିନରେ ଯଦି ଏହାର ମୂଲ୍ୟ ବୃଦ୍ଧି କରା ନ ଯାଏ ତାହା ହେଲେ ମଣ୍ଡି ସମିତିର ସଦସ୍ୟମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଏହି ସମାରୋହରେ ଭବାନୀ ରାଉତ୍, ନବୀନ ଛତ୍ରୀୟା, ରାଧାକାନ୍ତ ବେହେରାଙ୍କ ସହ ଅଙ୍ଗନୱାଡି କ୍ଷେତ୍ରରୁ ରଞ୍ଜିତା ବାଗ ଓ ସିନ୍ଧୁକା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, ସ୍ୱର୍ଗତ ଦତ୍ତୋପନ୍ତ ଠେଙ୍ଗଡୀଙ୍କ ଜନ୍ମ ଶତାବ୍ଦୀ ସମାରୋହ ୧୦ ନଭେମ୍ବର ୨୦୧୯ଠାରୁ ଆରମ୍ଭ ହୋଇ ଆସନ୍ତା ୧୦ ନଭେମ୍ବର ୨୦୨୦ ପର୍ଯ୍ୟନ୍ତ ପାଳିତ ହେବ ବୋଲି ଭାରତୀୟ ମଜଦୁର ସଂଘ କଳାହାଣ୍ଡି ଶାଖାଙ୍କ ପକ୍ଷରୁ ପ୍ରକାଶ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଭତା ପାଏଲେ ଦିବ୍ୟାଙ୍ଗ ସୁବାସ, ମା' ବଁଚିତ୍

**ଲାଞ୍ଜିଗଡ଼, ୧୭।୧୨ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଁଚେତ୍ ଅଧୀନ ଜଙ୍ଗେରଗୁଡ଼ା ଗାଁର ସ୍ୱର୍ଗତ କାଲା ମାଝି ଆର ମନାଙ୍ଗ ମାଝି(୬୫)କଁର ପୁଓ ସୁବାସ ମାଝି(୧୨)। ସେ ଜନ୍‌ମୁ ଦିବ୍ୟାଙ୍ଗ ଆନ୍। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ମନାଙ୍ଗ ଦୁଖ୍‌ସୁଖ କରି କୁଟୁମ ପୁଷୁଛନ୍। ହେଲେ ଆଏଜ୍ ବି ପରିବାରଟା ଅନେକ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଛନ୍। ସୂଚନା ଅନ୍‌ସାରେ ଜଙ୍ଗେରଗୁଡ଼ାର ବିଧବା ମହିଲା ମନାଙ୍ଗ ମାଝିକଁର ପରିବାର କହେଲେ ପୁଓ ସୁବାସକେ ନେଇ ସଁସାର। ସୁବାସକଁର ଜନ୍‌ମୁ ଦୁଇ ଗୋଡ଼ ଆର ଗୁଟେ ହାତ୍ କେହେନ୍‌ସି କାରନ୍‌ରୁ ବଁକା ହେଇଯାଇଛେ। ସେ ୫୦ ପରତିଶତ ଭିନ୍ନକ୍ଷମ ଆଏ। ଇଆଡ଼େ ବଛର କେତେଟା ତଲେ ଆପ୍‌ନେ କାଲା ମାଝି ବି ଆରପାରକେ ଚାଲିଯାଇଛନ୍। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ବୁଢ଼ି ବଏସେ ମନାଙ୍ଗ ପରହର କାମ୍‌ବୁତା କରି ଭିନ୍ନକ୍ଷମ ପୁଓକେ ପୁଷୁଛନ୍। ଇଆଡ଼େ ସରକାରୀ ସୁବିଧା କହେଲେ ପଁଚେତ୍‌ରୁ ମିଲୁଥିବାର ଚାଉଲ ଦୁରା। ଭଲ ଘର ଖଁଡ଼େ ଅଭାବୁ ମା'ପୁଓ ଗୁଟେ ଝାଟିମାଟିର ଦଦ୍‌ରା କୁଡିଆରେ ମୁଡ଼ ଗୁଁଜିଛନ୍। ହେଲେ ଘରଟା କେତେବେଲେ ଭୁଷଲି ପଡ଼ବା କିଛି କହି ନାଇଁହେବାର। ଆବାସ ଯୋଜନାରେ ଘରଖଁଡ଼େ, ବିଧବା ଭତା ଆର ପୁଓର ଭିନ୍ନକ୍ଷମ ଭତାର ଲାଗି ପଁଚେନ୍‌ନୁ ମୂଲ କରି ବ୍ଲକ ତକ୍ ଗୁହାରି କରି ମନାଙ୍ଗ ନିରାଶ ହେଇଥିବାର କହିଛନ୍। ସେନ୍‌ତା ଗଲା ନଭେମ୍ବର ୨୨ ତାରିଖ କଳାହାଣ୍ଡି ଜିଲାପାଳକଁର ଏନ୍‌ସିପିପିଆର୍ ପରତିନିଧିକଁର କ୍ୟାମ୍ପକୋର୍ଟରେ ଜାତୀୟ ସଦସ୍ୟ ଆର୍.ଜି.ନନ୍ଦ, ରାଜ୍ୟ କମିଶନ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନଙ୍କୁ ଭେଟି ସବୁ ଦୁଖ୍ ବଖାନିଥିଲେ। ସେମାନେ ପୁଓକେ ବହୁତ୍ ଜଲ୍‌ଦି ଭିନ୍ନକ୍ଷମ ଭତା ମିଲ୍‌ବା ବଲି କଥା ଦେଇଥିଲେ। ଇଆଡ଼େ ସୁବାସ ଭିନ୍ନକ୍ଷ ହେଇଥିଲେ ବି ତାକର ପାଠ୍ ପଢ଼ବାର ବହୁତ୍ ଇଛା। ହେଲେ ପରିବାରଟା ଏତେ ଗରିବ୍ ଯେ ଦୁଇବେଲା ଦୁଇମୁଠା ଖାଏବାରଟା, ଖଁଡ଼େ ପିଁଧିନା ନାଇଁ ପାଏବାର। ଏନ୍‌ତା ଅଭାବିଆ ପରିସ୍ଥିତିରେ ମନାଙ୍ଗ ପୁଓର ପାଠ୍‌ପଢ଼ା କଥା ଚିନ୍‌ତା ବି କରି ନାଇଁ ପାରବାର। ସୋମବାର ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ଆର ବ୍ଲକ ଅଧକ୍ଷ ଇଂ.ଫକୀର ମୋହନ ମାଝି ସୁବାସକୁଁ ଭେଟି ତାକର ହାଲ୍‌ଚାଲ ପଚାରି ବୁଝିବାର ସଂଗେ ଭିନ୍ନକ୍ଷମ ଭତ୍ତା ୫ ଶହ ଟଁକା ଦେଇଛନ୍। ସେନ୍‌ତା ସୁବାସକଁର ବାପାର ମୁର୍‌ତୁ ପରମାନପତର ଆଏଲେ ମନାଙ୍ଗକୁଁ ବି ଭତା ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ବ୍ଲକ ଅଧକ୍ଷ ମାଝି କହିଛନ୍।


ଦିବ୍ୟାଙ୍ଗ ସୁବାସକୁଁ ଭତା ଟଁକା ଦିଆଯାଉଛେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୮ ଡିସେମ୍ବର, ୨୦୧୯



“ଆମକୁ ପାପ କାର୍ଯ୍ୟ କରିବାରେ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।
- ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ୧୮୦ ବଣ୍ଡଲ କେନ୍ଦୁପତ୍ର ସହ ପିକ୍ଅପ୍ ଭ୍ୟାନ୍ ଜବତ

ରେଢାଖୋଲ,୧୭।୧୨(ଡି.ଏନ.ଏ.)

ରେଢାଖୋଲ ପୋଲିସ ସୋମବାର ବିଳମ୍ବିତ ରାତିରେ କେନ୍ଦୁପତ୍ର ଚୋରା ଚାଲାଣ କରୁଥିବା ଏକ ପିକ୍ଅପ୍ ଭ୍ୟାନକୁ ଜବତ କରିଛି। ଏଥିସହିତ ଭ୍ୟାନରେ ଥିବା ୯ କୁଇଣ୍ଟାଲ ଚୋରା କେନ୍ଦୁପତ୍ର ଜବତ କରିଛି। ହେଲେ ଚୋରା ଚାଲାଣକାରୀ ପୋଲିସକୁ ଦେଖି ଫେରାର ହୋଇ ଯାଇଛନ୍ତି। ରେଢାଖୋଲ ଥାନା ଅଧୀନ ଝାଙ୍କରପଡା-ଟାଲ ଗ୍ରାମରୁ ୧୮୦ ବଣ୍ଡଲ ଚୋରା କେନ୍ଦୁପତ୍ର ବୋଝେଇ କରି ପିକଅପ ଭ୍ୟାନ (ନଂ ଓଡି-୧୫ ବି ୯୨୫୯) ଆସୁଥିଲା। ସୂଚନା ପାଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ସଦଳବଳେ ଚଢାଉ କରିଥିଲେ। ତେବେ ଗତ ୨ ବର୍ଷର ନିରବତା ପରେ ଚଳିତ ବର୍ଷ ଚୋରା କେନ୍ଦୁପତ୍ର ମାଫିଆ ରେଢାଖୋଲ ଅଞ୍ଚଳରେ ପୁଣି ସକ୍ରିୟ ହୋଇଛନ୍ତି। ବିଭିନ୍ନ ଗ୍ରାମରୁ ଛୋଟ ଛୋଟ ଗାଡିରେ ସଂଗ୍ରହ କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗଚ୍ଛିତ କରିବା ପରେ ଟ୍ରକ୍ରେ ରାଜ୍ୟ ଓ ରାଜ୍ୟ ବାହାରକୁ ଚୋରାଚାଲାଣ କରୁଛନ୍ତି।

### ଭାରତୀୟ ବିଦ୍ୟାର୍ଥୀ ପ୍ରକୋଷ୍ଠ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

# ମହିଳା ସୁରକ୍ଷା ଆଇନକୁ କଡ଼ାକଡ଼ି କରାଯାଉ

ରାଉରକେଲା ଅଫିସ,୧୭।୧୨

ଭାରତୀୟ ବିଦ୍ୟାର୍ଥୀ ଛାତ୍ରୀ ପ୍ରକୋଷ୍ଠ ପକ୍ଷରୁ ମଙ୍ଗଳବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ, ସମ୍ପ୍ରତି ଦେଶରେ ମହିଳା ଅତ୍ୟାଚାର ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏଥିରେ ଶିଶୁଠୁ ନେଇ ମହିଳାଙ୍କ ଯାଏ ଅତ୍ୟାଚାରିତ ହେବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ମହିଳାଙ୍କ ପାଇଁ ଭାରତ ଆଉ ସୁରକ୍ଷିତ ହୋଇ ରହିନାହିଁ। ଅସୁରକ୍ଷିତ ଦୃଷ୍ଟିରୁ ଦେଖିଲେ ବିଭିନ୍ନ ଦେଶ ମଧ୍ୟରୁ ଭାରତ ୪ର୍ଥ ସ୍ଥାନ ଅଧିକାର କରିଛି। ଦେଶରେ ପ୍ରତି ୬ ମିନିଟ ଭିତରେ ଗୋଟିଏ ବଳାତ୍କାର ଘଟଣା ନଜରକୁ ଆସୁଛି। ଏଣୁ ଦେଶର ମହିଳା ବର୍ଗ କିପରି ସୁରକ୍ଷିତ ରହିବେ ସେ ନେଇ କଡା ଆଇନ ପ୍ରଣୟନର ଆବଶ୍ୟକତା ରହିଛି। ଏମାନଙ୍କୁ ସୁରକ୍ଷିତ ଜୀବନ ଜିଇଁବାର ଅଧିକାର ସୁନିଶ୍ଚିତ କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ବିଦ୍ୟାଳୟଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଆତ୍ମରକ୍ଷା ସମ୍ପର୍କିତ ବିଷୟ ଓ କୌଶଳ ତାଲିମ ଉପରେ ସରକାର ଗୁରୁତ୍ୱ ଦେବାକୁ କୁହାଯାଇଛି। ଦେଶରେ ଯେଉଁ ଢଙ୍ଗରେ ମହିଳାଙ୍କ ଉପରେ ଅତ୍ୟାଚାର, ବଳାତ୍କାର କରାଯାଉଛି ତାହା ଅତ୍ୟନ୍ତ ଚିନ୍ତାର ବିଷୟ ପାଲଟିଛି। ଏହା ଦ୍ୱାରା ଦେଶର ଛବି ମଳିନ ହେବା ସହ ବିଶ୍ୱରେ ନିନ୍ଦା ଶୁଣିବା ଭଳି ଅବସ୍ଥା ସୃଷ୍ଟି ହୋଇଛି। ଏଣୁ ଏ ଦିଗରେ ସରକାର କଠୋର ପଦକ୍ଷେପ ନେବାକୁ ସଙ୍ଗଠନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ନିବେଦନ କରାଯାଇଛି।




ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ପ୍ରତିନିଧି ମଣ୍ଡଳୀ।

### ଲୋକଙ୍କୁ ବିପଦ ରାସ୍ତାକଡ ଖାଲ

ବ୍ରଜରାଜନଗର, ୧୭।୧୨ (ଡି.ଏନ.ଏ.)

ବ୍ରଜରାଜନଗର ଗାନ୍ଧୀଛକଠାରୁ ରାଜପୁର ପର୍ଯ୍ୟନ୍ତ ୪ କି.ମି. ରାସ୍ତା ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହି ରାସ୍ତା ମରାମତି କାର୍ଯ୍ୟ କରୁଥିବା ଠିକାଦାରଙ୍କ ଏଥିପ୍ରତି କିନ୍ତୁ ଚିନ୍ତା ନାହିଁ। ସଂପୃକ୍ତ ଠିକାଦାର ୨ କୋଟି ୨୯ ଲକ୍ଷ ୧୨ ହଜାର ୩୭ ଟଙ୍କାରେ ଏହି ରାସ୍ତା କାମ କରିବାକୁ ଟେଣ୍ଡର ନେଇଛନ୍ତି। ଉକ୍ତ ରାସ୍ତା ପଡୋଶୀ ସୁନ୍ଦରଗଡ ଜିଲାକୁ ସଂଯୋଗ କରୁଛି। ତେବେ ଠିକାଦାର ରାସ୍ତାର ଉଭୟ ପାର୍ଶ୍ୱ କାମ ଲାଗି ଖୋଳି ଦେଇଛନ୍ତି। ହେଲେ ବାଲି, ପଥର ଗୁଣ୍ଡ ବା ଆଶ୍ ପକାଇ ପୂରଣ କରିବା ପରେ ତାହା ଉପରେ ପିଚୁ କରିବା କଥା। ତାହା କିନ୍ତୁ କରାଯାଉନି। ଏଣୁ ଲୋକଙ୍କ ପାଇଁ ଏହି ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାରେ ଯାଉଥିବା ଗାଡିମୋଟର ଟିକିଏ ଉଲମ୍ ବିଲମ୍ ହେଲେ ଖାଲରେ ପଡି ଦୁର୍ଘଟଣାଗ୍ରସ୍ତ ହେବାର ଆଶଙ୍କା ରହିଛି। ମଙ୍ଗଳବାର ଚୁଡାମଣୀ ରାଉତ ନାମକ ଜଣେ ଜଣେ ୫୮ ବର୍ଷୀୟ ଲୋକ ଏହି ରାସ୍ତା କଡ ଖାଲରେ ପଡି ଗୁରୁତର ହୋଇଛନ୍ତି ।

## ‘ମୋ ସରକାର’ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ପାଇଁ ପ୍ରସ୍ତୁତି ସଭା

ବେଲପାହାଡ଼,୧୭।୧୨ (ଡ଼ି.ଏନ୍.ଏ)

ରାଜ୍ୟ ସରକାରଙ୍କ ମୋ ସରକାର କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ପାଇଁ ବେଲପାହାଡ଼ ପୌରପରିଷଦ ସଭାଗୃହରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଅଧ୍ୟକ୍ଷତା କରିଥିଲେ। ସଭାରେ ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ, ଯୋଗାଣ ଅଧିକାରୀ ରାଜକିଶୋର ଜେନା, ପୌରଯନ୍ତ୍ରୀ ସଙ୍ଗୀତା ମାଧୁରୀ ତିର୍କୀ, ବରିଷ୍ଠ ସହାୟକ ଲାଲମୋହନ କିଶାନ ଓ କନିଷ୍ଠ ଯନ୍ତ୍ରୀ ଆଶିଷ ବରଣ ନାୟକଙ୍କ ସମେତ ସମସ୍ତ ପୌର କର୍ମଚାରୀ ଯୋଗ ଦେଇଥିଲେ। ସଭାରେ ମୋ ସରକାର କାର୍ଯ୍ୟକ୍ରମ ତଥା ୫-ଟି କାର୍ଯ୍ୟକ୍ରମକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ପାଇଁ ତଥା ନିଷ୍ଠା ଓ ଦାୟିତ୍ୱର ସହିତ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଗୁଡ଼ିକୁ ସମାଧାନ କରିବା ପାଇଁ ନିର୍ବାହୀ ଅଧିକାରୀ ଉପସ୍ଥିତ ସମସ୍ତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି ପାଇଁ ପୌର ଅଫିସରେ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲାଯିବ ବୋଲି ସୂଚନା ଦେଇଥିଲେ। ଯୋଗାଣ ଅଧିକାରୀ ରାଜକିଶୋର ଜେନା ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ପୌରାଞ୍ଚଳର ୬୮୫ ପରିବାରକୁ ଚାଉଳ ଦିଆଯାଉଛି। ଆଗାମୀ ଦିନରେ ଆଉ କିଛି ଗରିବ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଯୋଜନାରେ ସାମିଲ କରାଯିବ ବୋଲି ପ୍ରକାଶ କରିଥିଲେ। ପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ ସଭାରେ ଉଦ୍‌ବୋଧନ ଦେଇ ସରକାର ଜନସାଧାରଣଙ୍କୁ ବିଭିନ୍ନ ସେବା ଉପଲବ୍ଧ କରିବା ପାଇଁ ୫-ଟି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହାର ସଫଳତା ପାଇଁ ସମସ୍ତ କର୍ମଚାରୀଙ୍କୁ ଦାୟିତ୍ୱର ସହିତ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପ୍ରକାଶ କରିଥିଲେ।



ବେଲପାହାଡ଼ ପୌରପରିଷଦ ସଭାଗୃହରେ ମୋ ସରକାର କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ସଭାରେ ନିର୍ବାହୀ ଅଧିକାରୀ ଅଧସ୍ତନ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

## ରେଲୱେ ପେନ୍ସନର ସଂଘ ପକ୍ଷରୁ ଜାତୀୟ ପେନ୍ସନ ଦିବସ




ଜାତୀୟ ପେନ୍ସନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ରାଉରକେଲା ଅଫିସ,୧୭।୧୨

ଦକ୍ଷିଣ ପୂର୍ବ ରେଲୱେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ଜାତୀୟ ପେନ୍ସନ ଦିବସ ପାଳିତ ହୋଇ ଯାଇଛି। ବନ୍ଧମୁଣ୍ଡା ଡିଜେଲ କଲୋନୀ ଠାରେ ଥିବା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ଟି ନାଗରାଜୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଉରକେଲା ଓକିଲ ସଂଘ ସଭାପତି ରମେଶ ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପେନ୍ସନଧାରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ସୁଖୀ ଜୀବନ କାମନା କରିଥିଲେ। ପେନ୍ସନ ସ୍କିମ ଗତ ୧୯୫୮ରୁ ଲାଗୁ ହୋଇଥିବା ବେଳେ ଆଜି ବି ଅନେକ ଅବସରପ୍ରାପ୍ତ କର୍ମଚାରୀ ପେନସନ ପାଇବା ନେଇ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ କାଗଜପତ୍ର ଆଳରେ ଏମାନଙ୍କୁ ବାରମ୍ବାର ଅଫିସ ଦଉଡିବାକୁ ପଡୁଛି। ଏ ଦିଗରେ ସରକାର ଓ ବିଭାଗୀୟ ଅଧିକାରୀ ଯତ୍ନବାନ ହେବା ଆବଶ୍ୟକ ବୋଲି ବଳ କହିଥିଲେ। ଅବସରପ୍ରାପ୍ତ କର୍ମଚାରୀ ଡିଏସ ନାକରା ନିଜ ବକ୍ତବ୍ୟରେ କେବେ ଠାରୁ ଓ କାହିଁକି ପେନସନ ଡେ ପାଳନ କରାଯାଉଛି ସେ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏଥିରେ ପିଆର ରାଓ, ଏସ.ରାଓ, ଏ.ଏନ. ପ୍ରସାଦ, ଜେ.ଏଲ ଦାସ, ବିଏନସି ଶିବାନୀ, ପିଏଲ ନାରାୟଣ, ଏସ.ଏନ ମହାନ୍ତି, ପି.ଏସ. ମହାତୋ, ନିରଞ୍ଜନ ସିଂ, ଏସ. କୁଜୁର, ପିଆର ଷଡଙ୍ଗୀ, କାନ୍ତାରାମ ରାଓ, ରବି କାମେଶ୍ୱର ପ୍ରମୁଖ ଉପସ୍ଥିତି ଥିଲେ। ଏହି ଅବସରରେ ୭୫ ବର୍ଷରେ ପଦାର୍ପଣ କରିଥିବା ପେନ୍ସନଧାରୀଙ୍କୁ ସମ୍ମାନିତ କରାଯାଇଥିଲା।

## ଜିଏମ୍‌ୟୁ ଛାତ୍ରାଛାତ୍ରଙ୍କ ସିଏଏକୁ ସମର୍ଥନ

ସମ୍ବଲପୁର,୧୭।୯(ବ୍ୟୁରୋ)

ସମଗ୍ର ଦେଶରେ ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ନେଇ ତାତି ଓ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ହେଉଛି। ହେଲେ ଅନେକ ସ୍ଥାନରେ ଏହାକୁ ସମର୍ଥନ କରାଯାଉଛି। ଏଣୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଜିଏମ୍‌ୟୁ ଛାତ୍ରୀଛାତ୍ର ଏହାକୁ ସମର୍ଥନ କରିଛନ୍ତି। ଜିଏମ୍‌ୟୁ ମୁଖ୍ୟ ଗେଟ୍ ସମ୍ମୁଖରେ ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ନାରାବାଜି କରିଛନ୍ତି । କେନ୍ଦ୍ର ସରକାର ଓ କେନ୍ଦ୍ର ଗୃହ ବିଭାଗ ଦେଶର ଜନ ସାଧାରଣଙ୍କ ହିତ ପାଇଁ ଏହି ନିଷ୍ପତ୍ତି ନେଇଛି। ହେଲେ ଏହାକୁ ନେଇ ରାଜନୀତି କରାଯାଉଛି। ହେଲେ ସେମାନେ ଏହି ଆଇନକୁ ସମର୍ଥନ କରୁଛନ୍ତି ବୋଲି କହିଛନ୍ତି ।




ସମ୍ବଲପୁର ଜିଏମ୍‌ୟୁ ଛାତ୍ରୀଛାତ୍ର ସିଏଏକୁ ସମର୍ଥନ କରୁଛନ୍ତି ।

### ଠୁଲୁବରେ ୪୧ ୟୁନିଟ ରକ୍ତ ସଂଗ୍ରହ

ଜମନକିରା, ୧୭। ୧୨ (ଡି.ଏନ୍.ଏ.)

ଜମନକିରା ବ୍ଲକ୍ ଠୁଲୁବ ସ୍କୁଲରେ ବୀର ସୁରେନ୍ଦ୍ର ସାଏ କ୍ଲବ୍ ପକ୍ଷରୁ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରୁ ଡା: କମ୍ଳେଶ କକ୍କଡ଼, ଏଲ୍‌ଟି ସନ୍ତୋଷ ଗୌଡ଼, କାଉନସେଲର କାମଦେବ ପଟେଲ, ମନବୋଧ ନାଏକ, ଶୋଭିତ ଦାଶ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଆଦିପ୍ରସାଦ ମହାକୁଳ, ଜଗଦୀଶ ଧାନ, ଦୟାନିଧି ଝାଙ୍କର, ସରୋଜ ଧର, ରାଜୀବ ନାୟକ, ସୁଶୀଲ ନାୟକ, ବୁଧୁଆ ତିର୍କୀ, କୈଳାଶ ରାଓ, ରାଜୀବ କେର୍କେଟା, ଅଶୋକ ରାଉନ, ନରୋତ୍ତମ ପଟେଲ, ପ୍ରମୁଖ ଉପସ୍ଥସିତ ଥିଲେ।

## କିର୍ମିରାରେ ଜନ ଅଭିଯୋଗ ଶୁଣାଣି

କିର୍ମିରା, ୧୭।୧୨ (ଡି.ଏନ.ଏ)

ଝାରସୁଗୁଡା ଜିଲା କିର୍ମିରା ବ୍ଲକରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଆରକ୍ଷୀ ଅଧିକ୍ଷକ ଅଶ୍ୱିନୀ କୁମାର ମହାନ୍ତି, ସହକାରୀ ଜିଲାପାଳ ଅଶ୍ୱିନୀ ପଣ୍ଡା, ଜିଲାମୁଖ୍ୟ ଚିକିତ୍ସା ଅଧିକାରୀ ଜଗଦୀଶ ଚନ୍ଦ୍ର ବାରିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟନ୍ଦ୍ର ସେଠୀ, ତହସିଲଦାର ମୁକୁଟମଣୀ ଖେସ, ଲଇକେରା ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ, ବ୍ଲକ ଅଧକ୍ଷ ତେଜରାଜ ସାହୁ, ଜିଲା ପରିଷଦ ସ୍ୱପ୍ନାମୟୀ ପଟେଲ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଶିବିରରେ ୪୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ରେଡକ୍ରସ ତରଫରୁ ଜଣକୁ ଚିକିତ୍ସା ବାବଦକୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଝାରମାଲର ପିଚୁ ରାସ୍ତା ଓସାର କରି ଡ୍ରେନ ନିର୍ମାଣ ବ୍ୟବସ୍ଥା କରିବା, କିର୍ମିରାରୁ ନକ୍ସାପାଲି ରାସ୍ତାରେ ଜାଗା ବିବାଦ, ଅର୍ଡା ହାଇସ୍କୁଲରେ ଅସମ୍ପୂର୍ଣ୍ଣ କୋଠରୀ ସଂପୂର୍ଣ୍ଣ କରିବା ଅଦି ଅଭିଯୋଗ ଆସିଥିଲା।



କିର୍ମିରାରେ ଜନ ଅଭିଯୋଗ ଶୁଣାଣିରେ ସରକାରୀ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

### ସୁନୟନା କପ ଫୁଟବଲ ଉଦ୍‌ଯାପିତ

# ଦିବେଶ ବ୍ରଦର ଚାମ୍ପିୟନ

ରାଉରକେଲା ଅଫିସ, ୧୭।୧୨

ବନ୍ଧମୁଣ୍ଡା ଓସିଆନ କ୍ଲବ ଓ ମିଳନ କ୍ଲବ ଆନୁକୂଲ୍ୟରେ ଗତ ରବିବାରଠାରୁ ଆୟୋଜିତ ସୁନୟନା ଫୁଟବଲ ମ୍ୟାଚ ଫାଇନାଲ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୋଟ ୧୬ଟି ଦଳ ଭାଗ ନେଇଥିଲା। ଉଦ୍‌ଯାପନୀ ସମାରୋହରେ ରୋହିତ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମଣିଲାଲ କେର୍କେଟା, ଫିଲିସିତା ଚେରୱା, ମନୋଜ ଭଗତ ଓ ସଞ୍ଜୟ ବାବୁଟା ପ୍ରମୁଖ ମଞ୍ଚାସୀନ ଥିଲେ। ଫାଇନାଲ ମ୍ୟାଚ ଦିବେଶ ବ୍ରଦର ଓ ଟିଚର୍ସ କଲୋନୀ ହମିରପୁର ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଦିବେଶ ବ୍ରଦର ୩-୦ ଗୋଲରେ ବିଜୟ ହାସଲ କରିଥିଲା। ଏହି ଅବସରରେ ବିଜୟୀ ଦଳକୁ ମଞ୍ଚାସୀନ ଅତିଥି ୧୬ ହଜାର ଓ ପରାଜିତ ଦଳକୁ ୧୧ ହଜାର ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ଜନ ଭେଙ୍ଗରା, ଗୋପି ମୁଖୀ, ମଞ୍ଜିତ ପ୍ରସାଦ, ଦୁର୍ଗା ହାଁସଦା, ରାଜକିଶୋର ସୋୟ ଓ ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ଖେଳ ପରିଚାଳନାରେ ରୋଶନ ଖାନ, ସୈନିକ ତିର୍କୀ, ଅଶ୍ୱିନୀ ବେହେରା, ସୁରେଶ ଓରାମ ଓ ମନୋଜ ପାଣ୍ଡେ ସହଯୋଗ କରିଥିଲେ।



ସୁନୟନା ଫୁଟବଲ ମ୍ୟାଚରେ ଅତିଥିଙ୍କ ସହ ଖେଳାଳି।

### ରାଉରକେଲା କଲେଜ ପକ୍ଷରୁ

# ଯୌନ ଶୋଷଣ ନେଇ ଆଲୋଚନାଚକ୍ର

ରାଉରକେଲା ଅଫିସ,୧୭।୧୨

ଯୌନ ଶୋଷଣ, ଏହାର କାରଣ ଓ ନିରାକରଣ ନେଇ ରାଉରକେଲା କଲେଜ ଓ ଆଇକ୍ୟୁଏସି ମିଳିତ ଆନୁକୂଲ୍ୟରେ ଏକ କର୍ମଶାଳା ତଥା ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଆଇନଜୀବୀ ବବିତା ମହାପାତ୍ର ଯୋଗ ଦେଇ ଯୌନ ଶୋଷଣ ଓ ଆଇନଗତ ସହାୟତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଯେଉଁମାନେ ପରିସ୍ଥିତିରୁ ନିଜ ଫାଇଦା ଉଠାଇ ଯୌନ ଶୋଷଣ ଭଳି ନିନ୍ଦନୀୟ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ କେବେ ମାଫ କରାଯାଇ ପାରିବନି। ଶୋଷଣର ଶିକାର ହେବା ପୂର୍ବରୁ କାର୍ଯ୍ୟ କ୍ଷେତ୍ରରେ ଏଥିପ୍ରତି ମହିଳାମାନଙ୍କୁ ସତର୍କ ହେବାକୁ ପଡିବ। ଦୁର୍ବଳ ମନ ନେଇ ପ୍ରତିରୋଧ ପରିବର୍ତ୍ତେ ଏଥିପ୍ରତି କଡା ଆଭିମୂଖ୍ୟ ଆପଣାଇବାକୁ ହେବ ବୋଲି ମହାପାତ୍ର ପରାମର୍ଶ ପ୍ରଦାନ କରିଥିଲେ। ସାର୍ବଜନିକ କ୍ଷେତ୍ରରେ ଦିନକୁ ଦିନ ବଢି ଚାଲିଥିବା ଘଟଣା ଲୋକଲୋଚନକୁ ଆସି ପାରୁଥିବା ବେଳେ ଚାରିକାନ୍ଥ ଭିତରେ ଘଟିଥିବା ଶୋଷଣକୁ ପଦାକୁ ଆଣିବାକୁ ପଡିବ। ମହିଳାମାନେ ଏ ଦିଗରେ ସଚେତନ ହେବା ସହ ସମ୍ପୂର୍ଣ୍ଣ ଭାବେ ନିଜକୁ ପ୍ରସ୍ତୁତ ରଖିଲେ ଏଥିରୁ ଅନେକ ସୁଫଳ ମିଳି ପାରିବ ବୋଲି ସେ କହିଥିଲେ। ଏହି ଅବସରରେ ଦେଶରେ ଘଟିଯାଇଥିବା ଏଭଳି କିଛି ଘଟଣାର ଅବତାରଣା କରି ମହାପାତ୍ର କହିଥିଲେ, ଯୌନ ଶୋଷଣ ନେଇ ମହିଳାମାନେ ଆଇନଗତ ସହାୟତା ନେବାକୁ କେବେ ପଛଘୁଞ୍ଚା ଦେବା ଅନୁଚିତ। ଅବହେଳା, ଭୟ ଦୁର୍ବୃତ୍ତଙ୍କ ପାଇଁ ସୁଯୋଗ ସୃଷ୍ଟି କରେ। ଏଣୁ ବ୍ୟକ୍ତିଗତ କି ମିଳିତ ଭାବେ ହେଉ ଏଭଳି ନିନ୍ଦନୀୟ ସମାଜ ବିରୋଧି କାର୍ଯ୍ୟକୁ କଡା ବିରୋଧ କରିବାକୁ ହେବ। ଏ ଦିଗରେ ଆମକୁ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି ବୋଲି ମହାପାତ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ପ୍ରଫେସର ସୁଜାତା ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆଇକ୍ୟୁ କୋ ଅର୍ଡିନେଟର ପ୍ରଫେସର ତପସ୍ୱିନୀ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଫେସର ଅଞ୍ଜନା ମୈତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରଫେସର ଆର.କେ. ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରଫେସର ଏନ.ବାନୋ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏଥିରେ ଉଭୟ ଯୁକ୍ତ ୨ ଓ ୩ର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ଯୌନ ଶୋଷଣ ନିରାକରଣ ନେଇ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୧୮ ଡିସେମ୍ବର,୨୦୧୯



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



**ସଂକ୍ଷେପରେ**

## ବୀରମିତ୍ରପୁର ଅଞ୍ଚଳରେ ବୃଦ୍ଧି ପାଉଛି ବିଦ୍ୟୁତ୍ ଚୋରି

**କୁଆଁରମୁଣ୍ଡା,୧୭।୧୨(ଡି.ଏନ.ଏ)-** ବୀରମିତ୍ରପୁର ପୌରାଞ୍ଚଳ ସମେତ ଏହାର ଆଖପାଖ ଅଞ୍ଚଳରେ ଏବେ ବିଦ୍ୟୁତ୍ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଏପରିକି କେତେକ ପ୍ରଭାବଶାଳୀ ବ୍ୟକ୍ତି ଏହି କାରବାରରେ ଲିପ୍ତ ରହି ବିଜୁଳି ଚୋରି କରୁଥିଲେ ମଧ୍ୟ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ସବୁ ଜାଣି ଚୁପ୍ ରହୁଛି। ଫଳରେ ବିଦ୍ୟୁତ୍ ଚୋରି ବଢିବା ଯୋଗୁ ଅଧିକାଂଶ ସ୍ଥାନରେ ଗ୍ରାହକମାନେ ଲୋ-ଭୋଲଟେଜ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହିଭଳି ସମସ୍ୟା ବୀରମିତ୍ରପୁରର କେତେକ ଅଞ୍ଚଳ ସହ ରାଏବୋଗା, ଅଣ୍ଡାଳି, ସଲଙ୍ଗାବାହାଲ ଦଲକି ଇତ୍ୟାଦି ଅଞ୍ଚଳର ଗ୍ରାମମାନଙ୍କରେ ଦେଖାଦେଉଛି। ଏ ଦିଗରେ ଗ୍ରାମବାସୀ ବିଦ୍ୟୁତ୍ ବିଭାଗର କର୍ମଚାରୀମାନଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ଏଥିରେ କୌଣସି ଫରକ ପଡୁ ନ ଥିବା କାରଣରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ କୁହୁଳୁଛି। ହେଲେ ବିଦ୍ୟୁତ୍ ବିଭାଗର କେତେକ ତଳିଆ କର୍ମଚାରୀ ଚୋରା ବିଦ୍ୟୁତ୍ ବ୍ୟବହାରକାରୀଙ୍କ ଠାରୁ ମୋଟା ଅଙ୍କର ଚାନ୍ଦା ଆଦାୟ କରି ନିଜେ ମାଲାମାଲ ହେବା ସହ ଉପରିସ୍ଥ ଅଧିକାରୀମାନଙ୍କୁ ମଧ୍ୟ ବର୍ଷିକିଆ ମୋଟା ଅଙ୍କର ଚାନ୍ଦା ଦେଇ ହାତରେ ରଖୁଥିବା ନେଇ ଅଭିଯୋଗ ହେଉଛି। ତେଣୁ ସବୁଜାଣି ବିଭାଗ ଚୁପ୍ ହୋଇ ବସିବା କାରଣରୁ ବିଦ୍ୟୁତ ଚୋରି ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗୁଛି। କେବଳ ଉପାନ୍ତବର୍ତ୍ତୀ ଅଞ୍ଚଳବାସୀ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ନୁହେଁ ଏହି ଜୋନ୍ ଅନ୍ତର୍ଗତ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ସମାନ ସମସ୍ୟା ସୃଷ୍ଟି ହେଉଛି। ଏ ଦିଗରେ ୱେସ୍କୋ ବିଭାଗର ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅଚାନକ ଚଢାଉ ଜାରି ରଖିଲେ ଅସାଧୁ ବ୍ୟକ୍ତିମାନଙ୍କର ଅସଲ ଚେହେରା ନିଶ୍ଚିତ ଯେ ପଦାକୁ ଆସିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

## ଅଜଣା ମହିଳାଙ୍କ ଉଲଗ୍ନ ମୃତଦେହ ଜବତ

**ରାଜଗାଙ୍ଗପୁର, ୧୭।୧୨ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ରେଲୱେ ଫାଟକ ପାଖରେ ତିଆରି ହେଉଥିବା ଓଭର ବ୍ରିଜ ତଳୁ ଜଣେ ଅଜଣା ମହିଳାଙ୍କ ଉଲଗ୍ନ ମୃତଦେହ ଜବତ ହୋଇଛି। ମଙ୍ଗଳବାର ସନ୍ଧ୍ୟା ୫ଟା ବେଳେ ଟ୍ରାକସନ୍ କଲୋନୀର କିଛି ଗ୍ରାମବାସୀ ନୂତନ ଭାବେ ତହସିଲ ଅଫିସ ଯିବା ପାଇଁ ତିଆରି ହୋଇଥିବା ଓଭର ବ୍ରିଜ ପାଖ ବୁଦା ଅଡୁଆଳରେ ଜଣେ ମହିଳାଙ୍କ ଉଲଗ୍ନ ମୃତଦେହ ପଡିଥିବା ଦେଖିବାକୁ ପାଇ ରାଜଗାଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ରାଜଗାଙ୍ଗପୁର ପୋଲିସ ଅଧିକାରୀ ଗୋକୁଳାନନ୍ଦ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମୃତଦେହ ଚିହ୍ନଟ ତଥା ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ତଦନ୍ତ କରୁଛି।

# ସ୍ତ୍ରୀଙ୍କୁ ହତ୍ୟାକରି ପୋଡ଼ିଦେଲେ ସ୍ୱାମୀ

**ବଡ଼ଗାଁ, ୧୭।୧୨ (ଡି.ଏନ୍.ଏ)**

ବିବାହ ପରଠାରୁ ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ମାରପିଟ କରି ନିର୍ଯାତନା ଦେଇଆସୁଥିଲେ। ମା'ଙ୍କୁ ମାଡଗାଳି ନ କରିବା ପାଇଁ ଦୁଇ କୋମଳମତି ଝିଅପୁଅଙ୍କ ଗୁହାରି ବାପାଙ୍କ ଉପରେ ପ୍ରଭାବ ପକାଉ ନ ଥିଲା। ଶେଷରେ ସ୍ତ୍ରୀ ତୁଳସୀ ମାଝି (୩୩)ଙ୍କୁ ହତ୍ୟା କଲା ପରେ କିରୋସିନ ଢ଼ାଳି ପୋଡ଼ି ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ ଲଳିତ ମାଝି (୪୦)ଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏଭଳି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗା ଗ୍ରାମରେ। ଅଭିଯୋଗ ଅନୁଯାୟୀ, ୯ବର୍ଷ ପୂର୍ବେ ତୁଡାଲଗା ଗ୍ରାମର ଲଳିତ ବାମରା ଥାନା ଅଧୀନ ଯୌତୁକବାହାଲ (ଧାତୁକବାହାଲ) ଗ୍ରାମର ତୁଳସୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ।



ଅଭିଯୁକ୍ତ ଲଳିତଙ୍କୁ ସାଦା ପୋଷାକରେ ଥିବା ପୋଲିସ ଥାନାକୁ ନେଉଛି।

ବିବାହ ପରଠାରୁ ସ୍ତ୍ରୀଙ୍କ ଚରିତ୍ର ଉପରେ ସନ୍ଦେହ କରି ଅଧିକାଂଶ ଦିନ ମାରପିଟ କରି ଆସୁଥିଲେ। ଗତବର୍ଷ ସ୍ତ୍ରୀଙ୍କୁ ଟାଙ୍ଗିଆରେ ଚୋଟ ମାରି ଆହତ କରିଥିଲେ। ଅସହ୍ୟ ନିର୍ଯାତନା ଦେଉଥିବାରୁ ଗାଁରେ ସାମାଜିକ ବୈଠକ କରି ସମାଧାନ ପାଇଁ ଗତମାସରେ ଉଦ୍ୟମ ହୋଇଥିଲେ ମଧ ପୂର୍ବଭଳି ସେ ମାଡଗାଳି ଦେଉଥିଲେ। ମା'ଙ୍କ ଉପରେ ମାଡଗାଳି ଦେଖୁଥିବା ୭ ବର୍ଷର ପୁଅ ଓ ୫ ବର୍ଷର ଝିଅ ବାପାଙ୍କଠାରେ ନେହୁରା ହେଉଥିଲେ ମଧ ବାପାଙ୍କ ମାନସିକତାରେ ପରିବର୍ତ୍ତନ ହୋଇ ନ ଥିଲା। ଶେଷରେ ମଙ୍ଗଳବାର ଘରେ ପୂର୍ବାହ୍ନ ପ୍ରାୟ ୧୦ଟାରେ ନିଆଁ ଫୁଙ୍କ ନଳିରେ ସ୍ତ୍ରୀଙ୍କ ମୁଣ୍ଡରେ ପ୍ରହାର କରିବାରୁ ବେହୋସ ହୋଇଯାଇଥିଲେ। ଏହା ପରେ କିରୋସିନ ଢ଼ାଳି ପୋଡି ମାରି ଦେଇଥିଲେ। ହତ୍ୟା କରିବା ପରେ ଲଳିତ ପଡୋଶୀ ଘର ଭାଉଜଙ୍କୁ ସ୍ତ୍ରୀଙ୍କୁ ପୋଡି ମାରିଦେଇଥିବା ଜଣାଇ ଏକ ଅର୍ଦ୍ଧନିର୍ମିତ ଘର କୋଣରେ ଲୁଚି ରହିଥିଲେ। ଘଟଣା ସମ୍ପର୍କରେ ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ସେଠାରୁ କାବୁ କରି ଥାନାକୁ ଅପରାହ୍ନରେ ନେଇଥିଲା। ତୁଳସୀଙ୍କ ମା' ସୁଶୀଳା ଟପ୍ପୋ ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଲଳିତଙ୍କ ମାଆ ସୁମିତ୍ରାଙ୍କୁ ପଚାରିବାରେ ପୁଅ ଫୁଙ୍କନଳିରେ ମାରିବା ପରେ ପୋଡି ଦେଇଥିବା କହିଛନ୍ତି।



ଖବରଦାତାମାନେ ବିଡ଼ିଓଙ୍କୁ ସାକ୍ଷାତକରି ଆଲୋଚନା କରୁଛନ୍ତି।

## ଲେଫ୍ରିପଡ଼ା ବିଡିଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ

**ଲେଫ୍ରିପଡ଼ା,୧୭।୧୨(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍‌ରେ ନୂତନ ଭାବେ ଯୋଗଦେଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ହାଁସଦାଙ୍କୁ ଲେଫ୍ରିପଡା ଖବରଦାତାମାନଙ୍କ ପକ୍ଷରୁ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ କରାଯାଇଛି। ସାକ୍ଷାତ୍‌କାରରେ ଖବରଦାତାମାନେ ବ୍ଲକର ବିକାଶ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ବିଡିଓ ପ୍ରକାଶ କରିଥିଲେ। ଏହି ସୌଜନ୍ୟମୂଳକ ସାକ୍ଷାତରେ ବରିଷ୍ଠ ଖବରଦାତା ସୁଧାକର ପାଣ୍ଡେ, ଦେଶ ରଞ୍ଜନ ପଟେଲ, ରାଜୁ ପ୍ରଧାନ, ମନୋଜ କୁମାର ପଟେଲ, ପ୍ରବୀଣ କୁମାର ଦାଶ ପ୍ରମୁଖ ସାକ୍ଷାତ କରିଥିଲେ।

## ଆଦିବାସୀ ମୋର୍ଚ୍ଚା ସଭାପତି ପ୍ରାଥମିକ ସଦସ୍ୟରୁ ଇସ୍ତଫା

**ଲହୁଣୀପଡା, ୧୭।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଖୁଣ୍ଟଗାଁ ପଞ୍ଚାୟତର ସରପଞ୍ଚ ଅଜୟ କୁମାର ନାୟକ ମଙ୍ଗଳବାର ଭାରତୀୟ ଜନତା ପାର୍ଟି ବଣାଇ ସାଙ୍ଗଠନିକ ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ତଥା ଭାଜପା ପ୍ରାଥମିକ ସଦସ୍ୟତାର ଇସ୍ତଫାପତ୍ର ଜିଲା ସଭାପତିଙ୍କୁ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ଭାଜପା ବଣାଇ ଜିଲା ସଭାପତିଙ୍କୁ ଦେଇଥିବା ଇସ୍ତଫା ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ବଣାଇ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ। ଏହି ନିର୍ବାଚନ ମଣ୍ଡଳୀର ସୁନ୍ଦରଗଡ ସାଂସଦ ଅଟନ୍ତି। କେନ୍ଦ୍ରରେ ମଧ ଭାଜପା ସରକାର କ୍ଷମତାସୀନ। ସେ ଦୃଷ୍ଟିରୁ ବଣାଇ ଯେଉଁ ପରିମାଣରେ ବିକାଶ ହେବା କଥା ତାହା ହୋଇ ପାରୁନାହିଁ। ବିକାଶ ଧରା ପାଇଁ



ଅଜୟ କୁମାର ନାୟକ।

ନେତୃବର୍ଗ ପ୍ରୟାସ କରୁନାହାନ୍ତି। ତେଣୁ ଦଳରେ ରହି ନିଜେ ନିନ୍ଦିତ ହେବା ପରିବର୍ତ୍ତେ ଇସ୍ତଫା ଦେବା ଉଚିତ ବୋଲି ମୁଁ ମନେ କରି ମଙ୍ଗଳବାର ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ସମେତ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛି ବୋଲି ସୂଚନା ଦେଇଛନ୍ତି।

## ଡାଲମିଆ ସିମେଣ୍ଟ ଦ୍ୱାରା ଏସଏଚଜି ଦକ୍ଷତା ପ୍ରଶିକ୍ଷଣ ଶିବିର

**ରାଜଗାଙ୍ଗପୁର, ୧୭।୧୨ (ଡି.ଏନ.ଏ)**

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଚୁନପଥର ଖଣିର ସାମାଜିକ ଦାୟୀତ୍ୱବୋଧ ବିଭାଗ (ସିଏସଆର) ଦ୍ୱାରା ଲାଞ୍ଜିବେର୍ଣ୍ଣା ଏବଂ ରୁମାବାହାଲ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ କର୍ମଶାଳା ଲାଞ୍ଜିବେର୍ଣ୍ଣା ଏବଂ ରୁମାବାହାଲ ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ପ୍ରଶିକ୍ଷଣ ଶିବିରରେ ଲାଞ୍ଜିବେର୍ଣ୍ଣା ୧ ଏବଂ ଲାଞ୍ଜିବେର୍ଣ୍ଣା ୩ ଗ୍ରାମର ୧୩ଟି ସ୍ୱୟଂ ସହାୟକ ଗୋଷ୍ଠୀର ୪୦ରୁ ଅଧିକ ସଭ୍ୟା ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ରୁମାବାହାଲ ଗ୍ରାମର ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀର ୫୦ରୁ ଅଧିକ ସଭ୍ୟା ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଏଠାରେ ଉଲ୍ଲେଖନୀୟ ଯେ, ଲାଞ୍ଜିବେର୍ଣ୍ଣା ଖଣି ଏହାର ସାମାଜିକ ଦାୟୀତ୍ୱବୋଧ ବିଭାଗ ଦ୍ୱାରା ସ୍ଥାନୀୟ ମହିଳା ମାନଙ୍କ ସାମାଜିକ ଓ ଅର୍ଥନୀତିକ ଅଭିବୃଦ୍ଧି ପରିକଳ୍ପେ ୧୦୨ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କୁ ବିଭିନ୍ନ କର୍ମ ନିୟୋଜନ ବୃତ୍ତି ଉପରେ ପ୍ରଶିକ୍ଷଣ ଦେଇଛି ଏବଂ ସଚେତନତା ଶିବିର ଆୟୋଜନ କରୁଛି। ଏତତ୍‌ବ୍ୟତୀତ ବିଭିନ୍ନ ଆୟ ବୃଦ୍ଧିକାରୀ ଯୋଜନା ତଥା ଛତୁଚାଷ, କୁକୁଡା ପାଳନ, ମତ୍ସ୍ୟ ଚାଷ, ପରିବା ଚାଷ, ଆଚାର ତିଆରି, କପଡା ବ୍ୟାଗ ତିଆରି, ବାଦାମ ଚାଷ ତଥା ମାଣ୍ଡିଆ ଚାଷ ଇତ୍ୟାଦି ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କୁ ପ୍ରଶିକ୍ଷଣ ସହିତ ସାହାର୍ଯ୍ୟ ମଧ ପ୍ରଦାନ କରାଯାଉଛି। ବ୍ୟାଙ୍କ ସହିତ ଏହି ସ୍ୱୟଂ ସହାୟକ ଦଳ ଗୁଡିକର ଆର୍ଥୀକ ନେଣଦେଣ ପାଇଁ ସମ୍ପର୍କ ଯୋଡିବାରେ ସାହାର୍ଯ୍ୟ କରିବା ସହିତ ସରକାରଙ୍କ ଦ୍ୱାରା ଏସଏଚଜି ପାଣ୍ଠି ବୃଦ୍ଧି ନିମନ୍ତେ ଦିଆଯାଉଥିବା ଅନୁଦାନ ପାଇବା ପାଇଁ ଡାଲମିଆ ସିମେଣ୍ଟ ଦଳଗୁଡିକର ସାମର୍ଥ ବିକାଶ କରିବା ପାଇଁ ବିଭିନ୍ନ କର୍ମଶାଳା ଆୟୋଜନ କରୁଛି। ଏହାଛଡା ବିଭିନ୍ନ ସଚେତନତା କର୍ମଶାଳା ଆୟୋଜନ କରାଯାଇ ମହିଳାମାନଙ୍କର ସ୍ୱାସ୍ଥ୍ୟ, ପରିମଳ ଏବଂ ପରିବେଶ ସମ୍ବନ୍ଧିତ ଜ୍ଞାନ ପରିବର୍ଦ୍ଧିତ କରାଯାଉଅଛି। ମହିଳାମାନଙ୍କର ଅନ୍ତର୍ନିହିତ କଳାର ବିକାଶ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ କରାଯିବା ସହିତ ସେମାନଙ୍କର ପ୍ରତିଭାକୁ ପୁରସ୍କୃତ କରାଯାଉଛି। କମ୍ପାନୀ ଲାଞ୍ଜିବେର୍ଣ୍ଣାଠାରେ ଟେଲରିଂ ଏବଂ ବିଉଟି ପାର୍ଲର ଶିକ୍ଷା କେନ୍ଦ୍ର ସ୍ଥାପନ କରି ଗ୍ରାମାଞ୍ଚଳରେ ଥିବା ମହିଳା ଏବଂ କିଶୋରୀ ବାଳିକାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ପୂର୍ବକ ସେମାନଙ୍କୁ ଆତ୍ମନିର୍ଭରଶୀଳକରିବା ପାଇଁ ଚେଷ୍ଟା ଚଳାଇଛି। ଏହି ଏସଏଚଜି ପ୍ରଶିକ୍ଷଣ ଶିବିରକୁ ଲାଞ୍ଜିବେର୍ଣ୍ଣା ସ୍ଥିତ ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରବନ୍ଧକ ନମ୍ରତା ଥମାସ ପ୍ରଦୀପ ପ୍ରଜ୍ଜଳନ କରି ଉଦଘାଟନ କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଋଣ ପ୍ରଦାନ ଏବଂ ବୀମା ସମ୍ପର୍କିତ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ ଦାୟୀତ୍ୱବୋଧ ବିଭାଗର ବରିଷ୍ଠ ଜିଏମ ଡ. ନୀଳାଦ୍ରି ଭୂଷଣ ପାଢ଼ୀ ଏବଂ ଜନସମ୍ପର୍କ ବିଭାଗର ବରିଷ୍ଠ ପ୍ରବନ୍ଧକ ସଞ୍ଜିବ ସାହୁ ଉପସ୍ଥିତ ରହି ପ୍ରଶିକ୍ଷଣର ଭରପୁର ଫାଇଦା ଉଠେଇବା ପାଇଁ ଏସଏଚଜି ସଭ୍ୟାମାନଙ୍କୁ ପରାମର୍ଶ ଦେଇଥିଲେ। ସୁନ୍ଦରଗଡ ଜିଲାର ବରିଷ୍ଠ ଏସଏଚଜି ପ୍ରଶିକ୍ଷକ ଅଜୟ କୁମାର ମହନ୍ତ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସିଏସଆର ବିଭାଗର ବରିଷ୍ଠ ପ୍ରବନ୍ଧକ ତପନ କୁମାର ନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଲାଞ୍ଜିବେର୍ଣ୍ଣା ସିଏସଆର ବିଭାଗର ଅନ୍ୟ କର୍ମକର୍ତ୍ତା ଶୋଭାରାଣୀ ମହାନ୍ତି, ବିଜୟଲତା ତିର୍କି ଏବଂ ସୁଜାତା ଦାସ ଶିବିର ପରିଚାଳନା କରିଥିଲେ।

■ ରାଜ୍ୟସ୍ତରୀୟ ସିପକ ଟାକ୍ରୋ ଟୁର୍ନାମେଣ୍ଟ

## ଭାଗ ନେବେ ୨୨ ଜିଲାର ଖେଳାଳି

**ସୁନ୍ଦରଗଡ଼, ୧୭।୧୨ (ଡି.ଏନ୍.ଏ)**

୧୮ ଓ ୧୯ତାରିଖ ଦୁଇଦିନ ଧରି ସ୍ଥାନୀୟ ଭବାନୀ ଭବନ ପଡିଆ ଠାରେ ୨୧ତମ ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ ସିପକ ଟାକ୍ରୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ୨୨ ଜିଲାରୁ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିବେ ବୋଲି ଏହି ଖେଳର ଜିଲା ସଭାପତି ଅଜୟ ପଟେଲ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମହିଳା ବିଭାଗରେ ୧୨ଟି ଓ ପୁରୁଷ ବିଭାଗରେ ୨୧ଟି ଦଳ ଭାଗ ନେବେ। ଏହି ପ୍ରତିଯୋଗିତାରେ ଚୟନ ହୋଇଥିବା ପ୍ରତିଯୋଗୀମାନେ ରାଞ୍ଚିରେ ଆସନ୍ତା ଡିସେମ୍ବର ୧୮ରୁ ଜାନୁୟାରୀ ୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ପ୍ରତିଯୋଗୀତାରେ ଭାଗ ନେବେ। ଏହି ଖବରଦାତା ସମ୍ମିଳନୀରେ ଜିଲା ସମ୍ପାଦକ ରୂପକ କୁମାର ପ୍ରସାଦ, ଜନାର୍ଦ୍ଦନ ପାଣିଗ୍ରାହୀ, ମନୀଷ ପଟେଲ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ପ୍ରେମ ନିବେଦନ କରି ଅଡୁଆରେ ନାବାଳକ

**ଜୁନାଗଡ,୧୭।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳର ସପ୍ତମ ଶ୍ରେଣୀ ପଢୁଥିବା ନାବାଳିକାଙ୍କୁ ସେହି ଗ୍ରାମର ଜଣେ ନାବାଳକ ପ୍ରେମ ନିବେଦନ କରି ଅଡୁଆରେ ପଡିଛନ୍ତି। ଏ ନେଇ ନାବାଳିକାଙ୍କ ମା' ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ଏହି ଘଟଣାକୁ ଗୁରୁତ୍ୱ ଦେଇ ଏକ ମାମଲା (ନଂ.୩୨୦/୧୯)ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନାବାଳିକା ଜଣକ ସ୍କୁଲରେ ପଢୁଥିବା ସମୟରେ ସେହି ଗ୍ରାମର ଜଣେ ନାବାଳକ ପ୍ରେମ ନିବେଦନ କରିଥିଲେ।

## ଗାନ୍ଧୀ କ୍ଲବ କବାଡି ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ

**ସୁନ୍ଦରଗଡ଼, ୧୭।୧୨ (ଡି.ଏନ୍.ଏ)**

ସ୍ଥାନୀୟ ଗାନ୍ଧୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା କବାଡି ଟୁର୍ନାମେଣ୍ଟର ଦ୍ୱିତୀୟ ସନ୍ଧ୍ୟାରେ ଜଗଦ୍ଧାତ୍ରୀ କ୍ଲବ ଓ ଶାସ୍ତ୍ରୀ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ଖେଳରେ ଜଗଦ୍ଧାତ୍ରୀ କ୍ଲବ ୨୭ ପଏଣ୍ଟ ହାସଲ କରିଥିବା ବେଳେ ଶାସ୍ତ୍ରୀ କ୍ଲବ ୩୧ପଏଣ୍ଟ ପାଇ ବିଜୟୀ ହୋଇଥିଲା। ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ଜୟଦେବ ପାତ୍ର ଓ ଚିନ୍ତା



ଖେଳାଳିଙ୍କ ସହିତ କର୍ମକର୍ତ୍ତା।

ଭିଡ୍ରିଆ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ। ଗାନ୍ଧୀ କ୍ଲବର ସଭାପତି ତ୍ରିଲୋଚନ କାକ, ସମ୍ପାଦକ ଗଣେଶ ଘାସୀଙ୍କ ତତ୍ତ୍ୱାବଧାନରେ କ୍ଲବର ସଦସ୍ୟ ମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

■ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଅଧିବେଶନ

## ନୂତନ କର୍ମକର୍ତ୍ତାଙ୍କ ଶପଥପାଠ

**ସୁନ୍ଦରଗଡ଼, ୧୭।୧୨ (ଡି.ଏନ୍.ଏ)**

ସୁନ୍ଦରଗଡ ବରିଷ୍ଠ ନାଗରିକ ସଂଘର ସପ୍ତମ ବାର୍ଷିକ ସାଧାରଣ ଅଧିବେଶନ ଓ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥପାଠ ଅନୁଷ୍ଠିତ ହୋଇଯାଇଛି। ସଂଘର ନିର୍ବାଚନ ଅଧିକାରୀ ଫାୟାଜ୍ ହୁସେନ୍ ଅଲ୍ଲୀ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଡ଼. ହିମାଂଶୁ ଶେଖର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସଭ୍ୟା ,ସଭ୍ୟ ମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ଚୟନ କରାଯାଇ ସେଥି ମଧ୍ୟରୁ ୯ଜଣଙ୍କୁ ନିର୍ବାହୀ ସଭ୍ୟା ,ସଭ୍ୟ ତଥା ଜଣଙ୍କୁ ଅଡିଟର ଭାବେ ଚୟନ କରାଯାଇଥିଲା। ନବନିର୍ବାଚିତ ସଭାପତି ଡ. ଗୁରୁଙ୍କ ସମେତ ଉପସଭାପତି ଭାବେ ସୁବାସ ଚନ୍ଦ୍ର ନାୟକ, ପଦ୍ମ ଲୋଚନ ସରାଫ, ସମ୍ପାଦକ ସମୀର କୁମାର କର, ସହସମ୍ପାଦକ, ବାସୁଦେବ ସରାଫ, କୋଷାଧ୍ୟକ୍ଷ ଓ ଅଡିଟର ଭାବେ ରମେଶ ଚନ୍ଦ୍ର ସେନ୍ ନିର୍ବାଚିତ ହୋଇଥିଲେ। ଏତଦ୍ ବ୍ୟତୀତ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଫାୟାଜ ହୁସେନ୍ ଅଲ୍ଲୀ, ଚିତ୍ତରଞ୍ଜନ ବହିଦାର, ଈଶ୍ୱର ଚନ୍ଦ୍ର ନାଏକ, ଠାକୁର ଦାସ ଭଜୱାନି, ବାର୍ଲା ମୁରଲୀଧର , ସୁଶୀଲ ଅଗ୍ରୱାଲ, ନୀଳମଣି କିଷାନ, ହରିବନ୍ଧୁ ଠାକୁର, ପୁଷ୍ପମଞ୍ଜରୀ ପଟେଲ ମନୋନୀତ ହୋଇଥିଲେ।



ସୁନ୍ଦରଗଡ ବରିଷ୍ଠ ନାଗରିକ ସଂଘର ନବନିର୍ବାଚିତ କର୍ମକର୍ତ୍ତା।

## ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା, ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**କୁଆଁରମୁଣ୍ଡା,୧୭।୧୨(ଡି.ଏନ.ଏ.)**

ପ୍ରାକୃତିକ ବିପର୍ଯ୍ୟୟ ହେଉ ଅବା ଅନ୍ୟ କୌଣସି ଦୁର୍ଘଟଣା ହେଉ ପ୍ରତ୍ୟେକ ଦୁଃସମୟରେ ଜନସାଧାରଣଙ୍କ ସେବା କାର୍ଯ୍ୟରେ ରେଡ଼କ୍ରସ ସଂସ୍ଥା ସହଯୋଗର ହାତ ବଢାଇ ଆସୁଛି। ଏଥିପାଇଁ ଏକାଧିକବାର ଏହି ସେବା ସଂସ୍ଥା ଅନ୍ତର୍ଜାତୀୟ ନୋବେଲ ପୁରସ୍କାର ଲାଭ କରିଛି। ଏହି ସଂସ୍ଥାର ଲକ୍ଷ୍ୟ ଓ ବିଭିନ୍ନ ସେବା କାର୍ଯ୍ୟ ବିଷୟରେ ଦେଶର ଭବିଷ୍ୟତ ନାଗରିକ କିଭଳି ସଚେତନ ହେବେ ସେ ନେଇ ମଙ୍ଗଳବାର ସୁନ୍ଦରଗଡ଼ ଜିଲାସ୍ତରୀୟ ତ୍ରିଦିବସୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର କୁଆଁରମୁଣ୍ଡାସ୍ଥିତ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଯୋଗ ଦେଇ ରେଡକ୍ରସ ସଂସ୍ଥାର ପତାକାକୁ ଉତ୍ତୋଳନ କରି ଉଦ୍‌ଘାଟନ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଡିଇଓ ରଞ୍ଜନ ଗିରି, ଏଡିଇଓ, କୁଆଁରମୁଣ୍ଡା ବିଡିଓ ମେଥୋଡିୟସ ଲାକ୍ରା,କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପଧାନ, ଡିଡବ୍ଲ୍ୟୁଓ



ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରର ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ସୁନିଲ ତାଣ୍ଡି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ପ୍ରଶିକ୍ଷାର୍ଥୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମକୁ ଜୁନିୟର ରେଡକ୍ରସ ସଂସ୍ଥାର ରାଜ୍ୟ ସଂଯୋଜକ ବିଭିଷଣ ବାରିକ ସଂଚାଳନ କରୁଥିବା ବେଳେ ରାଜ୍ୟ ଜେଆରସି ରିସୋର୍ସ ପର୍ସନ ତଥା ରାଜ୍ୟ ପର୍ଯ୍ୟବେକ୍ଷକ ଗିରିଜାଶଙ୍କର ପଟେଲ ଓ ଅନ୍ୟମାନେ ଉପସ୍ଥିତ ରହି ଏଥିରେ ସହାୟତା କରୁଛନ୍ତି। ଏହି ଶିବିରରେ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଥିବା ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡ଼କ୍ରସ ଛାତ୍ରୀଛାତ୍ର ଓ ସେମାନଙ୍କ ଦାୟିତ୍ୱରେ ଆସିଥିବା ଶିକ୍ଷୟିତ୍ରୀ/ଶିକ୍ଷକମାନେ ନିଜର ନାମ ପଞ୍ଜିକୃତ କରିଛନ୍ତି। ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ଗୁରୁବାର ଉଦ୍‌ଯାପିତ ହେବ ବୋଲି ସୂଚନା ମିଳିଛି।